

ନିଖିଲଙ୍କ ଫିଲ୍ମରେ କାର୍ତ୍ତିକ

▶ପୃଷ୍ଠା-୧୧ ଦେଖନ୍ତୁ...

RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-209 •SATURDAY •24 JANUARY 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୨୦୯ •ଶନିବାର •୨୪ ଜାନୁଆରୀ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


ପ୍ରାଣଘାତୀ ପ୍ରଦୂଷଣ

# ବର୍ଷକୁ ଯାଉଛି ୧୭ ଲକ୍ଷ ଜୀବନ

## ଧୂଳି, ଧୂଆଁରେ ଦେଶ ବର୍ଷକୁ ହରାଉଛି ୩୦ ଲକ୍ଷ କୋଟି



■ ଡାଭୋସ୍, ୨୩।୧ (ଏଜେନ୍ସି): ପ୍ରଦୂଷଣ ଏବେ ମହାମାରୀର ରୂପ ନେଇଛି । ଏହା ଦିନକୁ ଦିନ ଭୟଙ୍କର ସ୍ଥିତି ସୃଷ୍ଟି କରୁଛି । ଅକାଳରେ ଲୋକଙ୍କ ଜୀବନ ନେଇଯାଉଛି । ଅନେକ ଶ୍ୱାସକ୍ରିୟା ଜନିତ ସମସ୍ୟାରେ ପଡୁଛନ୍ତି । ପ୍ରତିବର୍ଷ ପ୍ରଦୂଷଣ ଭାରତରେ ୧୭ ଲକ୍ଷ ଲୋକଙ୍କ ମୃତ୍ୟୁର କାରଣ ପାଲଟୁଛି । ୨୦୨୨ରେ ୱାର୍ଲ୍ଡ ବ୍ୟାଙ୍କ୍ ଦେଇଥିବା ରିପୋର୍ଟରୁ ଏହା ଜଣାପଡ଼ିଛି । ଏହା ଦେଶର ହେଉଥିବା ସମସ୍ତ ମୃତ୍ୟୁର ୧୮ ପ୍ରତିଶତ । ବୁଧବାର ଡାଭୋସରେ ଭାରତୀୟ ଗଣମାଧ୍ୟମଗୁଡିକ ସହ କଥା ହେବା ବେଳେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ଗୀତା ଗୋପୀନାଥ ଏହା କହିଛନ୍ତି । ଟାରିଫ୍ ଅପେକ୍ଷା ଭାରତ ପ୍ରଦୂଷଣ ଅଧିକ ବିପଜ୍ଜନକ ବୋଲି ସେ କହିଛନ୍ତି ।

ଗୋପୀନାଥ ସ୍ୱିଜରଲାଣ୍ଡର ଡାଭୋସ୍‌ରେ ଚାଲିଥିବା ବିଶ୍ୱ ଅର୍ଥନୈତିକ ମଞ୍ଚ (ଡବ୍ଲ୍ୟୁଇଏଫ୍)ରେ ଯୋଗ ଦେବାକୁ ଆସିଥିଲେ । ଏହି ଅବସରରେ ସେ ଏକ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି । ଯେତେବେଳେ ନୂଆ ବ୍ୟବସାୟ ଓ ଅର୍ଥନୈତିକ ଅଭିବୃଦ୍ଧିର କଥା ଆସେ ସେତେବେଳେ ଆଲୋଚନା ପ୍ରାୟତଃ ବାଣିଜ୍ୟ, ଶୁଳ୍କ ଓ ନିୟମାବଳୀ ପର୍ଯ୍ୟନ୍ତ ସୀମିତ ଥାଏ । କିନ୍ତୁ ପ୍ରଦୂଷଣ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଅଣଦେଖା କରାଯାଇଥାଏ । ଗତବର୍ଷ ଲାନସେଟ୍ କାଉଣ୍ଟଡାଉନ୍ ରିପୋର୍ଟ ଆକଳନ କରିଥିଲା ଯେ, ବାହ୍ୟ ପ୍ରଦୂଷଣ (ପିଏମ୍୨.୫, ଧୂଆଁ, ଯାନବାହାନ ପ୍ରଦୂଷଣ ଓ କାରଖାନା) ଯୋଗୁଁ ଭାରତରେ ୩୦ ଲକ୍ଷ କୋଟି ଟଙ୍କାର କ୍ଷତି ହେଉଛି । ଗୋପୀନାଥ କହିଛନ୍ତି ଯେ ପ୍ରଦୂଷଣ ପରୋକ୍ଷ ଓ ପ୍ରତ୍ୟେକ୍ଷ ଭାବେ ଦେଶର ବିକାଶକୁ ଦୀର୍ଘକାଳୀନ ଭାବେ କ୍ଷତି ପହଞ୍ଚାଇଥାଏ । ବିଦେଶ ନିବେଶକମାନେ ଭାରତରେ ନିବେଶ କରିବା ପୂର୍ବରୁ ପ୍ରଦୂଷଣକୁ ନେଇ ଗୁରୁତର ଭାବେ ଚିନ୍ତା କରିଥାନ୍ତି । ତେଣୁ ପ୍ରଦୂଷଣ ଏବେ ନିବେଶକଙ୍କୁ ମଧ୍ୟ ପ୍ରଭାବିତ କରୁଛି । ଭାରତ ନିଜକୁ ଏକ ବିଶ୍ୱସ୍ତରୀୟ ଅର୍ଥନୈତିକ ଓ ଉତ୍ପାଦନ କେନ୍ଦ୍ର ଭାବେ ଉପସ୍ଥାପନ କରୁଥିବା ବେଳେ ▶ପୃଷ୍ଠା-୭

# ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଛାଡ଼ିଲା ଆମେରିକା

■ ୱାଶିଂଟନ, ୨୩।୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତ ଡୋନାଲ୍ଡ ଟ୍ରମ୍ପଙ୍କ ସରକାର ପୁଣି ବିଚଳିତ କରିବା ଭଳି ନିଷ୍ପତ୍ତି ନେଇଛି । ଏବେ ଏହି ଦେଶ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ରୁ ବାହାରି ଯାଇଛି । ଏହି ସଂଗଠନରେ ପୁଣି ସାମିଲ ହେବାର କୌଣସି ଯୋଜନା ନାହିଁ ବୋଲି ଆମେରିକା ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି । ଏହି ସଂଗଠନ ରୋଗର ପ୍ରସାର ରୋକିବାରେ, ନିୟନ୍ତ୍ରଣ କରିବାରେ ଏବଂ ସୂଚନା ଦେବାରେ ବିଫଳ ହୋଇଛି ବୋଲି ଆମେରିକା ପକ୍ଷରୁ କୁହାଯାଇଛି । ମାତ୍ର ଅନେକ ଦେଶ ଉପରେ ଶୁଳ୍କ ଲଗାଇ କୋଟି କୋଟି ଟଙ୍କା ଆଦାୟ କରିଥିବା ଆମେରିକା 'ହୁ'ର ବକେୟା ଦେବାକୁ ମନା କରିଦେଇଛି । 'ହୁ'କୁ ଆମେରିକା ୨୩୮୦ କୋଟିରୁ ଅଧିକ ଟଙ୍କା ଦେବାର ଥିଲା । ଏହା ଦେବ ନାହିଁ ବୋଲି ଆମେରିକା ରୋକଠୋକ୍ କହିଦେଇଛି ।



## ୨୩୮୦ କୋଟିର ବକେୟା ଦେଲାନି

ଟ୍ରମ୍ପ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ପୂର୍ବରୁ 'ହୁ'କୁ ଆବଶ୍ୟକତାଠାରୁ ଅଧିକ ଟଙ୍କା ଦିଆଯାଇଛି । ସଂଗଠନ ଛାଡ଼ିବା ପୂର୍ବରୁ ମଧ୍ୟ ଅର୍ଥ ଦେବା ଜରୁରୀ ନୁହେଁ । ମାତ୍ର ଆମେରିକା ନିୟମ ଅନୁଯାୟୀ, କୌଣସି ସଂଗଠନ ଛାଡ଼ିବାର ଏକ ବର୍ଷ ପୂର୍ବରୁ ▶ପୃଷ୍ଠା-୭

ରାଜ୍ୟସଭା ନିର୍ବାଚନ

# ୪ର୍ଥ ଆସନ ଗଣିତ ଅସ୍ପଷ୍ଟ

- ବିଜେପିକୁ ୨ ଓ ବିଜେଡିକୁ ଗୋଟିଏ ଆସନ ନିଶ୍ଚିତ
- ନିର୍ଦ୍ଦଳୀୟଙ୍କୁ ସମର୍ଥନ ଦେଇପାରନ୍ତି ବିଜେଡି-କଂଗ୍ରେସ
- ନିର୍ବିବାଦୀୟ ସ୍ୱାଧୀନଙ୍କୁ ସମର୍ଥନ ଦେଇପାରନ୍ତି ୩ ଦଳ
- ହାରଜିତ୍‌କୁ ଭୟ ନାହିଁ, ପ୍ରାର୍ଥୀ ଦେବ କଂଗ୍ରେସ : ଭକ୍ତ

■ ଭୁବନେଶ୍ୱର, ୨୩।୧ (ସମିସ): ଆସନ୍ତା ଏପ୍ରିଲ ମାସରେ ହେବାକୁଥିବା ରାଜ୍ୟସଭା ନିର୍ବାଚନ ଅକସ୍ମାତ ରାଜ୍ୟ ରାଜନୀତିକୁ ସରଗରମ କରିଛି । ଖାଲି ହେବାକୁଥିବା ୪ଟି ଆସନ ମଧ୍ୟରୁ ସଂଖ୍ୟା ଦୃଷ୍ଟିରୁ ବିଜେପି ୨ଟି ଓ ବିଜେଡି ଗୋଟିଏ ଆସନରେ ବିଜୟ ଅବଶ୍ୟମ୍ଭାବୀ । ମାତ୍ର ୪ର୍ଥ ଆସନ ପାଇଁ ବିଜେପି ବା ବିଜେଡି ନିକଟରେ ଆବଶ୍ୟକ ସମର୍ଥନ ନାହିଁ । କଂଗ୍ରେସ ବା ବିଜେପି ସମର୍ଥନ କଲେ ୪ର୍ଥ ଆସନ ବିଜେଡି ଦଖଲ କରିପାରିବ କିମ୍ବା ବିଜେଡି ସମର୍ଥନ କଲେ କଂଗ୍ରେସ ବା ବିଜେପିର ପ୍ରାର୍ଥୀ ଏହି ଆସନରେ ବିଜୟୀ ହୋଇ ପାରିବେ । ସେହିପରି ବିଜେଡି ସହଯୋଗରେ କଂଗ୍ରେସ ମଧ୍ୟ ଏହି ଆସନ ଦଖଲ କରିପାରେ । ସାମ୍ପ୍ରତିକ ରାଜନୈତିକ ସ୍ଥିତି, ବିଧାନସଭା ଗଣିତକୁ ଦେଖିଲେ ଏହି ୪ର୍ଥ ଆସନ କ୍ଷେତ୍ରରେ କିଛି ବି ଘଟିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି ।

ଆଗାମୀ ରାଜ୍ୟସଭା ନିର୍ବାଚନରେ ଜଣେ ପ୍ରାର୍ଥୀଙ୍କୁ ବିଜୟୀ ହେବା ପାଇଁ ୩୦.୪ ପ୍ରଥମ ପସନ୍ଦ ଭୋଟ ଆବଶ୍ୟକ ରହିଛି । ବିଧାନସଭାର ୧୪୭ ଆସନ ମଧ୍ୟରୁ ବିଜେପି ନିକଟରେ ୭୯ ଜଣ ଦଳୀୟ ବିଧାୟକ ଓ ୩ ଜଣ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ଥିବାରୁ ଦଳ ଅତି ସହଜରେ ▶ପୃଷ୍ଠା-୭

ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଛାଡ଼ପତ୍ରପ୍ରାପ୍ତ ଝିଅଙ୍କୁ ମିଳିବ ପରିବାର ପେନ୍‌ସନ୍

■ କଟକ, ୨୩।୧ (ସମିସ): ପେନସନ ପାଉଥିବା ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କର ନିର୍ଭରଶୀଳ ଛାଡ଼ପତ୍ରପ୍ରାପ୍ତ ବିବାହିତ ଝିଅ ପରିବାର ପେନସନ ପାଇବା ପାଇଁ ଯୋଗ୍ୟ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । କେବଳ ଛାଡ଼ପତ୍ର ଡିଗ୍ରୀ ମିଳିବାରେ ବିଳମ୍ବ ହେବା କାରଣରୁ ଜଣେ ଅସହାୟ ଝିଅକୁ ପରିବାର ପେନସନରୁ ବଞ୍ଚିତ କରାଯାଇପାରିବ ନାହିଁ । ଯଦି ଜଣେ ଝିଅ ବିବାହ ବିଚ୍ଛେଦ ମାମଲା ଚାଲିଥିବା ବେଳେ ଶାଶୁ ଘରୁ ବାହାରି ଆସି ନିଜ ବାପା-ମା'ଙ୍କ ଉପରେ ନିର୍ଭରଶୀଳ ଥିଲେ, ତେବେ ତାଙ୍କୁ ପେନସନ ପାଇବାର ଅଧିକାରରୁ ବଞ୍ଚିତ କରିବା ଉଚିତ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି । ବିଶ୍ୱମିତ୍ରା ଧଳ ଏବଂ ଅନ୍ୟମାନଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ରାୟ ଦେଇଛନ୍ତି । ଏଥିସହ ଆକାଉଣ୍ଟାଣ୍ଟ ଜେନେରାଲଙ୍କ ଦ୍ୱାରା ଆବେଦନକାରୀଙ୍କ ଦାବିପତ୍ର ▶ପୃଷ୍ଠା-୭

# ୩ ଦିନ ପରେ ୩ ଡିଗ୍ରୀ ବଢ଼ିବ ତାପମାତ୍ରା

■ ଭୁବନେଶ୍ୱର, ୨୩।୧ (ସମିସ): ସଂପ୍ରତି ଏକ ଶକ୍ତିଶାଳୀ ପଶ୍ଚିମା ଝଡ଼ ସକ୍ରିୟ ରହିଛି । ଏହା ପ୍ରଭାବରେ ରାଜଧାନୀ ଦିଲ୍ଲୀ ସମେତ ପଞ୍ଜାବ, ହରିୟାଣା, ଜମ୍ମୁ-କଶ୍ମୀର, ଲେହ-ଲଦାଖ, ରାଜସ୍ଥାନ, ହିମାଚଳପ୍ରଦେଶ ଏବଂ ଉତ୍ତରଖଣ୍ଡର ବିଭିନ୍ନ ଅଞ୍ଚଳରେ ବର୍ଷା / ତୁଷାରପାତ, ଝଡ଼ପବନ ସହ ବିଜୁଳି ଓ ଘଡ଼ଘଡି ଲାଗି ରହିଛି । ଫଳରେ ଏହି ସବୁ ଅଞ୍ଚଳରେ ତାପମାତ୍ରା ଦୃଷ୍ଟାନ୍ତମୂଳକ ଭାବେ ହ୍ରାସ ହୋଇଛି । ଯଦିଓ ଓଡ଼ିଶା ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼ିବ ନାହିଁ; ମାତ୍ର ରାଜ୍ୟରେ ବଢୁଥିବା ତାପମାତ୍ରାରେ ବ୍ରେକ୍ ଲାଗିଛି । ଏହା ପ୍ରଭାବରେ ଗୁରୁବାର ଓ ଶୁକ୍ରବାର ରାଜ୍ୟର କିଛି କିଛି ସ୍ଥାନରେ ମେଘୁଆ ଓ କୋହଲା ପାଗ ଦେଖାଯାଇଛି ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଶନିବାର ମଧ୍ୟ ରାଜ୍ୟର କିଛି ସ୍ଥାନରେ ଏଭଳି ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି । ତେବେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ତାପମାତ୍ରାର ବେଶେଷ ପରିବର୍ତ୍ତନ ଆଶଙ୍କା ନ ଥିବା ବେଳେ ଏହା ପରେ ପୁଣି ତାପମାତ୍ରା ବଢ଼ିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି । ପାଣିପାଗ କେନ୍ଦ୍ର କହିଛି, ୩ ▶ପୃଷ୍ଠା-୭

ମହାନଦୀ ପ୍ରସଙ୍ଗରେ ସରକାରଙ୍କ ସାଂଘାତିକ ଖେଳ

# ସର୍ବଦଳୀୟ ବୈଠକ ବାତିଲ

■ ଭୁବନେଶ୍ୱର, ୨୩।୧ (ସମିସ): ରାଜ୍ୟ ସରକାର ମହାନଦୀକୁ ନେଇ ଆରମ୍ଭ କରିଛନ୍ତି ଖେଳ । ଆପୋସ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ହେବ ବୋଲି କହୁଥିବା ସରକାର ଓ ଶାସକ ଦଳର ନେତାମାନେ କରିଛନ୍ତି । ଯାହା ସରକାରଙ୍କ ଆଭିମୁଖ୍ୟକୁ ନେଇ ଅଧିକ ସନ୍ଦେହ ସୃଷ୍ଟି କରିଛି । ରାଜ୍ୟ ସ୍ୱାର୍ଥ ସହ ତିଳେ ମାତ୍ର ସାଲିସ କରାଯିବ ନାହିଁ ବୋଲି ବାହାସ୍ଫୋଟ ମାରୁଥିବା ଶାସକ ଦଳର ନେତାମାନେ ଏହି ପ୍ରସଙ୍ଗରେ ରହସ୍ୟମୟ

- ତେଜିଲା ଟ୍ରିବ୍ୟୁନାଲ୍ କାର୍ଯ୍ୟକାଳ ସଂକ୍ରାନ୍ତ ଚିଠି ବିବାଦ
- ଜଳସମ୍ପଦ ବିଭାଗର ଅପାରଗତା ଧରାଇଲେ ରାଜସ୍ୱ ମନ୍ତ୍ରୀ
- ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କଲା ବିଜେଡି
- ମହାନଦୀରେ ବାଲି ବନ୍ଧ ଭାଙ୍ଗିବ 'ମହାନଦୀ ବଞ୍ଚାଅ'

ଜାଣିଶୁଣି ମହାନଦୀ ପ୍ରସଙ୍ଗରେ ରାଜ୍ୟର ସ୍ୱାର୍ଥ ସହ ଖେଳ ଖେଳି ଚାଲିଛନ୍ତି । ଏକପଟେ ମହାନଦୀ ବିବାଦ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇଁ ନିର୍ଦ୍ଧାରିତ ସମୟ ପୂର୍ବରୁ ଚିଠି ନ ଲେଖି ଅଡୁଆରେ ପଡ଼ିଥିବା ସରକାର ରାଜ୍ୟରେ ସର୍ବଦଳୀୟ ବୈଠକକୁ ବାତିଲ ଭାବରେ ନିରବ । ମହାନଦୀ ପ୍ରସଙ୍ଗରେ ସରକାର ଏବେ ତିନି ଆଡୁ ବିବାଦରେ ଫସିବା ପରେ କେଉଁ ରାସ୍ତା ଦେଇ ମୁକୁଳିବେ ସେଥିପାଇଁ ଉଦ୍ୟମ ଆରମ୍ଭ ହୋଇଛି ।

ମହାନଦୀ ପ୍ରସଙ୍ଗରେ ଛତିଶଗଡ଼ ସହ ପୂର୍ବ ବିଜେଡି ସରକାର ▶ପୃଷ୍ଠା-୭






# ପୁଣି ଦଳିଦେଲା ଆମ ବସ୍

## ଜନପଥରେ ତାତିଲେ ଜନତା, ରଣକ୍ଷେତ୍ର ପାଲଟିଲା ମାଷ୍ଟରକ୍ୟାଣ୍ଟିନ ଛକ



- ଅନ୍ୟ ବସ୍‌ଗୁଡ଼ିକୁ ଢେଲାମାଡ଼, ଭଙ୍ଗାରୁଜା
- ଦୁର୍ଘଟଣାରେ ୨, ଢେଲାମାଡ଼ରେ ୧୦ ଆହତ
- ପୁଲିସର ଲାଠି ଚାର୍ଜ, ୨ ଅଟକ

■ ଭୁବନେଶ୍ୱର, ୨୩।୧ (ସମିସ): ଲୋକଙ୍କ ଉପରେ ପୁଣି ଚଢ଼ାଇଲା ଆମ ବସ୍ । ମାଷ୍ଟରକ୍ୟାଣ୍ଟିନ୍ ଛକରେ ବସ୍ ଏକ ବାଇକ୍‌କୁ ପ୍ରଥମେ ସାଇଡ୍ ମାରିବା ପରେ ଏହା ଉପରେ ଚଢ଼ାଇ ଦେଇଛି । ଏଥିରେ ବାଇକ୍ ଚାଳକଙ୍କ ସମେତ ଏହା ପଛରେ ବସିଥିବା ଆଉ ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି । ଆମ ବସ୍ ଦୁର୍ଘଟଣାକୁ ନେଇ ଜନପଥରେ ତାତିଲେ ଜନତା । ରଣକ୍ଷେତ୍ରରେ ପରିଣତ ହେଲା ମାଷ୍ଟରକ୍ୟାଣ୍ଟିନ ଛକ । ସ୍ଥାନୀୟ ଲୋକେ ଅନ୍ୟ ବସ୍ ସମେତ, ଆମ ବସ୍‌କୁ ଢେଲା ଓ ପଥର ମାଡ଼ କରି ଭଙ୍ଗାରୁଜା କରିଥିଲେ । ପୁଲିସ ଉପସ୍ଥିତିରେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ପୁଲିସ ଆକ୍ରମଣ କରୁଥିବା ୨ଯୁବକଙ୍କୁ ଉଠାଇ ନେବା ସହ ଲାଠିଚାର୍ଜ କରିବା ସହ ମୃଦୁ ବଳପ୍ରୟୋଗ କରିଥିଲା । ଘଟଣାସ୍ଥଳରେ ଭୁବନେଶ୍ୱର ଡିସିପି ଜଗମୋହନ ମିନା ପହଞ୍ଚି ଆମ ବସ୍ ଉପରେ ଆକ୍ରମଣ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି ।

ମିଳିଥିବା ସୂଚନା ମୁତାବକ, ୮୨ନମ୍ବର ରୁଟ୍‌ରେ ଚାଲୁଥିବା ଆମ ବସ୍ ମାଷ୍ଟରକ୍ୟାଣ୍ଟିନ୍‌ରୁ ପିପିଲି ଯାଉଥିଲା । ବାଇକ୍ ଚାଳକ ମାଷ୍ଟରକ୍ୟାଣ୍ଟିନ୍‌ରୁ ରାଜମହଲ ଆଡକୁ ଯାଉଥିଲେ । ଅପରାହ୍ଣ ୨ଟା ୪୦ ସମୟରେ ବସ୍‌ଟି ଏକ ପଲସର ବାଇକ୍‌କୁ ସାଇଡ୍ ମାରି ଧକ୍କା ଦେବା ସହ ଚଢ଼ାଇ ▶ପୃଷ୍ଠା-୭





● 'ଇରାନରେ ପହଞ୍ଚୁଛି ସହାୟତା'

## ଶାନ୍ତି ପରେ ଯୁଦ୍ଧ ମୁଦ୍ରାରେ ଟ୍ରମ୍ପ

ୱାଶିଂଟନ, ୨୩।୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଥା ଏବଂ କାମରେ ତାଳମେଳ ରହୁନି। ସେଥିପାଇଁ ତାଙ୍କୁ ଆଡ଼ବାୟା କୁହାଯାଉଛି। ଗୋଟିଏ ପଟେ ସେ ଶାନ୍ତିର କଥା କହୁଥିବାବେଳେ ଅନ୍ୟପଟେ ଯୁଦ୍ଧ ପ୍ରସ୍ତୁତି କରୁଛନ୍ତି। ଟ୍ରମ୍ପଙ୍କ ଏଭଳି ଆଭିମୁଖ୍ୟକୁ ଦେଖି ବିଶ୍ୱବାସୀ ବିଚଳିତ ହୋଇଯାଇଛନ୍ତି। ଡାଭୋସରେ ଆୟୋଜିତ ବିଶ୍ୱ ଆର୍ଥିକ ମଞ୍ଚରୁ ସେ ଶାନ୍ତି ବୋର୍ଡ ଗଠନ ଘୋଷଣା କରିଥିଲେ। ମାତ୍ର ୨୪ ଘଣ୍ଟା ଭିତରେ ତାଙ୍କ ଆଭିମୁଖ୍ୟ ବଦଳି ଯାଇଛି। ଏବେ ସେ ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ସଙ୍କେତ ଦେଇଛନ୍ତି। ପଶ୍ଚିମ ଏସିଆରେ ଆମେରିକା ସେନା ଠୁଳ କରିବାରେ ଲାଗିଛି। ଏହା ଚରମ ସଂଘର୍ଷର ରୂପ ନେଇପାରେ ବୋଲି କୁହାଯାଉଛି। ଉତ୍ତେଜନା ମଧ୍ୟରେ ଆମେରିକାର ପରମାଣୁ ଶକ୍ତି ସମ୍ପନ୍ନ ବିମାନବାହୀ ଯୁଦ୍ଧ ଜାହାଜ ୟୁଏସଏସ ଆବ୍ରାହାମ ଲିଙ୍କନ ଏବଂ ଅନ୍ୟ ସାମରିକ ଉପକରଣ ପଠାଇଛି। ଆବ୍ରାହାମ ଲିଙ୍କନରେ ପାଞ୍ଚ ହଜାର ସୈନିକ ରହିପାରିବେ। ଏଥିରେ ଅନେକ କ୍ଷେପଣାସ୍ତ୍ର, ଯୁଦ୍ଧ ଜାହାଜ ଏବଂ ହେଲିକପ୍ଟର ମଧ୍ୟ ମୁତୟନ ରହିଛି। ଏହି ଯୁଦ୍ଧ ଜାହାଜକୁ ପର୍ସିଆ ଉପକୂଳ ଅଭିମୁଖେ ବଢ଼ି ଚାଲିଛି। ଏହା ବ୍ୟତୀତ ଜୋର୍ଡାନ ଏବଂ କାତାର ଭଳି ସହଯୋଗୀଙ୍କ ଠିକଣାରେ ଆମେରିକା ଏଫ-୧୫ଇ ଷ୍ଟ୍ରାଇକ ଇଗଲ, ଏ-୧୦ ଥଣ୍ଡରବୋଲ୍ଟ ୨ ବିମାନ ମୁତୟନ କରିଛି। ଆମେରିକା ରାଷ୍ଟ୍ରପତି କହିଛନ୍ତି ଯେ ଆମେରିକା ନୌସେନାର ବଡ଼ ଜାହାଜ ଆଦି ଇରାନ ଅଭିମୁଖେ ବଢ଼ି ଚାଲିଛି। ଏହାକୁ ସେ ଇରାନ ଆନ୍ଦୋଳନକାରୀଙ୍କୁ ଦେଇଥିବା ପ୍ରତିଶ୍ରୁତି ଭାବେ ଦେଖାଯାଉଛି। ପୂର୍ବରୁ ଆନ୍ଦୋଳନକାରୀଙ୍କୁ ସହାୟତା ପହଞ୍ଚୁଛି ବୋଲି ଟ୍ରମ୍ପ କହିଥିଲେ। ମାତ୍ର ଆମେରିକା ଅଧିକାରୀ ଏହାକୁ ସତର୍କତାମୂଳକ ପଦକ୍ଷେପ କହୁଛନ୍ତି। ଅନ୍ୟପଟେ ଇରାନ ସରକାର ବିରୋଧୀ ବିକ୍ଷୋଭ ଜନିତ ମୃତ୍ୟୁସଂଖ୍ୟା ୫,୦୦୨ରେ ପହଞ୍ଚି ଯାଇଛି। ଏମାନଙ୍କ ମଧ୍ୟରେ ୪,୭୧୬ ବିକ୍ଷୋଭକାରୀ ରହିଛନ୍ତି।

## ଜନଗଣନାରେ ପଚରାଯିବ ୩୩ ପ୍ରଶ୍ନ

ନୂଆଦିଲ୍ଲୀ, ୨୩।୧(ଏଜେନ୍ସି): କେନ୍ଦ୍ର ସରକାର ଜାତୀୟ ଜନଗଣନା ନେଇ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ଲୋକଙ୍କୁ ୩୩ଟି ପ୍ରଶ୍ନ ପଚରାଯିବ ବୋଲି କୁହାଯାଇଛି। ଏହି ପ୍ରଶ୍ନଗୁଡ଼ିକରେ ବାସସ୍ଥାନ, ପରିବାର ଓ ଯାନବାହାନ ସମ୍ପର୍କିତ ପ୍ରଶ୍ନ ଅନ୍ତର୍ଭୁକ୍ତ। ଜନଗଣନା ସମୟରେ ପରିବାରର ମୁଖ୍ୟଙ୍କୁ ହିଁ ଏହି ପ୍ରଶ୍ନର ଉତ୍ତର ଓ ବିଭିନ୍ନ ସୂଚନା ଦେବାକୁ ହେବ। ଏହି ଜନଗଣନା ଦୁଇଟି ପର୍ଯ୍ୟାୟରେ କରାଯିବ ବୋଲି ସରକାର ପୂର୍ବରୁ ଘୋଷଣା କରିଥିଲେ। ପ୍ରଥମ ପର୍ଯ୍ୟାୟ ୨୦୨୬ ଏପ୍ରିଲରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ। ଏହି ପର୍ଯ୍ୟାୟରେ ଘର ତାଲିକାଭୁକ୍ତ କରିବା ଓ ପରିବାରର ତଥ୍ୟ ସଂଗ୍ରହ ଅନ୍ତର୍ଭୁକ୍ତ ହେବ।

## ପାକିସ୍ତାନରେ ମୃତ୍ୟୁ ବାଣ୍ଟୁଛନ୍ତି ୬ ଲକ୍ଷ ନକଲି ଡାକ୍ତର

ଇସଲାମାବାଦ, ୨୩।୧ (ଏଜେନ୍ସି): ପାକିସ୍ତାନରେ ଚିକିତ୍ସା ନାମରେ ଗାଁଠୁ ସହର ପର୍ଯ୍ୟନ୍ତ ବିପଜ୍ଜନକ ଖେଳ ଚାଲିଛି। ବିନା ଡିଗ୍ରୀ, ଲାଇସେନ୍ସ ଏବଂ ପର୍ଯ୍ୟବେକ୍ଷଣରେ ଲକ୍ଷାଧିକ ଲୋକ ନିଜକୁ ଡାକ୍ତର କହି ଚିକିତ୍ସା କରାଉଛନ୍ତି। ଏହି ଖେଳରେ ଗରିବ ଏବଂ ଅଶିକ୍ଷିତ ପରିବାର ସର୍ବାଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଦକ୍ଷିଣ ସିନ୍ଧ ପ୍ରଦେଶର ହାଇଦରାବାଦ ନିକଟସ୍ଥ ଅଞ୍ଚଳରେ ଅନେକ ନକଲି ଡାକ୍ତର କ୍ଲିନିକ କରି ବସି ଯାଇଛନ୍ତି। ଏଠାରେ ଦିନଯାକ ରୋଗୀଙ୍କ ଗହଳି ଲାଗି ରହିଛି। ପାକିସ୍ତାନ ମେଡିକାଲ ଆସୋସିଏସନ ଅନୁଯାୟୀ, ଏବେ ଦେଶରେ ୬ ଲକ୍ଷରୁ ଅଧିକ ନକଲି ଡାକ୍ତର ଅଛନ୍ତି। ଏଭଳି ଡାକ୍ତର ବିନା ଅଭିଜ୍ଞତା ଶିଶୁ, ମହିଳା ଏବଂ ବୟସ୍କଙ୍କ ଚିକିତ୍ସା କରାଉଛନ୍ତି। ପୂର୍ବରୁ ଡାକ୍ତରଖାନାରେ କାମ କରିଥିବା କିମ୍ବା ସହାୟକ ନର୍ସ, ୱାର୍ଡ ବୟ ଥିବା ଲୋକେ ଏହି କ୍ଲିନିକକୁ ଚଲାଉଛନ୍ତି।

## ଅର୍ଥ କିମ୍ବା ବୁଝାମଣା ସହ ଜାମିନକୁ ଯୋଡ଼ିବା ଅନୁଚିତ: ସୁପ୍ରିମକୋର୍ଟ


ନୂଆଦିଲ୍ଲୀ, ୨୩।୧ (ଏଜେନ୍ସି): ଜାମିନ ସମ୍ବନ୍ଧିତ ନିୟମକୁ ନେଇ ସୁପ୍ରିମକୋର୍ଟ ବଡ଼ ରାୟ ଦେଇଛନ୍ତି। ଜାମିନ ଦେବା କିମ୍ବା ଏହା ଉପରେ ବିଚାର କରିବା ପାଇଁ ଅଦାଲତ ଅର୍ଥ ଜମା କିମ୍ବା ବୁଝାମଣାର ସର୍ତ୍ତ ରଖିବା ଅନୁଚିତ। ଏଭଳି କରିବା ଦ୍ୱାରା ଆପରାଧିକ ନ୍ୟାୟ ବ୍ୟବସ୍ଥା ଲକ୍ଷ୍ୟଚ୍ୟୁତ ହୋଇପାରେ। ଏହାର ଅପବ୍ୟବହାର କରି ସାଲିସ ପାଇଁ ମଧ୍ୟ ଚାପ ପ୍ରୟୋଗ କରାଯାଇପାରେ। ଦିଲ୍ଲୀ ହାଇକୋର୍ଟଙ୍କ ରାୟ ବିରୋଧରେ ଦାଏର ଏସ୍‌ଏଲପିର ଶୁଣାଣି କରି ଜଷ୍ଟିସ ମନୋଜ ମିଶ୍ର ଏବଂ ମନମୋହନଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି। ସରକାରୀ ରିଆତି ପାଣ୍ଠିର ଅପବ୍ୟବହାରରେ ସମ୍ପୃକ୍ତ ଜଣେ ଅଭିଯୁକ୍ତର ଅନ୍ତରୀଣ ଜାମିନକୁ ବଢ଼ାଇବା ପାଇଁ କୋର୍ଟ ମନା କରିଦେଇଥିଲେ। ଜାମିନ ପାଇଁ ଆର୍ଥିକ ସ୍ଥିତିକୁ ଦେଖିବା ଅନୁଚିତ ବୋଲି ସୁପ୍ରିମକୋର୍ଟ କହିଥିଲେ।

# ବେପାରୀ ଟ୍ରମ୍ପ; ନିଜ ସ୍ୱାର୍ଥ ପାଇଁ ଶୁଳ୍କ ପ୍ରହାର

ୱାଶିଂଟନ, ୨୩।୧ (ଏଜେନ୍ସି): ଆମେରିକାକୁ ପୁଣିଥରେ ମହାନ ଏବଂ ଧନୀ କରିବାକୁ ଡାଭୋସରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି। ନିଜ ନୀତି ଏବଂ ଚଢ଼ା ଶୁଳ୍କ ପାଇଁ ୧୬.୪୮ ଲକ୍ଷ କୋଟି ଟଙ୍କାର ନିବେଶ ଆସିଥିବା ଦାବି କରିଛନ୍ତି। ଟ୍ରମ୍ପଙ୍କ ଦାବି ଉପରେ କେତେ ସତ୍ୟତା ଅଛି ତାହା ଜଣାନାହିଁ। କାରଣ ପୂର୍ବରୁ ସେ କରିଥିବା ଅନେକ ଘୋଷଣା ମିଛ ସାବ୍ୟସ୍ତ ହୋଇଛି। ନିଜେ ଦେଇଥିବା ପ୍ରତିଶ୍ରୁତିକୁ ସେ ପ୍ରତ୍ୟାହାର ମଧ୍ୟ କରି ନେଇଛନ୍ତି। ଆମେରିକାର ସମ୍ପତ୍ତି ବଢୁ କି ନ ବଢୁ, କିନ୍ତୁ ରାଷ୍ଟ୍ରପତି ହେବା ପରେ ଟ୍ରମ୍ପଙ୍କ ଧନ ହୁ ହୁ ହୋଇ ବଢ଼ି ବଢ଼ି ଚାଲିଛି। ଟ୍ରମ୍ପଙ୍କ ଟାରିଫ (ଶୁଳ୍କ)ର ପ୍ରଭାବରେ ଆମେରିକୀୟଙ୍କ ଜୀବନ ଦୁର୍ବିସହ ହୋଇଯାଇଛି। ଲୋକଙ୍କ ବ୍ୟୟ ପୂର୍ବାପେକ୍ଷା ଢେର ଅଧିକ ବୃଦ୍ଧି ପାଇଛି। ଲୋକେ ଚଢ଼ା ମୂଲ୍ୟରେ ସାମଗ୍ରୀ କ୍ରୟ କରୁଛନ୍ତି। ମାତ୍ର ଏଥିରେ ଟ୍ରମ୍ପଙ୍କ କିଛି ଯାଏ ଆସେ ନାହିଁ। କାରଣ ରାଷ୍ଟ୍ରପତି ହେବା ପରେ ତାଙ୍କ ବ୍ୟକ୍ତିଗତ ସମ୍ପତ୍ତି ରକେଟ ଗତିରେ ବଢ଼ି ଚାଲିଛି। ସେ ଶୁଳ୍କକୁ ବ୍ୟବହାର କରି ଗୁଣ୍ଡାରାଜ ଚଲାଇଛନ୍ତି। ଟ୍ରମ୍ପ ନିଜ ପଦ ବ୍ୟବହାର କରି ସମ୍ପତ୍ତି ବଢ଼ାଇ ଚାଲିଛନ୍ତି ବୋଲି ନ୍ୟୁୟର୍କ ଟାଇମ୍ସ ରିପୋର୍ଟ (ଏନୱାଇଟି)ରେ କୁହାଯାଇଛି।

ରିପୋର୍ଟ ଅନୁଯାୟୀ, ଗତ ବର୍ଷ ଜାନୁଆରୀରେ ହ୍ୱାଇଟ ହାଉସକୁ ଫେରିବା ପରଠାରୁ ଟ୍ରମ୍ପଙ୍କ ସମ୍ପତ୍ତି ଅତିକମ୍‌ରେ ୧୨,୮୧୦ କୋଟି ଟଙ୍କା ବଢ଼ିଛି। ମାତ୍ର ପ୍ରକୃତ ଆୟ ଏହାଠାରୁ ଢେର ଗୁଣ ଅଧିକ ହୋଇପାରେ। କାରଣ ତାଙ୍କର ଲାଭକୁ ସାର୍ବଜନୀନ କରାଯାଇ ନାହିଁ। ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ରିପୋର୍ଟ ଅନୁଯାୟୀ, ଭାରତରେ ୮ ଟି ଟ୍ରମ୍ପ-ବ୍ରାଣ୍ଡେଡ ପ୍ରୋଜେକ୍ଟ ଚାଲିଛି କିମ୍ବା ଯୋଜନାରେ ଅଛି। ଏଥିରେ ରେସିଡେନସିଆଲ ଟାୱାର୍ସ, କମର୍ସିଆଲ ସ୍ପେସ ଏବଂ ଅନ୍ୟ

- ପଦ ବଳରେ ସମ୍ପତ୍ତି ବଢ଼ାଉଛନ୍ତି; ବର୍ଷକରେ ବଢ଼ିଲା ୧୨,୮୦୦ କୋଟି
- ପ୍ରକୃତ ଆୟ ଏହାଠୁ ଢେର ଗୁଣ ଅଧିକ
- ବିଦେଶୀ ସରକାର ଓ କମ୍ପାନୀ ଦେଉଛନ୍ତି ଅର୍ଥ
- ଭାରତରେ ଚାଲିଛି ୮ ଟି ମେଗା ପ୍ରକଳ୍ପ



ପ୍ରକଳ୍ପ ସାମିଲ ରହିଛି। ଟ୍ରମ୍ପ ନିଜ କ୍ଷମତା ଏବଂ ଶକ୍ତିର ବ୍ୟବହାର କରି ନିଜର ଏବଂ ପରିବାରକୁ ଲାଭ ଦେଇଛନ୍ତି। ବିଦେଶୀ ସରକାର ଏବଂ କମ୍ପାନୀ ସହ ଟ୍ରମ୍ପ ଏଭଳି ଚୁକ୍ତି କରୁଛନ୍ତି ଯାହା ଦ୍ୱାରା ତାଙ୍କ ପରିବାରକୁ ଟଙ୍କା ମିଳୁଛି। ବିଦେଶୀ ରିୟଲ ଇଷ୍ଟେଟ ପ୍ରକଳ୍ପରୁ ସିଂହ ଭାଗ ଅର୍ଥ ଆସୁଛି। ଟ୍ରମ୍ପଙ୍କ ସଂଗଠନ ୨୦ରୁ ଅଧିକ ବିଦେଶୀ ପ୍ରକଳ୍ପ ଚଲାଉଛି। ସେ ଟ୍ରମ୍ପ ନାମରେ ଲାଇସେନ୍ସ ଦେଇ ପ୍ରାୟ ୨୧୦ କୋଟି ଟଙ୍କା ଆୟ କରିଛନ୍ତି। ଏଥିରେ ଓମାନରେ ବିଳାସପୂର୍ଣ୍ଣ ହୋଟେଲ ଏବଂ ସାଉଦି ଆରବରେ ଗଲ୍ଫ କୋର୍ସ ରହିଛି। ସେ ଭାରତରେ ପ୍ରଥମ ଟ୍ରମ୍ପ-ବ୍ରାଣ୍ଡେଡ କମର୍ସିଆଲ ପ୍ରକଳ୍ପ 'ଟ୍ରମ୍ପ ୱାର୍ଲ୍ଡ ସେଣ୍ଟର' ନିର୍ମାଣ କରୁଛନ୍ତି। ଏଥିରୁ ସେ ୨୮୯ ନିୟୁତ ଡଲାର ଆୟ କରିବେ ବୋଲି ଆଶା। ଗୁରୁଗ୍ରାମରେ ସେ ରେସିଡେନସିଆଲ ଏବଂ ହୋଟେଲ ପ୍ରକଳ୍ପ ମଧ୍ୟ ଚଲାଇଛନ୍ତି। ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ କିଛି ମାସ ତଳେ ଟ୍ରମ୍ପ ଭାରତରୁ ମୃତ ଅର୍ଥନୀତି କହିଥିଲେ।

ଗତ ବର୍ଷ ଟ୍ରମ୍ପ ଭିଏତନାମ ଉପରେ ୪୬ ପ୍ରତିଶତ ଶୁଳ୍କ ଲଗାଇ ଥିଲେ। ଶୁଳ୍କ ହ୍ରାସ ବଦଳରେ ଟ୍ରମ୍ପ ସଂଗଠନକୁ ହନୋଇରେ ୧.୫ ବିଲିୟନ ଡଲାରର ଗଲ୍ଫ ପ୍ରକଳ୍ପ ଆରମ୍ଭ କରିବାକୁ ଅନୁମତି ମିଳିଥିଲା। ଏହା ପରେ ସେ ଶୁଳ୍କକୁ ହ୍ରାସ କରି ୨୦ ପ୍ରତିଶତ କରିଥିଲେ। ଏହି ପ୍ରକଳ୍ପକୁ ଅନୁମତି ଦେବା ପାଇଁ ସରକାର ସ୍ଥାନୀୟ ଆଇନକୁ ଅଣଦେଖା କରିଦେଇଥିଲେ। ସେହିପରି ଗତ ବର୍ଷ ଅକ୍ଟୋବରରେ ଭାଇରାଲ ହୋଇଥିବା ଏକ ଭିଡିଓରେ ଟ୍ରମ୍ପଙ୍କ ପୁଅ ଏରିକଙ୍କ ସହ କଥା ହେବା ପାଇଁ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରୋବାଭୋ ସୁବିୟାନ୍ତୋ କହୁଥିବା ଶୁଣା ଯାଇଥିଲା। ଏବେ ଏରିକ ଟ୍ରମ୍ପଙ୍କ ପାରିବାରିକ ବ୍ୟବସାୟ ସମ୍ଭାଳୁଛନ୍ତି। ପରେ ଇଣ୍ଡୋନେସିଆରେ ଟ୍ରମ୍ପଙ୍କ ଏକ ଗଲ୍ଫ କ୍ଲବ ଖୋଲିଥିଲା।

ଅନ୍ୟପଟେ କ୍ରିପ୍ଟୋକରେନ୍ସିରୁ ଟ୍ରମ୍ପ ସର୍ବାଧିକ ଲାଭ ପାଇଛନ୍ତି। ଗତ ବର୍ଷ ଟ୍ରମ୍ପଙ୍କ ପରିବାର ସହ ଜଡ଼ିତ ୱାର୍ଲ୍ଡ ଲିବର୍ଟି ଫାଇନାନସିଆଲ କମ୍ପାନୀ ଏବଂ ଏକ ମିମ କଏନରୁ ଅତିକମରେ ୮୬୭ ନିୟୁତ ଡଲାର ଆସିଥିଲା। ୨୦୨୫ରେ ୟୁଏଇର ଏକ କମ୍ପାନୀ ଟ୍ରମ୍ପଙ୍କ ଫାର୍ମରେ ୨ ବିଲିୟନ ଡଲାର ନିବେଶ କରିଥିଲା। ଏହାକୁ ବିଶ୍ୱ ଲିବର୍ଟି ଫାଇନାନିସିଆଲ (ଡବ୍ଲ୍ୟୁଇଏଫ) ନାମରେ ପରିଚିତି। ମାତ୍ର ଏହାର କିଛି ମାସ ପରେ ୟୁଏଇକୁ ସେମିକଣ୍ଡକ୍ଟର ଚିପ୍‌ସ ବିକିବାକୁ ଟ୍ରମ୍ପ ମଞ୍ଜୁରି ଦେଇଥିଲେ। ଟ୍ରମ୍ପ ଏବଂ ତାଙ୍କ ପୁଅ ପାଖରେ ଡବ୍ଲ୍ୟୁଇଏଫର ୫ ବିଲିୟନ ଡଲାରରୁ ଅଧିକ ଅଂଶଧନ ରହିଛି। ଏହାକୁ ପରିବାରର ବଡ଼ ସମ୍ପତ୍ତି ଧରାଯାଏ। ପାକିସ୍ତାନ ସହ ମଧ୍ୟ ଟ୍ରମ୍ପ ଏକ ବଡ଼ ୧୭ ହଜାର କୋଟିର କ୍ରିପ୍ଟୋ ଚୁକ୍ତି କରିଥିଲେ।

ରାହୁଲଙ୍କ ଉପରେ ଥରୁର ଅସନ୍ତୁଷ୍ଟ

## କଂଗ୍ରେସ ବୈଠକରେ ଯୋଗ ଦେଲେନି

ତିରୁଅନନ୍ତପୁରମ, ୨୩।୧(ଏଜେନ୍ସି): ବରିଷ୍ଠ ନେତା ଶଶି ଥରୁର ଓ କଂଗ୍ରେସ ପାର୍ଟି ମଧ୍ୟରେ ଦୂରତା ଦିନକୁ ଦିନ ବଢ଼ିବାରେ ଲାଗିଛି। ଥରୁର ଶୁକ୍ରବାର ଏଠାରେ ଆୟୋଜିତ ହୋଇଥିବା ପାର୍ଟି ବୈଠକରେ ଯୋଗ ଦେଇ ନାହାନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଥରୁରଙ୍କ ଅନୁପସ୍ଥିତି ନେଇ ନାନା ଆକଳନ କରାଯାଉଛି। କଂଗ୍ରେସର ଏହି ବୈଠକରେ କେରଳ ବିଧାନସଭା ନିର୍ବାଚନ ସମ୍ପର୍କିତ ବିଭିନ୍ନ ରଣନୀତି ନେଇ ଆଲୋଚନା ହେବାର କାର୍ଯ୍ୟକ୍ରମ ଥିଲା। କିଛିଦିନ ତଳେ ଲୋକସଭା ବିରୋଧୀ ଦଳ ନେତା ତଥା ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଥରୁରଙ୍କୁ ଅଣଦେଖା



କରିଥିଲେ। ଜାନୁଆରୀ ୧୯ରେ କୋଚିରେ ଅନୁଷ୍ଠିତ ମହାପଞ୍ଚାୟତ କାର୍ଯ୍ୟକ୍ରମରେ ରାହୁଲ କିଛି ବରିଷ୍ଠ ନେତାଙ୍କ ନାମ ନେଇଥିଲେ ମଧ୍ୟ ଥରୁରଙ୍କ ନାମ ନ ନେଇ ତାଙ୍କୁ ଅଣଦେଖା କରିଥିଲେ। ଏଥିରେ ଥରୁର ଅସନ୍ତୁଷ୍ଟ ଥିଲେ। ଏ ନେଇ କଂଗ୍ରେସ ନେତା ସନ୍ଦୀପ ଦୀକ୍ଷିତ ନିଜର ମତ ରଖିଛନ୍ତି। ସେ ଥରୁରଙ୍କ ନାମ ନ ନେଇ କହିଛନ୍ତି ଯେ ଯେଉଁ ନେତା କଂଗ୍ରେସର କାମକୁ ଆସୁନାହାନ୍ତି, ସେ ବଡ଼ ନେତା ନୁହଁନ୍ତି। ତେଣୁ ସେ ବୈଠକକୁ ଆସନ୍ତୁ କି ନ ଆସନ୍ତୁ କିଛି ଫରକ ପଡ଼ିବନି ବୋଲି ସେ କହିଛନ୍ତି। ସେପଟେ କେରଳ ଲିଟରେଚର ଫେଷ୍ଟିଭାଲ୍‌ରେ ସାମିଲ ହେବାର କାର୍ଯ୍ୟକ୍ରମ ଥିବାରୁ ଏହି ବୈଠକରେ ଥରୁର ଯୋଗ ଦେଇପାରିଲେ ନାହିଁ ବୋଲି ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

## କାନାଡ଼ାଠାରୁ ଶାନ୍ତି ବୋର୍ଡ ଆମନ୍ତ୍ରଣ ପ୍ରତ୍ୟାହାର

ୱାଶିଂଟନ, ୨୩।୧ (ଏଜେନ୍ସି): ଡାଭୋସରେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ଦେଇଥିବା ଟିପ୍ପଣୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ୍ଷୁବ୍ଧ ହୋଇଛନ୍ତି। ଏଥିଯୋଗୁଁ ଟ୍ରମ୍ପ ଗାଜା ପାଇଁ ଗଠିତ 'ବୋର୍ଡ ଅଫ ପିସ ତଥା ଶାନ୍ତି ବୋର୍ଡ'ରେ ସାମିଲ ହେବାର ଆମନ୍ତ୍ରଣକୁ ପ୍ରତ୍ୟାହାର କରି ନେଇଛନ୍ତି। ସାମାଜିକ ଗଣମାଧ୍ୟମରେ ଆମେରିକା ରାଷ୍ଟ୍ରପତି କହିଛନ୍ତି ଯେ ଏହି ଚିଠି ଶାନ୍ତି ବୋର୍ଡରେ ସାମିଲ ହେବାର ନିମନ୍ତ୍ରଣକୁ ପ୍ରତ୍ୟାହାର ନେଇ ରହିଛି। ଏହା ସବୁଠାରୁ ପ୍ରତିଷ୍ଠିତ ବୋର୍ଡ ହେବାକୁ ଯାଉଛି। ସୂଚନା ଅନୁଯାୟୀ, କାର୍ଣ୍ଣି ଗତ ୨୦ ତାରିଖରେ ଡାଭୋସରେ କହିଥିଲେ ଯେ ଆମେରିକା କର୍ତ୍ତୃତ୍ୱ ବିଶିଷ୍ଟ ବିଶ୍ୱ ବ୍ୟବସ୍ଥା ଶେଷ ହେବାକୁ ବସିଛି।

## ସିମ୍‌ଲା-ମନାଲିରେ ପ୍ରଥମ ତୁଷାରପାତ



ଡେରାଡୁନ, ୨୩।୧(ଏଜେନ୍ସି): ଉତ୍ତର ଭାରତରେ ୱେଷ୍ଟର୍ଣ୍ଣ ଡିଷ୍ଟର୍ବାନ୍ସ ଅର୍ଥାତ ପଶ୍ଚିମା ଝଡ଼ ସକ୍ରିୟ ହେବା କାରଣରୁ ପାଗ ପରିବର୍ତ୍ତନ ହୋଇଛି। ଗତକାଲି ବିଳମ୍ବିତ ରାତିରୁ ରାଜସ୍ଥାନ, ଉତ୍ତର ପ୍ରଦେଶ, ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼ ଓ ଦିଲ୍ଲୀରେ ବର୍ଷା ହୋଇଛି। ପ୍ରବଳ ପବନ ମଧ୍ୟ ବହୁଥିବାର ଲକ୍ଷ୍ୟ କରାଯାଇଛି। ଅନେକ ଜିଲ୍ଲାରେ ତାପମାତ୍ରା ହ୍ରାସ ପାଇଛି। ହିମାଳୟ କ୍ଷେତ୍ରରେ ରହିଥିବା ରାଜ୍ୟଗୁଡିକରେ ମଧ୍ୟ ବର୍ଷା ସାଙ୍ଗକୁ ତୁଷାରପାତ ଆରମ୍ଭ ହୋଇଛି। ହିମାଚଳ ପ୍ରଦେଶର ସିମଲା ଓ ମନାଲିରେ ଋତୁର ପ୍ରଥମ ତୁଷାରପାତ ହୋଇଛି। ଫଳରେ ଗତ ସାଢ଼େ ୩ ମାସର ଶୁଷ୍କତାର ଅନ୍ତ ଘଟିଛି।

## ମହମ୍ମଦ ୟୁନୁସ ଜଣେ ଫାସୀବାଦୀ ହତ୍ୟାକାରୀ: ଶେଖ ହସିନା

ନୂଆଦିଲ୍ଲୀ, ୨୩।୧ (ଏଜେନ୍ସି): ବାଂଲାଦେଶର ବିତାଡ଼ିତ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଭାରତରୁ ବାଂଲାଦେଶର କାମଚଳା ମହମ୍ମଦ ୟୁନୁସଙ୍କ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ସେ ଦିଲ୍ଲୀରେ ଆୟୋଜିତ 'ବାଂଲାଦେଶରେ ଗଣତନ୍ତ୍ର ରକ୍ଷା' ସମ୍ମିଳନୀକୁ ଅଡିଓ କନଫରେନ୍ସ ମାଧ୍ୟମରେ ଅଭିଭାଷଣ ଦେଇ କହିଛନ୍ତି ଯେ ମହମ୍ମଦ ୟୁନୁସ ଜଣେ ଫାସୀବାଦୀ ହତ୍ୟାକାରୀ। ହିଂସା କରାଇ ସରକାର ଦେଶକୁ ଆତଙ୍କ ଏବଂ ଅପରାଧର ନିଆଁକୁ ଠେଲୁଛନ୍ତି। ସାମ୍ପ୍ରଦାୟିକ ଶକ୍ତି ପରିବେଶ ଖରାପ କରାଉଛନ୍ତି। ଉର୍ବର ଜମିକୁ ଟାଙ୍ଗରା କରିଦେଇଛନ୍ତି। ଏବେ ବାଂଲାଦେଶୀ ଜିଇଁବା ପାଇଁ ସଂଘର୍ଷ କରୁଛନ୍ତି। ଦେଶର ଶତ୍ରୁ ବଡ଼ ଷଡ଼ଯନ୍ତ୍ର କରି କ୍ଷମତା ବଳରେ ନିର୍ବାଚିତ ସରକାରକୁ ଭୁଶୁଡ଼ାଇ ଦେଇଛନ୍ତି। ବାଂଲାଦେଶରେ ଆଉ ଗଣତନ୍ତ୍ର ଏବଂ ମାନବାଧିକାର ନାହିଁ। ଯୁବତୀ, ସଂଖ୍ୟାଲଘୁ ବି ସୁରକ୍ଷିତ ନାହାନ୍ତି। ଏଭଳି ବିପଦ ସମୟରେ ଅନ୍ତର୍ଜାତୀୟ ସମୁଦାୟ ଏକାଠି ହୋଇ ସ୍ୱର ଉତ୍ତୋଳନ କରିବା ଦରକାର। ଏବେ ବିଦେଶୀଙ୍କ କାଠ କଣ୍ଢେଇ ସାଜିଥିବା ସରକାରକୁ ଭୁଶୁଡ଼ାଇବାର ସମୟ ଆସିଯାଇଛି। ହସିନା ଦାବି କରିଛନ୍ତି ଯେ ମହମ୍ମଦ ୟୁନୁସ ଏବଂ ଉଗ୍ରବାଦୀ ତାଙ୍କୁ ହଟାଇବା ପରେ କ୍ଷେତ୍ରୀୟ ଅଖଣ୍ଡତା ସହ ସାଲିସ କରାଯାଉଛି। ବାଂଲାଦେଶର ସାର୍ବଭୌମତ୍ୱ ଏବଂ ଏକତା ଏବେ ବିପଦରେ ରହିଛି। ଏବେ ବାଂଲାଦେଶ ବିଶାଳ ଜେଲ୍‌ରେ ପରିଣତ ହୋଇଯାଇଛି।

## ଅବକାରୀ ମାମଲାରୁ କେଜ୍ରିୱାଲଙ୍କୁ ମୁକ୍ତି

ନୂଆଦିଲ୍ଲୀ, ୨୩।୧(ଏଜେନ୍ସି): ବହୁ ଚର୍ଚ୍ଚିତ ମଦ ଦୁର୍ନୀତି ମାମଲାରେ ଆମ ଆଦମୀ ପାର୍ଟି (ଆପ୍) ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କୁ ଆଶ୍ୱସ୍ତି ମିଳିଛି। ମଦ ଦୁର୍ନୀତି ତଥା ଅବକାରୀ ମାମଲାରେ ଦିଲ୍ଲୀର ରାଉଜ ଆଭେନ୍ୟୁ କୋର୍ଟ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କୁ ନିର୍ଦ୍ଦୋଶରେ ଖଲାସ କରିଛି। ମଦ ନୀତି ମାମଲାରେ ଏଜେନ୍ସିର ସମନ ଉଲ୍ଲଂଘନ କରିଥିବା ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଦାଏର କରାଯାଇଥିବା ଦୁଇଟି ମାମାଲରେ ତାଙ୍କୁ ଆଶ୍ୱସ୍ତି ମିଳିଛି। ପିଏମଏଲଏର ଧାରା ୫୦ ଅଧୀନରେ ଏଜେନ୍ସି ଦ୍ୱାରା ଜାରି ସମନ ପାଳନ କରିବାରେ ସେ ବିଫଳ ହୋଇଥିଲେ। ଏହି ଦୁର୍ନୀତି ମାମଲାରେ ତାଙ୍କୁ ୫ଥର ସମନ ଜାରି କରାଯାଇଥିଲା। କିନ୍ତୁ ସେ ଇଡିରେ ହାଜର ହୋଇ ନ ଥିଲେ।

## ଭୋଜଶାଳାରେ ଏକାସାଙ୍ଗରେ ପୂଜା ଓ ନମାଜ

ଧାର୍, ୨୩।୧(ଏଜେନ୍ସି): ମଧ୍ୟପ୍ରଦେଶ ଧାର୍ ସହରର ଭୋଜଶାଳାରେ ବସନ୍ତ ପଞ୍ଚମୀରେ ବାଗଦେବୀଙ୍କ ପୂଜା ଓ ଶୁକ୍ରବାରର ନମାଜ ଏକାସାଙ୍ଗରେ କରାଯାଇଥିଲା। ହିନ୍ଦୁ ସମ୍ପ୍ରଦାୟ ଶୁକ୍ରବାର ସକାଳ ୬ଟାରେ ସୂର୍ଯ୍ୟୋଦୟ ସମୟରେ ସରସ୍ୱତୀ ପୂଜା ଆରମ୍ଭ କରିଥିଲେ ଓ ଏହା ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଜାରି ରହିଥିଲା। ଏହି ସମୟରେ ମୁସଲିମ ସମ୍ପ୍ରଦାୟର ଲୋକେ ଭୋଜଶାଳା ପରିସରରେ ଦିନ ୧ରୁ ୩ଟା ପର୍ଯ୍ୟନ୍ତ ନମାଜ ପାଠ କରିଥିଲେ। କୌଣସି ପ୍ରକାର ଅପ୍ରୀତକର ସ୍ଥିତି ଓ ଘଟଣାକୁ ଏଡାଇବା ପାଇଁ ପ୍ରଶାସନ କଡ଼ା ସତର୍କତା ଅବଲମ୍ବନ କରିଥିଲା। ଭୋଜଶାଳା ପରିସରକୁ ୬ଟି ସେକ୍ଟର ଓ ୭ଟି ଜୋନ୍‌ରେ ବିଭକ୍ତ କରାଯାଇଥିଲା। ସ୍ଥାନୀୟ ପୁଲିସ, ସିଆରପିଏଫ୍, ରାପିଡ ଆକ୍ସନ ଫୋର୍ସର ୮, ୦୦୦ରୁ ଅଧିକ କର୍ମଚାରୀଙ୍କୁ ସହର ସାରା ମୁତୟନ କରାଯାଇଥିଲା। ସହରର ପ୍ରତ୍ୟେକ କୋଣ ଉପରେ ନଜର ରଖିବା ପାଇଁ ଡ୍ରୋନ୍ ଓ ଏଆଇର ବ୍ୟବହାର କରାଯାଇଥିଲା। ତେବେ ନମାଜ ପାଠକୁ ନେଇ ଦୁଇ ପ୍ରକାର ବିରୋଧାଭାସୀ ଦାବି କରାଯାଇଛି। ମୁସଲମାନମାନେ ଶାନ୍ତିପୂର୍ଣ୍ଣ ଭାବେ ନମାଜ ପାଠ କରିପାରିଛନ୍ତି ବୋଲି ପ୍ରଶାସନ ତରଫରୁ କୁହାଯାଇଛି। ତେବେ ଗୁଲମୋହର କଲୋନୀର ବାସିନ୍ଦାମାନେ କହିଛନ୍ତି ଯେ, ଉପ-ଜିଲ୍ଲାପାଳ ରୋଶନି ପଟିଦାର ଓ ଡିଏସ୍‌ପି ଆନନ୍ଦ ତିୱାରୀ ସେମାନଙ୍କୁ କମଲ ମୌଲା ମସଜିଦ୍‌ରେ ୧୬ ଘଣ୍ଟା ଅଟକ ରଖିଥିଲେ। ମାତ୍ର ପ୍ରଶାସନ ଏହାକୁ ଖଣ୍ଡନ କରିଛି।

■ ଓକିଲଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

## ଆଖି ଦେଖାଅନି; ଆମେ ବି ଦେଖିନେବୁ

ନୂଆଦିଲ୍ଲୀ, ୨୩।୧ (ଏଜେନ୍ସି): ଝାଡ଼ଖଣ୍ଡ ହାଇକୋର୍ଟର ବିଚାରପତିଙ୍କ ସହ ଯୁକ୍ତି କରିବାକୁ ନେଇ ସୁପ୍ରିମକୋର୍ଟ ଜଣେ ଓକିଲଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ହାଇକୋର୍ଟରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବାକୁ ଓକିଲଙ୍କୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଓକିଲ ଯଦି ଆଖି ଦେଖାଇବାକୁ ଚାହିଁବେ ତେବେ ଆମେ ମଧ୍ୟ ଦେଖି ନେବୁ ବୋଲି ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି। ସୂଚନା ଅନୁଯାୟୀ, ଅକ୍ଟୋବର ୧୬ରେ ଓକିଲ ମହେଶ ତିୱାରୀ ଏବଂ ଝାଡ଼ଖଣ୍ଡ ହାଇକୋର୍ଟର ବିଚାରପତି ରାଜେଶ କମାରଙ୍କ ମଧ୍ୟରେ ଜୋରଦାର ଯୁକ୍ତିତର୍କ ହୋଇଥିଲା। ବିଚାରପତିଙ୍କୁ ସୀମା ପାର୍ ନ କରିବାକୁ ଓକିଲ କହିଥିଲେ। ଏହାର ଭିଡିଓ ଭାଇରାଲ ହୋଇଥିଲା। ହାଇକୋର୍ଟରେ ଓକିଲଙ୍କ ବିରୋଧରେ ଆପରାଧିକ ଅବମାନନା ନୋଟିସ ଜାରି କରିଥିଲେ। ଏହା ପରେ ମହେଶ ତିୱାରୀ ସୁପ୍ରିମକୋର୍ଟ ଯାଇଥିଲେ। ସୋମବାର ମାମଲାର ଶୁଣାଣି କରି ସିଜେଆଇ ସୂର୍ଯ୍ୟକାନ୍ତ ଓକିଲଙ୍କୁ ଚେତାବନୀ ଦେଇଥିଲେ। ସେ କହିଥିଲେ ଯେ ଯଦି ଓକିଲ ନିଜ ଭୁଲ ବୁଝିପାରୁଛନ୍ତି ତେବେ ସେ ହାଇକୋର୍ଟରେ ନିଃସର୍ତ୍ତ କ୍ଷମା ମାଗିବା ଉଚିତ। ଏହା ପରିବର୍ତ୍ତେ ବିଚାରପତିଙ୍କୁ ଆଖି ଦେଖାଇବା ଅନୁଚିତ।

## ଭାରତର 'ଆଣ୍ଟି ଡ୍ରୋନ୍ ସିଲ୍ଡ' ଯାଞ୍ଚ କରୁଛି ପାକିସ୍ତାନ

ନୂଆଦିଲ୍ଲୀ, ୨୩।୧(ଏଜେନ୍ସି): ଭାରତର ବାୟୁ ପ୍ରତିରକ୍ଷା ଓ ଆଣ୍ଟି ଡ୍ରୋନ୍ ପ୍ରଣାଳୀ ତଥା ସିଲ୍ଡକୁ ପାକିସ୍ତାନ ପରୀକ୍ଷା କରୁଛି। ଏଥିପାଇଁ ପାକିସ୍ତାନ ଭିନ୍ନ ପ୍ରକାର ରଣନୀତି ଅନୁସରଣ କରୁଛି। ଏଥିପାଇଁ ପାକିସ୍ତାନ ଅପରେସନ ସିନ୍ଦୂର ପରେ ଭାରତ ବିପକ୍ଷରେ ଏକ ବିପଜ୍ଜନକ ଓ ଶସ୍ତା ମଡେଲ ଗ୍ରହଣ କରିଛି। ପ୍ରତିରକ୍ଷା ସୂତ୍ର ଅନୁଯାୟୀ, ପାକିସ୍ତାନ ଏହି ଛୋଟିଆ ଯୁଦ୍ଧ ପରେ ଭାରତୀୟ ବାୟୁ ସୀମାକୁ ୮୦୦ରୁ ଅଧିକ ଡ୍ରୋନ ପଠାଇଛି। ଏହାକୁ ନିମ୍ନସ୍ତରୀୟ ଡ୍ରୋନ ଯୁଦ୍ଧ ବୋଲି କୁହାଯାଇଥାଏ। ଏହି ଡ୍ରୋନଗୁଡିକ କମ୍ ଉଚ୍ଚତାରେ ଉଡ଼େ ଓ ରାଡ଼ାରର ନଜରରୁ ବଞ୍ଚି ରହିଥାଏ। ଏହା ଦ୍ୱାରା ପାକିସ୍ତାନ ଭାରତର ଆଣ୍ଟି ଡ୍ରୋନ ସିଲ୍ଡର ପରୀକ୍ଷା କରିବାକୁ ପ୍ରୟାସ କରୁଛି। ଅଧିକାଂଶ ଡ୍ରୋନକୁ ରାଜସ୍ଥାନ ଓ ପଞ୍ଜାବ ସୀମାରେ ଦେଖାଯାଇଥିଲା। ଭାରତୀୟ ସୁରକ୍ଷା ବାହିନୀ ୮୦୦ରୁ ୨୪୦ଟି ଡ୍ରୋନ୍‌କୁ ମାରି ଖସାଇଛି। ଏଥିମଧ୍ୟରୁ ୫ଟି ଡ୍ରୋନରେ ଅସ୍ତ୍ରଶସ୍ତ୍ର ମିଳିଥିଲା। ୧୬୦ରୁ ଅଧିକ ଡ୍ରୋନ ଅନ୍ୟାନ୍ୟ ଜିନିଷ ଖସାଇବା ପାଇଁ ବ୍ୟବହାର କରାଯାଇଥିଲା। ସେହିପରି ୭୨ଟି ଡ୍ରୋନ ନିଶାଦ୍ରବ୍ୟ ବହନ କରି ଭାରତ ସୀମା ଭିତରକୁ ଆସିଥିଲା। ଜାନୁଆରୀରେ ଏପର୍ଯ୍ୟନ୍ତ ଡ୍ରୋନ ଅନୁପ୍ରବେଶର ୧୨ଟି ଘଟଣା ସାମ୍ନାକୁ ଆସିଛି।

ପଠାଇଲାଣି ୮୦୦ରୁ ଅଧିକ ଡ୍ରୋନ୍



## ବିମାନରେ ଥିଲା ବୈଷୟିକ ତ୍ରୁଟି: ଆମେରିକା



ଅହମଦାବାଦ ବିମାନ ଦୁର୍ଘଟଣା

ନୂଆଦିଲ୍ଲୀ, ୨୩।୧(ଏଜେନ୍ସି): ୨୦୨୫ ଜୁନ୍ ୧୨ରେ ଅହମଦାବାଦ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏୟାର ଇଣ୍ଡିଆ ବୋଇଂ ୭୮୭ ବିମାନରେ ଏକାଧିକ ଯାନ୍ତ୍ରିକ ସମସ୍ୟା ଥିଲା। ୪ ବର୍ଷ ତଳେ ବିମାନଟିରେ ନିଆଁ ମଧ୍ୟ ଲାଗିଥିଲା। ଆମେରିକାର ଫାଉଣ୍ଡେସନ ଫର୍ ଏଭିଏସନ ସେଫ୍ଟି (ଏଫ୍‌ଏଏସ୍) ଦାବି କରିଛି ଯେ, ବିମାନରେ ବୈଦ୍ୟୁତିକ ପ୍ରଣାଳୀର ବିଫଳତା କାରଣରୁ ଗୋଟିଏ ପରେ ଗୋଟିଏ ଅନେକ ସିଷ୍ଟମ ବନ୍ଦ ହୋଇଥିଲା। ଏହି କାରଣରୁ ଦୁର୍ଘଟଣା ହୋଇଥାଇପାରେ ବୋଲି ଏଫ୍‌ଏଏସ୍ କହିଛି। ଉଡ଼ାଣ ଭରିବାର ମାତ୍ର କିଛି ସେକେଣ୍ଡ ପରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ୨୭୦ ଜଣ ମୃତ୍ୟୁବରଣ କରିଥିଲେ ଓ ସୌଭାଗ୍ୟବଶତଃ ମାତ୍ର ଜଣେ ବ୍ୟକ୍ତି ବଞ୍ଚି ଯାଇଥିଲେ।

ଏଫ୍‌ଏଏସ୍ ଅନୁଯାୟୀ, ଏହି ବୋଇଂ ବିମାନ ୨୦୧୪ ମସିହାରୁ ବ୍ୟବହୃତ ହୋଇ ଆସୁଥିଲା। ହ୍ୱିସିଲବ୍ଲୋୟର ଡକୁମେଣ୍ଟ ଆଧାରରେ ସଂଗଠନ ଦାବି କରିଛି ଯେ, ବିମାନଟି ଆରମ୍ଭରୁ ବାରମ୍ବାର ଯାନ୍ତ୍ରିକ ଓ ସିଷ୍ଟମ ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହୋଇଥିଲା। ୨୦୨୨ରେ ଏହି ବିମାନ ଉଡ଼ାଣ ସମୟରେ ଥରେ ନିଆଁ ଲାଗିଥିଲା। ଏଫ୍‌ଏଏସ୍ କହିଛି ଯେ ବିମାନର ବୈଷୟିକ ଅବସ୍ଥା ଓ କକ୍‌ପିଟ ଭଏସ ରେକର୍ଡିଂ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ତଥ୍ୟ ଏପର୍ଯ୍ୟନ୍ତ ସାର୍ବଜନୀନ କରାଯାଇନାହିଁ। ବୋଇଂକୁ ନେଇ ଭାରତ ଛଡ଼ା ଅନ୍ୟ ଦେଶ ଯଥା ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆରେ ମଧ୍ୟ ପ୍ରାୟ ୨, ୦୦୦୦ ତ୍ରୁଟି ଓ ବିଫଳତାର ଅଭିଯୋଗ ହୋଇଛି।

# ଅନୁକୂଳ ହେଲା ରଥକାଠ



**ପୁରୀ,୨୩।୧(ସମିସ):** ଚଳିତ ବର୍ଷର ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି । ପ୍ରଥମ ପର୍ଯ୍ୟାୟ ରଥକାଠ ଆସି ପହଞ୍ଚିଯାଇଛି । ଆଗକୁ ମହାପ୍ରଭୁଙ୍କ ନିମନ୍ତେ ତିଆରି ହେବ ତିନିରଥ । ତେଣୁ ପରମ୍ପରା ଅନୁଯାୟୀ, ଶୁକ୍ରବାର ବସନ୍ତ ପଞ୍ଚମୀରେ ରଥକାଠ ଅନୁକୂଳ ହୋଇଛି । ରଥଖଳାରେ ୧୨ ଫୁଟିଆ ୩ ଖଣ୍ଡ ଧଉରା କାଠ ପୂଜା କରାଯାଇଛି । ସନ୍ଧ୍ୟାରେ ପ୍ରଥମେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା । ପରେ ରଥକାଠ ଅନୁକୂଳ ପୂଜା ହୋଇଥିଲା । ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ ପୂଜାର୍ଚ୍ଚନା କରିଥିଲେ । ବୈଦିକ ଶାସ୍ତ୍ରୀୟ ମତରେ ୩ଟି କାଠକୁ ପ୍ରଥମେ ଜଳ, ପଞ୍ଚାମୃତ, ଶୁଦ୍ଧଜଳ, ଚନ୍ଦନ, ସିନ୍ଦୂର, ଫୁଲ, ଶ୍ରୀଫଳ, ଧୂପ, ଦୀପ ଦିଆଯାଇ ସଂସ୍କାର କରାଯାଇଥିଲା । ଶେଷରେ ମହାପ୍ରସାଦ ସମର୍ପଣ କରାଯାଇଥିଲା । ଅନୁକୂଳ ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ, ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁଙ୍କ ସମେତ ପରିଚାଳନା କମିଟି ସଦସ୍ୟ, ବରିଷ୍ଠ ସେବାୟତ ଓ ଶ୍ରୀମନ୍ଦିର କାର୍ଯ୍ୟାଳୟର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ଆବଶ୍ୟକ ପଡିଥାଏ ମୋଟ ୮୬୫ ଖଣ୍ଡ କାଠ । ଗତବର୍ଷ ଆସିଥିବା କାଠ ମଧ୍ୟରୁ ୪୭ ଖଣ୍ଡ ବଳକା ଥିବାରୁ ଚଳିତବର୍ଷ ୮୧୮ ଖଣ୍ଡ କାଠ ଆସିବ । ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୮୩ ଖଣ୍ଡ ଅସନ ଓ ଧଉରା କାଠ ଆସି ପହଞ୍ଚିଯାଇଛି । ପରମ୍ପରା ଅନୁଯାୟୀ, ବସନ୍ତ ପଞ୍ଚମୀ ତିଥିରେ ରଥକାଠ ଅନୁକୂଳ ହୋଇଥିବା ବେଳେ ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ହେବାର ବିଧି ରହିଛି । ସେହିପରି ଶ୍ରୀରାମ ନବମୀରେ କଟକସ୍ଥିତ ଖପୁରିଆ କରତ କଳରେ ରଥକାଠ ଚିରଟ ଏବଂ ଅକ୍ଷୟ ତୃତୀୟାରେ ମହାପ୍ରଭୁଙ୍କ ତିନିରଥ ନିର୍ମାଣ ଅନୁକୂଳ କରାଯିବ ।

### ସୁଭାଷ ବୋଷଙ୍କ ଜନ୍ମପୀଠରେ ପରାକ୍ରମ ଦିବସ ସମାରୋହ

# ନେତାଜୀଙ୍କ ଜୀବନ କାହାଣୀ ମୋ ମନରେ ଦେଶପ୍ରେମ ଜଗାଇଥିଲା: ଉପରାଷ୍ଟ୍ରପତି

**କଟକ, ୨୩।୧(ସମିସ):** ଭାରତର ଉପ-ରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ୍ ଆଜି କଟକସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜନ୍ମସ୍ଥାନ ସଂଗ୍ରହାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଆୟୋଜିତ ପରାକ୍ରମ ଦିବସ ସମାରୋହରେ ଯୋଗ ଦେଇଛନ୍ତି ।

ସମାବେଶକୁ ସମ୍ବୋଧିତ କରି ଉପରାଷ୍ଟ୍ରପତି ନେତାଜୀଙ୍କୁ ଭାରତର ଜଣେ ମହାନ ସୁପୁତ୍ର ଭାବରେ ବର୍ଣ୍ଣନା କରିବା ସହିତ ତାଙ୍କ ପ୍ରତି ହାର୍ଦ୍ଦିକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ନେତାଜୀଙ୍କ ଜନ୍ମସ୍ଥାନକୁ ତାଙ୍କର ଗସ୍ତକୁ ସେ ଗଭୀର ଭାବରେ ପ୍ରେରଣାଦାୟକ ବୋଲି କହିଥିଲେ । ସେ କହିଥିଲେ ଯେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କେବଳ ଭାରତର ସ୍ୱାଧୀନତା ପାଇଁ ଲଢ଼ି ନଥିଲେ ବରଂ ସ୍ୱାଧୀନତା ପରେ ଦେଶର ଶାସନ ପାଇଁ ତାଙ୍କର ଏକ ସ୍ପଷ୍ଟ ଦୃଷ୍ଟିକୋଣ ଥିଲା । ନେତାଜୀ ଭାରତକୁ ଏକ ମଜବୁତ, ଶକ୍ତିଶାଳୀ ଏବଂ ଦାରିଦ୍ର୍ୟମୁକ୍ତ ରାଷ୍ଟ୍ର ଭାବେ ନିର୍ମାଣ କରିବାକୁ ପରିକଳ୍ପନା କରିଥିଲେ । ଆଜାଦ ହିନ୍ଦ୍ ଫୌଜର ପରିକ୍ରମା ସଙ୍ଗୀତ "କଦମ କଦମ୍ ବଢ଼ାଏ ଯା"ର ଉତ୍ସାହ ଉଦ୍ରେକକାରୀ ସ୍ୱରକୁ ସ୍ମୃତିଚାରଣ କରି ଉପରାଷ୍ଟ୍ରପତି କହିଥିଲେ, ମଜବୁତ ଏବଂ ଆତ୍ମନିର୍ଭର ଭାରତ ନିର୍ମାଣ ଲାଗି ନେତାଜୀଙ୍କର ଦୂରଦୃଷ୍ଟି ଦେଶକୁ ଲଗାତାର ପ୍ରେରଣା ଦେଇ ଆସୁଛି । ନେତାଜୀଙ୍କ ସାହସ, ଏକତା ଏବଂ ମାତୃଭୂମି ପ୍ରତି ସର୍ବୋଚ୍ଚ ସମର୍ପଣର ଆଦର୍ଶରୁ ପ୍ରେରଣା ନେଇ



୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ଦିଗରେ ଆଗକୁ ବଢ଼ିବା ପାଇଁ ସାମୂହିକ ଭାବରେ ପ୍ରତିଜ୍ଞା କରିବାକୁ ସେ ନାଗରିକମାନଙ୍କୁ ଆହ୍ୱାନ କରିଥିଲେ ।

ଉପରାଷ୍ଟ୍ରପତି କହିଥିଲେ, ଭାରତର ସଭ୍ୟତାଗତ ଯାତ୍ରାରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଏଠାରେ ଇତିହାସ, ଆଧ୍ୟାତ୍ମିକତା ଏବଂ ସଂସ୍କୃତି ଏକତ୍ରିତ ହୋଇଛି । ଜନଜାତି କଲ୍ୟାଣ, ଆଦିବାସୀ ସମ୍ପ୍ରଦାୟର ଜୀବନଧାରଣ ମାନ ଉନ୍ନତ କରିବା ପାଇଁ ଲକ୍ଷ୍ୟବଦ୍ଧ ପ୍ରୟାସ ଏବଂ ନିରନ୍ତର ଭିତ୍ତିଭୂମି ବିକାଶ ଲାଗି ସେ ଓଡ଼ିଶା ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ । ଏହି ସ୍ମାରକୀ କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ, ଉପରାଷ୍ଟ୍ରପତି ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଉପରେ ଏକ ପ୍ରଦର୍ଶନୀ, ଆଜାଦ ହିନ୍ଦ ଫୌଜ ଉପରେ ଡାକ ଟିକଟ ଗ୍ୟାଲେରୀ ଏବଂ ନେତାଜୀ ସଂସ୍କୃତି ଭବନର ଉଦଘାଟନ କରିଥିଲେ । ଏହି ଅବସରରେ ଉପରାଷ୍ଟ୍ରପତି ସ୍ୱାଧୀନତା ସଂଗ୍ରାମୀ ମାୟାଧର ମଲ୍ଲିକ ଏବଂ ଅବସରପ୍ରାପ୍ତ ୱିଙ୍ଗ କମାଣ୍ଡର ବି.ଏସ୍. ସିଂହଦେଓ ଏବଂ ଆଜାଦ୍ ହିନ୍ଦ ଫୌଜର ଯବାନଙ୍କ ପରିବାର ସଦସ୍ୟଙ୍କୁ ସମ୍ମାନିତ କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦ ଭର୍ତ୍ତୃହରି ମହତାବଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଫେବୃୟାରୀ ୨ରୁ ୬ ଦିନିଆ ଓଡ଼ିଶା ଗସ୍ତରେ ରାଷ୍ଟ୍ରପତି

**ଭୁବନେଶ୍ୱର, ୨୩।୧(ସମିସ):** ଫେବୃୟାରୀ ୨ରୁ ୭ ପର୍ଯ୍ୟନ୍ତ ୬ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଏଥିପାଇଁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି । ସମ୍ପୂର୍ଣ୍ଣ ଗସ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚଳନା କରିବା ପାଇଁ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି । ରାଷ୍ଟ୍ରପତିଙ୍କ ଗସ୍ତ



ସୂଚୀ ଅନୁଯାୟୀ, ୨ ତାରିଖ ସଂଧ୍ୟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଁଞ୍ଚିବା ପରେ ଲୋକ ଭବନରେ କିଛି ସାକ୍ଷାତ କାର୍ଯ୍ୟକ୍ରମ ପରେ ସେଠାରେ ରାତ୍ର ରହଣି କରିବେ । ୩ ତାରିଖ ସକାଳେ ଯାଜପୁର ଗସ୍ତ କରି ବିରଜା ମନ୍ଦିର ପରିଦର୍ଶନ କରି ନାଭି ଗୟା ଠାରେ ପୂଜାର୍ଚ୍ଚନା କରିବେ । ଅପରାହ୍ଣରେ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ । ସେଦିନ ସଂଧ୍ୟାରେ ପୁରୀ ଗସ୍ତ କରି ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ୪ ତାରିଖରେ ମୟୂରଭଞ୍ଜ ଗସ୍ତ କରି ରାଇରଙ୍ଗପୁର ମହୁଲଡିହା ସ୍ଥିତ ଅବକାଶ ଗୃହ (ହୋଲି ଡେ ହୋମ୍) ଉଦ୍‌ଘାଟନ କରିବା ସହ ସେଠାରେ ଅନୁସୂଚିତ ଜନଜାତି, ଜାତି ଉନ୍ନୟନ ବିଭାଗ ପରିଚାଳିତ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଦର୍ଶନ କରି ଭଞ୍ଜବୀର ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବାର କାର୍ଯ୍ୟକ୍ରମ ରହିଛି ।

### ଝିଅ ହେବା କ'ଣ ଅପରାଧ

# ବୋହୂ ଓ ନାତୁଣୀକୁ ଜୀବନ୍ତ ଜଳାଇଦେବାକୁ ଉଦ୍ୟମ

**କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ,୨୩।୧(ସମିସ):** ଆଧୁନିକତାର ଦାବି କରୁଥିବା ସମାଜରେ ଆଜି ବି ଅନ୍ଧ ବିଶ୍ୱାସ ଓ କୁସଂସ୍କାର କେତେ ଭୟଙ୍କର ରୂପ ନେଇପାରେ, ତାହାର ଜୀବନ୍ତ ଉଦାହରଣ ସାମ୍ନାକୁ ଆସିଛି କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ଅଞ୍ଚଳରୁ । ପୁଅଝିଅ ଭେଦଭାବ ଓ ଝିଅ ସନ୍ତାନ ଜନ୍ମ ନେବାରୁ ବୋହୂକୁ ମୃତ୍ୟୁମୁଖକୁ ଠେଲିଦେବା ଉଦ୍ୟମ ଏହି ଅମାନବୀୟ ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି । ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଡାମରପୁର ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଏହି ଅଭାବନୀୟ ଘଟଣା ଘଟିଛି । ଘରେ ଶୋଇଥିବାବେଳେ ଶଶୁର ଗାଁ ଛକରୁ ୧ ଲିଟର ପେଟ୍ରୋଲ କିଣି ଆଣି ବୋହୂର ବିଛଣା ଉପରେ ଢାଳି ନିଆଁ ଲଗାଇ ଦେଇଥିଲେ । ଘର ଭିତରେ ଥିବା ଅନେକ ଆସବାବପତ୍ର ପୋଡ଼ିଯାଇଥିବାବେଳେ ସୌଭାଗ୍ୟବଶତଃ ବୋହୂ ଓ ତାଙ୍କ ନାତୁଣୀ ଅଳ୍ପକେ ରକ୍ଷାପାଇଥିଲେ । ବୋହୂ ଘରୁ ଖସିଆସି ରାତିସାରା ବାହାରେ ରହିଥିଲେ । ପରେ ପଡୋଶୀ ଆସି ନିଆଁକୁ ଆୟତ୍ତ କରିଥିଲେ ।

ପ୍ରାୟ ୮ ବର୍ଷ ପୂର୍ବେ ନିଶ୍ଚିନ୍ତକୋଇଲି ବାଲିପଡ଼ା ଗ୍ରାମର ସସ୍ମିତା ଦାସ ଡାମରପୁର ଗ୍ରାମର ସୁଶାନ୍ତ ରାୟଙ୍କୁ ବିବାହ କରିଥିଲେ । ସୁଶାନ୍ତଙ୍କ ପ୍ରଥମ ପତ୍ନୀଙ୍କ ଦୁଇଟି ଝିଅ ଥିବାବେଳେ ଦ୍ୱିତୀୟ ପତ୍ନୀ ସସ୍ମିତାଙ୍କ ଗୋଟିଏ ଝିଅ ସନ୍ତାନ ହେବା ପରଠାରୁ ଶାଶୂ, ଶଶୁର ଓ ସ୍ୱାମୀଙ୍କ ଦ୍ୱାରା ସେ ନିରନ୍ତର ଶାରୀରିକ ଓ ମାନସିକ ନିର୍ଯାତନାର ସମ୍ମୁଖୀନ ହୋଇଆସୁଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି । ଘଟଣା ସମ୍ପର୍କରେ ପୁଲିସ ଅଭିଯୁକ୍ତ ଶଶୁର ପ୍ରଫୁଲ୍ଲ ରାୟଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି । ପୁଲିସ ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି । ଏହି ଘଟଣା ପୁଣିଥରେ ସମାଜକୁ ପ୍ରଶ୍ନ କରୁଛି, ଝିଅ ସନ୍ତାନ କ'ଣ ଏଯାବତ୍ ବି ଭାର? ଅନ୍ଧ ବିଶ୍ୱାସ ଓ କୁସଂସ୍କାରର ଶେଷ କେବେ? ନାରୀ ସୁରକ୍ଷା, ଝିଅ ସନ୍ତାନର ସମ୍ମାନ ଓ ସମାନ ଅଧିକାର ନେଇ ସଚେତନତା କେବଳ ନାରାରେ ସୀମିତ ନ ରହି, ବାସ୍ତବ ଜୀବନରେ ରୂପାୟନ ହେବା ଆଜିର ସର୍ବବୃହତ ଆବଶ୍ୟକତା ହୋଇପଡ଼ିଛି ।

### ଅନ୍‌ଲାଇନ୍ ଗେମ୍‌ର କରୁଣ ପରିଣତି

# ଟ୍ରେନ୍ ଆଗକୁ ଡେଇଁ ଜୀବନ ହାରିଲେ ଯୁବକ

**ରାଜଘାଟ, ୨୩।୧ (ସମିସ):** ରାସଗୋବିନ୍ଦପୁର ବ୍ଲକ ଗାଁ ଅମର୍ଦା ପଞ୍ଚାୟତ ଅନ୍ତର୍ଗତ ହମାର ପଡିଆ ଗ୍ରାମର ଭାଗିରଥି ପାତ୍ରଙ୍କ ପୁତ୍ର ସୁଦୀପ୍ତ (୨୨) ରାତା ରାତି କୋଟିପତି ହେବା ନିଶାରେ ଦୀର୍ଘ ଦିନ ହେବ ନିଜ ମୋବାଇଲରେ ଅନଲାଇନ ଗେମ ଖେଳି ସର୍ବସ୍ୱାନ୍ତ ହୋଇପଡ଼ିଥିଲେ । ପରିବାର ଲୋକ ଓ ସାଙ୍ଗ ସାଥିଠୁ ଉଧାର ନେଇ ଉକ୍ତ ଗେମ୍‌ରେ ନିବେଶ କରି ସମସ୍ତ ଅର୍ଥ ହରାଇବା ପରେ ମାନସିକ ଭାରସାମ୍ୟ ହରାଇ ଗୁରୁବାର ବିଳମ୍ବିତ ରାତିରେ ଘରୁ ବାହାରିଆସି ବସ୍ତା ବ୍ଲକ ରାଜଘାଟ ରେଳ ପୋଲ ନିକଟରେ ଆସି ଅପଲାଇନରେ ଟ୍ରେନ ଆଗକୁ ଡେଇଁ ଜୀବନ ହାରିଛନ୍ତି । ଖବର ପାଇ ରୁପ୍ସା ରେଳ ପୁଲିସ ଆସି ଶବକୁ ଜବତ ପରେ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଘଟଣାର ଅଧିକ ତଦନ୍ତ ଜାରିରଖିଛି । ଅପରାହ୍ନ ୩ଟାରେ ଶବ ଗ୍ରାମରେ ପହଞ୍ଚିବା ପରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ।



ସମ୍ବଲପୁରଠାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ଶତାବ୍ଦୀ ବର୍ଷ ଅବସରରେ ଆୟୋଜିତ ଶତାବ୍ଦୀ ପଥ ସଞ୍ଚାଳନ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

# ଭିଡ଼କୁ ନୁହେଁ ସରକାରୀ ୱେବ୍‌ସାଇଟ୍

### ବ୍ୟବହାର ସମୟରେ କୁଣ୍ଠାଉଛି

**ଭୁବନେଶ୍ୱର, ୨୩।୧(ସମିସ):** ଚାକିରି ଆଶାୟୀଙ୍କ ପାଇଁ ସରକାରୀ ୱେବ୍‌ସାଇଟ୍ ଦୁଃସ୍ୱପ୍ନ ପାଲଟିଛି । ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ଏବଂ ଓଡ଼ିଶା ଅଧସ୍ତନ କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ୱେବସାଇଟ୍ ବିଭ୍ରାଟକୁ ପ୍ରାୟ ମାସେ ପୂରିଥିଲେ ମଧ୍ୟ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇପାରୁ ନାହିଁ । ଏପରିକି ଚାକିରି ପାଇଁ ନାମ ପଞ୍ଜିକରଣ ବା ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ ରେଜିଷ୍ଟ୍ରେସନ୍ କରିବାକୁ ଉପଲବ୍ଧ ୱେବସାଇଟ୍ ପିଲାଙ୍କୁ କନ୍ଦାଇଲାଣି ।

ଓଏସ୍‌ଏସ୍‌ସି ପକ୍ଷରୁ ୧୫୭୬ ସିଜିଏଲ୍ ପଦରେ ନିଯୁକ୍ତି ପାଇଁ ଆବେଦନ ଜାରି ରହିଛି । ପୂର୍ବରୁ ଏହାର ୱେବସାଇଟ୍ ସମ୍ପୂର୍ଣ୍ଣ କ୍ରାସ୍ କରିଯିବାରୁ ଆବେଦନ ହୋଇପାରି ନ ଥିଲା । ଫଳରେ ଆବେଦନ ଅବଧିକୁ ଆଉ ୧୦ ଦିନ ଅର୍ଥାତ୍ ଚଳିତମାସ ଶେଷ ପର୍ଯ୍ୟନ୍ତ ବଢ଼ାଯାଇଥିଲା । ମାତ୍ର ଓଏସ୍‌ଏସ୍‌ସି ୱେବସାଇଟ୍ ଏବେସୁଦ୍ଧା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରି ନାହିଁ । ଆବେଦନ ସମୟରେ ଅଧାରୁ କଟି ଯାଉଥିବାବେଳେ ସମୟ ଅବଧି ମଧ୍ୟରେ ଆବେଦନ କରିପାରିବେ କି ନାହିଁ, ସେନେଇ ଆଶାୟୀମାନେ ସନ୍ଦିହାନ ଅବସ୍ଥାରେ କାଳାତିପାତ କରୁଛନ୍ତି । ଅନୁରୂପ ଭାବେ ଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର ପରି ୩୨୫୦ ପଦରେ ନିଯୁକ୍ତି ପାଇଁ ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ଆବେଦନ ଗ୍ରହଣ କରାଯାଉଛି । ସେହିପରି ଫରେଷ୍ଟର, ଫରେଷ୍ଟଗାର୍ଡ ପାଇଁ ମଧ୍ୟ ଆବେଦନ ଜାରି ରହିଛି । ମାତ୍ର ପ୍ରଥମରୁ ଧିମା ଚାଲୁଥିବା ଓଏସ୍‌ଏସ୍‌ଏସ୍‌ସି ୱେବ୍‌ସାଇଟ୍ ଏବେ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି ।

ଆଶାୟୀଙ୍କ ଦୁର୍ଦ୍ଦଶା ଏତିକିରେ ସରିନାହିଁ । ଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର ପଦରେ ଆବେଦନ ପାଇଁ ନାମ ପଞ୍ଜିକରଣ ବା ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ ରେଜିଷ୍ଟ୍ରେସନ୍ କରିବା ବାଧ୍ୟତାମୂଳକ କରାଯାଇଥିବାବେଳେ ତାହାର ୱେବସାଇଟ୍ ମଧ୍ୟ ଖୋଲୁନାହିଁ । ନିୟୋଜନ ନିର୍ଦ୍ଦେଶାଳୟ ୱେବସାଇଟ୍ ଅଚଳ ହୋଇ ପଡ଼ିଥିବାରୁ ତୋଷାଳୀ ଭବନସ୍ଥିତ ରାଜ୍ୟ ନିୟୋଜନ କାର୍ଯ୍ୟାଳୟରେ ଆଶାୟୀମାନଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି । ହେଲେ ସରକାର କୌଣସି ପଦକ୍ଷେପ ନ ନେବା ସହ କେବେସୁଦ୍ଧା ୱେବସାଇଟ୍ କାର୍ଯ୍ୟକ୍ଷମ ହେବ, ସେନେଇ ଆଶ୍ୱସ୍ତି କରୁନାହାନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଧିମେଇ ଧିମେଇ ଚାଲୁଥିବା ୱେବସାଇଟ୍‌ରେ ଆବେଦନ ବେଳେ ଅଧାରୁ କଟିଗଲେ ଆଉ ଆଗକୁ ବଢ଼ିପାରୁନାହାନ୍ତି । ପୁଣି ତାକୁ ଡିଲିଟ୍ କରି ମୂଳରୁ ଆବେଦନ କରିବାକୁ ପଡୁଛି । ଫଳରେ ଆଶାୟୀଙ୍କ ଅସନ୍ତୋଷ ଶିର୍ଷରେ ପହଞ୍ଚିଲାଣି । ଆସନ୍ତା ମଙ୍ଗଳବାର ସୁଦ୍ଧା ୱେବସାଇଟ୍ କାର୍ଯ୍ୟକ୍ଷମ ନ କଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସାମାଜିକ ଗଣମାଧ୍ୟମରେ ଲେଖୁଛନ୍ତି । ଏସବୁ ୱେବସାଇଟ୍ କ୍ରମାଗତ ଭାବେ ଅଚଳାବସ୍ଥା ଜାରି ରହିଥିବାରୁ ସରକାରୀ ୱେବସାଇଟ୍ କୌଣସି କାମକୁ ନୁହଁ ବୋଲି ଆଶାୟୀଙ୍କ ମଧ୍ୟରେ ଏକ ଧାରଣା ସୃଷ୍ଟି ହେବାରେ ଲାଗିଛି ।

# ପ୍ରତିଶ୍ରୁତି ପରେ ବସ୍ ଧର୍ମଘଟ ପ୍ରତ୍ୟାହୃତ

**କଟକ,୨୩।୧(ସମିସ):** ଗ୍ରାମାଞ୍ଚଳ ତଥା ବ୍ଲକରୁ ଜିଲ୍ଲା ମୁଖ୍ୟାଳୟକୁ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳକୁ ଓଡ଼ିଶା ଘରୋଇ ବସ୍ ମାଲିକ ସଂଘ ବିରୋଧ କରି ଆସନ୍ତା ୨୪ତାରିଖରୁ ଦେଇଥିବା ଧର୍ମଘଟ ଡାକରାକୁ ଆଜି ପ୍ରତ୍ୟାହାର କରିଛି । କଟକସ୍ଥିତ ଜିଲ୍ଲା ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇ ପ୍ରସ୍ତାବିତ ଧର୍ମଘଟକୁ ପ୍ରତ୍ୟାହାର କରାଯାଇଛି ବୋଲି ସୂଚନା ଦେଇଛନ୍ତି ରାଜ୍ୟ ଘରୋଇ ବସ ମାଲିକ ସଂଘର ସାଧାରଣ ସଂପାଦକ ଦେବେନ୍ଦ୍ର ସାହୁ । କୌଣସି ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ବସ ସେବା ଚଳାଚଳ ପୂର୍ବରୁ ଗଠିତ କମିଟି ଓ ଆଞ୍ଚଳିକ ବସ ମାଲିକ ସଂଘ ସହମତିରେ ନିଷ୍ପତ୍ତି ନିଆଯିବ । ପରିବହନ ବିଭାଗ ପକ୍ଷରୁ ଆଜି ପରିବହନ ଆୟୁକ୍ତଙ୍କୁ ଏ ନେଇ ଚିଠି କରାଯାଇଛି । ଯେପରି ଆଞ୍ଚଳିକ ବସ ମାଲିକ ସଂଘ ସହ କୌଣସି ବିବାଦ ରହିବ ନାହିଁ ସେ ନେଇ ଓଏସଆରଟିସି ଓ ଜିଲ୍ଲା ସ୍ତରୀୟ କମିଟି ସହ ପରାମର୍ଶ କରିବାକୁ ଉକ୍ତ ଚିଠିରେ କୁହାଯାଇଛି । ନିଷ୍ପତ୍ତି ଅନୁସ୍ଯାରେ ଏହି କମିଟିରେ ଜିଲ୍ଲାପାଳ,ଆରଟିଓ, ଡିଟିଏମ ଓ ଆଞ୍ଚଳିକ ବସ ମାଲିକ ସଂଘର ପ୍ରତିନିଧି ମାନେ ରହିବେ । କେଉଁ ରୁଟରେ ଏହି ବସ ଚଳାଚଳ କରିବ ଏହି କମିଟି ନିଷ୍ପତ୍ତି ଗ୍ରହଣ କରିବ । ତଥାପି ଯଦି କିଛି ଆପତ୍ତି ଥାଏ ତାହାକୁ ପରିବହନ କମିସନରଙ୍କ ନିକଟରେ ସମୀକ୍ଷା କରାଯିବ । ଏହି ବୈଠକରେ ଘରୋଇ ବସ ମାଲିକ ସଂଘର ସଭାପତି ଲୋକନାଥ ପାଣି, ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ , କଟକ ଜିଲ୍ଲା ଘରୋଇ ବସ ମାଲିକ ସଂଘ ସଭାପତି ପ୍ରିୟବ୍ରତ ତ୍ରିପାଠୀ, ଆଶିଷ କୁମାର ସାହୁ ପିନାକପାଣି ଷଡ଼ଙ୍ଗୀ, ବିବେକାନନ୍ଦ ଖଣ୍ଡାଇ ,କିଶୋର ଚନ୍ଦ୍ର ବିଶ୍ୱାଳ ପବିତ୍ର ମୋହନ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବରୁ କେବଳ ପଞ୍ଚାୟତରୁ ବ୍ଲକ୍ ମୁଖ୍ୟାଳୟ ପର୍ଯ୍ୟନ୍ତ ସୀମିତ ଥିଲା । ବର୍ତ୍ତମାନ ଏହି ବସ୍ ଜିଲ୍ଲା ମୁଖ୍ୟାଳୟକୁ ଗଡିବା ଦ୍ୱାରା ଘରୋଇ ବସ୍‌ଗୁଡ଼ିକ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି ବୋଲି ସଂଘ ଅଭିଯୋଗ କରି ଧର୍ମଘଟ ଡାକରା ଦେଇଥିଲା ।

### ଧାନ ସଂଗ୍ରହରେ ଅବ୍ୟବସ୍ଥା

# ପଛରେ ପଡ଼ିଛି ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା

**ଭୁବନେଶ୍ୱର,୨୩।୧(ସମିସ):** ଧାନ ସଂଗ୍ରହ କ୍ଷେତ୍ରରେ ଓଡ଼ିଶା ଇତିହାସରେ ପୂର୍ବରୁ କେବେ ଏମିତି ଅବ୍ୟବସ୍ଥା ଦେଖା ଦେଇ ନଥିଲା । ଓଡ଼ିଶା ଏକ କୃଷିପ୍ରଧାନ ଅର୍ଥନୀତି ହୋଇଥିବାରୁ ୬୦ ପ୍ରତିଶତରୁ ଅଧିକ ଲୋକ ଜୀବିକା ପାଇଁ କୃଷି ଉପରେ ନିର୍ଭର କରନ୍ତି । ହେଲେ ଡବଲ୍ ଇଞ୍ଜିନ୍ ସରକାର ଧାନ ସଂଗ୍ରହରେ ଓଡ଼ିଶାର ଚାଷୀମାନଙ୍କ ସହ ବିଶ୍ୱାସଘାତକତା କରଛନ୍ତି ବୋଲି ବିଜେଡି କହିଛି । ଶୁକ୍ରବାର ଦଳର ମୁଖପାତ୍ର ଡଃ ଲେନିନ ମହାନ୍ତି ୨୦୨୩-୨୪, ୨୦୨୪-୨୫ ଏବଂ ୨୦୨୫-୨୬ର ଧାନ ସଂଗ୍ରହ ସ୍ଥିତିର ତୁଳନାତ୍ମକ ବିଶ୍ଳେଷଣ କରି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି ।

ଡଃ ମହାନ୍ତି କହିଛନ୍ତି, ୨୨ ଜାନୁଆରୀ ୨୦୨୪ରେ ବିଜେଡି ସରକାର ସମୟରେ ମୋଟ ୩୯,୭୪,୬୮୭ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଥିଲା ଏବଂ ୮,୪୦,୧୮୧ ଚାଷୀ ଓଡ଼ିଶାରେ ଧାନ ବିକ୍ରୟ କରିପାରିଥିଲେ । ହେଲେ ୨୨ ଜାନୁଆରୀ ୨୦୨୫ରେ ବିଜେପି ସରକାର ସମୟରେ ମୋଟ ଧାନ ସଂଗ୍ରହ ୩୫,୬୪,୨୬୭ ମେଟ୍ରିକ୍ ଟନ୍‌କୁ ହ୍ରାସ ପାଇଥିବା ବେଳେ ମାତ୍ର ୭,୧୨,୪୮୧ ଚାଷୀ ଧାନ ବିକ୍ରୟ କରିପାରିଥିଲେ । ମାତ୍ର ୨୨ ଜାନୁଆରୀ ୨୦୨୬ରେ ମୋଟ ଧାନ ସଂଗ୍ରହ ଆହୁରି ହ୍ରାସ ପାଇ ୩୦,୪୯,୫୫୦ ମେଟ୍ରିକ୍ ଟନ୍‌କୁ ଖସି ଆସିଛି । ଏପର୍ଯ୍ୟନ୍ତ ୩୦ ପ୍ରତିଶତ ଚାଷୀ ୩୫ ପ୍ରତିଶତ ଧାନ ବିକ୍ରି କରିଛନ୍ତି । ବିଜେପି ସରକାର ସମୟରେ ସଂଗ୍ରହ ହୋଇଥିବା ଧାନ ପରିମାଣ ଏବଂ ଚାଷୀଙ୍କ ସଂଖ୍ୟାରେ କାହିଁକି ହ୍ରାସ ଘଟିଛି ବୋଲି ସେ ପ୍ରଶ୍ନ କରିଛନ୍ତି ।

ବଡ଼ କଥା ହେଉଛି ଯେ ମୁଖ୍ୟମନ୍ତ୍ରୀ (କେନ୍ଦୁଝର) ଏବଂ ଦୁଇ ଉପମୁଖ୍ୟମନ୍ତ୍ରୀ (ବଲାଙ୍ଗୀର ଏବଂ ପୁରୀ) ଜିଲ୍ଲା ଧାନ ସଂଗ୍ରହରେ ବହୁତ ପଛରେ ଅଛନ୍ତି । ବିଜେଡି ସରକାର ସମୟରେ ୨୨ ଜାନୁଆରୀ



**ଛତିଶଗଡ଼ରେ ହୋଇସାରିଲାଣି ଧାର୍ଯ୍ୟ ଲକ୍ଷ୍ୟ ହାସଲ**

**ଓଡ଼ିଶାରେ ଏଯାଏଁ ୩୦ ପ୍ରତିଶତରୁ ଧାନ କିଣାରୁ ବଢୁନି**

୨୦୨୪ରେ କେନ୍ଦୁଝର ଜିଲ୍ଲାରେ ୮୬,୬୪୧ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଥିଲା । ବିଜେପି ସରକାର ସମୟରେ ୨୨ ଜାନୁଆରୀ ୨୦୨୫ରେ ଧାନ ସଂଗ୍ରହ ହ୍ରାସ ପାଇ ୮୦,୮୯୫ ମେଟ୍ରିକ୍ ଟନ୍ ହୋଇଥିଲା । ବିଜେପି ସରକାର ସମୟରେ ୨୨ ଜାନୁଆରୀ ୨୦୨୬ରେ ଧାନ ସଂଗ୍ରହ ଆହୁରି ହ୍ରାସ ପାଇ ମାତ୍ର ୫୦,୬୦୮ ମେଟ୍ରିକ୍ ଟନ୍ ହୋଇଥିଲା । ଏହା ଧାନ ସଂଗ୍ରହରେ ତଥାକଥିତ ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅପାରଗତାକୁ ସ୍ପଷ୍ଟ ଭାବରେ ପ୍ରତିଫଳିତ କରୁଛି ବୋଲି ଡଃ ମହାନ୍ତି କହିଛନ୍ତି । ସେହିପରି ବିଜେଡି ସରକାର ସମୟରେ ୨୨ ଜାନୁଆରୀ ୨୦୨୪ରେ ବଲାଙ୍ଗୀର ଜିଲ୍ଲାରେ ୩,୨୦,୮୭୦ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଥିଲା । ବିଜେପି ସରକାର ସମୟରେ ୨୨ ଜାନୁଆରୀ ୨୦୨୬ରେ ଧାନ ସଂଗ୍ରହ ହ୍ରାସ ପାଇ ମାତ୍ର ୨,୭୮,୮୨୯ ମେଟ୍ରିକ୍ ଟନ୍ ହୋଇଥିଲା । ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କେ ଭି ସିଂହଦେଓ କହୁଛନ୍ତି, ଚାଷୀମାନେ ନୌଟଙ୍କି କରୁଛନ୍ତି; କିନ୍ତୁ ତାଙ୍କ ନିଜ ଜିଲ୍ଲାରେ ଧାନ ସଂଗ୍ରହ ହେଉନାହିଁ । ସେହିପରି ବିଜେଡି ସରକାର ସମୟରେ ୨୨ ଜାନୁଆରୀ ୨୦୨୪ରେ ପୁରୀ ଜିଲ୍ଲାରେ ୨୧,୮୯୧ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଥିଲା । ବିଜେପି ସରକାର ସମୟରେ ୨୨ ଜାନୁଆରୀ ୨୦୨୫ରେ ଧାନ ସଂଗ୍ରହ ହ୍ରାସ ପାଇ ୧୧,୭୯୨ ମେଟ୍ରିକ୍ ଟନ୍ ହୋଇଥିଲା । ବିଜେପି ସରକାର ସମୟରେ ୨୨ ଜାନୁଆରୀ ୨୦୨୬ରେ ଧାନ ସଂଗ୍ରହ ହ୍ରାସ ପାଇ ମାତ୍ର ୭୯୭ ମେଟ୍ରିକ୍ ଟନ୍ ହୋଇଥିଲା ।

ଅପରପକ୍ଷରେ ଛତିଶଗଡ଼ ସରକାର ୮୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ଅବଧିର ବହୁ ପୂର୍ବରୁ ୧୨୩ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିସାରିଛନ୍ତି । ଛତିଶଗଡ଼ ସରକାର ୨୭୪୦ ଧାନ ମଣ୍ଡି ଖୋଲିଥିବା ବେଳେ ଓଡ଼ିଶା ସରକାର ୪୦୮୩ ବଦଳରେ ୨୭୭୨ଟି ମଣ୍ଡି ଖୋଲିଛନ୍ତି, ଯେଉଁଥିପାଇଁ ଧାନ ସଂଗ୍ରହ ଲକ୍ଷ୍ୟ ପୂରଣ ହୋଇପାରୁ ନାହିଁ ବୋଲି ଡଃ ମହାନ୍ତି ଦର୍ଶାଇଛନ୍ତି ।

# ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ; ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର,୨୩।୧(ସମିସ):** ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ କରିବା ଅଭିଯୋଗରେ ଗୋପାଳପୁର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି । ଅଭିଯୁକ୍ତ ଜଣକ ହେଲେ ଯାଜପୁର ଥାନା ଜେନାପୁର ବାଲିସାହି ଅଂଚଳର ବସନ୍ତ ମଲ୍ଲିକ(୨୧) ।

ସୂଚନାଯୋଗ୍ୟ ଯେ, ବ୍ରହ୍ମପୁରର ଜଣେ ୧୪ବର୍ଷିଆ ନାବାଳିକା ଗତ ଡିସେମ୍ବର ୨୮ ତାରିଖରେ ଗୋପାଳପୁର ପିଉସୀଙ୍କ ଘରକୁ ଆସିଥିଲା । ପରେ ପିଉସୀ ଓ ପିଉସା ବ୍ରହ୍ମପୁର ଯିବା ପାଇଁ ବସରେ ବସାଇଥିଲେ । କିନ୍ତୁ ନାବାଳିକା ଘରକୁ ଫେରି ନ ଥିବାରୁ ବହୁ ଖୋଜା ଖୋଜି ପରେ ଗୋପାଳପୁର ଥାନାରେ ୨୯ ତାରିଖରେ ଗୋସାଇ ମା' ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପ୍ରକାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପରେ ଅଭିଯୁକ୍ତ ଯାଜପୁର ଥାନା ଜେନାପୁର ବାଲିସାହି ଅଂଚଳର ବସନ୍ତ ମଲ୍ଲିକ ନାବାଳିକାକୁ ଅପହରଣ କରି ନେଇଥିବା କୌଣସି ସୂତ୍ରରୁ ପୁଲିସ ଖବର ପାଇଁ ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଏସ.ଆଇ ଭବାନୀ ଶଙ୍କର ନାୟକ, ଏଏସଆଇ ମେଘନାଦ ସାହୁ, ମହିଳା ପୁଲିସ ପଦ୍ମିନୀ ପାତ୍ର ଢେଙ୍କାନାଳ ଜିଲ୍ଲା ବିଧାରପୁର ଗ୍ରାମରୁ ଉଭୟଙ୍କୁ କାବୁ କରିଥିଲେ । ଆଜି ନାବାଳିକା ଓ ଅଭିଯୁକ୍ତର ଡାକ୍ତର ପରୀକ୍ଷା ହୋଇଥିଲା । ଏହାସହ ପିଡିତାଙ୍କ ବୟାନ ରେକର୍ଡ ମଧ୍ୟ ହୋଇଥିବା ପୁଲିସ କହିଛି ।

# ମାଛ ଜାଲରେ ଛନ୍ଦିହୋଇ ଫସିଲା ହାତୀଛୁଆ

ପାଲଲହଡ଼ା, ୨୩।୧(ସମିସ)



ଦେବଗଡ଼ ବନଖଣ୍ଡ ଅନ୍ତର୍ଗତ ଅନୁଗୋଳ ଜିଲ୍ଲା ପାଲଲହଡ଼ା ବନାଞ୍ଚଳ ହରିପୁର ଗାଁ ନିକଟ ରେଙ୍ଗାଳି ନଦୀ ବନ୍ଧରେ ମାଛ ଧରିବା ପାଇଁ ବିଛାଯାଇଥିବା ଜାଲରେ ଛନ୍ଦିହୋଇ ଏକ ହାତୀଛୁଆ ପାଣିରେ ଫସିଯାଇଥିଲା। ଦୀର୍ଘ ୧୨ ଘଣ୍ଟା କସରତ ପରେ ବନ ବିଭାଗ ହାତୀଛୁଆକୁ ଉଦ୍ଧାର କରିଥିଲା। ତେବେ ହାତୀପଲ ବର୍ତ୍ତମାନ ଯାଏଁ ଉକ୍ତ ଛୁଆକୁ ଗ୍ରହଣ କରିନାହାନ୍ତି।

ଦୀର୍ଘଦିନ ହେବ ୧୧ଟିକିଆ ହାତୀପଲ ଚଷାଗୁରୁଜାଙ୍ଗ ଓ ପବିତ୍ରପୁର ପଞ୍ଚାୟତର ବିଭିନ୍ନ ଗାଁରେ ବ୍ୟାପକ କ୍ଷୟକ୍ଷତି କରୁଥିଲେ। ଗୁରୁବାର ସନ୍ଧ୍ୟାରେ ପବିତ୍ରପୁର ପଞ୍ଚାୟତ ପଟୁ ନଦୀ ପାର ହୋଇ ହାତୀପଲ ଚଷାଗୁରୁଜାଙ୍ଗ ଯାଉଥିବା ବେଳେ ଛୁଆ ହାତୀଟି ମାଛ ଜାଲରେ ଛନ୍ଦିହୋଇ ଫସିଯାଇଥିଲା। ସ୍ଥାନୀୟ ଲୋକେ ଏ ନେଇ ତୁରନ୍ତ ପାଲଲହଡ଼ା ବନ ବିଭାଗକୁ ସୂଚନା ଦେଇଥିଲା। ତେବେ ବନବିଭାଗ କେବଳ ବିଦ୍ୟୁତ କାଟ୍ କରି ରହିଯାଇଥିଲା। ଶୁକ୍ରବାର ସକାଳେ ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ହାତୀଛୁଆକୁ ଉଦ୍ଧାର କରି ମା' ହାତୀ ପାଖରେ ଛାଡ଼ିବାକୁ ଚେଷ୍ଟା କରିଥିଲେ ମଧ୍ୟ ଖବର ଲେଖାଯିବା ପର୍ଯ୍ୟନ୍ତ ହାତୀପଲ ତାକୁ ଗ୍ରହଣ କରିନାହାନ୍ତି। ୨୪ ଘଣ୍ଟା ମଧ୍ୟରେ ଛୁଆକୁ ଗ୍ରହଣ ନ କଲେ ଡିଏଫଓ କର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

- ୧୨ ଘଣ୍ଟା ପରେ ଉଦ୍ଧାର କଲା ବନ ବିଭାଗ
- ଗ୍ରହଣ କରିନାହାନ୍ତି ହାତୀପଲ

● ଡେରଙ୍ଗ ପଞ୍ଚାୟତବାସୀଙ୍କ ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ

# ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଭୂମିପୂଜନ

କଣିହାଁ, ୨୩।୧(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ନିର୍ବାଚନ ମଣ୍ଡଳୀ କଣିହାଁ ବ୍ଲକ ଡେରେଙ୍ଗ ପଞ୍ଚାୟତରେ ଗୁରୁବାର ପୂର୍ବାହ୍ନରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ବିଡିଓ ତ୍ରିବିକ୍ରମ କୁମାର, ଏନଟିପିସି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେଏନ ରେଡ୍ଡୀ, ଏଜିଏମ (ଏଚ ଆର) ନବନୀତ କୁମାର ରାଣା, କଣିହାଁ ଥାନା ଆଇଆଇସି ରମଣୀ ରଞ୍ଜନ ଦଳେଇ, ଡେରେଙ୍ଗ ସରପଞ୍ଚ ସଞ୍ଜୁକ୍ତା ବେହେରା, ସମିତି ସଭ୍ୟ ସନ୍ତୋଷ କୁମାର ନାଏକ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ



ତ୍ରିପୁରାରି ପ୍ରଧାନ, ବିଜେପି ରେଙ୍ଗାଳି ମଣ୍ଡଳ ସଭାପତି ହରେକୃଷ୍ଣ ପ୍ରଧାନ, ଡେରେଙ୍ଗ ପଞ୍ଚାୟତ ସଭାପତି ସୁମନ୍ତ ମହାନ୍ତି, ବରିଷ୍ଠ କାର୍ଯ୍ୟକର୍ତ୍ତା ବିଚ୍ଛନ୍ଦ ଚରଣ ସାହୁ, ବରିଷ୍ଠ ସାମ୍ବାଦିକ ଟୁନା ସାହୁ, ଟିକନ ମହାନ୍ତି, ପବିତ୍ର ମୋହନ ସାହୁ, ସୁରେଶ ସାହୁ, ଅନିଲ ସାହୁ, ପଳଉ ସାମଲ, ଝୁନା ସାହୁ, ଲିପୁ ପ୍ରଧାନ, କାନ୍ଦର୍ପ ବେହେରାଙ୍କ ସମେତ ବିଭିନ୍ନ ଗ୍ରାମର ସଭାପତି, ସମ୍ପାଦକ ଓ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ହାତୀ ଉପଦ୍ରବ; ଗ୍ରାମବାସୀ ଆତଙ୍କିତ

● ଫସଲ କ୍ଷତି; ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଉଛି

ଛେଣ୍ଡିପଦା, ୨୩।୧(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳ ଟାଙ୍ଗିରି ପଞ୍ଚାୟତ ପୁରୁଣାଗଡ଼ ଗ୍ରାମରେ ହାତୀ ଉପଦ୍ରବ ଯୋଗୁଁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ହାତୀପଲ ବ୍ୟାପକ ଫସଲ ନଷ୍ଟ କରି ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଉଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ହାତୀପଲ ଚାଷଜମିରେ ପଶି ଚାଷୀଙ୍କ ସୁନାର ଫସଲକୁ ଦଳିଚକଟି ଉଜାଡ଼ି ଦେଇଛନ୍ତି। ଗତ ୯ ତାରିଖ ହାତୀପଲ ଗାଁକୁ ଆସି ଏକର ଏକର ପରିବା ଚାଷ ନଷ୍ଟ କରିଥିବା ବେଳେ ଗୁରୁବାର ରାତିରେ ପୁରୁଣାଗଡ଼ ଗାଁ ବିରପାଳରେ ୧୮ଟିକିଆ ହାତୀପଲ



ପଶି ବ୍ୟାପକ କଦଳୀ, କୋବି, ଲଙ୍କା, ଆଳୁ ଆଦି ଫସଲ ନଷ୍ଟ କରିଛନ୍ତି। ନିଜ ଫସଲକୁ ସୁରକ୍ଷା ଦେବା ପାଇଁ ଚାଷୀମାନେ ରାତିସାରା ମେଳି ହୋଇ ହାତୀପଲକୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ତଥାପି ହାତୀପଲ ବ୍ୟାପକ ଫସଲ ନଷ୍ଟ କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ସହ ହାତୀ ଦାଉରୁ ଫସଲକୁ ସୁରକ୍ଷା ଦେବାକୁ ବନ ବିଭାଗ ତ୍ୱରିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଅଣନିଃଶ୍ୱାସୀ ହୋଇ ଯୁବକ ମୃତ

କଣିହାଁ, ୨୩।୧(ସମିସ): ରାତିରେ ଘରେ ଶୋଇଥିବା ସମୟରେ ଅଣନିଃଶ୍ୱାସୀ ହୋଇ କଣିହାଁ ବ୍ଲକ କମରେଇ ପଞ୍ଚାୟତ ତେଲିସିଂହା ଗ୍ରାମର ଈଶ୍ୱର ନାଏକ (୪୦)ଙ୍କ ମୃତ୍ୟୁ ହୋଇଛି। ଗୁରୁବାର ରାତିରେ ଈଶ୍ୱର ଘରେ ଶୋଇଥିବା ବେଳେ ସକାଳେ ଆଉ ଉଠି ନ ଥିଲେ। ପରିବାର ଲୋକେ ତାଙ୍କୁ ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥାରେ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଈଶ୍ୱରଙ୍କ ପୁଅ କଣିହାଁ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ସୂଚନା ଦେଇଛି।

## ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ



କିଶୋରନଗର, ୨୩।୧(ସମିସ): କିଶୋରନଗର ବ୍ଲକ ବାମୁର ଆରଏମସି ବିଲ୍ଡିଂରେ କିଶୋରନଗର ହାଇସ୍କୁଲ ୧୯୮୨ ମ୍ୟାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବୈଠକ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପୁରାତନ ଛାତ୍ର ଇଂ ଆଲୋକ ମିଶ୍ର, ଟିକି ପ୍ରଧାନ, ସତ୍ୟାନନ୍ଦ ପ୍ରଧାନ, ଦିଲୀପ ଦେହୁରୀ, ନରୋତ୍ତମ ସାହୁ, ସୁଶାନ୍ତ ପ୍ରଧାନ, ବିସ୍ମୟ ଦେହୁରୀ, ପ୍ରଦେଶ ସିଂହ, ଟିକି ପ୍ରଧାନ, ଗଗନ ସାହୁ ପୁରାତନ ଛାତ୍ରୀ ସୁଭାଷିନୀ ଷଡ଼ଙ୍ଗୀ, ତରଙ୍ଗିଣୀ ଦାଶ, ସତ୍ୟଲତା ପ୍ରଧାନ, ବିଜୟିନୀ ସାହୁ, କୌଶଲ୍ୟା ମେହେର, ରୀନାବାଇ ରାଠୋର ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହ ଛାତ୍ର ଜୀବନର ଅନୁଭୂତିକୁ ମନେ ପକାଇଥିଲେ।

## ୨୩ତମ ତାଳଚେର ପୁସ୍ତକ ମେଳା ଉଦଘାଟିତ

ତାଳଚେର, ୨୩।୧(ସମିସ): ୨୩ତମ ତାଳଚେର ପୁସ୍ତକ ମେଳା-୨୦୨୬ ଶୁକ୍ରବାର ସ୍ଥାନୀୟ ଦେଉଳବେଡ଼ା ଦୁର୍ଗା ମଣ୍ଡପ ପରିସରରେ ଉଦଘାଟିତ ହୋଇଛି। ଉଦଘାଟକ ଭାବେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି




ଯୋଗଦେଇଥିଲେ। ଏହି ପୁସ୍ତକ ମେଳା କ୍ରମାଗତ ଭାବେ ଲୋକଙ୍କ ମନକୁ ଛୁଇଁ ଦୀର୍ଘ ୨୩ ବର୍ଷରେ ପହଞ୍ଚିପାରିଛି, ଏହା କିଛି କମ୍ କଥା ନୁହେଁ ବୋଲି ଅତିଥିମାନେ କହିଥିଲେ। ଏଥିପାଇଁ ଆୟୋଜକ କମିଟି କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ, ପ୍ରକାଶକ ତଥା ନ୍ୟସନାଲ ବୁକ୍ ଟ୍ରଷ୍ଟର ପୂର୍ବତନ ନିର୍ଦ୍ଦେଶକ ମାନସ ରଞ୍ଜନ ମହାପାତ୍ର ଯୋଗଦେଇ ମଣିଷ ଜୀବନରେ ପୁସ୍ତକର କିପରି ଆବଶ୍ୟକତା ରହିଛି ଏବଂ ଏହା ଯୁଗେ ଯୁଗେ ମଧ୍ୟ ରହିବ ବୋଲି କହିଥିଲେ। ପୁସ୍ତକ ମେଳା ପାଠକ ଓ ପୁସ୍ତକ ମଧ୍ୟରେ ସେତୁ ହୋଇପାରୁଛି ବୋଲି ପ୍ରକାଶ କରିଥିଲେ। ପୁସ୍ତକ ମେଳା କମିଟି ସଭାପତି ତଥା ଉପଜିଲ୍ଲାପାଳ ସମୀର କୁମାର ଜେନାଙ୍କ ଅନୁପସ୍ଥିତିରେ ଉପସଭାପତି ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ସଧାରଣ ସମ୍ପାଦକ ଦେବୀ ମିଶ୍ର ବିବରଣୀ ପାଠ କରିଥିବା ବେଳେ ଅନ୍ୟତମ ଉପସଭାପତି ଡ. ରଶ୍ମିରଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଯୁଗ୍ମ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ବିରଜା ଶଙ୍କର ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅଞ୍ଚଳ କୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତିବର୍ଷ ଏହି ପୁସ୍ତକ ମେଳା ଜାନୁଆରୀ ୨୩ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଆସୁଛି। ଶତାଧିକ ଷ୍ଟଲ୍‌ରେ ରାଜ୍ୟର ଜଣାଶୁଣା ପୁସ୍ତକ ବିକ୍ରେତା, ପ୍ରକାଶକମାନେ ସେମାନଙ୍କ ବ୍ୟବସାୟ କରିଥାନ୍ତି। ପ୍ରତିଦିନ ଏହି ପୁସ୍ତକ ମେଳାରେ ନାମକରା କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ମା' ବାସନ୍ତୀ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ



ଅନୁଗୋଳ, ୨୩।୧(ସମିସ): ହେମସୁରପଡ଼ା ମହାଦେବ ମନ୍ଦିର ପରିସରରେ ଅମଲାପଡ଼ା ମା' ବାସନ୍ତୀ ଦୁର୍ଗାପୂଜା କମିଟିର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କମିଟି ସଭାପତି ଶକ୍ତିପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବବର୍ଷର ଆୟବ୍ୟୟ ବିବରଣୀ ପ୍ରଦାନ ସହ ଚଳିତ ବର୍ଷ ପୂଜାକୁ କିଭଳି ସରସସୁନ୍ଦର ଓ ଆକର୍ଷଣୀୟ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଚଳିତ ବର୍ଷ ମାର୍ଚ୍ଚ ୨୪ରୁ ପୂଜା ଆରମ୍ଭ ହେବ। ବାସନ୍ତୀ ଦୁର୍ଗାପୂଜା ପଡ଼ିଆର ଉନ୍ନତି ପାଇଁ ସରକାର ୧ କୋଟି ୫ ଲକ୍ଷ ଟଙ୍କା ମଞ୍ଜୁର କରିଥିବାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ରୁଦ୍ରନାରାୟଣ ପାଣି, ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲ୍ଲାପାଳ ଅବ୍ଦାଲ୍ ଏମ ଅଖତାର ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀଙ୍କୁ କମିଟି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ବୈଠକରେ କମିଟି ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦେବତା, ଉପସଭାପତି ଯତୀନ ସେଠୀ, କୋଷାଧ୍ୟକ୍ଷ ରଶ୍ମିରଞ୍ଜନ ପ୍ରଧାନଙ୍କ ସମେତ ଶୁଭେନ୍ଦୁ ପ୍ରଧାନ, ଗୁଲୁ ମହାନ୍ତି, ଗୁରୁଦେବ ସାହୁ, ସୁଜି ବେହେରା, ଜୟ ପଟ୍ଟନାୟକ, ଅମ୍ବିକା ଦେବତା, ଗିରିଜା ପଟ୍ଟନାୟକ, ମନୋଜ ପ୍ରଧାନ, ରିତେଶ ଦଳବେହେରା, ଅନିଲ ପଟ୍ଟନାୟକ, ପ୍ରତାପ ମାଝୀ, ଦିଲୀପ ପ୍ରଧାନ ଓ ବିଜୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ପାଣିରେ ବୁଡ଼ି ଯୁବକ ମୃତ

ପବିତ୍ରନଗର, ୨୩।୧(ସମିସ): କଣିହାଁ ବ୍ଲକ ସମଲ ଥାନା ଶିପୁର ଗ୍ରାମରେ ଶୁକ୍ରବାର ଅପରାହ୍ନରେ ପାଣିରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସେହି ଗ୍ରାମର ଗୌତମ ପଲେଇ (୨୮)। ଅପରାହ୍ନରେ ସେ ଗ୍ରାମ ନିକଟ ନାଳରେ ଗାଧୋଇବା ବେଳେ ପାଣିରେ ବୁଡ଼ିଯାଇଥିଲେ। ଆଖପାଖରେ ଥିବା ଲୋକେ କଣିହାଁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀର ହାବିଲଦାର ସୁଜିତ କୁମାର ମିଶ୍ର, ବିକ୍ରମ ସାହୁ, ଅନିଲ ତରାଇ, ସୁବ୍ରତ ପ୍ରଧାନ, ତ୍ରିନାଥ ସାମଲ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ସେତେବେଳକୁ ତାଙ୍କ ମୃତ୍ୟୁ ହୋଇସାରିଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

## ସ୍ଲୋଗାନ ପ୍ରତିଯୋଗିତାରେ ଅନୁପମା ତୃତୀୟ



କିଶୋରନଗର, ୨୩।୧(ସମିସ): ନିର୍ବାଚନ ଆୟୋଗ ପକ୍ଷରୁ ମତଦାତା ସଚେତନତା ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସ୍ଲୋଗାନ ପ୍ରତିଯୋଗିତାରେ ଠାକୁରଗଡ଼ ସ୍ନାତକ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଛାତ୍ରୀ ଅନୁପମା ସାହୁ ରାଜ୍ୟ ସ୍ତରରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଆସନ୍ତା୨୫ ତାରିଖ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଜାତୀୟ ମତଦାତା ଦିବସରେ ତାଙ୍କୁ ପୁରସ୍କୃତ କରାଯିବ। ଅଧ୍ୟାପକ ସରୋଜ ଦାଶ ଓ ସ୍ୱାଧୀନ ବେହେରାଙ୍କ ତତ୍ତ୍ୱାବଧାନରେ ସେ ଅଂଶଗ୍ରହଣ କରିଥିଲେ। ଏହି ସଫଳତା ପାଇଁ ମହାବିଦ୍ୟାଳୟ ଅଧ୍ୟକ୍ଷ, ଅଧ୍ୟାପିକା ଅଧ୍ୟାପକମାନେ ଅନୁପମାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଏନଟିପିସି ଥାନାରେ ନୂତନ ଆଇଆଇସି



କଣିହାଁ, ୨୩।୧(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଏନଟିପିସି ଟାଉନ ଥାନାରେ ନୂତନ ଭାରପ୍ରାପ୍ତ ଅଧିକାରିଣୀ ସଞ୍ଜୁକ୍ତା ଖିଲାର ବୁଧବାର ଯୋଗଦାନ କରିଛନ୍ତି। ପୂର୍ବରୁ ଖିଲାର ଅନୁଗୋଳ ଆଦର୍ଶ ଥାନାରେ ଅତିରିକ୍ତ ଭାରପ୍ରାପ୍ତ ଅଧିକାରିଣୀ ଭାବେ କାର୍ଯ୍ୟ କରୁଥିଲେ। ବୁଧବାର ଏନଟିପିସି ଥାନା ଆଇଆଇସି ସନ୍ତୋଷ କୁମାର ସେଠୀଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅଞ୍ଚଳରେ ଆଇନଶୃଙ୍ଖଳା ବଜାୟ ରଖିବା ନିଶା କାରବାର ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମହିଳା ଶିଶୁ, ଅସହାୟ ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି ଆଇଆଇସି ଖିଲାର ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## କିଟ୍ କେୟାର୍ସ ପକ୍ଷରୁ କୁଇଜ୍ ପ୍ରତିଯୋଗିତା

ଅନୁଗୋଳ, ୨୩।୧(ସମିସ): କିଟ୍ ୟୁନିଭର୍ସିଟିର କିଟ୍ କେୟାର୍ସ ପକ୍ଷରୁ ସ୍ଥାନୀୟ ରୋଟାରି ପବ୍ଲିକ ସ୍କୁଲରେ କ୍ୱିଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ସ୍କୁଲର ୧୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶ୍ରେୟାଶ୍ରୀ ଦେହୁରୀ ପ୍ରଥମ, ମଧୁସ୍ମିତା ପଣ୍ଡା ଦ୍ୱିତୀୟ ଓ ଦୀପ୍ତି ପ୍ରିୟଦର୍ଶିନୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। କିଟ୍‌ର ପ୍ରଫେସର ଅଲିଭା ରାଣୀ



ମହାପାତ୍ର, ଅଜୟ ସାହୁ ପ୍ରତିଯୋଗିତା ପରିଚାଳନା କରିଥିଲେ। ସ୍କୁଲ ଅଧ୍ୟକ୍ଷ ଡ. ଅଶୋକ ବେହେରା ସହଯୋଗ କରିଥିଲେ। ସେହିଭଳି ମହିମାଜ୍ୟୋତି କଲେଜରେ ମଧ୍ୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ବିଷ୍ଣୁପ୍ରିୟା ନହରା ପ୍ରଥମ, ପ୍ରତ୍ୟାଶା ପ୍ରଧାନ ଦ୍ୱିତୀୟ ଓ ବିଶ୍ୱ ପ୍ରଜ୍ଞାଶିନୀ ଦେହୁରି ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କଲେଜ ଅଧ୍ୟକ୍ଷ ସତ୍ୟବ୍ରତ ଗଡ଼ନାୟକ ଓ ସମ୍ପାଦକ ସନ୍ତୋଷ ଦେହୁରୀଙ୍କୁ କିଟ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କିଟ୍ ପ୍ରଫେସର ସମିତାରାଣୀ ପାଣି ଓ ଗୀତାଞ୍ଜଳି ଦେଇ କୁଇଜ ପ୍ରତିଯୋଗିତା ପରିଚାଳନା କରାଇଥିଲେ। ବରିଷ୍ଠ ସାମ୍ବାଦିକ ମାନସ ରଞ୍ଜନ ମିଶ୍ର ଉପସ୍ଥିତ ଥିଲେ।

# ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ଜୟନ୍ତୀ ପାଳିତ










ଅନୁଗୋଳ, ୨୩।୧(ସମିସ)

ସ୍ୱାଧୀନତା ଆନ୍ଦୋଳନର ମହାନ ନେତା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜୟନ୍ତୀ ଉପଲକ୍ଷେ ଯୁବ ସଂଗଠନ ଡିୱାଇଓ ଜରପଡ଼ା ଆଞ୍ଚଳିକ କମିଟି ପକ୍ଷରୁ ଅନ୍ଧୁଲିଆ ଛକରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଆଞ୍ଚଳିକ କମିଟି ସଂଗଠକ ଦୁଃଖବନ୍ଧୁ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡିୱାଇଓ ଜିଲ୍ଲା ସଭାପତି ନିରଞ୍ଜନ ନାୟକ ଏବଂ ଚାଷୀନେତା ରଣଜିତ ପ୍ରଧାନ ବକ୍ତବ୍ୟ ରଖି ନେତାଜୀଙ୍କ ଜୀବନ ସଂଗ୍ରାମରୁ ଶିକ୍ଷାନେଇ ଛାତ୍ର ଯୁବକମାନେ ସମାଜର ଅନ୍ୟାୟ, ଶୋଷଣ, ସାମ୍ପ୍ରଦାୟିକ ଚିନ୍ତାଧାରା ବିରୋଧରେ ଲଢ଼େଇ କରିବା ସହ ଏକ ଶୋଷଣହୀନ ସମାଜ ପ୍ରତିଷ୍ଠା ପାଇଁ ଦାୟିତ୍ୱବାନ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜନ ବେହେରା, ରାଜେନ୍ଦ୍ର ପ୍ରଧାନ, ରଶ୍ମିରଞ୍ଜନ ପ୍ରଧାନ, ଅନ୍ଧୁଲିଆ ବଜାର କମିଟି ସମ୍ପାଦକ ଦେବେନ୍ଦ୍ର ସାହୁ, ରମେଶ ପ୍ରଧାନ, ରାକେଶ ପ୍ରଧାନଙ୍କ ସମେତ ବହୁ ଛାତ୍ରଛାତ୍ରୀ ଓ ଯୁବକ ଉପସ୍ଥିତ ଥିଲେ।

**କିଶୋରନଗର:** ଜୀବନଜୀବିକା ଓ କୃଷିଜମି ସୁରକ୍ଷା କମିଟି ପକ୍ଷରୁ କିଶୋରନଗର ବ୍ଲକ ଜଏରାଟଠାରେ ମହାନ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଛି। କମିଟିର ସାଂଗଠନିକ ସମ୍ପାଦକ ରମଣୀ ରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରବୀନ୍ଦ୍ର ସାହୁ, ରମେଶ ଲୁହା, ରବିନାରାୟଣ ବାରିକ, ସୁରୁଚି ପ୍ରଧାନ, ରେଶ୍ମା ପ୍ରଧାନ ପ୍ରମୁଖ ଯୋଗଦେଇ ନେତାଜୀଙ୍କ ମହାନ ଦେଶପ୍ରେମ, ଆପୋସହୀନ ସଂଗ୍ରାମ, ଆତ୍ମବଳିଦାନ ସମ୍ପର୍କରେ ଆଲୋଚନା କରିଥିଲେ। ନେତାଜୀଙ୍କ ଜୀବନ ସଂଗ୍ରାମରୁ ଶିକ୍ଷା ଗ୍ରହଣ କରି ବର୍ତ୍ତମାନ ସମାଜର ସମସ୍ତ ପ୍ରକାର ଅନ୍ୟାୟ ଅତ୍ୟାଚାର ବିରୋଧରେ ଲଢ଼େଇ ପାଇଁ ଆଗେଇ ଆସିବା ହିଁ ତାଙ୍କପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ପ୍ରକାଶ କରିଥିଲେ।

**କିଶୋରନଗର:** ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଆମ୍ବସରମୁଣ୍ଡାସ୍ଥିତ ଗୋଁଣ୍ଡୱାନା ଭବନ ପରିସରରେ ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ କରାଯାଇଛି। ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ବିଡିଓ ଟିଂଟସ୍ ମହାନନ୍ଦିଆ, ଜିଲ୍ଲା ପରିଷଦ ସଭ୍ୟ ଯୁଧିଷ୍ଠିର ସିଂହ ଓ ଗୋଁଣ୍ଡୱାନା ମହାସଚିବ ପ୍ୟାରୀମୋହନ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

ପ୍ରାରମ୍ଭରେ ଗୋଁଣ୍ଡୱାନା ଭବନ ପରିସରରେ ସ୍ଥାପିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଆୟୋଜିତ ସାଧାରଣ ସଭାରେ ବକ୍ତାମାନେ ବୀର ସୁରେନ୍ଦ୍ର ସାଏଙ୍କ ବୀରତ୍ୱ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଅଦମ୍ୟ ଦେଶଭକ୍ତି, ତ୍ୟାଗ ଓ ସଂଘର୍ଷମୟ ଜୀବନକୁ ସ୍ମରଣ କରି ତାଙ୍କ ଆଦର୍ଶକୁ ଅନୁସରଣ କରିବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଜଣାଇଥିଲେ। ସ୍କୁଲ ଛାତ୍ରଛାତ୍ରୀ ଓ କୁନି କୁନି ପିଲାମାନେ ଦେଶାତ୍ମବୋଧକ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ।

**ତାଳଚେର:** ତାଳଚେର ହାଟତୋଟାସ୍ଥିତ ମ୍ୟୁନିସିପାଲିଟି ମାର୍କେଟ୍‌ରେ ତାଳଚେର ପରିବେଶ ସୁରକ୍ଷା ସମିତି ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଛି। ସମିତି ଆବାହକ ପଦ୍ମଚରଣ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ତାଳଚେର ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଶୋଭାଗିନୀ ଦେବୀ, ଅଲ୍ ଇଣ୍ଡିଆ ଡିୱାଇଓ ଅନୁଗୋଳ ଜିଲ୍ଲା ସମ୍ପାଦକ କୈଳାସ ଚନ୍ଦ୍ର ସାହୁ, ସମାଜସେବୀ ସୁକାନ୍ତ ଦାସ, ପୂର୍ବତନ ସମିତି ସଭ୍ୟ ବିନୋଦ ଲାଲ୍, ପରିବେଶବିତ୍ ପ୍ରେମାନନ୍ଦ ମହାନ୍ତି,




ବାଉରୀବନ୍ଧୁ ବେଜ, ମ୍ୟୁନିସିପାଲିଟି କମ୍ପେ୍ଲକ୍ସ ବ୍ୟବସାୟୀ ସଂଘର ବରିଷ୍ଠ ସଭ୍ୟ ମାନସ ରଞ୍ଜନ ବେହେରା, ଦେବରାଜ ଜୈନ, ରିପୁନ୍ ସାହୁ, ଅଶୋକ ଶର୍ମା, ମାନସ ସାହୁ ଓ ହେମନ୍ତ ସାହୁ ପ୍ରମୁଖ ଯୋଗଦେଇ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଆବାହକ ପଦ୍ମଚରଣ ସାମଲ ତାଳଚେର ଅଞ୍ଚଳର ଜନସାଧାରଣଙ୍କୁ ପ୍ରଦୂଷଣର ବିଷ ବଳୟରୁ ରକ୍ଷା ପାଇଁ ଆଗେଇ ଆସିବାକୁ ନିବେଦନ କରିଥିଲେ।

● ତୁଳସୀ କ୍ଷେତ୍ରରେ ପବିତ୍ର ବସନ୍ତ ପଞ୍ଚମୀ ନୀତି ସମ୍ପନ୍ନ

# କାଞ୍ଚି କାବେରୀ ବେଶରେ ପ୍ରଭୁ ବଳଦେବଜୀଉ



କେନ୍ଦ୍ରାପଡ଼ା,୨୩ା୧(ସମିସ):ପବିତ୍ର ଶ୍ରୀପଞ୍ଚମୀ ଅବସରରେ ତୁଳସୀ କ୍ଷେତ୍ରର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉଙ୍କର ଅପୂର୍ବ କାଞ୍ଚି କାବେରୀ ବେଶ ଆଜି ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଛି। ପ୍ରତ୍ୟୁଷରୁ ଦ୍ୱାର ଉନ୍ମୁକ୍ତ ପରେ ଜୟମଙ୍ଗଳା ଆଳତୀ, ବଲ୍ଲଭ ଓ ସକାଳ ଧୂପ ସମ୍ପନ୍ନ ହୋଇ ଶ୍ରୀଜୀଉଙ୍କ ବସନ୍ତ ନୀତି ଆରମ୍ଭ ହୋଇଥିଲା। ରତ୍ନ ସିଂହାସନରେ ପୂଜାପଣ୍ଡାଙ୍କ ଦ୍ୱାରା ଶ୍ରୀଜୀଉଙ୍କୁ ଶୁକ୍ଳ ଧୋତି ଓ ମଉଳି ପିନ୍ଧାଇ ଅଭିର ଲାଗି, ଘଟ ସ୍ଥାପନ, କଳସ ପୂଜା, ମଙ୍ଗଳା ଅର୍ପଣ ଓ ଚଣାଖଜା ଭୋଗ ଲାଗି କରାଯାଇ ବସନ୍ତ ନୀତି ସମ୍ପନ୍ନ ହୋଇଥିଲା। ଆଜିଠାରୁ ମହାପ୍ରଭୁ ଶୀତବସ୍ତ୍ର ପରିତ୍ୟାଗ କରି ଝିନ୍ନ ବସ୍ତ୍ର ଧାରଣ କରିଥିବା ନୀତି ମଧ୍ୟ କରାଯାଇଥିଲା। ସନ୍ଧ୍ୟା ନୀତି ପରେ କାଞ୍ଚି କାବେରୀ ବେଶ ଅନୁଷ୍ଠିତ ହୋଇ ମହାପ୍ରଭୁଙ୍କ ପାଖରେ ମଉଳି ମଣ୍ଡଳ, ବାହୁଟରଣ ଘୋଡ଼ା ଲାଗି କରାଯାଇଥିଲା। ଜଗନ୍ନାଥଙ୍କ ପାଖରେ ମଉଳି ମଣ୍ଡଳ, ପାଟ ଲୁଗା, ବାହୁଟରଣ ଘୋଡ଼ା ସହ ପ୍ରତୀକାତ୍ମକ ଭାବେ ମସ୍ତକରେ ଦହି ହାଣ୍ଡି ଅପୂର୍ବ ଶୋଭା ବଢ଼ାଇଥିଲା। ଏହି ବେଶ ଦର୍ଶନ ପାଇଁ ମନ୍ଦିର ପରିସରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

# ପଞ୍ଚୁପାଣ୍ଡବ-ସଦାନନ୍ଦପୁର ରାସ୍ତା ବେହାଲ

## ଦୁଇବର୍ଷ ଧରି ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାବାସୀ ହନ୍ତସନ୍ତ

ପଞ୍ଚୁପାଣ୍ଡବ,୨୩ା୧(ସମିସ)



ଚଣ୍ଡିଖୋଲ-ପାରାଦୀପ ୫୩ନଂ ଜାତୀୟ ରାଜପଥରର ପଞ୍ଚୁପାଣ୍ଡବ ଛକଠାରୁ ଡେରାବିଶ ବ୍ଲକ୍ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଛକ ପର୍ଯ୍ୟନ୍ତ ରାସ୍ତା ଦୀର୍ଘଦିନ ହେଲା ଅଧାପନ୍ତରିଆ ହୋଇ ପଡ଼ିରହିଛି। ଏହି ରାସ୍ତାର ତିନି ଭାଗ ପିଚୁ କାମ ହୋଇଥିଲେ ସୁଦ୍ଧା ଭାଗେ ପ୍ରାୟ ଦୁଇବର୍ଷ ପୂରିଲା, କିନ୍ତୁ କାମ ସମ୍ପୂର୍ଣ୍ଣ ହୋଇପାରିଲାନାହିଁ। ଏଥିପ୍ରତି ସରକାର ହେଉ କି ପ୍ରଶାସନ ଅଧିକାରୀଙ୍କ ଅବହେଳା ଯୋଗୁଁ କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାର ଲୋକେ ହଇରାଣ ହରକତ ହେଉଥିବା ଅଭିଯୋଗ ହେଉଛି।

ସୂଚନା ମୁତାବକ, ଦୁଇବର୍ଷ ହେବ ପଞ୍ଚୁପାଣ୍ଡବ ଛକଠାରୁ ବଡ଼ଚଣା ବ୍ଲକ ପଣସୁଧା ଗ୍ରାମ ପର୍ଯ୍ୟନ୍ତ ଅଧୁରା ପିଚୁ କାମ ହୋଇ ପଡ଼ିରହିଥିଲା। ପୁଣି କିଛି ମାସ ପରେ ପଣସୁଧାରୁ ବଡ଼ଚଣା ବ୍ଲକ ଭରତପୁର ପଞ୍ଚାୟତ ମାତାମଠ ଛକ ପର୍ଯ୍ୟନ୍ତ ପିଚୁ ରାସ୍ତା କାମ ହୋଇଥିବା ଦେଖିବାକୁ ମିଳିଥିଲା। କିନ୍ତୁ ମାତାମଠ ଛକଠାରୁ ସଦାନନ୍ଦପୁର ଛକ ପର୍ଯ୍ୟନ୍ତ ପ୍ରାୟଦେଢ଼ କିମି ରାସ୍ତା ଖଣ୍ଡିଆ ଖାବରା ହୋଇ ପଡ଼ିରହିଥିବା ଦେଖିବାକୁ ମିଳୁଛି। ରାସ୍ତା ମରଣଯନ୍ତା ପାଲଟିଥିବାବେଳେ ମେଟାଲ ଉଠି ଏଣେତେଣେ ପଡ଼ି ରହିଥିବା ଦେଖିବାକୁ ମିଳୁଛି। ଏହି ରାସ୍ତା ଯାଜପୁର ଓ କେନ୍ଦ୍ରାପଡ଼ା ଦୁଇ ଜିଲ୍ଲା ଅଧୀନରେ ରହିଥିବାରୁ ଦୁଇ ଜିଲ୍ଲାର ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇ ପାରୁ ନ ଥିବା ଅଭିଯୋଗ ହେଉଛି। ସରକାରଙ୍କୁ ଦୁଇବର୍ଷ ପୂରିଲା କିନ୍ତୁ ରାସ୍ତାକାମ ହୋଇପାରିଲାନାହିଁ। ରାସ୍ତାରେ ଲୋକମାନେ ଯାତାୟାତରେ ଅସୁବିଧା ଭୋଗୁଥିବା ଅଭିଯୋଗ ହେଉଛି। ଏହି ରାସ୍ତା ଦେଇ ବିଭିନ୍ନ ସ୍କୁଲ କଲେଜ, ଡାକ୍ତରଖାନାକୁ ବିଭିନ୍ନ ପ୍ରକାରର ଗାଡ଼ି ଚଳାଚଳ କରୁଥିବାବେଳେ ଦୁଇରୁ ତିନୋଟି ବସ୍ କଟକ ଓ ଭୁବନେଶ୍ୱର୍ ଚଳାଚଳ କରୁଛି। ଏ ସମ୍ପର୍କରେ ଆରଡି ବିଭାଗ ଏଇ ଶୈଳେନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ ଏ ରାସ୍ତା କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲା ଅଧୀନରେ ଥିଲା। ଏବେ ଯାଜପୁର ଜିଲ୍ଲା ଅଧୀନରେ ରହିଛି। ଆମର କିଛି ଭୂମିକା ନାହିଁ ବୋଲି କହିଛନ୍ତି। ଏହାର ତଦନ୍ତ କରାଯାଇ ଯାଜପୁର ଜିଲ୍ଲା ପ୍ରଶାସନିକ ଅଧିକାରୀ ରାସ୍ତା କାମ ସାରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବସନ୍ତ ବିହାରରେ ଶ୍ରୀଜୀଉ



ରାଜକନିକା,୨୩ା୧(ସମିସ): ଆଜି ବସନ୍ତ ପଞ୍ଚମୀ। କନିକାର ମଠ ମନ୍ଦିରରେ ପୂଜିତ ହେଉଥିବା ରାଧାକୃଷ୍ଣ ଆଜିଠୁ ବସନ୍ତ ବିହାରରେ ନଗର ପରିକ୍ରମା କରିବାକୁ ମନ୍ଦିରରୁ ବାହାରିଛନ୍ତି। ମନ୍ଦିର ଛାଡି ବିହାରରେ ରହିଥିବା ଶ୍ରୀଜୀଉ ଆସନ୍ତା ଫଗୁ ପୂର୍ଣ୍ଣିମା ଯାଏ ଏହି ବିହାରରେ ବାହାରି ଭକ୍ତଙ୍କ ସହ ଏକାକାର ହେବେ। ଏଥିପାଇଁ ସବୁ ମଠ ମନ୍ଦିରରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇ ସନ୍ଧ୍ୟାରେ ଜୀଉ ଗାଁକୁ ଗାଁ ବୁଲିବାରେ ବାହାରିଛନ୍ତି। କନିକାରେ ପିଢ଼ି ପରେ ପିଢ଼ି ଚାଲି ଆସୁଥିବା ଏଭଳି ରାସ ଉତ୍ସବକୁ ସ୍ୱଚକ୍ଷୁରେ ଦର୍ଶନ ପାଇଁ ନରନାରୀ ବ୍ୟାକୁଳ ହୋଇ ଉଠିଛନ୍ତି। ଶ୍ରୀଜୀଉଙ୍କ ନୀତିକାନ୍ତି ପାଇଁ ପୂରା ବ୍ୟବସ୍ଥିତ ଢଙ୍ଗରେ ଖଞ୍ଜା ହୋଇଥିବା ବ୍ୟବସ୍ଥା ଅନୁସାରେ ବ୍ୟବସ୍ଥିତ ଢଙ୍ଗରେ ଶ୍ରୀଜୀଉଙ୍କ ନୀତିକାନ୍ତି ସୁରୁଖୁରୁରେ ପରିଚାଳିତ ହେଉଛି। କନିକା ରାଜ ଶାସନ ଅମଳରୁ ଏକ ଟ୍ରଷ୍ଟ ବେଳହୁ ଏସବୁ ବ୍ୟବସ୍ଥା ଖଞ୍ଜି ଦେଇଥିବାରୁ ପ୍ରତିବର୍ଷ ସେବାୟତମାନେ ଆଜିର ଦିନଠାରୁ ବସନ୍ତ ବିହାର ଆରମ୍ଭ ହୋଇଛି। ଶ୍ରୀଜୀଉଙ୍କ ଫଗୁ ଉତ୍ସବ ପାଇଁ ଆଜିଠୁ ବିହାର କରୁଥିବାରୁ ସାରା କନିକାରେ ସ୍ୱତଃ ଏକ ଆଧ୍ୟାତ୍ମିକ ବାତାବରଣ ଛାଇ ହୋଇଯାଇଛି। ଦୋଳ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ଦର୍ଶନର ସାନିଧ୍ୟ ଲାଭ କରିବାର ସୁଯୋଗ ଥିବାରୁ କନିକାର ନରନାରୀ ଆହ୍ଲାଦିତ ହୋଇଛନ୍ତି।

# ତ୍ରିବେଣୀ ମେଳା ଉଦ୍‌ଯାପିତ

ଡେରାବିଶ, ୨୩ା୧(ସମିସ): ଡେରାବିଶ ବ୍ଲକ୍ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁରସ୍ଥ ପବିତ୍ର ଶୈବପୀଠ ଆର୍ତ୍ତେଶ୍ୱରଙ୍କ ମନ୍ଦିର ବେଢ଼ାରେ ଗୁରୁବାର ବିଳମ୍ବିତ ରାତିରେ ଶେଷ ହୋଇଛି ପ୍ରସିଦ୍ଧ ତ୍ରିବେଣୀ ମେଳା। ରବିବାର ତ୍ରିବେଣୀ ଅମାବାସ୍ୟ ତିଥିରେ ଆରମ୍ଭ ହୋଇଥିବା ଏହି ମେଳା ଦୀର୍ଘ ୫ ଦିନ ଧରି ଅନୁଷ୍ଠିତ ହୋଇଥିଲା। ମନ୍ଦିର ବେଢ଼ାରେ ବିଶ୍ୱକଲ୍ୟାଣ ରୁଦ୍ରଶାନ୍ତି ମହାଯଜ୍ଞ ମଧ୍ୟ ଶେଷ ହୋଇଛି। ମେଳା ପଡ଼ିଆରେ ବସିଥିବା ଅସ୍ଥାୟୀ ବଜାରରେ ଲୋକଙ୍କ ଗହଳି ଲାଗି ରହିଥିବାବେଳେ ବ୍ୟବସାୟ ଭଲ ହୋଇଥିବା ଜଣାଯାଇଛି। ଘରକରଣା ସାମଗ୍ରୀଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଫାଷ୍ଟଫୁଡ ଦୋକାନ ଓ ଅପେରା ପ୍ରଦର୍ଶନର ମଜା ନେଇଥିଲେ ଦର୍ଶକ। ସେହିପରି ପ୍ରତ୍ୟେହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯଜ୍ଞାନୁଷ୍ଠାନରେ ବେଦଜ୍ଞ ପଣ୍ଡିତଙ୍କ ମନ୍ତ୍ରଧ୍ୱନୀ ପରିବେଶକୁ ଭକ୍ତିମୟ କରିଥିବାବେଳେ କର୍ତ୍ତା ଭାବେ ସନ୍ତୋଷ ରାଉତ ଓ ସ୍ମୃତିମୟୀ ରାଉତ ଦାୟିତ୍ୱନିର୍ବାହ କରିଥିଲେ। ଏହି ମେଳା ଓ ଯଜ୍ଞକୁ କମିଟି ସଭାପତି ଅକ୍ଷୟ ଦାସ, ଉପସଭାପତି ଅଧ୍ୟାପକ ଗୋଲଖ ମହାଭୋଇ, ସମ୍ପାଦକ ନାରାୟଣ ଲେଙ୍କା, କୃତ୍ତିବାସ ସେଠୀ, ସୁବ୍ରତ ବରାଳ, ଶାରଦା ବାରିକ, ପ୍ରସନ୍ନ ସାହୁ, ଭାଗବତ ସାହୁ, ଦିବାକର ସ୍ୱାଇଁ, ଅଭିମନ୍ୟୁ ରାଉତ, ଅଜୟ କୁମାର ମହାଭୋଇ ପ୍ରମୁଖ ପରିଚାଳନା କରିଥିଲେ। ୧୦ଟି ପଞ୍ଚାୟତର ଜନସାଧାରଣ ସହଯୋଗ କରିଥିଲେ।

# ମହାକାଳପଡ଼ା ବ୍ଲକ୍‌ରେ ନାହାନ୍ତି ସ୍ଥାୟୀ ବିଡିଓ

# ତହସିଲଦାରଙ୍କୁ କାମଚଳା ବିଡିଓ ଦାୟିତ୍ୱ

ମହାକାଳପଡ଼ା,୨୩ା୧(ସମିସ): ବିଡିଓଙ୍କ ବଦଳି ନିର୍ଦ୍ଦେଶକୁ ୫୩ ଦିନ ବିତିଲାଣି। ତେବେ ବ୍ଲକରେ ଆଜି ପର୍ଯ୍ୟନ୍ତ ସ୍ଥାୟୀ ବିଡିଓ ଦାୟିତ୍ୱ ଗ୍ରହଣ କରୁନାହାନ୍ତି। ତହସିଲଦାରଙ୍କୁ କାମଚଳା ବିଡିଓ ଭାବେ ଅତିରିକ୍ତ ଦାୟିତ୍ୱ ଦେଇଛି ପ୍ରଶାସନ। ବିଭାଗୀୟ ନିର୍ଦ୍ଦେଶ ପରେ ବି କାହିଁକି ନୂତନ ବିଡିଓ କାର୍ଯ୍ୟରେ ଯୋଗଦାନ କରୁନାହାନ୍ତି, ତାହାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି।

ସୂଚନା ମୁତାବକ, ରାଜ୍ୟ ରାଜନୀତିରେ ସବୁଠାରୁ ଚର୍ଚ୍ଚିତ ନିର୍ବାଚନମଣ୍ଡଳୀ କୁହାଯାଉଥିବା ମହାକାଳପଡ଼ା ନିର୍ବାଚନମଣ୍ଡଳୀର ମହାକାଳପଡ଼ା ବ୍ଲକ୍‌ରେ ଏବେ ସ୍ଥାୟୀ ବିଡିଓ ନାହାନ୍ତି। ବର୍ତ୍ତମାନର ତହସିଲଦାର ରବିନାରାୟଣ ଆଚାର୍ଯ୍ୟଙ୍କୁ କାମଚଳା ବିଡିଓ ଭାବେ ଅତିରିକ୍ତ ଦାୟିତ୍ୱ ଦେଇଛି ଜିଲ୍ଲା ପ୍ରଶାସନ। ତତ୍କାଳୀନ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ଗତ ନଭେମ୍ବର ୨୯ ତାରିଖରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ବଦଳି କରିଥିଲା ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ। ସୌମ୍ୟଙ୍କ ବଦଳରେ ସୋନପୁରର ବିଡିଓ ଭାବେ କାର୍ଯ୍ୟ କରୁଥିବା ସଞ୍ଜୀବ ସାହୁଙ୍କୁ ମହାକାଳପଡ଼ାର ନୂତନ ବିଡିଓ ଭାବେ ବିଭାଗ ଚିଠି କରିଥିଲା। ସଞ୍ଜୀବ ଯୋଗ ନ ଦେବାରୁ ସୌମ୍ୟଙ୍କ ବଦଳି ପରେ ମଧ୍ୟ ସେ ଦାୟିତ୍ୱ ମୁକ୍ତ ହୋଇପାରୁ ନ ଥିଲେ। ବଦଳି ଆଦେଶର ୧ ମାସ ପରେ ବି ନୂଆ

**ନୂତନ ବିଡିଓଙ୍କ ଯୋଗ ନ ଦେବା ବଢ଼ାଇଲା ସନ୍ଦେହ**


ବିଡିଓ ସଞ୍ଜୀବ ମହାକାଳପଡ଼ା ନ ଆସିବାରୁ ବାଧ୍ୟ ହୋଇ ଡିସେମ୍ବର ୩୧ ତାରିଖ ଦିନ ସୌମ୍ୟଙ୍କୁ ଦାୟିତ୍ୱ ମୁକ୍ତ କରିଥିଲା ଜିଲ୍ଲା ପ୍ରଶାସନ। ନୂଆ ବିଡିଓ ଯୋଗ ନ ଦେବା କାରଣରୁ ଜିଲ୍ଲା ପ୍ରଶାସନ ବର୍ତ୍ତମାନର ତହସିଲଦାର ଭାବେ କାର୍ଯ୍ୟ ତୁଲାଉଥିବା ରବିନାରାୟଣ ଆଚାର୍ଯ୍ୟଙ୍କୁ କାମଚଳା ବିଡିଓ ଭାବରେ ଅତିରିକ୍ତ ଦାୟିତ୍ୱ ମୁଣ୍ଡାଇ ଦେଇଛି। ମହାକାଳପଡ଼ା ଭଳି ଏକ ସମ୍ବେଦନଶୀଳ ଅଞ୍ଚଳର ବିଭିନ୍ନ କାର୍ଯ୍ୟ ତୁଲାଉଥିବା ତହସିଲଦାର ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ସହିତ ବିଡିଓ ପଦବୀ ତୁଲାଇବା ଏବେ ରବିନାରାୟଣଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ଭଳି ଘଟଣା ପାଲଟିଛି। ତହସିଲରୁ ବ୍ଲକ୍, ବ୍ଲକ୍‌ରୁ ତହସିଲ ଓ ପ୍ରଶାସନିକ ବୈଠକ ଆଦିରେ ଯା'ଆସ ଭିତରେ ସାଧାରଣ ଲୋକେ ସେମାନଙ୍କ କାର୍ଯ୍ୟ ପାଇଁ ତହସିଲ ଓ ବ୍ଲକ୍‌କୁ ଆସି ଘଣ୍ଟା ଘଣ୍ଟା ଅପେକ୍ଷା କରୁଥିବା ଦେଖିବାକୁ ମିଳୁଛି। କେବଳ ସେତିକି ନୁହେଁ ଫାଇଲ୍‌ରେ ଦସ୍ତଖତ ପାଇଁ ମଧ୍ୟ କର୍ମଚାରୀ ବି ସମଦଶା ଭୋଗୁଛନ୍ତି ବୋଲି କିଛି କର୍ମଚାରୀ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ବିଭାଗୀୟ ଆଦେଶକୁ ୫୩ ଦିନ ବିତିଯାଇଥିଲେ ମଧ୍ୟ ମହାକାଳପଡ଼ାକୁ ସଞ୍ଜୀବ ନ ଆସିବା ଓ ଦାୟିତ୍ୱ ଗ୍ରହଣ ନ କରିବା ମହାକାଳପଡ଼ାରେ କିଛି ଗଡ଼ବଡ଼ ଚାଲିଥିବା ଚର୍ଚ୍ଚାକୁ ଖୋରାକ୍ ଯୋଗାଇଛି। କେବେ ନୂତନ ବିଡିଓ କାର୍ଯ୍ୟରେ ଯୋଗଦେବେ, ତାହା ଦେଖିବାକୁ ବାକି ରହିଲା।

# ଶ୍ରୀରାମ ସେନାର ବାର୍ଷିକ ଉତ୍ସବ



ରାଜନଗର,୨୩ା୧(ସମିସ): ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଘତଇଳାସ୍ଥ ହନୁମାନ ମନ୍ଦିର ପରିସରରେ ଶ୍ରୀରାମ ସେନାର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଶ୍ରୀରାମ ସେନା ପକ୍ଷରୁ ମନ୍ଦିରରେ ପ୍ରଥମେ ସୂର୍ଯ୍ୟପୂଜା ସହିତ ହୋମ ଯଜ୍ଞ କରାଯାଇଥିଲା। ଶ୍ରୀରାମ ସେନା ଜିଲ୍ଲା ସଭାପତି ଶାରଦା ପ୍ରସାଦ ରାଉତଙ୍କ ନେତୃତ୍ୱରେ ଉପସ୍ଥିତ କାର୍ଯ୍ୟକର୍ତ୍ତା କେମିତି ଆଗାମୀ ଦିନରେ ଶ୍ରୀରାମ ସେନାର ସଂଗଠନ ଓ ସେବା ଲୋକଙ୍କ ପାଖରେ ପହଞ୍ଚି ଲୋକଙ୍କ ସମସ୍ୟାକୁ ଦୂର କରିବ, ସେ ନେଇ ଆଲୋଚନା କରିଥିଲେ। ଏହି ଉତ୍ସବରେ ବିଜେପି ନଗର ସଭାପତି ପଦ୍ମନାଭ ପଣ୍ଡା, ସୁଧାଂଶୁ ଜେନା, ବିଦ୍ୟାଧର ମଲ୍ଲିକ, ଆଶିଷ ମଲ୍ଲିକ, ବିନ୍ଦୁସାଗର ଦାସ, ଅଭିମନ୍ୟୁ ସାମଲ, ରଞ୍ଜନ ମହାପାତ୍ର, ଖଗେଶ୍ୱର ରାଉତ, ରବୀନ୍ଦ୍ର ଗାହଣ, ନିରଞ୍ଜନ ସ୍ୱାଇଁ, ବିଜୟଲକ୍ଷ୍ମୀ ପଣ୍ଡା ପ୍ରମୁଖଙ୍କ ସହିତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ଖବରକାଗଜ ବିକ୍ରେତାଙ୍କ ପିତୃ ବିୟୋଗ



ଡେରାବିଶ, ୨୩ା୧(ସମିସ): ଡେରାବିଶ ବ୍ଲକ୍ ବସପୁର ପଞ୍ଚାୟତ ଅନ୍ତର୍ଗତ ଅଟାବୁହା ଗ୍ରାମର ଖବରକାଗଜ ବିକ୍ରେତା ରମେଶ ଚନ୍ଦ୍ର ସ୍ୱାଇଁଙ୍କ ପିତା ଗୋଲଖ ଚନ୍ଦ୍ର ସ୍ୱାଇଁ (୮୪)ଙ୍କ ଆଜି ଅପରାହ୍ନରେ ପରଲୋକ ହୋଇଯାଇଛି। ଗୋଲଖ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିବାବେଳେ ସେ କିଡ୍‌ନୀ ରୋଗାକ୍ରାନ୍ତ ହେବା କାରଣରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେ କିଛିଦିନ ହେଲା ତାଙ୍କର କର୍ମସ୍ଥଳୀ ବ୍ରହ୍ମପୁରରେ ରହିଆସୁଥିଲ। ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ରମେଶ ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ପାଞ୍ଚ ପୁଅବୋହୂ, ନାତିନାତୁଣୀ ଉପସ୍ଥିତ ଥିଲେ।

# ପ୍ରଫେସର ଗୋବିନ୍ଦ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ପଟ୍ଟାମୁଣ୍ଡାଇ,୨୩ା୧(ସମିସ): ହାଟପାଟଣାରେ ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ପୁରୁଷୋତ୍ତମ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଦିବଂଗତ ପ୍ରଫେସର ଗୋବିନ୍ଦ ତ୍ରିପାଠୀଙ୍କ ପତ୍ନୀ ଚନ୍ଦ୍ରପ୍ରଭା ତ୍ରିପାଠୀ, ପ୍ରାକ୍ତନ ଜିଲ୍ଲା ଜଜ ରବୀନ୍ଦ୍ର ଦାଶ, ପରିବେଶବିତ ବିଜୟ କବି, ଅଶୋକ ତ୍ରିପାଠୀ, କିଶୋର ତ୍ରିପାଠୀ, ବିଜୟ ତ୍ରିପାଠୀ, ଅଜୟ ତ୍ରିପାଠୀ, ଜୟଶ୍ରୀ ତ୍ରିପାଠୀ, ମିନର୍ଭା ତ୍ରିପାଠୀ, ଡ ସୁଧାକର କର, କାଞ୍ଚନ କର, ଡ ବିବେକାନନ୍ଦ ତ୍ରିପାଠୀ, ଓକିଲ ସଂଘ ସଭାପତି ଆଡଭୋକେଟ ସୂର୍ଯ୍ୟରଞ୍ଜନ ରାଉଳ, ଉପସଭାପତି ଆଡଭୋକେଟ ସୁରେଶ ନରେନ୍ଦ୍ର, ସମ୍ପାଦକ ଆଡଭୋକେଟ ରବୀନ୍ଦ୍ର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ପ୍ରଫେସର ଗୋବିନ୍ଦ ତ୍ରିପାଠୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଏ ଅବସରରେ ଆଡଭୋକେଟ ବିଜୟ ରାଉତଙ୍କ ଟେକ୍ନୋ ନିକ ସ୍ପୋକନ ଇଂଲିଶ ଓ ନିରଞ୍ଜନ ତ୍ରିପାଠୀଙ୍କ ଧର୍ମପଦ ଓ ଅଶୋକ ତ୍ରିପାଠୀଙ୍କ ଟେକ୍ସଟାଇଲ ଡିଜାଇନିଂ ବୁକ ଉନ୍ମୋଚନ କରାଯାଇଥିଲା। ବୃଦ୍ଧବୃଦ୍ଧାଙ୍କୁ ମାଗଣାରେ ଔଷଧ ବିତରଣ କରାଯାଇଥିବାବେଳେ କିଶୋର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ଏସ୍‌କେ ହାଇସ୍କୁଲର ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ,୨୩ା୧(ସମିସ): ଅମୃତମଣୋହି ପଞ୍ଚାୟତର ସିଦ୍ଧବାଲି ଏସକେ ହାଇସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସନ୍ତୋଷ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବନ୍ଦେ ମାତରମ ହାଇସ୍କୁଲ ପ୍ରଧାନଶିକ୍ଷକ ଅମୀର ସେଠୀ ମୁଖ୍ୟଅତିଥି, ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ସନାତନ ତରାଇ, ଅବସରପ୍ରାପ୍ତ ଶିକ୍ଷକ ମାଗୁଣି ବାରିକ, ଦିଲ୍ଲୀପ ଖଣ୍ଡାଇ, ପ୍ରିୟରଞ୍ଜନ ଦାସ, ଅଞ୍ଜନା ଧଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ଅମର ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ନମିତା ସେନାପତି ବାର୍ଷିକ ବିବରଣୀ ପାଠ କରିଥିଲେ। ହେମଲତା ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଭାତ ଧଳ ବାଳକ ବିଭାଗ ଓ ଶୁଭସ୍ମିତା ତରାଇ ବାଳିକା ବିଭାଗର ଚାମ୍ପିଅନ ହୋଇଥିଲେ। ମିହିର ଜେନା, ମାମାଲିସା ପରିଡା, ବନମାଳୀ କୁଣ୍ଡ ଓ ଶ୍ରୀକାନ୍ତ ମଲିକ ପରିଚାଳନା କରିଥିଲେ।

# ନୂଆ ଏସ୍‌ଡିପିଓଙ୍କ ଦାୟିତ୍ୱ ଗ୍ରହଣ

ପଟ୍ଟାମୁଣ୍ଡାଇ,୨୩ା୧(ସମିସ): ପଟ୍ଟାମୁଣ୍ଡାଇ ପୁଲିସ ସବଡିଭିଜନର ନୂତନ ଏସଡିପିଓ ଭାବେ ବରିଷ୍ଠ ପୁଲିସ ଅଧିକାରୀ ସୁକାନ୍ତ ପାତ୍ର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ବିଦାୟୀ ଏସଡିପିଓ କ୍ଷମାସାଗର ପଣ୍ଡାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଶ୍ରୀପାତ୍ର ନୟାଗଡ ଜିଲ୍ଲା ଡିଏସପି, ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର, ଟମକା, କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର, ମାର୍ଶାଘାଇ ଓ ମହାକାଳପଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ ଭାବେ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ନୂତନ ଏସଡିପିଓଙ୍କୁ ବିଭିନ୍ନ ଥାନା ଅଧିକାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

# ନମୌଜା ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଆଳି, ୨୩ା୧(ସମିସ): ନମୌଜା ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଡମ୍ବୁରୁଧର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ୪୭ତମ ବାର୍ଷିକ କ୍ରୀଡ଼ା ଉତ୍ସବରେ ମୁଖ୍ୟଅତିଥି ଭାବେ ଆଳି ବ୍ଲକ ମଣ୍ଡଳ ଶିକ୍ଷାଧିକାରୀ ସଞ୍ଜୀବ ବେହୁରିଆ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ଦାଶ, ସମାଜସେବୀ ବିଜୟ ମହୀ, ଶିକ୍ଷାବିତ୍ ପ୍ରଭାତ ଦାସ, ବରିଷ୍ଠ ଶିକ୍ଷକ ପ୍ରଫୁଲ୍ଲ ପରିଡ଼ା, ବରିଷ୍ଠ ଶିକ୍ଷାବିତ ମହେଶ୍ୱର ସାହୁ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସାରଦାମଣି ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଅଦରକାରୀ ଜିନିଷକୁ ବ୍ୟବହାର କରି ଶିକ୍ଷକ ସୂର୍ଯ୍ୟକାନ୍ତ ଦାଶ ନିର୍ମାଣ କରିଥିବା ସୁନ୍ଦର ଜଗନ୍ନାଥ ମୂର୍ତ୍ତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶାରୀରିକ ଶିକ୍ଷା ଶିକ୍ଷକ ସତ୍ୟପ୍ରକାଶ ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଅଟଳ ବିହାରୀ ନନ୍ଦ, ସସ୍ମିତା ମହାପାତ୍ର, ବିଶ୍ୱରଞ୍ଜନ ରାଉତ, ସନ୍ତୋଷ ବେହେରା, ସୁଜାତା ପ୍ରିୟଦର୍ଶିନୀ ନାୟକ, ସାଗରୀକା ପଣ୍ଡା, ଶମ୍ଭୁନାଥ ଦାସ ପରିଚାଳନା କରିଥିଲେ।

# ମୃତକଙ୍କ ପରିବାରକୁ ସହାୟତା



ମହାକାଳପଡ଼ା,୨୩ା୧(ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଦେଉଳପଡ଼ା ପଞ୍ଚାୟତ ଓରତ ଗ୍ରାମର ସହଦେବ ଦାସଙ୍କ ଆକସ୍ମିକ ମୃତ୍ୟୁ ଘଟିଛି। ଏହି ଘଟଣାରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଓ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଗଭୀର ଶୋକ ପ୍ରକାଶ କରିବା ସହିତ କାର୍ଯ୍ୟକର୍ତ୍ତାଙ୍କ ରୁଦ୍ରନାରାୟଣ ମୁଦୁଲିଙ୍କ ମାଧ୍ୟମରେ ସାଂସଦଙ୍କ ଆର୍ଥିକ ସାହାଯ୍ୟ ଯୋଗାଇ ଦେଇଛନ୍ତି।

# ନିକିରାଇ ଥାନା ପକ୍ଷରୁ ତ୍ରିନାଥ ମନ୍ଦିର ପ୍ରତିଷ୍ଠା



ପଞ୍ଚୁପାଣ୍ଡବ,୨୩ା୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ପୁଲିସ ପକ୍ଷରୁ ଶୁକ୍ରବାର ଦିନ ତ୍ରିନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଜି ତ୍ରିନାଥ ମନ୍ଦିର ପୂଜା ପାଇଁ ଥାନା ପରିସରରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ମନ୍ଦିରର ପୂଜାର୍ଚ୍ଚନା କରିବା ସହ ସନ୍ଧ୍ୟାରେ ଭଜନ କୀର୍ତ୍ତନ କରାଯାଇଥିଲା। ଶତାଧିକ ଲୋକଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଥାନା ଅଧିକାରୀଣୀ ପଦ୍ମାଳୟା ପ୍ରଧାନଙ୍କ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

ବଜ୍ରକାପ୍ତା ଚୋରା ବେପାରୀଙ୍କ ଆଗରେ ଏସିଏଫ୍‌ଙ୍କ ଉପରେ ଆଇଆଇସି ବର୍ଷିବା ଘଟଣା

# କାର୍ଯ୍ୟାନୁଷ୍ଠାନ ଦାବିରେ ଅଟଳ ଫରେଷ୍ଟ ସର୍ଭିସ୍ ଆସୋସିଏସନ୍

ରାଜନଗର, ୨୩ା୧(ସମିସ)



ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଥିବା ରାଜନଗର ରେଞ୍ଜ କାର୍ଯ୍ୟାଳୟରେ ପହଞ୍ଚି ଦବଙ୍ଗଗିରି ଦେଖାଇବା ଘଟଣାରେ ପଟ୍ଟାମୁଣ୍ଡାଇ ଆଇଆଇସିଙ୍କ ଅଡୁଆ ବଢିବାରେ ଲାଗିଛି। ଏହି ଘଟଣାରେ ଡବଙ୍ଗଗିରି ଦେଖାଇଥିବା ଆଇଆଇସିଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ

**ପିସିସିଏଫ ସାଧାରଣ, ପିସିସିଏଫ ବନ୍ୟପ୍ରାଣୀ, ପୁଲିସ ଡିଜି, ଏସ୍‌ପିଙ୍କୁ ଜଣାଇଲେ ଡିଏଫ୍‌ଓ**

ପାଇଁ ନନ ଗେଜେଟେଡ ଫରେଷ୍ଟ ସର୍ଭିସ ଆସୋସିଏସନ ଆଜି ଡିଏଫଓଙ୍କୁ ଦାବିପତ୍ର ଦେଇଛନ୍ତି। ଦୁର୍ବ୍ୟବହାରର ଶିକାର ହୋଇଥିବା ଏସିଏଫ ଓ ବଜ୍ରକାପ୍ତା କାତି ଜବତ କରିଥିବା ଟିମ ମଧ୍ୟ ପୃଥକ ଭାବେ ଡିଏଫଓଙ୍କୁ ଲିଖିତ ଭାବେ ଜଣାଇବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ଡିଏଫଓ ସମସ୍ତ ଅଭିଯୋଗ କପି ସହିତ ଏକ ରିପୋର୍ଟ ପିସିସିଏଫ ସାଧାରଣ, ପିସିସିଏଫ ବନ୍ୟପ୍ରାଣୀ, ପୁଲିସ ଡିଜି, ଏସ୍‌ପିଙ୍କୁ ଜଣାଇବା ସହ ବିଶୃଙ୍ଖଳିତ ଆଚରଣ କରିଥିବା ପଟ୍ଟାମୁଣ୍ଡାଇ ଆଇଆଇସିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜଣାଇଛନ୍ତି।

ଗତ ୨୧ ତାରିଖ ଅପରାହ୍ନରେ ହଠାତ ପଟ୍ଟାମୁଣ୍ଡାଇ ଥାନା ଆଇଆଇସି ରାଜନଗର ରେଞ୍ଜ କାର୍ଯ୍ୟାଳୟରେ ପଶି ଏସିଏଫ ଗଗନ ବିହାରୀ ମଲ୍ଲିକଙ୍କୁ ହାତ ହଲାଇ ତମ ନାମରେ କେସ କରିବା ଧମକ ଦେବା ଓ କାହିଁକି ମୋତେ ନ ଜଣାଇ ମୋ ଥାନା ଅଞ୍ଚଳରୁ ଲୋକଙ୍କୁ ଉଠାଇଲ ବୋଲି ବର୍ଷିଥିଲେ। ବଜ୍ରକାପ୍ତା ଚୋରା ବେପାରୀଙ୍କ ସମ୍ମୁଖରେ ଏସିଏଫ ଓ ବନ କର୍ମଚାରୀଙ୍କ ଉପରେ ବର୍ଷିଥିଲେ। ଏହାକୁ ନେଇ ଆଜି ଏସିଏଫ ଶ୍ରୀ ମଲ୍ଲିକ ଲିଖିତ ଭାବେ ଡିଏଫଓଙ୍କୁ ଜଣାଇଛନ୍ତି। ଏଥିସହ ନନ ଗେଜେଟେଡ ଫରେଷ୍ଟ ସର୍ଭିସ ଆସୋସିଏସନର ସଭାପତି ବିଭୂତି ଭୂଷଣ ତରାଇ, ସମ୍ପାଦକ ରଞ୍ଜନ ପାଣି ଓ ବନ କର୍ମଚାରୀ ଆଜି ଡିଏଫଓ ଭରଦରାଜ ଗାଓଁଙ୍କରଙ୍କୁ ଭେଟି ଲିଖିତ ଭାବେ ଘଟଣା ସମ୍ପର୍କରେ ଜଣାଇବା ସହ ଆନ୍ତଃରାଜ୍ୟ ବଜ୍ରକାପ୍ତା ଚୋରା ର୍ୟାକେଟ ଧରିବା ବେଳେ ଆଇଆଇସିଙ୍କ ଆଚରଣ ଗଭୀର ମାନସିକ ଆଘାତ ଦେଇଛି। ଏହା ବନ କର୍ମଚାରୀଙ୍କ ମନୋବଳକୁ ଦୁର୍ବଳ କରିଛି। ଉକ୍ତ ଘଟଣାରେ ପଟ୍ଟାମୁଣ୍ଡାଇ ଆଇଆଇସିଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସଂଘ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରିବ ବୋଲି ଲିଖିତ ଭାବେ ଜଣାଇଛନ୍ତି। ଏସିଏଫ ଶ୍ରୀ ମଲ୍ଲିକ କହିଛନ୍ତି, ସେ ଏନେଇ ଲିଖିତ ଭାବେ ଡିଏଫଓଙ୍କୁ ଜଣାଇଛନ୍ତି। ଆଇଆଇସି ମାଡାମ ବୋଧେ ଆଇନ ଜାଣିନାହାନ୍ତି। ସିନିୟର ଅଫିସରଙ୍କୁ ଡାଇରେକ୍ଟ ଆଟାକ କରିବା, ଖରାପ ଭାଷା ପ୍ରୟୋଗ କରିବା, କେସ କରିବାକୁ ଧମକ ଦେବା ମୋତେ ଯେତିକି ନ ବାଧିଛି ଆସାମୀଙ୍କ ଆଗରେ ଖରାପ ବ୍ୟବହାର ମାନସିକ ଆଘାତ ଦେଇଛି। ଆଇଆଇସି ମାଡାମ ନିଜେ ଆମେ କେତେବେଳେ ଧରିଲୁ କ'ଣ ପାଇଁ ଧରିଲୁ ଜାଣିଥିବା ନେଇ କହୁଥିବାବେଳେ ଆସାମୀଙ୍କ ସପକ୍ଷରେ ଓ ତାଙ୍କ ଆଗରେ ଆମକୁ ଦୁର୍ବ୍ୟବହାରରୁ ସ୍ପଷ୍ଟ ବାରି ହେଉଛି। ଡିଏଫଓ ଭରଦରାଜ ଗାଓଁଙ୍କର କହିଛନ୍ତି, ଘଟଣା ସମ୍ପର୍କରେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇଛି।

THE SAKALA

# ସମ୍ପାଦକୀୟ



ମାତୃଭାଷାରେ ହିଁ ବିଜ୍ଞାନ ଶିକ୍ଷା ଦେବା ଜରୁରୀ। ଅନ୍ୟଥା ବିଜ୍ଞାନ ଏପରି ଏକ କାର୍ଯ୍ୟକ୍ରମ ହୋଇଯିବ, ଯେଉଁଥିରେ ସମାଜର ସବୁ ଲୋକ ଅଂଶଗ୍ରହଣ କରିପାରିବେ ନାହିଁ।
- ସି ଭି ରମଣ

## ସଂଘୀୟ ପରମ୍ପରା ଉଲ୍ଲଙ୍ଘନ

ଅଣଏନଡିଏ ଶାସିତ ରାଜ୍ୟରେ ଅବସ୍ଥାପିତ ରାଜ୍ୟପାଳମାନଙ୍କ କାର୍ଯ୍ୟଶୈଳୀ ପୁଣି ଥରେ ଚର୍ଚ୍ଚିତ ହୋଇଛି। ଗତ କିଛି ବର୍ଷ ହେଲା ରାଜ୍ୟପାଳ-ରାଜ୍ୟସରକାରଙ୍କ ସମ୍ପର୍କ ଅଧିକ ବିବାଦୀୟ ହୋଇପଡ଼ିଛି। ବିଭିନ୍ନ ରାଜ୍ୟ ବିଧାନସଭା ଦ୍ୱାରା ପାରିତ ଏକାଧିକ ବିଲ୍ ବର୍ଷାଧିକ କାଳ ଅନୁମୋଦନ ଅପେକ୍ଷାରେ ରାଜ୍ୟପାଳଙ୍କ ସ୍ତରରେ ଅଟକି ରହିଥିବାରୁ ଯେଉଁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଛି ତାହାର ସମାଧାନ ପାଇଁ ସୁପ୍ରିମକୋର୍ଟଙ୍କୁ ହସ୍ତକ୍ଷେପ କରିବାକୁ ପଡୁଛି। ଏପରିକି ସୁପ୍ରିମକୋର୍ଟଙ୍କ ରାୟକୁ ରାଷ୍ଟ୍ରପତିଙ୍କ ପକ୍ଷରୁ ସରକାର ଚ୍ୟାଲେଞ୍ଜ କରିବା ଭଳି ସ୍ଥିତି ସୃଷ୍ଟି ହୋଇଛି। ବହୁମତରେ ନିର୍ବାଚିତ ସରକାରଙ୍କ ଆଇନ ପ୍ରଣୟନ କ୍ଷମତା ଏହାଦ୍ୱାରା କ୍ଷୁଣ୍ଣ ହେଉଛି। ନୀତି ନିର୍ଦ୍ଧାରଣ ଓ ଆଇନ ପ୍ରଣୟନରେ ବିଫଳ ହେଲେ ରାଜ୍ୟବାସୀଙ୍କ ନିକଟରେ ସରକାର ହିଁ କେବଳ ଉତ୍ତରଦାୟୀ ହେବେ। ତେଣୁ କୁହାଯାଇଛି ସରକାରଙ୍କ ବିନା ଅନୁମୋଦନ ଓ ପରାମର୍ଶରେ ଶାସନ ମୁଖ୍ୟ ଏକତରଫା କୌଣସି ନିଷ୍ପତ୍ତି ନେଇ ପାରିବେ ନାହିଁ।

ସେହିଭଳି ବିଧାନସଭା ଅଧିବେଶନ ଆରମ୍ଭ ରାଜ୍ୟପାଳଙ୍କ ଅଭିଭାଷଣରୁ ହିଁ ହୋଇଥାଏ। ଉଭୟ କେନ୍ଦ୍ର ଓ ରାଜ୍ୟକ୍ଷେତ୍ରରେ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଅଭିଭାଷଣକୁ ଯଥାକ୍ରମେ ରାଷ୍ଟ୍ରପତି ଓ ରାଜ୍ୟପାଳ ପାଠ କରିଥା'ନ୍ତି ଏବଂ ତାହା ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାକ୍ରମେ ଗୃହୀତ ହୋଇଥାଏ। ଏହା ହେଉଛି ସଂସଦୀୟ ପରଂପରା ଓ ସଂଘୀୟ ଶୃଙ୍ଖଳା। ତାମିଲନାଡୁ ରାଜ୍ୟପାଳ ଆର.ଏନ.ରବି ଚତୁର୍ଥ ଥର ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଭାଷଣ ତ୍ରୁଟିପୂର୍ଣ୍ଣ ଦର୍ଶାଇ ବିଧାନସଭା ତ୍ୟାଗ କରିଛନ୍ତି। ତାଙ୍କର କହିବା କଥା ହେଲା, ଜାତୀୟ ସଂଗୀତ ପରିବର୍ତ୍ତେ ତାମିଲ ରାଜ୍ୟ ସଂଗୀତ ଗାନ କରାଗଲା। ଏହା ଜାତୀୟ ସଂଗୀତ ପ୍ରତି ଅପମାନ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଭାଷଣରେ ମିଛକଥା ଲେଖାଯାଇଛି, ଯାହା ତାଙ୍କ ପକ୍ଷରେ ପଢ଼ିବା ସମ୍ଭବ ନୁହେଁ। ଅନ୍ୟପକ୍ଷରେ କେରଳ ବିଧାନସଭାରେ ମଧ୍ୟ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଭାଷଣ କିଛି ଅଂଶ ବାଦ ଦେବା ସହ ସଂଶୋଧନ ମଧ୍ୟ କରିଛନ୍ତି। କେନ୍ଦ୍ର ସରକାରଙ୍କ ସଂପର୍କରେ ଦିଆଯାଇଥିବା ପ୍ରତିକୂଳ ମନ୍ତବ୍ୟ ଓ ଅଟକି ରହିଥିବା ବିଲ ନେଇ ସୁପ୍ରିମକୋର୍ଟରେ ଆବେଦନ ଭଳି ପ୍ରସଙ୍ଗକୁ ରାଜ୍ୟପାଳ ବାଦ ଦେଇଛନ୍ତି। କର୍ଣ୍ଣାଟକ ରାଜ୍ୟପାଳ ଥାୱର ଚାନ୍ଦ ଗେହେଲୋଟ୍ ମଧ୍ୟ ତାମିଲନାଡୁ ଓ କେରଳ ରାଜ୍ୟପାଳଙ୍କ ପଦାଙ୍କ ଅନୁସରଣ କରି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଅଭିଭାଷଣକୁ ପଢ଼ିବାକୁ ମନା କରି ଦେଇଛନ୍ତି। କର୍ଣ୍ଣାଟକ ମନ୍ତ୍ରିପରିଷଦ ଦ୍ୱାରା ପ୍ରସ୍ତୁତ ଏହି ଅଭିଭାଷଣ ପୁସ୍ତିକାରେ ୟୁପିଏ ସରକାର ଅମଳରେ ପ୍ରଣୀତ ଏମ୍‌ନରେଗା ପ୍ରସଙ୍ଗ ଉଲ୍ଲେଖ ଥିବା ପରିଚ୍ଛେଦ ୧୧କୁ କେନ୍ଦ୍ର ସରକାରୀ ବିରୋଧୀ କହି ରାଜ୍ୟପାଳ ଗେହେଲୋଟ୍ ତାହାକୁ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ତାହା ନ ହଟିବାରୁ ବିଧାନସଭା ଅଧିବେଶନକୁ ସମ୍ବୋଧିତ କରିବାରୁ ବିରତ ରହିଛନ୍ତି।

ତିନି ରାଜ୍ୟପାଳଙ୍କ ନିଷ୍ପତ୍ତି ଓ ପଦକ୍ଷେପ କାକତାଳିକ ହୋଇ ନ ପାରେ। ତେଣୁ କେନ୍ଦ୍ର ସରକାରଙ୍କ ସଖିକଣ୍ଢେଇ ରୂପେ ରାଜ୍ୟପାଳମାନେ କାମ କରୁଛନ୍ତି ବୋଲି ତିନି ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଅଭିଯୋଗ କରିଛନ୍ତି। ରାଜ୍ୟପାଳମାନେ ସାମ୍ବିଧାନିକ ବ୍ୟବସ୍ଥା, ଶୃଙ୍ଖଳା ଓ ପରମ୍ପରା ବିରୋଧୀ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି। ଘଟଣା ସଂପର୍କରେ କେନ୍ଦ୍ରସରକାର ଯେ ଅବଗତ ନଥିବେ ଏକଥା ନୁହେଁ। ଏପ୍ରକାର ବ୍ୟତିକ୍ରମକୁ ପ୍ରୋତ୍ସାହନ ଦେଇ ବ୍ୟବସ୍ଥାରେ ବିଶୃଙ୍ଖଳା ସୃଷ୍ଟି କରିବାରେ କୌଣସି ଯଥାର୍ଥତା ନାହିଁ। ଯଦି ଏଭଳି ପରମ୍ପରା ଅନାବଶ୍ୟକ ବୋଲି ମନେକରାଯାଇଛି ତେବେ ସେଥିରେ ସଂଶୋଧନ ଅଣାଯିବା ଉଚିତ୍। ଏକ୍ଷେତ୍ରରେ ସବୁ ରାଜ୍ୟ ପାଇଁ ସମାନ ନିୟମ ଓ ଶୃଙ୍ଖଳା ପ୍ରବର୍ତ୍ତିତ ହେବା ଉଚିତ୍ ନୁହେଁ କି?

## ଟ୍ରମ୍ପଙ୍କ ଅହଂକାରକୁ ଛାଟ

ଗ୍ରୀନଲାଣ୍ଡ ଦଖଲ ପାଇଁ ବଳ ପ୍ରୟୋଗ କରିବେ ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ପଷ୍ଟ କରିଥିଲେ ମଧ୍ୟ ଡାଭୋସ୍ ବିଶ୍ୱ ଅର୍ଥନୈତିକ ଫୋରମ୍ ମଞ୍ଚରେ ସ୍ପଷ୍ଟ ହୋଇଯାଇଥିଲା ଯେ ୟୁରୋପୀୟ ସଂଘ ମିତ୍ର ରାଷ୍ଟ୍ରମାନେ ତାଙ୍କ ସହ ନାହାନ୍ତି। ଆମେରିକା ନେତୃତ୍ୱାଧୀନ ବିଶ୍ୱ ଶୃଙ୍ଖଳା ଭୁଶୁଡ଼ି ପଡ଼ିବା ଅପସ୍ଥାରେ ପହଞ୍ଚିଛି। ଶୁଳ୍କଲୋଭୀ ଟ୍ରମ୍ପଙ୍କ ଦମନକାରୀ ନୀତିକୁ ଆଉ କୌଣସି ପ୍ରକାରେ ଗ୍ରହଣ କରି ହେବନି। ତାଙ୍କୁ ଗ୍ରୀନ୍‌ଲାଣ୍ଡ ଦଖଲ କରିବା ମୋହ ଛାଡ଼ିବାକୁ ପଡ଼ିବ। ଏହି ପ୍ରେକ୍ଷାପଟରେ ଆମେରିକା ସହ ହୋଇଥିବା ସମସ୍ତ ବାଣିଜ୍ୟିକ ଚୁକ୍ତିକୁ ୟୁରୋପୀୟ ରାଷ୍ଟ୍ର ସଂଘର ପାର୍ଲାମେଣ୍ଟ ନୀତିଗତ ଭାବେ ବାତିଲ କରିଛି। ଡାଭୋସ୍ ମଞ୍ଚରେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣିଙ୍କ ଆହ୍ୱାନରେ ଥିଲା ଏକ ପରିବର୍ତ୍ତନର ଆଭାସ। ପରିବର୍ତ୍ତିତ ସମୟ ସ୍ପଷ୍ଟ କରିଦେଇଛି ଯେ ଶୃଙ୍ଖଳା ଭିତ୍ତିକ ବିଶ୍ୱଆଇନ ଆପେକ୍ଷିକ ସତ୍ୟଥିଲା, ଏବେ ତାହା ମିଛ ପାଲଟିଛି। ଅତିଶକ୍ତିଶାଳୀ ରାଷ୍ଟ୍ର ନିଜର ସ୍ୱାର୍ଥରକ୍ଷା ପାଇଁ କିଛି ଆଇନକୁ କଠୋରତା ପୂର୍ବକ ପ୍ରୟୋଗ କରୁଥିବା ବେଳେ ନିଜ ସୁବିଧା ସୁଯୋଗ ଦେଖି ସେଥିରୁ ଓହରି ଯାଇଥା'ନ୍ତି। ତେଣୁ ମଧ୍ୟମ ବର୍ଗର ରାଷ୍ଟ୍ରମାନେ ମିଳିତ ଭାବେ କାର୍ଯ୍ୟ କରିବାକୁ ମାର୍କକାର୍ଣ୍ଣି ଆହ୍ୱାନ ଦେଇଛନ୍ତି।

ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ, ୟୁରୋପୀୟ କମିଶନର ୟୁ ଭିଡି ଲେନ୍ ଓ ବେଲଜିୟମ୍ ପ୍ରଧାନମନ୍ତ୍ରୀ ବାର୍ଟ ଦେ ଉଭର ପ୍ରମୁଖ ଟ୍ରମ୍ପଙ୍କ କାର୍ଯ୍ୟଶୈଳୀକୁ କଠୋର ସମାଲୋଚନା କରି ତାଙ୍କୁ ତାଗିଦ୍ ଓ ସତର୍କ କରାଇବା ସହ ସମ୍ଭାବ୍ୟ ବିକଳ୍ପ ବ୍ୟବସ୍ଥାର ସୂଚନା ଦେଇଛନ୍ତି। ଏପରିକି ଆମେରିକା ସଂପର୍କର ଲକ୍ଷ୍ମଣରେଖା ଅତିକ୍ରମ କରୁଥିବାର ମଧ୍ୟ ଚେତାଇ ଦିଆଯାଇଛି। ଆଗକୁ ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଏବଂ ଗାଜାରେ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରସ୍ତାବିତ ୫୮ ଜଣିଆ ବୋର୍ଡ ଗଠନ ଭଳି ପ୍ରସଙ୍ଗରେ ଟ୍ରମ୍ପଙ୍କ ପାଇଁ ସବୁଠାରୁ ବିଶ୍ୱସ୍ତ ସହଯୋଗୀଙ୍କ ଆବଶ୍ୟକତା ରହିଛି। କିନ୍ତୁ ନିର୍ବିଚାରରେ ଅଧିକାଂଶ ରାଷ୍ଟ୍ରଙ୍କ ଉପରେ ବହିଃଶୁଳ୍କ ଲାଗୁ କରିବା ପରେ ଏକକାଳୀନ ଏକାଧିକ ପ୍ରସଙ୍ଗରେ ହାତ ମାରିଦେଇ ଟ୍ରମ୍ପ ଅଡୁଆରେ ପଡ଼ିଯାଇଛନ୍ତି। ପରିସ୍ଥିତିର ଚାପରେ ପଡ଼ି ଗ୍ରୀନଲାଣ୍ଡ ଓ ଇରାନ ନିଷ୍ପତ୍ତି କାର୍ଯ୍ୟକାରିତା ପାଇଁ ସେ ସମୟ ନେଇଛନ୍ତି।

ଆର୍ଥିକ ଓ ରାଜନୈତିକ ସଂକଟରୁ ଉଦ୍ଧାର ପାଇଁ କୌଣସି ଶକ୍ତିଶାଳୀ ରାଷ୍ଟ୍ର ଉପରେ ନିର୍ଭରଶୀଳତାର ପରିଣତି ଓ ପରିଣାମ ଯେ ବିପଜ୍ଜନକ ତାହା ବୁଝିବାକୁ ବିଶ୍ୱବାସୀଙ୍କୁ ସମୟ ଲାଗିଲା। ପରିସ୍ଥିତି ଏପରି ହୋଇଛି ଯେ ଜାତିସଂଘ ବିଶ୍ୱବ୍ୟାଙ୍କ ଓ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଭଳି ବହୁପାକ୍ଷିକ ସଂସ୍ଥା କ୍ରମେ ଦୁର୍ବଳ ହୋଇଛନ୍ତି। ଯେଉଁ ଉଦ୍ଦେଶ୍ୟ ନେଇ ଏହି ପ୍ରତିଷ୍ଠାନ ଗଠନ କରାଯାଇଥିଲା ତାହା ବ୍ୟାହତ ହୋଇଛି। ଏପର୍ଯ୍ୟନ୍ତ ବିଶ୍ୱରେ ସର୍ବଶକ୍ତିମାନ ଆମେରିକା ନିର୍ଦ୍ଦେଶରେ ଇରାକ, ଆଫଗାନିସ୍ତାନ ଓ ଲିବିୟା ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନରେ ସାମିଲ ହୋଇଥିବା ୟୁରୋପର ମିତ୍ର ରାଷ୍ଟ୍ରଙ୍କ ବିଳମ୍ବରେ ନିଦ ଭାଙ୍ଗିଛି। ସେ ଯାହା ହେଉ ବ୍ୟବସ୍ଥାରେ ପରିବର୍ତ୍ତନର ଯେଉଁ ଆଭାସ ମିଳିଛି ତାହା ନିଶ୍ଚୟ ସ୍ୱାଗତଯୋଗ୍ୟ।

# ବନ୍ଧୁ-ବଇରି ବ୍ୟୂହରେ ଭେନେଜୁଏଲା

ଡାକ୍ତର ରାଜକିଶୋର ପଣ୍ଡା

ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ଏବଂ ଏହାର ତାତ୍କାଳିକ ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ଗିରଫ କରିବା ପ୍ରସଙ୍ଗକୁ ନେଇ ବର୍ତ୍ତମାନ ବିଶ୍ୱ ରାଜନୀତି ବାଣ୍ଟି ହେବାରେ ଲାଗିଛି। କଲମ୍ବିଆ, ଚୀନ, ରୁଷିଆ, ଉତ୍ତର କୋରିଆ, ଏପରିକି ମିଳିତ ଜାତିସଂଘ ଆମେରିକାର ଏହି ପଦକ୍ଷେପକୁ ଦୃଢ଼ ବିରୋଧ କରିଛନ୍ତି। ତେବେ ବର୍ତ୍ତମାନ ଏକ ପ୍ରଶ୍ନ ଉଠୁଛି ଯେ ଆମେରିକାର ଏପରି କରିବାର କାରଣ କ'ଣ? ଯଦି ଅବୈଧ ନିଶା କାରବାର କାରଣ ହୋଇଥାଏ, ତେବେ ଏହି ବିଷୟକୁ ନେଇ ଚୀନ ଉପରେ ମଧ୍ୟ ପ୍ରଶ୍ନ ଉଠିବା କଥା। ଊନବିଂଶ ଶତାବ୍ଦୀରେ ହୋଇଥିବା ଅଫିମ ଯୁଦ୍ଧଠାରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ଚୀନ୍ ଉପରେ ଅବୈଧ ଭାବରେ ବିଭିନ୍ନ ଡ୍ରଗ୍ସ ବା ନିଶାଦ୍ରବ୍ୟର ପ୍ରସ୍ତୁତି ଓ ଚୋରା ଚାଲାଣକୁ ନେଇ ଆରୋପ ଲାଗିଆସିଛି। ଭେନେଜୁଏଲାରେ ଥିବା ବିପୁଳ ତୈଳ ଭଣ୍ଡାର ଓ ଅନ୍ୟାନ୍ୟ ଖଣିଜ ପଦାର୍ଥ ସମ୍ଭାରରେ ଲାଳାୟିତ ହୋଇ ଆମେରିକାର ଏହା ଉପରେ ଆକ୍ରମଣ ମଧ୍ୟ ଏକ ସମ୍ଭାବ୍ୟ କାରଣ ହୋଇପାରେ, କିନ୍ତୁ ତାହା ଏକମାତ୍ର ନୁହେଁ। ଏହାପଛରେ ଥିବା ଆହୁରି ଅନେକ ରହସ୍ୟ ଧୀରେଧୀରେ ସାମ୍ନାକୁ ଆସୁଛି।

ଭେନେଜୁଏଲା ଓ ଆମେରିକା ମଧ୍ୟରେ ତିକ୍ତ ସମ୍ପର୍କ ଏବେକାର ନୁହେଁ। ୧୯୯୯ ମସିହାରେ ହ୍ୟୁଗୋ ଚାଭେଜ୍ କ୍ଷମତାକୁ ଆସିଲା ପରେ ବିବାଦର ସୂତ୍ରପାତ ହୋଇଥିଲା। ଚାଭେଜ୍ ନିଜକୁ ସମାଜବାଦୀ ଏବଂ ଆମେରିକାକୁ ସାମ୍ରାଜ୍ୟବାଦୀ ବୋଲି ଦର୍ଶାଇବା ସହିତ ବିଭିନ୍ନ କ୍ଷେତ୍ରରେ ଆମେରିକାକୁ ବିରୋଧ କରିବା ଆରମ୍ଭ କରିଥିଲେ। ଆମେରିକାର ଶତ୍ରୁରାଷ୍ଟ୍ର କ୍ୟୁବା ଓ ଇରାନ୍ ସହିତ ବନ୍ଧୁତା ଏବଂ କ୍ୟୁବା ରାଷ୍ଟ୍ରପତି ଫିଡେଲ କାଷ୍ଟ୍ରୋଙ୍କ ସହିତ ଚାଭେଜଙ୍କ ଘନିଷ୍ଠତା ପ୍ରଭୃତି ଏହି ବିରୋଧ ପ୍ରକ୍ରିୟାର ଅନ୍ତର୍ଭୁକ୍ତ। କ୍ୟୁବାର ରାଷ୍ଟ୍ରପତି ଫିଡେଲ କାଷ୍ଟ୍ରୋଙ୍କୁ ବିରୋଧ ଏବଂ ବାରମ୍ବାର ହତ୍ୟା ଉଦ୍ୟମ କରି ଆମେରିକା କ୍ୟୁବାକୁ ବିଶ୍ୱରାଜନୀତିରେ ଏକଘରିକିଆ କରିଥିବା ବେଳେ ଚାଭେଜ୍ କ୍ୟୁବା ସହ ଭେନେଜୁଏଲାର ବାଣିଜ୍ୟିକ ଓ ସାମାଜିକ ସମ୍ପର୍କକୁ ବୃଦ୍ଧି କରିଥିଲେ। ଆହୁରି ମଧ୍ୟ ଆମେରିକା ଓ ଭେନେଜୁଏଲାର ସୈନ୍ୟବାହିନୀ ମଧ୍ୟରେ ଥିବା ପୁରାତନ ବନ୍ଧୁତ୍ୱପୂର୍ଣ୍ଣ ସହଯୋଗିତା ଚାଭେଜ୍‌ଙ୍କ ଶାସନ ସମୟରେ ବିପୁଳ ଭାବରେ ହ୍ରାସ ଘଟିଲା।

ଏସବୁର ପ୍ରତିଶୋଧ ରୂପେ ଆମେରିକା ଚାଭେଜ୍‌ଙ୍କର ବିରୋଧୀ ଭାବେ ଜଣାଶୁଣା ପେଡ୍ରୋ କାର୍ମୋନାଙ୍କୁ ହାତ କରି ଭେନେଜୁଏଲାରେ ଏକ ସାମରିକ ବିଦ୍ରୋହର ସୂତ୍ରପାତ, ୧୧ ଏପ୍ରିଲ୍ ୨୦୦୨ ମସିହାରେ କରିଥିଲା। ଉଦ୍ଦେଶ୍ୟ ଥିଲା ଚାଭେଜ୍‌ଙ୍କୁ ଗାଦିରୁ ହଟାଇ ଆମେରିକାର ହିତାକାଂକ୍ଷୀ କାର୍ମୋନାଙ୍କୁ ରାଷ୍ଟ୍ରପତି କରିବା। ସାମରିକ ବିଦ୍ରୋହଟି ବିଫଳ ହେଲା। ଗାଦିରୁ ଯିବାର ମାତ୍ର କିଛିଘଣ୍ଟା ପରେ ଚାଭେଜ୍ ରାଷ୍ଟ୍ରପତି ଆସନରେ ପୁନଃ ଅବସ୍ଥାପିତ ହେଲେ। ତତ୍କାଳୀନ ଆମେରିକା ରାଷ୍ଟ୍ରପତି ଜର୍ଜ ଡବଲ୍ୟୁ ବୁଶଙ୍କର ପ୍ରଶାସନକୁ ଏଥିପାଇଁ ଦାୟୀ କରାଯାଏ। ୨୦୧୩ ମସିହାରେ ଚାଭେଜ୍‌ଙ୍କ ମୃତ୍ୟୁ ଉପରାନ୍ତେ ତାଙ୍କ ଶିଷ୍ୟ, ଉତ୍ତରାଧିକାରୀ ତଥା ତତ୍କାଳୀନ ଉପରାଷ୍ଟ୍ରପତି ଏବଂ ବର୍ତ୍ତମାନର ବିତାଡ଼ିତ ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ନିଜ ଗୁରୁଙ୍କର ସ୍ୱଘୋଷିତ ସମାଜବାଦ(ଯାହାକୁ ମଧ୍ୟ କୁହାଯାଏ 'ଚାଭିଜିମ୍')କୁ ଭେନେଜୁଏଲାରେ ଆଗେଇ ନେଇଥିଲେ। ନିଜ ରାଜନୈତିକ ଗୁରୁଙ୍କ ଭଳି ସେ ମଧ୍ୟ ଆମେରିକାକୁ ତୀବ୍ର ବିରୋଧ କରିଥିଲେ। ତେଣୁ ଏହା ମଧ୍ୟ ଅନୁମାନ କରାଯାଉଛି ଯେ ଆମେରିକାର ଭେନେଜୁଏଲା ଉପରେ ଆକ୍ରମଣ ଚାଭେଜଙ୍କ ଦ୍ୱାରା ପ୍ରତିଷ୍ଠିତ 'ସ୍ୱଘୋଷିତ ସମାଜବାଦ' ବା 'ଚାଭିଜିମ୍'ର ସମାପ୍ତି ଘଟାଇବା ହୋଇଥାଇପାରେ।

କଥା ପୁଣି ଆସୁଛି ନିଶା କାରବାରକୁ। ଏପରି କେଉଁ ନିଶା ଯୋଗୁଁ ଆମେରିକାକୁ ଏପରି ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିଲା? ଏହି ନିଶା ଅଫିମ, ଚରସ୍ କିମ୍ବା କୋକେନ ନୁହେଁ; ଏହା ହେଉଛି ବର୍ତ୍ତମାନ ଯୁଗର ସବୁଠାରୁ ଘାତକ ନିଶା ଫେଣ୍ଟାନିଲ। ଏହା ଯୋଗୁଁ ଆମେରିକାରେ ପ୍ରତିବର୍ଷ ଲକ୍ଷଲକ୍ଷ ଯୁବକ ନିଶାଗ୍ରସ୍ତ ହେବା ସହ ମୃତ୍ୟୁବରଣ କରୁଛନ୍ତି। ଏହି ଫେଣ୍ଟାନିଲ କେବଳ ପରୀକ୍ଷାଗାରରେ ହିଁ ପ୍ରସ୍ତୁତ କରାଯାଇପାରୁଥିବା ଏକପ୍ରକାରର ମାଦକ ଦ୍ରବ୍ୟ, ଯାହା ମର୍ଫିନଠାରୁ ପାଖାପାଖି ଶହେ ଗୁଣା ଓ ହେରୋଇନ୍‌ଠାରୁ ପାଖାପାଖି ପଚାଶ ଗୁଣ ଅଧିକ ଘାତକ ଅଟେ। ସାଧାରଣ ଭାବେ ଏହାର ମୁଖ୍ୟ ବ୍ୟବହାର କର୍କଟ ରୋଗର ଯନ୍ତ୍ରଣା ଓ ଅସ୍ତ୍ରୋପଚାର ଯନ୍ତ୍ରଣାରୁ ଉପଶମ ନିମନ୍ତେ କରାଯାଇଥାଏ। କିନ୍ତୁ ଏକ ନିଶା ଭାବରେ ଏହାର ସେବନ କରି ଏକ ରିପୋର୍ଟ ମୁତାବକ ୧୯୯୯ ମସିହାରୁ ଆଜି ପର୍ଯ୍ୟନ୍ତ ଆମେରିକାରେ ପାଖାପାଖି ଦଶଲକ୍ଷରୁ ଅଧିକ ଲୋକ ମୃତ୍ୟୁବରଣ କରିଛନ୍ତି। ୨୦୨୨ ମସିହାରେ ଏହି ମୃତ୍ୟୁ ସଂଖ୍ୟା ୧,୦୭,୯୪୧ ରେ ପହଞ୍ଚିଥିଲା। ୧୮ ରୁ ୪୫ ବର୍ଷ ବୟସ୍କ ଆମେରିକୀୟମାନଙ୍କ ମୃତ୍ୟୁର ସବୁଠାରୁ ପ୍ରମୁଖ କାରଣ ଫେଣ୍ଟାନିଲର ମାତ୍ରାଧିକ ସେବନ। ସମଗ୍ର ଯୁକ୍ତରାଷ୍ଟ୍ରରେ କେବଳ ଡ୍ରଗ୍ସର ମାତ୍ରାଧିକ ସେବନ ହେତୁ ଘଟୁଥିବା ମୃତ୍ୟୁ ଘଟଣା ମଧ୍ୟରେ ଫେଣ୍ଟାନିଲ ଜନିତ ମୃତ୍ୟୁ ସର୍ବାଧିକ।

ଏହି ଫେଣ୍ଟାନିଲର କିଣାବିକା ପାଇଁ ଏକ ଗୁପ୍ତ ବଜାରର ବ୍ୟବସ୍ଥା ଅଛି, ଇଣ୍ଟରନେଟ୍‌ରେ ଯାହାକୁ କୁହାଯାଏ 'ଡାର୍କନେଟ୍'। 'ଡାର୍କନେଟ୍'ରେ ହିଁ ବିଶ୍ୱରେ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ, ଅବୈଧ ଅସ୍ତ୍ରଶସ୍ତ୍ରର କିଣାବିକା, ସମ୍ବେଦନଶୀଳ ତଥ୍ୟର ଆଦାନପ୍ରଦାନ ଆଦି ହୋଇଥାଏ। ୨୦୨୦ ରେ 'ଡ୍ରଗ୍ସ ଏନ୍‌ଫୋର୍ସମେଣ୍ଟ ଆଡ୍‌ମିନିଷ୍ଟ୍ରେସନ'ର ଏକ ରିପୋର୍ଟ ମୁତାବକ ଚୀନ ହିଁ ବିଶ୍ୱସ୍ତରରେ ଫେଣ୍ଟାନିଲର ସର୍ବବୃହତ୍ ଉତ୍ପାଦନକାରୀ। ଉପରୋକ୍ତ ସଂସ୍ଥା ଏହା ମଧ୍ୟ ଦର୍ଶାଇଛି ଯେ ଫେଣ୍ଟାନିଲ୍ ପ୍ରସ୍ତୁତିରେ ପ୍ରୟୋଜନ ହେଉଥିବା ରସାୟନ ଚୀନରୁ ଗୁପ୍ତ ଭାବରେ ଲାଟିନ ଆମେରିକାକୁ ନିଆଯାଇଥାଏ। ସେଠାରେ ଫେଣ୍ଟାନିଲ ପ୍ରସ୍ତୁତି ପରେ ଅବୈଧ ଭାବରେ ଯୁକ୍ତରାଷ୍ଟ୍ର ଆମେରିକାକୁ ଚୋରା ଚାଲାଣ କରାଯାଇଥାଏ। ଫେଣ୍ଟାନିଲ ପ୍ରସ୍ତୁତି ତଥା ଏହାର ପରିବହନରେ ସଂପୃକ୍ତ ଥିବା ଲାଟିନ ଆମେରିକୀୟ ଦେଶମାନଙ୍କ ମଧ୍ୟରେ ଭେନେଜୁଏଲା ଶୀର୍ଷରେ ରହିଛି। ଚୀନ୍‌ର ଏହି ଫେଣ୍ଟାନିଲ ଯୋଗାଣକାରୀମାନଙ୍କୁ ମୁଖ୍ୟତଃ କ୍ରିପ୍ଟୋକରେନ୍ସି ମାଧ୍ୟମରେ ସେମାନଙ୍କର ପ୍ରାପ୍ୟ ପ୍ରଦାନ କରାଯାଇଥାଏ। ପ୍ରମୁଖ କ୍ରିପ୍ଟୋ ମୁଦ୍ରା ହେଉଛି ବିଟ୍‌କଏନ୍। ବିଟ୍‌କଏନ୍‌ର ଫେଣ୍ଟାନିଲ କିଣାବିକାରେ ବ୍ୟାପକ ବ୍ୟବହାର ହେତୁ ଟ୍ରମ୍ପଙ୍କ ନିଜସ୍ୱ କ୍ରିପ୍ଟୋ ମୁଦ୍ରାରେ ମଧ୍ୟ ବ୍ୟାପକ କ୍ଷତି ଘଟିଛି। ଏହି କଥାଟିକୁ ସେ ସର୍ବସମ୍ମୁଖରେ ପ୍ରକାଶ କରିପାରୁ ନ ଥିବା ବେଳେ ଏହା ମଧ୍ୟ ତାଙ୍କର ଭେନେଜୁଏଲା ଆକ୍ରମଣର ଅନ୍ୟ କାରଣ।

ଏବେ ଆସିବା ଅନ୍ୟ ଗୋଟିଏ ଦିଗ, ଯାହା ହେଉଛି 'ବ୍ୟବସାୟ'। ୨୦୦୦ ମସିହା ପୂର୍ବରୁ ଭେନେଜୁଏଲା ଅସ୍ତ୍ରଶସ୍ତ୍ର ପାଇଁ ମୁଖ୍ୟତଃ ଆମେରିକା ଉପରେ ନିର୍ଭରଶୀଳ ଥିଲା ବେଳେ ଏହାପରେ ରୁଷିଆ ଓ ଚୀନରୁ ଅସ୍ତ୍ରଶସ୍ତ୍ର ଆମଦାନୀ କରିବା ଆରମ୍ଭ କରିଥିଲା। ମାଦୁରୋଙ୍କ ରାଷ୍ଟ୍ରପତିତ୍ୱ ସମୟରେ ଏହି ଧାରା କ୍ରମାଗତ ଭାବରେ ଆଗକୁ ବଢ଼ିବା ସହିତ ବର୍ତ୍ତମାନ ସମୟରେ ଭେନେଜୁଏଲା ନିଜ ଅସ୍ତ୍ରଶସ୍ତ୍ରର ପ୍ରାୟ ପଚାଶ ପ୍ରତିଶତ ଚୀନ୍‌ରୁ ଆମଦାନୀ କରୁଛି। ଏହାଛଡ଼ା ଭେନେଜୁଏଲା ବିଶ୍ୱର ବୃହତ୍ତମ ତେଲ ଖଣିର ଅଧିକାରୀ ହୋଇଥିବା ସତ୍ତ୍ୱେ ଏହି ଅଶୋଧିତ ତୈଳକୁ ବ୍ୟବହାର ଉପଯୋଗୀ କରିବା ପାଇଁ ଏହା ପାଖରେ କୌଣସି ବ୍ୟବସ୍ଥା ନାହିଁ। ତେଣୁ ଏହି ଅଶୋଧିତ ତୈଳକୁ ସେ ମୁଖ୍ୟତଃ ରୁଷ୍ ଓ ଚୀନ୍‌କୁ ରପ୍ତାନୀ କରିଥାଏ। ୨୦୨୫ ସୁଦ୍ଧା ଭେନେଜୁଏଲା ନିଜର ଉତ୍ପାଦିତ ତୈଳର ପାଖାପାଖି ଶତପ୍ରତିଶତ ଚୀନକୁ ରପ୍ତାନୀ କରିଛି ବୋଲି ନିକଟରେ ରଏଟର୍ସ ତରଫରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି।

ସେହିଭଳି ଭେନେଜୁଏଲାକୁ ଖାଦ୍ୟଦ୍ରବ୍ୟଠାରୁ ଆରମ୍ଭ କରି ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ରପ୍ତାନୀ କରିବାରେ ମଧ୍ୟ ଆମେରିକାକୁ ହଟାଇ ବର୍ତ୍ତମାନ ଚୀନ୍ ଶୀର୍ଷ ସ୍ଥାନ ଅଧିକାର କରିଛି। ୨୦୦୧ ରୁ ଆରମ୍ଭ କରି ଆଜିପର୍ଯ୍ୟନ୍ତ ଲାଟିନ ଆମେରିକାରେ ଚୀନ୍ ପ୍ରାୟ ୩୦୦ ନିୟୁତ ଡଲାରରୁ ଅଧିକ ପରିମାଣର ପୁଞ୍ଜି ନିବେଶ କରିଛି। ଉପରୋକ୍ତ ପରିମାଣରୁ କେବଳ ଭେନେଜୁଏଲାରେ ଚୀନ ନିବେଶ କରିଥିବା ପୁଞ୍ଜିର ପରିମାଣ ୧୦୦ ବିଲିଅନ ଡଲାରରୁ ଅଧିକ। ତେଣୁ ଲାଟିନ ଆମେରିକା ଓ ଭେନେଜୁଏଲାରେ ଚୀନର କ୍ରମାଗତ ବର୍ଦ୍ଧିଷ୍ଣୁ ପ୍ରଭାବକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ମଧ୍ୟ ଟ୍ରମ୍ପ ଭେନେଜୁଏଲା ଉପରେ ଆକ୍ରମଣ କରିଥିବା ସ୍ପଷ୍ଟ ହୁଏ। ତେବେ ଟ୍ରମ୍ପଙ୍କ ଏହି ସାମରିକ ଅଭିଯାନ ତାଙ୍କର ଭବିଷ୍ୟତର ଆଶା ଓ ବିଶ୍ୱ ରାଜନୀତିକୁ କେଉଁ ମୋଡ଼ ଦେବ ତାହା ସମୟ ହିଁ କହିବ।

ଘଟଣାକ୍ରମକୁ ସାମଗ୍ରିକ ଭାବେ ଅନୁଶୀଳନ କଲେ ଏହା ଜଣାପଡୁଛି ଯେ ଭେନେଜୁଏଲା ଆଜି ଯେଉଁ ଦଶା ଭୋଗୁଛି ତାହା ପଛରେ ରହିଛି ତା'ର ଦୁଷ୍ଟବୁଦ୍ଧି ସମ୍ପନ୍ନ ବନ୍ଧୁରାଷ୍ଟ୍ରମାନଙ୍କର ସହାଚାର୍ଯ୍ୟ। ଅପରପକ୍ଷରେ ଭେନେଜୁଏଲାର ବନ୍ଧୁରାଷ୍ଟ୍ରମାନେ ହିଁ ଆମେରିକାର ବଇରି। ଯେଉଁମାନେ ଆମେରିକା ବିରୋଧରେ ଭେନେଜୁଏଲାକୁ ବ୍ୟବହାର କରୁଥିଲେ ଏବେ ସେମାନେ ସମଦୂରତ୍ୱ ରକ୍ଷା କରୁଛନ୍ତି। ଏଥିରୁ ଭେନେଜୁଏଲା ଶିକ୍ଷା ଲାଭ କରିବା ଉଚିତ। ଆମେରିକା-ବିରୋଧୀ ରାଷ୍ଟ୍ରଙ୍କ ସହିତ ବନ୍ଧୁ ବାନ୍ଧି ଭେନେଜୁଏଲା ଏଭଳି ଏକ ବ୍ୟୂହରେ ଫସି ଯାଇଛି, ଯେଉଁଥିରୁ ନିକଟ ଭବିଷ୍ୟତରେ ମୁକୁଳିବାର ସମ୍ଭାବନା ଦିଶୁନାହିଁ।

(ଓଡ଼ିଶା ସ୍ୱାସ୍ଥ୍ୟ ସେବା)
ଭୁବନେଶ୍ୱର, ମୋ: ୮୧୪୪୦୪୨୯୯୭

# ଏ ପ୍ରହସନ କାହା ସ୍ୱାର୍ଥରେ?

ଅଶୋକ ମହାରଣା

ସମ୍ପ୍ରତି ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ପେଟ୍ରୋଲ ପମ୍ପ ମନା, ଗ୍ରୀନ ଷ୍ଟିକର ପ୍ରବର୍ତ୍ତନ ଆଦି ସ୍ୱାଗତଯୋଗ୍ୟ ନିଶ୍ଚିତ। ଲୋକଙ୍କୁ ସଚେତନ କରାଇବା, ପରିବେଶ ପ୍ରଦୂଷଣକୁ ନିୟନ୍ତ୍ରିତ କରିବା, ସୁସ୍ଥ ଜୀବନ ଯାପନ କରି ନିରୋଗ ରହିବା ଏହାର ଲକ୍ଷ୍ୟ। ଓଡ଼ିଶାରେ ବାୟୁର ମାନ ହ୍ରାସ ପାଉଛି। ଦିଲ୍ଲୀ ଅବସ୍ଥା ଓଡ଼ିଶାରେ ନହେଉ ଏହି ଚିନ୍ତାରେ ଯଦି ଉପରୋକ୍ତ ପଦକ୍ଷେପ ନିଆଯାଇଥିବ ତେବେ ତାହା ନିଶ୍ଚିତ ସ୍ୱାଗତଯୋଗ୍ୟ। କିନ୍ତୁ ସରକାରଙ୍କ ପଦକ୍ଷେପ ଝିଣ୍ଟିକା ମାରିବା ପାଇଁ ବଣି ପୋଷିବା ଭଳି ହୋଇଛି।




ବାୟୁ ପ୍ରଦୂଷଣ କେବଳ କ'ଣ ଗାଡ଼ି ଯୋଗୁଁ ହେଉଛି? ଓଡ଼ିଶାର ଶହ ଶହ ଶିଳ୍ପ ସମସ୍ତ ନୀତିନିୟମକୁ ଉଲ୍ଲଙ୍ଘନ କରି କଳାଧୂଆଁରେ ସମଗ୍ର ବାୟୁମଣ୍ଡଳକୁ ପ୍ରଦୂଷିତ କରିବା ସହିତ ପାଉଁଶ ଗୁଣ୍ଡରେ ଅଞ୍ଚଳ ପ୍ରଦୂଷିତ ହେଉଛି। ଜଳ, ଜମି, ମୃତ୍ତିକା, ବାୟୁ ସବୁକିଛି ପ୍ରଦୂଷିତ। ସେ ବିଷୟରେ କେବେ ସରକାର ଚିନ୍ତା କରିଛନ୍ତି? ରାଜରାସ୍ତାରେ ପ୍ରତିଦିନ ହଜାର ହଜାର ଟ୍ରକ ପାଉଁଶ ପରିବହନ କରୁଛନ୍ତି। ସେଥିପ୍ରତି ସରକାର କଠୋର ନୁହନ୍ତି କାହିଁକି? 'ପ୍ଲାଷ୍ଟିକମୁକ୍ତ ଓଡ଼ିଶା'ର ସ୍ୱପ୍ନ କାହିଁକି ସ୍ୱପ୍ନ ହୋଇ ରହିଛି? ରାଜ୍ୟର ଚଉଦ ନଦୀର ଜଳ ବିଷାକ୍ତ କାହିଁକି? ଆବର୍ଜନା ପାଣିକୁ ନଦୀରେ ଛାଡୁଥିବା କଳକାରଖାନାଗୁଡ଼ିକ ପାଇଁ ସରକାର ଉଦାର କାହିଁକି?

ଫେରି ଚାଲନ୍ତୁ ୨୫ ବର୍ଷତଳକୁ। କେହି ପାଣି କିଣି ପିଇବା ଥିଲା ବିରଳ। କିନ୍ତୁ ବର୍ତ୍ତମାନ ଯେଉଁଠିକୁ ଯାଅ ପାଣି କିଣି ପିଇବାକୁ ପଡୁଛି। ସତତ ବିଶୁଦ୍ଧ ପାଣି ଗ୍ଲାସଟେ ମିଳିବା କାଠିକର ପାଠ। ପୁରୀ ସମୁଦ୍ର କୂଳ ପ୍ରଦୂଷିତ। ହୋଟେଲରେ ଆବର୍ଜନା ପାଣି ରତ୍ନଗର୍ଭାରେ ମିଶୁଛି। ତା' ପାଇଁ କ'ଣ ଆଇନ ନାହିଁ? ସମଗ୍ର ଭାରତ ବର୍ଷରେ ପୁରୀ ସମୁଦ୍ର କୂଳ ଶ୍ରେଷ୍ଠ। ତା'ର ଗରିମା ବଜାୟ ରଖିବା ପାଇଁ ସରକାର କଠୋର ନୁହନ୍ତି କାହିଁକି? ଖୋଲାଖୋଲି ଭାବରେ ଆବର୍ଜନା ପାଣି ମିଶୁଛି। ଏହାର ସମାଧାନ ସରକାରଙ୍କ ନିକଟରେ ଅଛିକି? କଟକର ମହାନଦୀ ଓ କାଠଯୋଡ଼ିକୁ ଚବିଶ ଘଣ୍ଟା ଆବର୍ଜନା ପାଣି ପ୍ରବେଶ କରୁଛି। ତା'ର ବିଶୋଧନ ପାଇଁ ଯୋଜନା ହେଉଛି କି? ନଦୀ ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ମତ୍ସ୍ୟଜୀବୀଙ୍କ ଜୀବନଜୀବିକାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଦୂଷିତ ପାଣି ଯୋଗୁଁ ମାଛ ବଂଶ ଲୋପପାଉଛି।

କଳ କାରଖାନା ନାମରେ ହଜାର ହଜାର ହେକ୍ଟର ଜଙ୍ଗଲ ନଷ୍ଟ ହେଉଛି। ସୃଷ୍ଟି ହେଉଛି କେତେ? ସମୁଦ୍ରକୂଳର ଗାଁ ସମୁଦ୍ର ଗର୍ଭରେ ଲୀନ ହେଉଛି। ତା'ର ଯୋଜନା କ'ଣ? ଜଳ, ବାୟୁ, ଶବ୍ଦ ସହିତ ମୃତ୍ତିକା ବି ପ୍ରଦୂଷିତ। ଡିଜେ ସାଉଣ୍ଡ ଯୋଗୁଁ ଯେଉଁ ଶବ୍ଦ ପ୍ରଦୂଷଣ ହେଉଛି, ତା'କୁ କ'ଣ ନିୟନ୍ତ୍ରଣ କରାଯାଇ ପାରିଛି? ଯେତେବେଳେ ଏକ ସରକାର ଜନଗଣଙ୍କ ସ୍ୱାର୍ଥକୁ ଦୃଷ୍ଟି ନ ଦେଇ ଜୀବନ ଜୀବିକା ପାଇଁ ସଂଘର୍ଷ କରୁଥିବା ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟି ନ ଦେଇ ନିଜର ସ୍ୱାର୍ଥକୁ ଗୁରୁତ୍ୱ ଦିଏ ସେ କ'ଣ ଲୋକଙ୍କ ସରକାର ହୋଇପାରେ? ଲୋକ ଏକପ୍ରକାର ବିଶେଷଣ ପଦବାଚ୍ୟ। ନିର୍ବାଚନ ବୈତରଣୀ ଅତିକ୍ରମ କରିବାର ଏକ ମାଧ୍ୟମ। ନିର୍ବାଚନ ପରେ ଲୋକ ଗୌଣ ହୋଇଯାଆନ୍ତି।

ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ବିଭାଗ ରହିଛି। ନିୟମ ବି ରହିଛି। ନିୟମରେ ମୁହଁ ଦେଖି କାରବାର। ମୁହଁ ଦେଖି ନିଷ୍ପତ୍ତି ଏକ ଜନମଙ୍ଗଳ ରାଷ୍ଟ୍ରରେ ଅଶାନ୍ତିର ବିଷବଳୟ ସୃଷ୍ଟି କରିବାରେ ସହାୟକ ହୋଇଥାଏ। ନୀତିଗତ ନିଷ୍ପତ୍ତି ପୂର୍ବରୁ ଜନଗଣଙ୍କ ସ୍ୱାର୍ଥକୁ ଚିନ୍ତା କରିବାର ଅଛି। ଯେଉଁଠି ଗଣମାନଙ୍କର ସ୍ୱାର୍ଥକୁ ଜଳାଞ୍ଜଳି ଦିଆଯାଏ ସେଠାରେ 'ଆ କୁରାଢ଼ୀ ମୋତେ ହାଣ' ଅବସ୍ଥା ହୋଇଥାଏ। ଲୋକଙ୍କ ସ୍ୱାର୍ଥକୁ ବଳି ଦେଇ କେତେ ସରକାର, ରାଜା, ମହାରାଜା ଗାଦିଚ୍ୟୁତ ହୋଇଛନ୍ତି ତାହା ଇତିହାସର ସ୍ୱର୍ଣ୍ଣିମ ପୃଷ୍ଠାରେ ଲିପିବଦ୍ଧ ହୋଇରହିଛି। ଅନ୍ତତଃ ବାଇମୁଣ୍ଡିଙ୍କଠାରୁ ଶିଖିବା ଦରକାର - ସେ ସରକାର ହୁଅନ୍ତୁ କିମ୍ବା ସାଧାରଣ ଲୋକଟିଏ ହେଉ। ଏବେ ପ୍ରଶ୍ନ ଉଠୁଛି ଏତେ ସବୁ ପ୍ରଦୂଷଣ ପ୍ରତି ଆଖିବୁଜି ଦେଇଥିବା ସରକାର କେବଳ ଗାଡ଼ି ପଛରେ କାହିଁକି ପଡ଼ିଛନ୍ତି? ଏ ପ୍ରହସନ କାହା ସ୍ୱାର୍ଥ ପାଇଁ?

ଢେଙ୍କାନାଳ, ମୋ: ୭୬୦୯୯୯୫୬୯୩

# ପ୍ରାଚୀନ ଭାରତୀୟ ସାହିତ୍ୟରେ କଳିଙ୍ଗ ଓ ଉତ୍କଳ

ପ୍ରବୀର କୁମାର ପଟ୍ଟନାୟକ

## ଓଡ଼ିଶାର ବୌଦ୍ଧ ପରମ୍ପରା

*ପୂର୍ବପ୍ରକାଶିତ ଉତ୍ତାରୁ...*

ମହାଭାରତ ତଥ୍ୟ ଅନୁଯାୟୀ ଦିଗ୍‌ବିଜୟୀ ରାଜାମାନଙ୍କ ଦ୍ୱାରା କଳିଙ୍ଗର ରାଜା ମଧ୍ୟ ପରାସ୍ତ ହୋଇଥିଲେ। ସହଦେବ, କର୍ଣ୍ଣ, ରାମ ଜାମଦଗ୍ନ୍ୟ(ପରଶୁରାମ) ତଥା ସହଦେବ ଓ କୃଷ୍ଣଙ୍କର ମିଳିତ ଶକ୍ତି ଦ୍ୱାରା କଳିଙ୍ଗର ରାଜା ପରାସ୍ତ ହୋଇଥିଲେ। ସହଦେବ ଓ କୃଷ୍ଣଙ୍କର ମିଳିତ ଶକ୍ତି କଳିଙ୍ଗ ସୈନ୍ୟମାନଙ୍କୁ 'ଦନ୍ତକୁର' ଠାରେ ସଂପୂର୍ଣ୍ଣ ବିଧ୍ୱସ୍ତ କରିଥିଲେ। କୁରୁକ୍ଷେତ୍ର ଯୁଦ୍ଧରେ ଦ୍ରୋଣ ଯେତେବେଳେ ଜୟଦ୍ରଥଙ୍କୁ ରକ୍ଷା କରିବା ନିମନ୍ତେ ଭୀମ ଓ ଅର୍ଜୁନଙ୍କ ସହ ଭୀଷଣ ସଂଗ୍ରାମରେ ଲିପ୍ତ ଥିଲେ, କଳିଙ୍ଗର ରାଜା ଶ୍ରୁତାୟୁସ ଦ୍ରୋଣଙ୍କ ସୈନ୍ୟବାହିନୀର ଦକ୍ଷିଣ ଭାଗର କମାଣ ସମ୍ଭାଳିଥିଲେ। ଦ୍ରୋଣ ଯେତେବେଳେ 'ଗରୁଡ଼ ବ୍ୟୂହ' ରଚନା କରିଥିଲେ କୁହାଯାଇଛି ଯେ କଳିଙ୍ଗ ବାହିନୀ ସେଠାରେ ଏକ ବିରାଟ ବ୍ୟୂହର ଗଳାସଦୃଶ ଥିଲା। ଯୁଦ୍ଧରେ ଶ୍ରୁତାୟୁସ ଓ ତାଙ୍କର ବୀରପୁତ୍ରମାନେ ଭୀମଙ୍କ ଦ୍ୱାରା ନିହତ ହୋଇଥିଲେ। କଳିଙ୍ଗର କ୍ଷତ୍ରୀୟମାନେ ନିମ୍ନସ୍ତରର ଥିବା ଏବଂ ଶୁଦ୍ରମାନଙ୍କ ସମାସ୍କନ୍ଧ ଥିବା ତଥା ସାମଗ୍ରିକ ଭାବେ କଳିଙ୍ଗର ଲୋକମାନେ ମଧ୍ୟ ଅଧାର୍ମିକ ଅଥବା ଦୁର୍ଧର୍ମନ ଥିବା ବିଷୟ ମହାକାବ୍ୟରେ ବର୍ଣ୍ଣନା କରାଯାଇଛି। କିନ୍ତୁ କଳିଙ୍ଗ ଦେଶଟି ଏକ ପବିତ୍ର ସ୍ଥଳ ରୂପେ ବିଚାର କରାଯାଉଥିଲା। ଯୁଧିଷ୍ଠିର ତାଙ୍କ ତୀର୍ଥଯାତ୍ରା କାଳରେ କଳିଙ୍ଗ ପରିଦର୍ଶନ କରିଥିବା କୁହାଯାଇଛି।

***ପ୍ରାରମ୍ଭିକ ବୌଦ୍ଧସାହିତ୍ୟରେ କଳିଙ୍ଗ*** : ପ୍ରାଚୀନ 'ପାଲି' ଧର୍ମଗ୍ରନ୍ଥଗୁଡ଼ିକରେ ବିଶେଷ ଭାବେ 'ବୌଦ୍ଧ ଜାତକକଥା'ରେ କଳିଙ୍ଗରେ ଆର୍ଯ୍ୟ ସଭ୍ୟତାର ବିକାଶ ସଂପର୍କରେ ସମ୍ୟକ ଭାବେ ସୂଚନା ରହିଛି। ସେଥିରେ ବୁଦ୍ଧଙ୍କ ଆବିର୍ଭାବ ପୂର୍ବରୁ ମଧ୍ୟ କଳିଙ୍ଗରେ କ୍ଷୁଦ୍ର କ୍ଷୁଦ୍ର ବ୍ରାହ୍ମଣ ବସତିମାନ ଗଢ଼ି ଉଠିଥିବା କଥା ଉଲ୍ଲେଖ ରହିଛି। ବିଶେଷଭାବେ 'ବେସ୍ସନ୍ତର ଜାତକ'ରେ କଳିଙ୍ଗ ରାଷ୍ଟ୍ରରେ 'ଦୁନ୍ନିବିଥ' ନାମକ ବ୍ରାହ୍ମଣ ଗ୍ରାମ କଥା ଉଲ୍ଲେଖ ରହିଛି। ସେହିଭଳି 'କୁରୁଧମ୍ମ ଜାତକ'ରେ ମଧ୍ୟ ଏକଦା କଳିଙ୍ଗରେ ଭୀଷଣ ଦୁର୍ଭିକ୍ଷ ଦେଖା ଦେଇଥିବା ବେଳେ ରାଜା ବ୍ରାହ୍ମଣମାନଙ୍କୁ କୁରୁରାଜ୍ୟକୁ ଯାଇ ସେଠାକାର ରାଜାଙ୍କୁ ତାଙ୍କର 'ଅଞ୍ଜନ' ବା 'ସଭ' ନାମକ ହାତୀଟିକୁ କଳିଙ୍ଗ ଆଣିବା ନିମିତ୍ତ ଭିକ୍ଷା ମାଗିବା ପାଇଁ ପଠାଇଥିଲେ। କାରଣ ଏହି ହାତୀଟିର ବର୍ଷା କରାଇବାର ଚମତ୍କାରୀ ଶକ୍ତି ରହିଥିଲା।

ସେହିଭଳି 'ବେସ୍ସନ୍ତର ଜାତକ'ରେ ମଧ୍ୟ ସମାନ ଧରଣର କଥା ରହିଛି, ଯେଉଁଠି କଳିଙ୍ଗର ବ୍ରାହ୍ମଣମାନେ ରାଜ୍ୟର ଅନାବୃଷ୍ଟି ପରିସ୍ଥିତିକୁ ଦୂରେଇବା ନିମିତ୍ତ ବେସନ୍ତରର 'ଧବଳ ହସ୍ତୀ' କୁ ହାସଲ କରିଥିଲେ। ଏହିଭଳି ଭାବେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଜରୁରୀ ସମସ୍ୟାର ସମାଧାନ, ଯାହାକି ରାଜ୍ୟର ଅତ୍ୟନ୍ତ ଗୁରୁତର ବିପତ୍ତି ସମୟରେ ଏହି ଦୁର୍ବିପାକର ନିବାରଣ ନିମନ୍ତେ ବ୍ରାହ୍ମଣମାନଙ୍କୁ ନିୟୋଜିତ କରାଯିବା ପ୍ରସଙ୍ଗ ନିଶ୍ଚିତ ଭାବେ ଏତେ ପ୍ରାଚୀନ କାଳରେ ମଧ୍ୟ ସେମାନଙ୍କର ନୈତିକ ତଥା ଆଧ୍ୟାତ୍ମିକ ପ୍ରଭାବ କିଭଳି ମହତ୍ତ୍ୱପୂର୍ଣ୍ଣ ହୋଇ ପାରୁଥିଲା ତାହା ଦର୍ଶାଇଥାଏ। ପ୍ରାଚୀନ ପାଲି ବୌଦ୍ଧ ସାହିତ୍ୟ 'ବିନୟ' ତଥା 'ନିକାୟ' ଗ୍ରନ୍ଥଗୁଡ଼ିକରେ କଳିଙ୍ଗ ସଂପର୍କରେ ସେଭଳି ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳେ ନାହିଁ। କାରଣ ସେଗୁଡ଼ିକ ବୁଦ୍ଧ ତଥା ବୌଦ୍ଧଧର୍ମର କେନ୍ଦ୍ରସ୍ଥଳ ମଧ୍ୟଦେଶ (ମଧ୍ୟ-ଭାରତ) କୈନ୍ଦ୍ରିକ ଥିଲେ। କେବଳ ଲାଗି ରହିଥିବା ଅଞ୍ଚଳ ହେତୁ ଗାନ୍ଧାର, କମ୍ବୋଜ, କଳିଙ୍ଗ ତଥା ଅସ୍‌ସକ ରାଜ୍ୟଗୁଡ଼ିକ ବିଷୟ ସୂଚାଇଥା'ନ୍ତି।

'ଅଙ୍ଗୁତ୍ତର ନିକାୟ' ତ କଳିଙ୍ଗ ଭଳି ପ୍ରାଚୀନ ତଥା ବୃହତ୍ ଏକ ଭୂଖଣ୍ଡର ରାଜନୈତିକ ଅବସ୍ଥିତି ବିଷୟକୁ ଦୃଷ୍ଟିପାତ କରିନାହିଁ। ସେଥିରେ ୧୬ ମହାଜନପଦର ତାଲିକା ସୂଚିତ ହୋଇଥିଲେ ମଧ୍ୟ କଳିଙ୍ଗକୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ଏହି ୧୬ ଗୋଟି ମହାଜନପଦ ହେଉଛି କାଶୀ, କୋଶଳ, ଅଙ୍ଗ, ମଗଧ, ବଜ୍ଜି, ମଲ୍ଲ, ଚେଦି (ଚେତିୟ), ବଂସ, କୁରୁ, ପାଞ୍ଚାଳ, ମତ୍ସ୍ୟ, ସୁରସେନ, ଅସ୍‌ସକ (ଅଶ୍ମକ) ଅବନ୍ତୀ, ଗାନ୍ଧାର ଓ କମ୍ବୋଜ। ଏଥିମଧ୍ୟରୁ ପ୍ରଥମ ୧୪ ଗୋଟି ହେଉଛି ମଧ୍ୟଦେଶ ଅନ୍ତର୍ଗତ ଏବଂ ଶେଷ ଦୁଇଟି ଉତ୍ତରାପଥରେ। ଏହି ସୂଚନା ସମ୍ଭବତଃ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀର। କିନ୍ତୁ ବିଧିବଦ୍ଧ ଭାବେ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଭାବେ କଳିଙ୍ଗର ଉପସ୍ଥିତି ଷଷ୍ଠ ଶତାବ୍ଦୀ ଖ୍ରୀଷ୍ଟପୂର୍ବ ପୂର୍ବରୁ ମଧ୍ୟ ରହିଥିବା ବିଭିନ୍ନ ବୌଦ୍ଧ ପାଲି ଗ୍ରନ୍ଥରୁ ଜଣା ପଡ଼ିଥାଏ। (କ୍ରମଶଃ)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସ୍ୱାସ୍ଥ୍ୟ ରେକର୍ଡ ଲିଙ୍କେଜ୍ ବର୍ଗରେ ପ୍ରଥମ ସ୍ଥାନରେ ଏମ୍ସ ଭୁବନେଶ୍ୱର

## ଦୁଇ ଦିନିଆ ଚିନ୍ତନ ଶିବିରରେ ପୁରସ୍କୃତ କଲେ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର,୨୩।୧(ସମିସ):** ଆୟୁଷ୍ମାନ ଭାରତ ଡିଜିଟାଲ୍ ମିଶନ୍ (ଏବିଡିଏମ) ଅନ୍ତର୍ଗତ ସ୍ୱାସ୍ଥ୍ୟ ରେକର୍ଡ ଲିଙ୍କେଜ୍ ବର୍ଗରେ ଏମ୍ସ ଭୁବନେଶ୍ୱରକୁ ଶ୍ରେଷ୍ଠ ସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଭାବେ ସମ୍ମାନିତ କରାଯାଇଛି। ଏହି ପ୍ରତିଷ୍ଠାନ ସ୍ୱାସ୍ଥ୍ୟ ରେକର୍ଡ ଲିଙ୍କେଜ୍ କ୍ଷେତ୍ରରେ ଜାତୀୟ ସ୍ତରରେ ଏକ ନମ୍ବର ସ୍ଥାନ ହାସଲ କରିଛି, ଯାହା ଭାରତର ଡିଜିଟାଲ୍ ସ୍ୱାସ୍ଥ୍ୟ ପରିବର୍ତ୍ତନ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ।




ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ (ଏନଏଚଏ) ଦ୍ୱାରା ଭୁବନେଶ୍ୱରରେ ଅନୁଷ୍ଠିତ ଚିନ୍ତନ ଶିବିରରେ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡ. ଆଶୁତୋଷ ବିଶ୍ୱାସ ଏବଂ ଆଇଟି କମିଟି ଅଧ୍ୟକ୍ଷ ଡ. ମନୋଜ କୁମାର ମହାନ୍ତି, ଓଡ଼ିଶା ସରକାରଙ୍କ ମୁଖ୍ୟ ସଚିବ ଅନୁ ଗର୍ଗଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏନଏଚ୍ଏ ସିଇଓ ଡ. ସୁନୀଲ କୁମାର ବର୍ଣ୍ଣୱାଲ, ରାଜସ୍ଥାନର ପ୍ରମୁଖ ସ୍ୱାସ୍ଥ୍ୟ ସଚିବ ଗାୟତ୍ରୀ ରାଠୋର, ମେଘାଳୟର ପ୍ରମୁଖ ସ୍ୱାସ୍ଥ୍ୟ ସଚିବ ସମ୍ପଥ କୁମାର, ଓଡ଼ିଶାର ସ୍ୱାସ୍ଥ୍ୟ ସଚିବ ଅଶ୍ୱଥୀ ଏସ୍, ଡ. ବୃନ୍ଦା ଡି ଙ୍କ ସମେତ ଏନଏଚଏ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଦୁଇ ଦିନିଆ ଚିନ୍ତନ ଶିବିରରେ ୨୭ଟି ରାଜ୍ୟ ଏବଂ ୭ଟି କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦେଶବ୍ୟାପୀ ବରିଷ୍ଠ ନୀତି ନିର୍ଦ୍ଧାରକ ଏବଂ ସ୍ୱାସ୍ଥ୍ୟ ପ୍ରଶାସକମାନେ ଏବିଡିଏମ ଅଧୀନରେ ଡିଜିଟାଲ୍ ସ୍ୱାସ୍ଥ୍ୟ ପଦକ୍ଷେପଗୁଡ଼ିକର ଅଗ୍ରଗତି ସମୀକ୍ଷା ଏବଂ ଭବିଷ୍ୟତ ରୋଡମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ଏକତ୍ରିତ ହୋଇଥିଲେ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ. ପି. ନଡ୍ଡାଙ୍କ ମାର୍ଗଦର୍ଶନରେ ଏମ୍ସ ଭୁବନେଶ୍ୱର ନାଗରିକ-କୈନ୍ଦ୍ରିକ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ଡିଜିଟାଲ୍ ସ୍ୱାସ୍ଥ୍ୟ ପଦକ୍ଷେପଗୁଡ଼ିକୁ ଆଗକୁ ବଢ଼ାଇବାରେ ବିଶେଷ ପ୍ରଯତ୍ନ କରିଚାଲିଥିବା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି। ଏମ୍ସ ଭୁବନେଶ୍ୱର ଏବିଡିଏମ କାର୍ଯ୍ୟାନ୍ୱୟନରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି, ଯେଉଁଥିରେ ୪୨ ଲକ୍ଷ ସ୍ୱାସ୍ଥ୍ୟ ରେକର୍ଡ ଲିଙ୍କେଜ୍, ୧୯ ଲକ୍ଷ ଆଭା ଟୋକନ୍ ସୃଷ୍ଟି ଅନ୍ତର୍ଭୁକ୍ତ। ବିଲିଂକୁ ସୁଗମ କରିବା, ରୋଗୀଙ୍କ ଧାଡ଼ି ହ୍ରାସ କରିବା ଏବଂ ହସ୍ପିଟାଲ ଦକ୍ଷତା ବୃଦ୍ଧି କରିବା ପାଇଁ ସ୍କାନ ଏବଂ ପେ ସୁବିଧାର ସଫଳ କାର୍ଯ୍ୟାନ୍ୱୟନ ମଧ୍ୟ କରାଯାଇଛି। ଏହି ପଦକ୍ଷେପଗୁଡ଼ିକ ରୋଗୀଙ୍କ ସୁବିଧାରେ ଉଲ୍ଲେଖନୀୟ ଉନ୍ନତି ଆଣିଛି, କାଗଜବିହୀନ କାର୍ଯ୍ୟପ୍ରବାହ ସୁନିଶ୍ଚିତ କରିଛି ଏବଂ ଚିକିତ୍ସାର ନିରନ୍ତରତାକୁ ସୁଦୃଢ଼ କରିଥିବା ଡାକ୍ତର ବିଶ୍ୱାସ କହିଛନ୍ତି।

# କିମ୍ସରେ ୟୁଥ୍ ୱେଲନେସ୍ କ୍ଲିନିକ୍ 'ତାରୁଣ୍ୟ' ଉଦ୍‌ଘାଟିତ




**ଭୁବନେଶ୍ୱର,୨୩।୧(ସମିସ):** ଯୁବପିଢ଼ିଙ୍କ ଅଣଦେଖା କରାଯାଉଥିବା ସ୍ୱାସ୍ଥ୍ୟ ଆବଶ୍ୟକତାକୁ ପୂରଣ କରିବା ଦିଗରେ ଏକ ପଦକ୍ଷେପ ସ୍ୱରୂପ, କିମ୍ସ ଭୁବନେଶ୍ୱରର ଶିଶୁ ରୋଗ ବିଭାଗରେ ଯୁବ ସୁସ୍ଥତା କ୍ଲିନିକ୍ 'ତାରୁଣ୍ୟ' ଉଦ୍‌ଘାଟିତ

**୧୦ରୁ ୧୯ ବର୍ଷ ବୟସର କିଶୋରମାନଙ୍କ ସାମଗ୍ରିକ ସୁସ୍ଥତା ଉପରେ ଗୁରୁତ୍ୱ ଦିଆଯିବ**

ହୋଇଯାଇଛି। କିମ୍ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ତଥା ଡିନ୍ ପ୍ରଫେସର ଡ. ଆର.ସି. ଦାସ ଏହି କ୍ଲିନିକକୁ ଉଦ୍‌ଘାଟନ କରିଥିବା ବେଳେ ଡ. ମାନସ ରଞ୍ଜନ ବେହେରା, ଶିଶୁ ରୋଗ, ମାନସିକ ରୋଗ ଏବଂ କମ୍ୟୁନିଟି ମେଡିସିନ ବିଭାଗର ମୁଖ୍ୟ ଓ ଅଧ୍ୟାପକମାନେ ଉପସ୍ଥିତ ଥିଲେ। ଏଥିରେ ୧୦ରୁ ୧୯ ବର୍ଷ ବୟସର କିଶୋରମାନଙ୍କ ସାମଗ୍ରିକ ସୁସ୍ଥତା ଉପରେ ଧ୍ୟାନ ଦିଆଯିବ। କିଶୋରାବସ୍ଥାରେ ମଣିଷ ଶରୀରରେ ଶାରୀରିକ, ହରମୋନ୍, ମାନସିକ, ସାମାଜିକ ଓ ଭାବପ୍ରବଣ ଜନିତ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ। ଏହି ସମୟରେ ଯୁବକଯୁବତୀମାନଙ୍କୁ ବିଶେଷ ଭାବରେ ଦୁର୍ବଳ କରିଥାଏ ତଥା ସେମାନଙ୍କ ସ୍ୱାସ୍ଥ୍ୟ ଚିନ୍ତାକୁ ସ୍ପଷ୍ଟ କରିଥାଏ। ଏଭଳି ଜଟିଳତାର ସମାଧାନ ଲାଗି କିମସରେ 'ତାରୁଣ୍ୟ' ଭଳି ଦେଶର ପ୍ରଥମ କ୍ଲିନିକ୍ ଆରମ୍ଭ କରାଯାଇଛି। ଏହି କ୍ଲିନିକ୍ ଶିଶୁରୋଗ, ମାନସିକ ରୋଗ, ପ୍ରସୂତି ଓ ସ୍ତ୍ରୀରୋଗ ଓ କମ୍ୟୁନିଟି ମେଡିସିନ୍ ବିଭାଗର ବିଶେଷଜ୍ଞମାନଙ୍କୁ ନେଇ ମିଳିତ ଭାବେ କାର୍ଯ୍ୟ କରୁଛି। ଶିଶୁରୋଗ ବିଶେଷଜ୍ଞ ଡ. ସ୍ୱର୍ଣ୍ଣଲତା ଦାସଙ୍କ ନେତୃତ୍ୱରେ ପରିଚାଳିତ ଏହି କ୍ଲିନିକ୍ ୟୁଥ୍ ୱେଲନେସ୍ କ୍ଲିନିକ୍ କୈଶୋରାବସ୍ଥାର ବିକାଶ, ଋତୁସ୍ରାବ ସ୍ୱାସ୍ଥ୍ୟ ଓ ପିସିଓଏସ, ପୁଷ୍ଟିକର ପରାମର୍ଶ, ଚିନ୍ତା ଓ ପରୀକ୍ଷା ସମ୍ବନ୍ଧୀୟ ଚାପ, ସମ୍ପର୍କ ଓ ଯୋଗାଯୋଗ ଚ୍ୟାଲେଞ୍ଜ, ନିଶା ନିବାରଣ ପରାମର୍ଶ, ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ ଶିକ୍ଷା, ବୟସ-ଉପଯୋଗୀ ଟୀକାକରଣ ଉପରେ ମାର୍ଗଦର୍ଶନ ପ୍ରଦାନ କରିବ। ନୂତନ ଭାବପ୍ରବଣତା ପ୍ରତିକ୍ରିୟାରେ ପିତାମାତାଙ୍କ ମଧ୍ୟରେ ଦ୍ୱନ୍ଦ୍ୱ, ସାମାଜିକ ଗଣମାଧ୍ୟମର ଅତ୍ୟଧିକ ବ୍ୟବହାର ଓ ଡିଜିଟାଲ୍ ନିଶା ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକ ଉପରେ ମଧ୍ୟ ଏହି କ୍ଲିନିକ ମାଧ୍ୟମରେ ବିସ୍ତାର କରାଯିବ। ତେବେ ପ୍ରଥମ ବର୍ଷରେ ୫ ହଜାର କିଶୋରକିଶୋରୀଙ୍କ ନିକଟରେ ପହଞ୍ଚିବା ଏହି କ୍ଲିନିକ୍‌ର ଲକ୍ଷ୍ୟ ରହିଛି।

# ଲୋକଭବନରେ ଉପରାଷ୍ଟ୍ରପତିଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ

**ଭୁବନେଶ୍ୱର,୨୩।୧(ସମିସ):** ଭାରତର ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନଙ୍କୁ ଓଡ଼ିଶା ଲୋକଭବନଠାରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ସମ୍ବର୍ଦ୍ଧିତ କରିଛନ୍ତି। ଶୁକ୍ରବାର ଉପରାଷ୍ଟ୍ରପତିଙ୍କ ଦିନିକିଆ ଓଡ଼ିଶା ଗସ୍ତ କାଳରେ ଲୋକଭବନର ନ୍ୟୁ ଅଭିଷେକ ହଲ୍‌ରେ ଆୟୋଜିତ ଔପଚାରିକ ଭୋଜି କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତିଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ



ଓଡ଼ିଶାର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ତାଙ୍କ ସହଧର୍ମିଣୀ ଡ. ପ୍ରିୟଙ୍କା ମାରାଣ୍ଡି, ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସମେତ ସାଂସଦ ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ଥିଲେ।

**ପାଷ୍ଟରଙ୍କୁ ଗଛରେ ବାନ୍ଧି ଗୋବର ଖୁଆଇଲେ**

# ଭୟରେ ଗାଁ ଛାଡ଼ିଲେ ୭ ଖ୍ରୀଷ୍ଟିଆନ୍ ପରିବାର

**ଭୁବନେଶ୍ୱର,୨୩।୧(ସମିସ):** ଓଡ଼ିଶାରେ ଜଣେ ପାଷ୍ଟରଙ୍କ ଉପରେ ହୋଇଥିବା ମରଣାତଙ୍କ ଆକ୍ରମଣକୁ ନେଇ ଡବଲ ଇଂଜିନ ସରକାର ଉପରେ ବର୍ଷିଛନ୍ତି ଏଆଇସିସି ସଂଗଠନ ସମ୍ପାଦକ କେସି ବେଣୁଗୋପାଳ। ଏହି ଘଟଣାକୁ ନେଇ ଶ୍ରୀ ବେଣୁଗୋପାଳ ଆଇନ ଶୃଙ୍ଖଳା ସ୍ଥିତି ଉପରେ ପ୍ରଶ୍ନ ଉଠାଇବା ସହ ଗୃହମନ୍ତ୍ରୀ ଅମିତ ଶାହ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଶ୍ରୀ ବେଣୁଗୋପାଳ ଲେଖିଥିବା ଚିଠିରେ ଦର୍ଶାଇଛନ୍ତି, ଗତ ୪ ଜାନୁଆରୀରେ ଢେଙ୍କାନାଳର ପରଜଙ୍ଗ ସ୍ଥିତ ଖ୍ରୀଷ୍ଟ ଧର୍ମାବଲମ୍ବୀ ବିପିନ ବିହାରୀ ନାୟକ ନାମକ ଜଣେ ପାଷ୍ଟରଙ୍କୁ ଅମାନବୀୟ ଆକ୍ରମଣ କରାଯାଇଛି। ପ୍ରାୟ ୪୦ ଜଣିଆ ଗୋଷ୍ଠୀଙ୍କ ଦ୍ୱାରା ଏକ ଭିଡ଼ ହିଂସାରେ ସେ ଶିକାର ହୋଇଛନ୍ତି। ଏହି ପାଷ୍ଟର ଜଣକ ନିୟମିତ ଭାବେ ଯେଉଁଠାରେ ପ୍ରାର୍ଥନା କରନ୍ତି, ସେହି ଘରକୁ ଘେରିଯାଇ ତାଙ୍କୁ ଆକ୍ରମଣ କରାଯାଇଛି। ଏହି ସମୟରେ ତାଙ୍କ ପତ୍ନି ଓ ପିଲାମାନଙ୍କ ସମେତ ଉପସ୍ଥିତ ଥିବା ଅନ୍ୟ ୭ ଟି ଖ୍ରୀଷ୍ଟ ଧର୍ମାବଲମ୍ବୀ ପରିବାରକୁ ମଧ୍ୟ ଆକ୍ରମଣ କରାଯାଇଛି। ପାଷ୍ଟରଙ୍କୁ ସ୍ଥାନୀୟ ଏକ ମନ୍ଦିର ଆଗରେ ବାନ୍ଧି ଦିଆଯିବା ସହ ତାଙ୍କୁ ଗୋବର ଖାଇବାକୁ ବାଧ୍ୟ କରାଯାଇଥିଲା। ଜୟ ଶ୍ରୀ ରାମ ନାରା ଦେବାକୁ ବାଧ୍ୟ କରାଯିବା ସହ ନର୍ଦ୍ଦମା ପାଣି ପିଇବାକୁ ମଧ୍ୟ ବାଧ୍ୟ କରାଯାଇଥିଲା। ଏହା କେବଳ ଏକ ଆକ୍ରମଣ ନୁହେଁ ଏହା ଏକ ସାର୍ବଜନୀନ ଭିଡ଼ ହିଂସା ଜବରଦସ୍ତ ଧର୍ମାନ୍ତରଣ କାର୍ଯ୍ୟ ବୋଲି ଶ୍ରୀ ବେଣୁ ଗୋପାଳ ଚିଠିରେ ଉଲ୍ଲେଖ କରିଛନ୍ତି।

ଏହି ଘଟଣା ପରେ ୭ ଟି ଖ୍ରୀଷ୍ଟିଆନ ପରିବାର ଭୟରେ ଘର ଛାଡ଼ି ପଳାଇଯାଇଛନ୍ତି। ଏଭଳି କାର୍ଯ୍ୟର ସଭ୍ୟ ସମାଜରେ କୌଣସି ସ୍ଥାନ ନାହିଁ। ଆଶ୍ଚର୍ଯ୍ୟଜନକ ଭାବେ, ଅପରାଧର ଗମ୍ଭୀରତା ସତ୍ତ୍ୱେ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ପ୍ରଶାସନର ଏଭଳି ନିଷ୍କ୍ରିୟତାକୁ ସେ ଦୃଢ଼ ଭାବେ ନିନ୍ଦା କରିଛନ୍ତି। ଏହାସହିତ ଗୃହମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଏହି ଭିଡ଼ ହିଂସାରେ ସମ୍ପୃକ୍ତ ସମସ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛନ୍ତି। ଏହାସହିତ ପାଷ୍ଟର ବିପିନ ବିହାରୀ ନାୟକ ଓ ତାଙ୍କ ପରିବାର ସମେତ ବିସ୍ଥାପିତ ୭ ଟି ଖ୍ରୀଷ୍ଟିଆନ ପରିବାରଙ୍କୁ ତୁରନ୍ତ ସୁରକ୍ଷା ଓ ପୁନର୍ବାସ ପାଇଁ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବର୍ଷକୁ ଯାଉଛି...

ପ୍ରଦୂଷଣକୁ ନେଇ ଗୁରୁତର ଭାବେ ଚିନ୍ତା କରିବାର ଆବଶ୍ୟକତା ରହିଛି। ଏବେ ପ୍ରଦୂଷଣ ମୁକାବିଲା ଏକ ପରିବେଶଗତ ସମସ୍ୟା ନୁହେଁ, ବରଂ ଜୀବନ ରକ୍ଷା, ଆର୍ଥିକ ଅଭିବୃଦ୍ଧି ଏବଂ ବିଦେଶୀ ନିବେଶକଙ୍କ ପାଇଁ ଭାରତକୁ ଆକର୍ଷଣୀୟ କରିବାର ଏକ ବିଷୟ ମଧ୍ୟ ବୋଲି ଗୀତା କହିଛନ୍ତି।

### ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ...

ନୋଟିସ ଏବଂ ବକେୟା ପୈଠ କରିବାକୁ ପଡ଼ିଥାଏ। ଏବେ ଆମେରିକା ସରକାର ନିଜ ଆଇନକୁ ନିଜେ ଭାଙ୍ଗୁଛନ୍ତି। 'ହୁ'ରୁ ବାହାରିବା ନିଷ୍ପତ୍ତି ଦ୍ୱାରା ଆମେରିକା ସହିତ ବିଶ୍ୱର ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ପ୍ରଭାବ ପଡ଼ିପାରେ। ଏହାକୁ ଆମେରିକା ଆଇନ ବିରୋଧୀ ମଧ୍ୟ କୁହାଯାଉଛି। ସୂଚନାଯୋଗ୍ୟ ଯେ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବାର ଦିନକ ପରେ 'ହୁ'ରୁ ବାହାରିବାକୁ ଘୋଷଣା କରିଥିଲେ। ଏହି ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାକୁ ଦିଆଯାଉଥିବା ଆର୍ଥିକ ଏବଂ ସମ୍ବଳ ସହାୟତାକୁ ଟ୍ରମ୍ପ ରୋକି ଦେଇଛନ୍ତି।

### ୪ର୍ଥ ଆସନ...

୨ଟି ଆସନରେ ବିଜୟ ହୋଇ ପାରିବ। ଏହା ପରେ ବି ବିଜେପି ନିକଟରେ ସହଯୋଗୀ ୩ ସ୍ୱାଧୀନ ବିଧାୟକଙ୍କୁ ମିଶାଇ ମୋଟ ୨୦ ଭୋଟ ବଳକା ରହିବ। ତୃତୀୟ ଆସନରେ ବିଜୟୀ ହେବା ପାଇଁ ବିଜେପିକୁ ଆହୁରି ୧୧ଟି ଭୋଟର ଆବଶ୍ୟକତା ରହିଛି। ବିଜେଡିର ବଳକା ଭୋଟ ବା କଂଗ୍ରେସର ଭୋଟ ପାଇଲେ ବିଜେପି ୩ୟ ଆସନରେ ବିଜୟୀ ହୋଇ ପାରିବ । ସେହିପରି ବିଜେଡିର ବିଧାନସଭା ସଦସ୍ୟ ସଂଖ୍ୟା ୫୦ ଓ ୨ ଜଣ ନିଲମ୍ବିତ ସଦସ୍ୟଙ୍କୁ ବାଦ ଦେଲେ ଏହି ସଂଖ୍ୟା ରହିବ ୪୮ । ତେଣୁ ଗୋଟିଏ ଆସନରେ ନିର୍ବିବାଦ ବିଜୟ ପରେ ବିଜେଡି ନିକଟରେ ଆହୁରି ୧୭ଟି ବଳକା ଭୋଟ ରହିବ ଏବଂ ନିଲମ୍ବିତ ଦୁଇ ସଦସ୍ୟ ଯଦି ସମର୍ଥନ ଦିଅନ୍ତି, ତେବେ ଏହି ସଂଖ୍ୟା ୧୯ ହେବ। ତେଣୁ କଂଗ୍ରେସ ବା ବିଜେପିର ସମର୍ଥନ ନେଇପାରିଲେ ବିଜେଡି ଏହି ଆସନକୁ ଦଖଲ କରିପାରିବ। ବିଜୟ ପାଇଁ ୩୦.୪ ଅର୍ଥାତ୍ ହାରାହାରି ୩୧ ଆସନ ଆବଶ୍ୟକ ଥିବାବେଳେ କଂଗ୍ରେସ ନିକଟରେ ଆବଶ୍ୟକ ସଂଖ୍ୟା ନାହିଁ । ଏହି ପରିପ୍ରେକ୍ଷୀରେ କଂଗ୍ରେସ ଯଦି ପ୍ରାର୍ଥୀ ଦିଏ, ତେବେ ବିଜୟ ପାଇଁ ଦଳ ବିଜେଡି ବା ବିଜେପିର ସହଯୋଗ ଅନିବାର୍ଯ୍ୟ ହୋଇ ପାରିବ। ବିଜେପି କଦାପି କଂଗ୍ରେସକୁ ସମର୍ଥନ ଦେବାର ସମ୍ଭାବନା ନାହିଁ, ତେଣୁ ବିଜେଡି ସମର୍ଥନରେ କଂଗ୍ରେସ ବା କଂଗ୍ରେସ ସମର୍ଥନରେ ବିଜେଡି ୪ର୍ଥ ଆସନରେ ବିଜୟୀ ହୋଇ ପାରିବ। ତେଣୁ ୪ର୍ଥ ପ୍ରାର୍ଥୀଙ୍କୁ ବିଜୟ ପାଇଁ ପ୍ରାର୍ଥୀଙ୍କୁ ବିଜେଡିର ବଳକା ଭୋଟ ସହ କଂଗ୍ରେସର ସମର୍ଥନ ଅତ୍ୟନ୍ତ ଜରୁରୀ। ବିଜେଡି ଓ ବିଜେପିର ବଳକା ଭୋଟ ୪ର୍ଥ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ଯଥେଷ୍ଟ ଥିବାରୁ ବିଜେପି ୩ୟ ଆସନ ଓ ବିଜେଡି ୨ୟ ଆସନରେ ବିଜୟୀ ପାଇଁ ନିଶ୍ଚିତ ଉଦ୍ୟମ କରିବ। ତେଣୁ ବିଜେଡି -କଂଗ୍ରେସ ବା ବିଜେପି-ବିଜେଡି ମିଳିତ ଭାବରେ କାହାରିକୁ ପ୍ରାର୍ଥୀ କରିପାରନ୍ତି ଜଣେ ଅନ୍ୟର ପ୍ରାର୍ଥୀଙ୍କୁ ସମର୍ଥନ ଦେଇପାରନ୍ତି।

ଏ କ୍ଷେତ୍ରରେ ଆଉ ଏକ ସମ୍ଭାବନା ରହିଛି। ରାଜ୍ୟରୁ ସ୍ୱାଧୀନ ଭାବରେ ପ୍ରାର୍ଥୀ ହେଉଥିବା କୌଣସି ପ୍ରତିଭାବାନ ବା ବିତ୍ତଶାଳୀ ବ୍ୟକ୍ତି ସ୍ୱାଧୀନ ପ୍ରାର୍ଥୀ ଭାବରେ ରାଜ୍ୟସଭାକୁ ନିର୍ବାଚିତ ହେବାର ସମ୍ଭାବନା ରହିଛି। ମାତ୍ର ଏଥିପାଇଁ ତାଙ୍କୁ ବିଜେଡି ଓ ବିଜେପିର ବଳକା ଭୋଟ, ବିଜେଡିର ବଳକା ଓ କଂଗ୍ରେସ ଭୋଟ ବା ବିଜେପିର ବଳକା ଭୋଟ ସହ କଂଗ୍ରେସ ବିଧାୟକଙ୍କ ସମର୍ଥନ ଜରୁରୀ ହେବ। ସମ୍ପ୍ରତି ୪ର୍ଥ ଆସନ ପାଇଁ ଦିଲ୍ଲୀପ ରାୟ ଓ ଶିଳ୍ପପତି ଡ଼ି.ଆର.ପଟ୍ଟନାୟକ ପ୍ରାର୍ଥୀ ହେବାର ସମ୍ଭାବନା ଥିବା ଚର୍ଚ୍ଚା ହେଉଛି। ଶ୍ରୀ ରାୟ ଯଦିଓ ବିଜେପିରେ ଅଛନ୍ତି, ମାତ୍ର ଦଳୀୟ ପ୍ରାର୍ଥୀ ହେବା ପରିବର୍ତ୍ତେ ସେ ସ୍ୱାଧୀନ ଭାବରେ ରାଜ୍ୟସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଅଧିକ ଆଗ୍ରହୀ ଥିବା ଆଲୋଚନା ଚାଲିଛି। ସବୁ ରାଜନୈତିକ ଦଳର ନେତାମାନଙ୍କ ସହ ତାଙ୍କର ଭଲ ସମ୍ପର୍କ ଥିବାରୁ ସ୍ୱାଧୀନ ପ୍ରାର୍ଥୀ ଭାବରେ ସେ ବିଜେପି ସହ ବିଜେଡି ଓ କଂଗ୍ରେସର ସମର୍ଥନରେ ନିର୍ବାଚିତ ହୋଇପାରନ୍ତି ବୋଲି କୁହାଯାଉଛି। ସେହିପରି ଶିଳ୍ପପତି ଡ଼ି.ଆର୍.ପଟ୍ଟନାୟକ ମଧ୍ୟ ସ୍ୱାଧୀନ ଭାବରେ ନିର୍ବାଚନ ଲଢ଼ିପାରନ୍ତି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ନିର୍ଦ୍ଦିଷ୍ଟ ଭାବରେ ସେ କୌଣସି ରାଜନୈତିକ ଦଳ ସହ ସମ୍ପୃକ୍ତ ନ ଥିବାରୁ ତାଙ୍କୁ ବିଭିନ୍ନ ଦଳ ସମର୍ଥନ କରିପାରନ୍ତି ବୋଲି ମଧ୍ୟ ଆଶା କରାଯାଉଛି। ଆଗାମୀ ରାଜ୍ୟସଭା ନିର୍ବାଚନରେ ୪ର୍ଥ ଆସନ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହେବ କଂଗ୍ରେସ। ଆବଶ୍ୟକ ସଂଖ୍ୟକ ବିଧାୟକ ନ ଥିବାରୁ କଂଗ୍ରେସ ରାଜ୍ୟସଭା ନିର୍ବାଚନରେ ନିଜ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ସକ୍ଷମ ନୁହେଁ। ମାତ୍ର ୪ର୍ଥ ଆସନରେ ଅବତୀର୍ଣ୍ଣ ହେବାକୁଥିବା ପ୍ରାର୍ଥୀଙ୍କ ବିଜୟକୁ କଂଗ୍ରେସ ସହଜ କରିପାରିବାର କ୍ଷମତା ରଖିଛି। ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ରାଜ୍ୟସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଦେବ। ଆବଶ୍ୟକ ସଂଖ୍ୟା ନ ଥିବା ସତ୍ତ୍ୱେ ୩/୪ ଜଣଙ୍କ ନାଁ ସ୍ଥିର ହୋଇଛି। ଏନେଇ ଦଳ ହାଇକମାଣ୍ଡଙ୍କ ସହ ଆଲୋଚନା କରାଯିବ। ହାରଜିତ୍‌କୁ ଭୟ ନାହିଁ । ଦଳ ଭିତରୁ କିମ୍ବା ବାହାରୁ ବି ପ୍ରାର୍ଥୀ କରାଯାଇପାରେ ବୋଲି ଭକ୍ତ ସୂଚନା ଦେଇଛନ୍ତି।

### ଛାଡ଼ପତ୍ରପ୍ରାପ୍ତ ଝିଅଙ୍କୁ...

ଉପରେ ଜାରି ପ୍ରତ୍ୟାଖ୍ୟାନ ଆଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଆବେଦନକାରୀଙ୍କୁ ୮ ସପ୍ତାହ ମଧ୍ୟରେ ବକେୟା ସହ ପରିବାର ପେନସନ ପ୍ରଦାନ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ, ଆବେଦନକାରୀଙ୍କ ପିତା କୃଷି ବିଭାଗରେ ଓଭରସିଅର ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିବା ପରେ ତାଙ୍କର ମୃତ୍ୟୁ ତଥା ୨୦୧୧ ଡିସେମ୍ବର ୩୧ ପର୍ଯ୍ୟନ୍ତ ପେନସନ ପାଉଥିଲେ। ଏହାପରେ ଆବେଦନକାରୀଙ୍କ ମା ୨୦୧୯ ଜୁନ ୯ ପର୍ଯ୍ୟନ୍ତ ପରିବାର ପେନସନ ପାଇ ମୃତ୍ୟୁବରଣ କରିଥିଲେ। ଏହା ପରେ ଆବେଦନକାରୀ ତଥା ମୃତ କର୍ମଚାରୀଙ୍କ ଛାଡପତ୍ର ପାଇଥିବା ବିବାହିତ ଝିଅ ପରିବାର ପେନସନ ପାଇଁ ଆବେଦନ କରିଥିଲେ ସୁଦ୍ଧା ଏହାକୁ ଖାରଜ କରାଯିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କର ଆବେଦନକୁ ଆକାଉଣ୍ଟାଣ୍ଟ ଜେନେରାଲ ଏହି ଆଧାରରେ ପ୍ରତ୍ୟାଖ୍ୟାନ କରିଥିଲେ ଯେ, ପେନସନଭୋଗୀ ବାପା ବା ମା'ଙ୍କ ମୃତ୍ୟୁ ବେଳକୁ ସେମାନଙ୍କ ପାଖରେ ବିଧିବଦ୍ଧ ଛାଡ଼ପତ୍ର ଡିଗ୍ରୀ ନଥିଲା। ତେଣୁ ସେମାନଙ୍କୁ "ନିର୍ଭରଶୀଳ' ଶ୍ରେଣୀଭୁକ୍ତ କରାଯାଇ ପାରିବ ନାହିଁ ବୋଲି ଯୁକ୍ତି ଦର୍ଶାଯାଇଥିଲା। ଆବେଦନକାରୀ ଦର୍ଶାଇଥିଲେ ଯେ ସେ ତାଙ୍କ ପିତାମାତାଙ୍କ ପେନସନ ଉପରେ ନିର୍ଭରଶୀଳ ଥିଲେ ଓ ୨୦୧୦ ଡିସେମ୍ବର ୨୫ରୁ ପୈତୃକ ଘରେ ରହିଆସୁଥିଲେ।

### ୩ ଦିନ ପରେ...

ଦିନ ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ୨-୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ। ଏହି ୩ ଦିନ ମଧ୍ୟରେ କିଛି କିଛି ସ୍ଥାନରେ କୁହୁଡ଼ି ନେଇ ପାଗ ଅନୁକୂଳ ରହିଛି। ଶନିବାର ରାତିରୁ ରବିବାର ସକାଳ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ ଓ ଢେଙ୍କାନାଳରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ନେଇ ଆକଳନ କରାଯାଇଛି।

### ସର୍ବଦଳୀୟ ବୈଠକ...

ଆଇନଗତ ଲଢ଼େଇ ଲଢ଼ି ଆସୁଥିଲେ। ଟ୍ରିବ୍ୟୁନାଲ୍‌ରେ ଦୁଇ ରାଜ୍ୟ ମଧ୍ୟରେ ଏହି ମାମଲାରେ ବିଚାର ଚାଲିଥିଲା। ହେଲେ ଏପ୍ରିଲ୍ ବେଳକୁ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ଚଳିତ ମାସ ପ୍ରଥମ ସପ୍ତାହ ସୁଦ୍ଧା ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ଚିଠି ଲେଖିବା କଥା। ମାତ୍ର ସରକାର ଏହି ଚିଠି ଲେଖିବାକୁ ପୂରାପୂରି ଭୂଲି ଯାଇଛନ୍ତି। ଓଡ଼ିଶା, ଛତିଶଗଡ଼ ଓ କେନ୍ଦ୍ରରେ ବିଜେପି ଶାସନ କରୁଥିବାରୁ ଏହାକୁ ଆପୋସ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ ବୋଲି ଅନେକ ସମୟରେ ଯୁକ୍ତି ବାଢୁଥିବା ଶାସକ ଦଳର ନେତା ଓ ରାଜ୍ୟ ସରକାର ନିର୍ଦ୍ଦିଷ୍ଟ ଭାବରେ ଏହାର ସମାଧାନର ପଥ ସ୍ପଷ୍ଟ କରିପାରି ନାହାନ୍ତି। ଏପରିକି ଆଇନଗତ ଲଢ଼େଇର ସୁଯୋଗ ମଧ୍ୟ ରାଜ୍ୟ ସରକାର ହାତଛଡ଼ା କରିବାକୁ ବସିଛନ୍ତି। ତେଣୁ ଆଗକୁ ମହାନଦୀର ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପଟେ ଜାନୁଆରୀ ୨୩ ତାରିଖ ଅର୍ଥାତ ଶୁକ୍ରବାର ମହାନଦୀ ପ୍ରସଙ୍ଗରେ ଏକ ସର୍ବଦଳୀୟ ବୈଠକ ଆହ୍ୱାନ କରାଯାଇଥିଲେ ହେଁ ଶେଷ ମୁହୂର୍ତ୍ତରେ ଏହାକୁ ରାଜ୍ୟ ସରକାର ବାତିଲ କରି ଦେଇଛନ୍ତି। ଯାହାକୁ ନେଇ ବିରୋଧୀ ବିଜେଡି, କଂଗ୍ରେସ ସହ ମହାନଦୀ ବଞ୍ଚାଅ ଆନ୍ଦୋଳନ ଓ ଅନ୍ୟ ସାମାଜିକ ସଂଗଠନଗୁଡ଼ିକ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ଅନ୍ୟପଟେ ସରକାର ଏହି ଦୋଷ ଖସାଇବା ପାଇଁ ୨୪ ବର୍ଷ ପୂର୍ବ ସରକାରଙ୍କ ଉପରେ ରାଜସ୍ୱ ମନ୍ତ୍ରୀ ଦୋଷ ଲଦୁଲଦୁ ନିଜ ସରକାରଙ୍କୁ ଅଠକାଠିରେ ଛନ୍ଦି ଦେଇଛନ୍ତି । ସେ କହିଛନ୍ତି ଯେ ୨୦୧୪ ରୁ ୨୦୨୨ ପର୍ଯ୍ୟନ୍ତ ଛତିଶଗଡ଼ ସରକାର ୫୦୦ରୁ ଅଧିକ ବ୍ୟାରେଜ ନିର୍ମାଣ କଲେ, ହେଲେ ସେ ସମୟରେ ରାଜ୍ୟ ସରକାର ବିରୋଧ କଲେ ନାହିଁ ବୋଲି ସୁରେଶ ଅଭିଯୋଗ କରିଛନ୍ତି। ତେବେ ଜଳସମ୍ପଦ ବିଭାଗ ତଥ୍ୟ ଦାଖଲ କରିବାରେ ବିଳମ୍ବ କରିବାରୁ ଟ୍ରିବ୍ୟୁନାଲ ସଂକ୍ରାନ୍ତ ଚିଠି ଲେଖାଯାଇ ପାରିନାହିଁ ବୋଲି ତାଙ୍କର ଟିପ୍ପଣୀ ନିଜ ସରକାର ଓ ଜଳସମ୍ପଦ ବିଭାଗର ଗୁମର ଖୋଲିଦେଇଛି।

ତେବେ ବିଜେଡି ସରକାର ଉପରେ ରାଜସ୍ୱ ମନ୍ତ୍ରୀଙ୍କ ଦୋଷାରୋପକୁ ଖଣ୍ଡନ କରିଛନ୍ତି ବିଜେଡି ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର। ସେ କହିଛନ୍ତି ଯେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଜଣେ ପଢ଼ାଶୁଣା ଲୋକ। ସେମାନେ ଆମ ସହ ୯ ବର୍ଷ ସରକାରରେ ଥିଲେ। ମାତ୍ର ଏବେ ସେ ନୂଆ କାହାଣୀ କହୁଛନ୍ତି। ଲୋକ ଆଶା କରିଥିଲେ ଡିସେମ୍ବର ଭିତରେ ମହାନଦୀ ଜଳ ବିବାଦର ସମାଧାନ ହୋଇଯିବ। ଏକଥା ନିଜେ ମୁଖ୍ୟମନ୍ତ୍ରୀ ମଧ୍ୟ କହିଥିଲେ। ୨୦୧୬ରେ ନବୀନ ବାବୁ ଯେଉଁ ପ୍ରୟାସ ଆରମ୍ଭ କରିଥିଲେ ସେତେବେଳେ କେନ୍ଦ୍ର ସରକାର ତାକୁ ଗୁରୁତ୍ୱ ଦେଲେ ନାହିଁ। ସେତେବେଳେ ଛତିଶଗଡ଼ ବ୍ୟାରେଜ ନିର୍ମାଣ ନ କରିବାକୁ ଦାବି କରିଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ। ହେଲେ ରମଣ ସିଂ ତାକୁ ରୋକଠୋକ ମନା କରିଦେଲେ। କେନ୍ଦ୍ର ନିରବଦ୍ରଷ୍ଟା ରହିଲା। ଯାହା ଫଳରେ ଓଡ଼ିଶା ଟ୍ରିବ୍ୟୁନାଲକୁ ଗଲେ। ଆଜି ସର୍ବଦଳୀୟ କମିଟି ବୈଠକ ଡାକି ବନ୍ଦ କରିଦେଲେ ମହାନଦୀର ତଳିଆ ଅଞ୍ଚଳରେ ପାଣି ନାହିଁ। ଖରା ବଢିଲେ ଅବସ୍ଥା ଆହୁରି ଖରାପ ହେବ। ଇକୋ ସିଷ୍ଟମ ପ୍ରଭାବିତ ହେବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ସେହିପରି ପିସିସି ସଭାପତି ଭକ୍ତ ଚରଣ ଦାସ ମଧ୍ୟ ଟ୍ରିପଲ ଇଂଜିନ ସରକାରରେ କାହିଁକି ମହାନଦୀ ସମସ୍ୟା ସମାଧାନ ହୋଇପାରୁନି ବୋଲି ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ମହାନଦୀ ବଞ୍ଚାଅ ଆନ୍ଦୋଳନ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କ ଉପରେ ବର୍ଷିଛନ୍ତି। ଛତିଶଗଡ କରିଥିବା ବାଲିବନ୍ଧ ଭାଙ୍ଗିବାକୁ ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କ ସମେତ ପ୍ରଧାନମନ୍ତ୍ରୀ, ଓଡିଶା ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ତଥା ମହାନଦୀ କମିଟି ମୁଖ୍ୟ ଓ ମହାନଦୀ ଟ୍ରିବୁନାଲ ଅଧ୍ୟକ୍ଷଙ୍କୁ ସଂଗଠନ ଚିଠି ଲେଖି ଦାବି ଜଣାଇଛି। ଯଦି ସରକାର ଏହି ବାଲି ବନ୍ଧ ନ ଭଙ୍ଗନ୍ତି ତେବେ ୨୭ ତାରିଖରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ସ୍ଥାନୀୟ ଜନସାଧାରଣଙ୍କୁ ନେଇ ବେଆଇନ ବାଲିବନ୍ଧ ଭାଙ୍ଗିବ ବୋଲି ସଂଗଠନର ଆବାହକ ସୁଦର୍ଶନ ଦାସ କହିଛନ୍ତି।

### ପୁଣି ଦଳିଦେଲା...

ଦେଇଥିଲା। ଲୋକେ ପ୍ରତିବାଦ କରିବାରୁ ଡ୍ରାଇଭର ଗାଡି ଛାଡି ଚାଲି ଯାଇଥିଲେ। ଆହତ ୨ଯୁବକଙ୍କୁ ପୁଲିସ ପହଁଞ୍ଚି ହସ୍ପିଟାଲରେ ଭିର୍ତ୍ତି କରିଥିଲା। ଆମ ବସ୍‌ର ମଣିଷ ମାରଣା ନୀତି ବିରୋଧରେ ତାତିଥିଲେ ସ୍ଥାନୀୟ ଯୁବକ। ସେମାନଙ୍କ ମନରେ ଥିବା ଦୀର୍ଘଦିନର ଆକ୍ରୋଶ ମାଷ୍ଟରକ୍ୟାଣ୍ଟିନ ଛକରେ ଦେଖିବାକୁ ମିଳିଥିଲା। ଆମ ବସ୍ ଦେଖିବା ମାତ୍ରେ ଢେଲା ପଥର ମାଡ କରିଥିଲେ। ଯାହାଫଳରେ ୩ ବସ୍ ଭାଙ୍ଗିରୁଜି ଯିବା ସହ ରାସ୍ତାରେ ଅଟକି ଯାଇଥିଲା। ଯାତ୍ରୀମାନେ ଜୀବନ ବିକଳରେ ବସ୍‌ରୁ ଓହ୍ଲାଇ ପଳାଇଥିଲେ। ଏହି ଢେଲାମାଡରେ ୧୦ରୁ ଊର୍ଦ୍ଧ୍ୱ ଆମ ବସ ଯାତ୍ରୀ ଆହତ ହୋଇଛନ୍ତି। ପୁଲିସ କର୍ମଚାରୀଙ୍କ ଉପସ୍ଥିତିରେ ଲୋକେ ଆଇନ୍‌କୁ ହାତକୁ ନେଇଥିଲେ ମଧ୍ୟ ଲୋକଙ୍କ ଆକ୍ରୋଶରକୁ ଦେଖି ପ୍ରଥମେ ପ୍ରଥମେ ବାବୁମାନେ ନିରବଦ୍ରଷ୍ଟା ପାଲଟିଥିଲେ। ପରିସ୍ଥିତି ଅଧିକ ଅଣାୟତ ହେବାରୁ ପୁଲିସ ଲାଠି ଚାର୍ଜ କରି ବଳ ପ୍ରୟୋଗ କରିଥିଲା। ଏହାକୁ ଦୃଷ୍ଟିରେ ରଖି କିଛି ସମୟ ପାଇଁ ଆମ ବସ୍ ସେବାକୁ ସ୍ଥଗିତ ରଖାଯାଇଥିଲା। ଭୁବନେଶ୍ୱର ଡିସିପିଙ୍କ ସହ ଅନ୍ୟ ପୁଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଭଙ୍ଗାଯାଇଥିବା ବସ୍‌ଗୁଡ଼ିକୁ ରାସ୍ତାରୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଲିଫ୍ଟ ନଥିବାରୁ ବସ୍‌କୁ କିଛି ପୁଲିସ କର୍ମଚାରୀ ଠେଲି ଠେଲି ରାସ୍ତାକୁ ହଟାଇବାକୁ ଉଦ୍ୟମ କରିଥିଲେ। ସରକାରଙ୍କ ସମ୍ପତ୍ତିକୁ ଭଙ୍ଗାରୁଜା କଲେ ଆଉ ବରଦାସ୍ତ କରାଯିବ ନାହିଁ। ଯେଉଁମାନେ ଏଭଳି କାର୍ଯ୍ୟରେ ଲିପ୍ତ ରହୁଛନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭୁବନେଶ୍ୱର ଡିସିପି ଜଗମୋହନ ମିନା କହିଛନ୍ତି।

**ତେଜିଲା ଦଶାବତାର ମୂର୍ତ୍ତି ବିବାଦ**

# ସିଂହଦ୍ୱାର ସମ୍ମୁଖରେ ମୂର୍ତ୍ତି ଆଣି ରଖିଲା ଜଗନ୍ନାଥ ସେନା

**ପୁରୀ,୨୩।୧(ସମିସ):** ବର୍ଷେ କି ଦୁଇବର୍ଷ ନୁହେଁ, ଦୀର୍ଘ ୧୪ ବର୍ଷ ହେବ ଶ୍ରୀହୀନ ଶ୍ରୀମନ୍ଦିର ମୁଖଶାଳା। ସିଂହଦ୍ୱାର ସମ୍ମୁଖରେ ଲାଗି ପାରୁନାହିଁ ଦଶାବତାର ମୂର୍ତ୍ତି। ଏହାକୁ ନେଇ ଦୀର୍ଘବର୍ଷ ହେବ ବାଦ ବିବାଦ ଲାଗି ରହିଥିବାବେଳେ ଗତ ପରିଚାଳନା କମିଟି ବୈଠକରେ ଏହି ପ୍ରସଙ୍ଗ ଉଠିଥିଲା। ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ଆଧାରରେ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ତେବେ ଶୁକ୍ରବାର ସିଂହଦ୍ୱାର ସମ୍ମୁଖରେ ଦେଖିବାକୁ ମିଳିଛି ଦଶାବତାର ମୂର୍ତ୍ତି ବିବାଦ। ଶ୍ରୀଜଗନ୍ନାଥ ସେନା କାରିଗରଙ୍କଠାରୁ ଏହି ମୂର୍ତ୍ତି ଆଣି ସିଂହଦ୍ୱାର ସମ୍ମୁଖରେ ପ୍ରଦର୍ଶନ କରିଛି। ଆଧ୍ୟାତ୍ମିକ ପରିବେଶରେ ପବିତ୍ର ଶ୍ରୀପଞ୍ଚମୀରେ ମୂର୍ତ୍ତି ଆଣି ରଖାଯାଇଛି। ମୂର୍ତ୍ତି ସ୍ଥାପନ ଲାଗି ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଏକ ମାସ ସମୟ ଦେଇଛି ସେନା। ପ୍ରଶାସନ ଏହା ନ ଲଗାଇଲେ ବାଧ୍ୟ ହୋଇ ଭକ୍ତଙ୍କ ସହାୟତାରେ ଶ୍ରୀଜଗନ୍ନାଥ ସେନା ନିଜେ ଲଗାଇବ ବୋଲି ଚେତାବନୀ ଦେଇଛି।

ଏକମାସ ଭିତରେ ସ୍ଥାପନ ନ ହେଲେ ନିଜେ ଲଗାଇବାକୁ ସେନାର ଚେତାବନୀ

୨୦୧୨ ମସିହାରେ ମରାମତି ପାଇଁ ଏଏସ୍‌ଆଇ ସିଂହଦ୍ୱାର ଗୁମୁଟରୁ ଚୁନର ଦଶାବତାର ମୂର୍ତ୍ତି ଅପସାରଣ କରାଯାଇଥିଲା। ସେ ସମୟରେ ଦଶାବତାର ମୂର୍ତ୍ତି ହଟାଯିବାକୁ ନେଇ ତୀବ୍ର ବିବାଦ ଓ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ପୁନର୍ବାର ପୂର୍ବ ସ୍ଥାନରେ ଦଶାବତାର ମୂର୍ତ୍ତି ଲଗାଇବା ପାଇଁ ଭକ୍ତ ଓ ବିଭିନ୍ନ ସଂଗଠନ ଦାବି କରିଥିଲେ। ତେଣୁ ଏଏସ୍‌ଆଇ ୨୦୧୨ରେ ବୀରହରେକୃଷ୍ଣପୁରର ମୂର୍ତ୍ତି କାରିଗର ମହେନ୍ଦ୍ର ସାମଲଙ୍କୁ ୩୫ ହଜାର ଟଙ୍କାରେ ଦଶ ଅବତାର ପଥର ମୂର୍ତ୍ତି ନିର୍ମାଣ ପାଇଁ ଅର୍ଡର ଦେଇଥିଲେ। ତିନିମାସ ଭିତରେ ମୂର୍ତ୍ତି ନିର୍ମାଣ ସାରିବା ପାଇଁ କହିଥିଲା ଏଏସ୍‌ଆଇ। ଏହା ପରଠାରୁ ନା ଏଏସ୍‌ଆଇ ଟଙ୍କା ଦେଇଥିଲା ନା ଶିଳ୍ପୀ ମହେନ୍ଦ୍ରଙ୍କ ପାଖକୁ ଯାଇଥିଲା। ଠିକ୍ ସେହି ସମୟରେ ଦଶାବତାର ମୂର୍ତ୍ତିଙ୍କ ନବମ ସ୍ଥାନରେ ବୁଦ୍ଧ ନା ଜଗନ୍ନାଥ ସ୍ଥାନିତ କରାଯିବ ତାକୁ ନେଇ ବିବାଦ ମୁଣ୍ଡ ଟେକିଥିଲା। ଦଶାବତାର କହିଲେ ମତ୍ସ୍ୟ, କଶ୍ୟପ, ବରାହ, ନୃସିଂହ, ବାମନ, ପର୍ଶୁରାମ, ରାମ, ବଳରାମ, ବୁଦ୍ଧ ଓ କଲ୍‌କୀଙ୍କୁ ବୁଝାଏ। ମାତ୍ର ନବମ ସ୍ଥାନରେ ଜଗନ୍ନାଥ ରହିଥିଲେ। ଏହି ତ୍ରୁଟିକୁ ସୁଧାରି ଜଗନ୍ନାଥଙ୍କ ସ୍ଥାନରେ ବୁଦ୍ଧଙ୍କ ମୂର୍ତ୍ତି ଲଗାଇବାକୁ ଅନେକ ଯୁକ୍ତି ବାଢ଼ିଥିଲେ। ସେମାନେ କହିଥିଲେ ଯେ, ଶ୍ରୀଜଗନ୍ନାଥ ଅବତାର ନୁହଁନ୍ତି, ସେ ହେଉଛନ୍ତି ଅବତାରୀ। ଯେହେତୁ ନବମ ଅବତାର ବୁଦ୍ଧଙ୍କର ତେଣୁ ଦଶାବତାର ଭିତରେ ଜଗନ୍ନାଥ ରହିବା ଅନୁଚିତ ବୋଲି ମତ ରଖିଥିଲେ। ଅନେକ କିନ୍ତୁ ପୂର୍ବଭଳି ଦଶାବତାର ରଖିବାକୁ ଜିଦ୍ ଧରିଥିଲେ। ଏହି ବାଦ ବିବାଦ ଭିତରେ ମାମଲା ହାଇକୋର୍ଟରେ ପହଞ୍ଚିଥିବା ବେଳେ ଆଜି ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଦଶାବତାର ମୂର୍ତ୍ତି ଲାଗିପାରୁ ନାହିଁ। ୨୦୨୩ରେ ଶ୍ରୀଜଗନ୍ନାଥ ସେନା ନିଜସ୍ୱ ଉଦ୍ୟମରେ ଚାନ୍ଦା କରି ୩୫ ହଜାର ଟଙ୍କା କାରିଗରଙ୍କୁ ଦେଇଥିଲା। ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଦଶ ଅବତାର ମୂର୍ତ୍ତିକୁ ଶୁକ୍ରବାର ସେନା କାରିଗରଙ୍କଠାରୁ ଆଣି ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପୂଜାର୍ଚ୍ଚନା କରିଥିଲା। ଏକ ମାସ ଭିତରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ, ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ମୂର୍ତ୍ତି ସ୍ଥାପନ କରିବାକୁ ଦାବି କରିଛି ସେନା। ଏହା ନ ହେଲେ ମୂର୍ତ୍ତି ନିର୍ମାଣ କରିଥିବା ଶିଳ୍ପୀ ଓ ପୁରୀ ପଥୁରିଆ ସାହିର ଶିଳ୍ପୀଙ୍କ ଦ୍ୱାରା ଭକ୍ତଙ୍କ ସହାୟତାରେ ଦଶ ଅବତାର ମୂର୍ତ୍ତି ସ୍ଥାପନ କରାଯିବ ବୋଲି ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି।

ଅନ୍ୟପକ୍ଷରେ ଦଶାବତାର ମୂର୍ତ୍ତି ସିଂହଦ୍ୱାର ପାଖର ରହିଥିବାରୁ ପବିତ୍ରତା ଦୃଷ୍ଟିରୁ ଏହାକୁ ବ୍ୟାରିକେଡ୍ କରି ରଖାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ଅନ୍ୟ ଅଧିକାରୀଙ୍କ ସହ ସେଠାକୁ ଆସି ଧାର୍ମିକ ଓ ପବିତ୍ରତା ଦୃଷ୍ଟିକୋଣରୁ ଏହାକୁ ସୁରକ୍ଷିତ ସ୍ଥାନରେ ରଖାଯିବ ବୋଲି କହିଥିଲେ। ଏଥିସହ ଜଗନ୍ନାଥ ସେନା ସହିତ ଆଲୋଚନା କରିଥିଲେ। ମୁଖ୍ୟ ପ୍ରଶାସକ କହିଛନ୍ତି, ଶ୍ରୀମନ୍ଦିରର ଧାର୍ମିକ ପ୍ରସଙ୍ଗରେ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ନିଆଯାଇଥାଏ। ତେଣୁ ଏହି ପ୍ରସଙ୍ଗରେ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ପରେ ଆଗାମୀ ପରିଚାଳନା କମିଟି ବୈଠକରେ ଏ ନେଇ ଆଲୋଚନା କରାଯିବ ବୋଲି କହିଛନ୍ତି।

# ୨ କୋଟିରୁ ଅଧିକ ଟଙ୍କାର ଠକେଇ: ଜଣେ ଗିରଫ

**କଟକ,୨୩।୧(ସମିସ):** କ୍ରାଇମବ୍ରାଞ୍ଚ ସାଇବର ଶାଖା ଏକ ବଡ଼ ଧରଣର ଅନଲାଇନ୍ ନିବେଶ ଠକେଇର ପର୍ଦ୍ଦାଫାସ୍ କରି ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ହଂସପାଳର ମେଟ୍ରୋ ସାଟେଲାଇଟ ସିଟି ସି ବ୍ଲକରେ ରହୁଥିବା ମନୋରଞ୍ଜନ ରାଉତ (୪୨)। ନକଲି ଟ୍ରେଡିଂ ପ୍ଲାଟଫର୍ମ ମାଧ୍ୟମରେ ଜଣେ ବ୍ୟକ୍ତିଙ୍କଠାରୁ ପ୍ରାୟ ୨କୋଟିରୁ ଅଧିକ ଟଙ୍କା ଠକେଇ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ସାଇବର ଠକ ଜଣକ ପ୍ରଥମେ ସୋସିଆଲ ମିଡିଆ ମାଧ୍ୟମରେ ପୀଡ଼ିତଙ୍କ ସହ ଯୋଗାଯୋଗ କରି ଏକ ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ସାମିଲ କରିଥିଲେ। ଅଧିକ ଲାଭର ପ୍ରଲୋଭନ ଦେଖାଇ ଆରସିଏଲ-ପିଏମଏ, ଫାଇଭମାକ୍ସ, ଭି୧୦୭୦୫ ଟ୍ରେଡର ହବ ଭଳି ନକଲି ଆପ୍ଲିକେସନରେ ନିବେଶ କରିବାକୁ ପୀଡ଼ିତଙ୍କୁ ପ୍ରବର୍ତ୍ତାଇଥିଲେ। ଅଭିଯୁକ୍ତମାନଙ୍କ ମିଥ୍ୟା ଆଶ୍ୱାସନାରେ ବଶବର୍ତ୍ତୀ ହୋଇ ପୀଡ଼ିତ ଜଣକ ସେମାନଙ୍କ ଦ୍ୱାରା ଦିଆଯାଇଥିବା ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ମୋଟ ୨କୋଟି ୧ଲକ୍ଷ ୫୦ ହଜାର ଟଙ୍କା ପଠାଇ ଠକେଇର ଶିକାର ହୋଇଥିବା ଜାଣି କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଇନ୍ସପେକ୍ଟର ବିଜିତ କୁମାର ବେହେରାଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚର ଏକ ତଦନ୍ତକାରୀ ଦଳ ଡିଜିଟାଲ ପ୍ରମାଣ ଏବଂ ବ୍ୟାଙ୍କ ନେଣଦେଣର ତଥ୍ୟ ଆଧାରରେ ଅଭିଯୁକ୍ତ ମନୋରଞ୍ଜନକୁ ଚିହ୍ନଟ କରି ଗିରଫ କରିଛନ୍ତି। ଅଭିଯୁକ୍ତ ନିକଟରୁ ପାଖରୁ ମୋବାଇଲ୍ ଫୋନ୍ ଏବଂ ସିମ୍ କାର୍ଡ ଭଳି ବହୁ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି। ଅଭିଯୁକ୍ତ ବିରୋଧରେ ବିଭିନ୍ନ ସାଇବର ଅପରାଧ ଧାରା ବିଏନଏସ ଏବଂ ଆଇଟି ଆକ୍ଟ ଅନୁଯାୟୀ ମାମଲା ରୁଜୁ କରାଯାଇ ଭୁବନେଶ୍ୱର ଏସଡିଜେଏମ କୋର୍ଟରେ ହାଜର କରାଯାଇଛି।

**AFFIDAVIT**
By virtue of an affidavit no.3814, dtd.14.10.2025 before the Notary Public, Sambalpur, I, Smt. Kamalesh Kumari Parida, W/o- Lingraj Parida, At- Adarshmarg, Po/Ps– Ainthapali, Dist.: Sambalpur declare that my maiden name was Kamalesh Kumari Dang as per my Voter ID. After married with Lingraj Parida, my name changed from Kamalesh Kumari Dang to Kamalesh Kumari Parida. Henceforth, I shall be known as **Kamalesh Kumari Parida** for all purposes.

ସକାଳ THE SAKALA



www.sakalaepaper.com

### କୃମିନାଶକ ଦିବସ ପାଳନ ପ୍ରସ୍ତୁତି

# ୨.୧୬ ଲକ୍ଷଙ୍କୁ କୃମି ଔଷଧ ବଣ୍ଟନ ଲକ୍ଷ୍ୟଧାର୍ଯ୍ୟ

ଜଗତସିଂହପୁର,୨୩।୧(ସମିସ)

ଜଗତସିଂହପୁର ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜାତୀୟ କୃମିନାଶକ ଦିବସ ପାଳନ ପାଇଁ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଜେ. ସୋନାଲ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ଫେବୃୟାରୀ ୧୦ ତାରିଖରେ ଏହି ଦିବସ ପାଳନ କରାଯିବ। ଏହି ଅବସରରେ ୧ରୁ ୧୯ ବର୍ଷ ବୟସର ସମସ୍ତ ଶିଶୁ, କିଶୋର ଓ ଯୁବକଙ୍କୁ ସ୍କୁଲ, କଲେଜ ଓ ଅଙ୍ଗନବାଡି କେନ୍ଦ୍ରରେ କୃମିନାଶକ ବଟିକା ଓ ସିରପ ଦିଆଯିବ। ଏତଦ୍ ବ୍ୟତୀତ ୨୦ରୁ ୨୪ ବୟସର ପ୍ରଜନନକ୍ଷମ ମହିଳା ମାନଙ୍କୁ ମଧ୍ୟ କୃମିନାଶକ ବଟିକା ଦିଆଯିବ।ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ମୋଟ ୨୧୬୪୨୩ ଜଣଙ୍କୁ କୃମି ଔଷଧ ବଣ୍ଟନ କରାଯିବାର ଲକ୍ଷ ଧାର୍ଯ୍ୟ କରାଯାଇଛି। ଯେଉଁମାନେ ସେହିଦିନ ବଟିକା କିମ୍ବା ସିରପ୍ ଖାଇନ ପାରିବେ ସେମାନଙ୍କୁ ଫେବୃୟାରୀ ୧୭ ୨ୟ ପର୍ଯ୍ୟାୟରେ ଏହା ଦିଆଯିବ। ଏହି କାର୍ଯ୍ୟକ୍ରମରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଶିଶୁ ବିକାଶ ବିଭାଗକୁ ସାମିଲ କରାଯାଇଛି। ଏଥିରେ ଆଶାକର୍ମୀ, ଅଙ୍ଗନବାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀ, ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ସହିତ ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତା ସହଯୋଗ କରିବେ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଏହି ବୈଠକରେ ଜିଲ୍ଲାସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରିଣୀ, ଆରଡବ୍ଲୁ ଅଧିକାରୀ, , ଜିଲ୍ଲା ଶିକ୍ଷା ଅଧିକାରୀ ତଥା ସ୍ୱାସ୍ଥ୍ୟ ବିଭାଗରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ରାଜେନ୍ଦ୍ର ପାଣିଗ୍ରାହୀ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାର (ପରିବାର କଲ୍ୟାଣ), ଡ. ପ୍ରମୋଦ ବାରିକ, ଡ. ସନ୍ତୋଷ କୁମାର ବେହେରା ଓ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରିଣୀ ସୋନାଲି ପ୍ରିୟଦର୍ଶିନୀ, ଜିଲ୍ଲା ଆକାଉଣ୍ଟ ମ୍ୟାନେଜର ପ୍ରକାଶ ଚାନ୍ଦ, ଡାଟା ମ୍ୟାନେଜର ଅଶୋକ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାପାଳ ଏହି ପ୍ରୋଗ୍ରାମକୁ ସୂଚାରୁ ଭାବରେ କାର୍ଯ୍ୟକାରୀ କରିବାକୁ ସବୁବିଭାଗ କୁ ନିର୍ଦ୍ଦେଶ ଦେଇଥିଲେ। ସର୍ବ ଶେଷରେ ଡେପୁଟି ମ୍ୟାନେଜର ସନ୍ଧ୍ୟାରାଣୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।




## ସଂଗ୍ରାମପୁର ଧାନ ମଣ୍ଡି ଉଦ୍‌ଘାଟିତ

ବାଲିକୁଦା,୨୩।୧(ସମିସ): ବାଲିକୁଦା ବ୍ଲକ ଖମ୍ବାକୁଳ ଠାରେ ଥିବା ସଂଗ୍ରାମପୁର ସମବାୟ ସମିତିରେ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି। ଅତିଥିଭାବେ ଜିଲ୍ଲାପରିଷଦ ସଦସ୍ୟା ଡାଲି ପଣ୍ଡା, ସଂଗ୍ରାମପୁର ସମିତି ସଭ୍ୟ ନାଥ କାଣ୍ଡି, ସରପଞ୍ଚ ମୋନାଲିସା ତରାଇ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଉଦଘାଟନ ଉତ୍ସବରେ ସମିତିର ସମ୍ପାଦକ ବିଚିତ୍ରାନନ୍ଦ ନାୟକ, ସଭାପତି ସୁକୁମାର ଦାସ, ମଣ୍ଡି ନୋଡାଲ ଅଫିସର ସର୍ବେଶ୍ୱର ଦାସ, କ୍ରୟ କମିଟିର ସଭ୍ୟ ତୁଷାର ଭୋଳ, ତପନ ବେହେରା, ଅଜୟ କୁମାର ଦାସ, ବାବୁଲି ଚାରଣ ଓଝା, ଭଗତ ପରିଜାଙ୍କ ସହ ପରିଚାଳନା କମିଟିର ସମସ୍ତ ସଦସ୍ୟ, ସଦସ୍ୟା ଏବଂ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ଅସହାୟଙ୍କୁ କମ୍ବଳ ବଣ୍ଟନ



ପାରାଦୀପ,୨୩।୧(ସମିସ): ପାରାଦୀପର ନେତାଜୀ ସୁଭାଷ ଫାଉଣ୍ଡେସନ ପକ୍ଷରୁ ନେତାଜୀଙ୍କ ଜୟନ୍ତୀ ଉପଲକ୍ଷେ ଗରିବ ଅସହାୟମାନଙ୍କୁ ଆଜି ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ଏହି ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ପାରିଷଦ ଅଜିତ ଷଡ଼ଙ୍ଗୀ, ସୁଶାନ୍ତ ଦାସ ଯୋଗଦେଇ ଥିଲେ। ଉପସ୍ଥିତ ଅତିଥିମାନେ କାର୍ଯ୍ୟକ୍ରମ ଶେଷରେ ୧୦୦ କମ୍ବଳ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ବଣ୍ଟନ କରିଥିଲେ। ଫାଉଣ୍ଡେସନର ସଦସ୍ୟ କମଳ ଲୋଚନ ଜୟସିଂ, ସଞ୍ଜୟ କୁମାର ପାଳ, ସୁଶାନ୍ତ କୁମାର ସ୍ୱାଇଁ, କାହ୍ନୁ ପାତ୍ର ଓ ରଞ୍ଜନ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପାରାଦୀପ ଡମ୍ଫର ମାଲିକ ସଂଘର ସମ୍ମିଳନୀ



ପାରାଦୀପ, ୨୩।୧ (ସମିସ): ପାରାଦୀପ ଡମ୍ଫର ମାଲିକ ସଂଘର ସମ୍ମିଳନୀ ସ୍ଥାନୀୟ ଗଲ୍ଫ ଫିଲଡରେ ଆୟୋଜିତ ହୋଇଯାଇଛି। ସଂଘର ସଭାପତି ବିଜୟ କୁମାର ନାୟକ (ସଦା)ଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଏସ୍ଏଲ ଗ୍ରୁପର ମ୍ୟାନେଜିଙ୍ଗ ଡାଇରେକ୍ଟର ଶିଳ୍ପପତି ମହିମାନନ୍ଦ ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶ୍ରମିକ ନେତା ବାପି ସର୍ଖେଲ, ଓଏସଏଲ୍‌ର ଡାଇରେକ୍ଟର ଚର୍ଚ୍ଚିତ ମିଶ୍ର, ସମାଜସେବୀ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଏସସି କମରସିଆଲର ମୁଖ୍ୟ ଅକ୍ଷୟ କୁମାର ସୂତାର ଓ ଧର୍ମେନ୍ଦ୍ର ପତି ପ୍ରମୁଖ ଯୋଗ ଦେଇଥିଲେ। ସଂଘର ସମସ୍ତ ସଦସ୍ୟ ଓ ସେମାନଙ୍କ ପରିବାର ଲୋକଙ୍କୁ ସୁସ୍ୱାଦୁ ଭୋଜନ ରେ ଆପ୍ୟାୟିତ କରାଯାଇଥିଲା। ଏନେଇ ଆୟୋଜିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ମଜା ନେଇଥିଲେ ଉପସ୍ଥିତ ଅତିଥି ଓ ସଦସ୍ୟଙ୍କ ପରିବାର ଲୋକେ। ଭଲ ନୃତ୍ୟ ପଦର୍ଶନ କରିଥିବା ପିଲାମାନଙ୍କୁ ସଙ୍ଘ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା।

### ● ୱାଇଏମ୍‌ସିସି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ପିସିସି ପାରାଦୀପ ଫାଇନାଲରେ

ତିର୍ତ୍ତୋଲ,୨୩।୧(ସମିସ): ତିର୍ତ୍ତୋଲ ନିକଟ ସାରଳା ରୋଡ ମିନି ଷ୍ଟାଡିୟମରେ ଆୟୋଜିତ ୱାଇଏମ୍‌ସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟ ପ୍ରଥମ ସେମି ଫାଇନାଲ୍ ମ୍ୟାଚ୍‌ରେ ପିସିସି ପାରାଦୀପ ଟିମ୍ ଆମ୍ବେଦକର ସ୍ପୋର୍ଟିଂ ଜଗତସିଂହପୁରକୁ ୪ ୱିକେଟରେ ହରାଇ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ୍ ଜିତି ଆମ୍ବେଦକର ସ୍ପୋର୍ଟିଂ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ ହରାଇ ୧୦୨ରନ୍ ସଂଗ୍ରହ କରିଥିଲା। ଜବାବରେ ପିସିସି ୧୬.୧ ଓଭାର ୬ ୱିକେଟ ହରାଇ ଆବଶ୍ୟକୀୟ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ମୁଖ୍ୟ ଅତିଥି ଶିକ୍ଷାବିତ୍ କମଳାକାନ୍ତ ପରିଜା ବିଜେତା ପିସିସି ପାରାଦୀପର ଅଲରାଉଣ୍ଡର ଦୁର୍ଗେଶ କୁମାରଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ସରୋଜ ନାୟକ ଉପସ୍ଥିତ ଥିଲେ। ଅମ୍ପାୟାର୍ ଭାବେ ଗୁରୁଦତ୍ତ ପରିଜା ଓ ସଂଗ୍ରାମ ରାୟ ଖେଳ ପରିଚାଳନା କରିଥିଲେ। ସଞ୍ଜିବ ପରିଜା, ଆର୍ଶୀବାଦ ପରିଜା, ଜିତ ପରିଜା, ବିଶାଳ ମହାପାତ୍ର, ତପୁ, ରାହୁଲ, ବାପି ସିଂ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଭିରଙ୍ଗ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

ଏରସମା,୨୩।୧(ସମିସ): ଏରସମା ବ୍ଲକ୍ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭିରଙ୍ଗର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିସରରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭୟ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଲିଆକତ ଅଲ୍ଲୀ ଖାନ, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ ପ୍ରଦ୍ୟୁମ୍ନ କୁମାର ଦାସ, ସିଆର୍‌ସିସି ଧ୍ରୁବଚରଣ ମୁଦୁଲି, ସଭାପତି ପଞ୍ଚସଖାର ମାନସ ସ୍ୱାଇଁ, ସିଏସ୍‌ସି ଚେୟାରମ୍ୟାନ୍ ଲଡିତ କୁମାର ଦାସ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ରାଜେନ୍ଦ୍ର କୁମାର ଦାସ ଅତିଥି ପରିଚୟ ବାର୍ଷିକ ବିବରଣୀ ପଠନ କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବିଳାସି ପ୍ରଧାନ, ଶାରଳା କୁମାରି ନାୟକ, ଶାନ୍ତିଲତା ସ୍ୱାଇଁ, ଅଞ୍ଜଳି ଦାସ, ସୁନିତା ସ୍ୱାଇଁ, ଭାଗ୍ୟଲକ୍ଷ୍ମୀ ନାୟକ ସହଯୋଗ କରିଥିଲେ। ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।


## ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

ରଘୁନାଥପୁର,୨୩।୧(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆ ଡାକ୍ତରଖାନା ନିକଟରେ ଥିବା ଶ୍ରୀଶ୍ରୀ ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ଶିକ୍ଷାବିତ ସୁରେଶ ଚନ୍ଦ୍ର ରାଉତ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ରଘୁନାଥପୁର ତହସିଲଦାର ରାଜଲକ୍ଷ୍ମୀ ନାୟକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ସ୍ପେଶାଲ ବ୍ରାଞ୍ଚ ଅଧିକାରୀ ପ୍ରେମାନନ୍ଦ ଲେଙ୍କା ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପରିଚାଳକ ମଙ୍ଗଳ ଦାଶ ମହାରାଜ ଯୋଗଦେଇ ଭଗବତ ଚେତନା ସମ୍ପର୍କିତ ବହୁ ମହତପୂର୍ଣ୍ଣ ଉପାଦେୟ ବୋଲି ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ଅଧିକାରୀ ଅଲେଖ ଚନ୍ଦ୍ର ବେହେରା, ଅବସର ପ୍ରାପ୍ତ ଶିକ୍ଷକ ସଦାଶିବ ବିଶ୍ୱାଳ ଓ ଅବସରପ୍ରାପ୍ତ ଶିକ୍ଷକ ସୁଶ୍ରୀ ଗୀତା ରଥ ପ୍ରମୁଖ ଯୋଗଦେଇ ନିଜ ନିଜର ଅନୁଭୂତି ବାଣ୍ଟିଥିଲେ। ଏହି ସଭାରେ ୪୫ ଜଣ ବରିଷ୍ଠ ନାଗରିକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ।

## ପେନସନ୍ ଆସୋସିସନ୍ ପକ୍ଷରୁ ସ୍ମୃତିସଭା

ପାରାଦୀପ,୨୩।୧(ସମିସ): ପାରାଦୀପ ବନ୍ଦର ପେନସନ୍ ଆସୋସିଏସନ୍ ପକ୍ଷରୁ ଆସୋସିଏସନ କାର୍ଯ୍ୟାଳୟରେ ଆଜି ଏକ ଶୋକସଭା ଆୟୋଜିତ ହୋଇଥିଲା। ପାରାଦୀପ ବନ୍ଦର ପୋର୍ଟ ଅଫିସର୍ସ ଆସୋସିଏନସନର ପ୍ରଥମ ସଭାପତି ତଥା ପାରାଦୀପ ବନ୍ଦର ଅଧ୍ୟକ୍ଷଙ୍କ ଅବସରପ୍ରାପ୍ତ ବ୍ୟକ୍ତିଗତ ସହାୟକ ପ୍ରସନ୍ନ କୁମାର ଆଚାର୍ଯ୍ୟ ଓ ପାରାଦୀପ ବନ୍ଦର ପେନସନ ଆସୋସିଏସନର ଆଜୀବନ ସଦସ୍ୟ ଦୀନବନ୍ଧୁ ମିଶ୍ରଙ୍କ ପରଲୋକରେ ଆଜିର ଏହି ଶୋକସଭା ଆୟୋଜିତ ହୋଇଥିଲା। ପେନସନ ଆସୋସିଏସନ୍ ସଭାପତି ରବୀନ୍ଦ୍ର କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶୋକସଭାରେ କାର୍ଯ୍ୟକାରୀ ସଭାପତି ଗୁଣନିଧି ଚୌଧୁରୀ, ସମ୍ପାଦକ ସୁରେଶ ଦାଶ, ଉପସଭାପତି ନିମାଁଇ ଚରଣ ରାଉତ, କୋଷାଧ୍ୟକ୍ଷ ଭାବଗ୍ରାହୀ ମିଶ୍ର, କାର୍ଯ୍ୟକାରୀ ସଭ୍ୟ ସଞ୍ଜୟ କୁମାର ଦାସଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ ମା’ ବାଗ୍‌ଦେବୀଙ୍କ ପୂଜା





ରଘୁନାଥପୁର,୨୩।୧(ସମିସ): ରଘୁନାଥପୁର ବ୍ଲକ ଅଞ୍ଚଳର ବିଭିନ୍ନ ସ୍କୁଲ, କଲେଜ, ବେସରକାରୀ ଶିକ୍ଷାନୁଷ୍ଠାନ, ଯୁବକ ସଂଘ ଓ ପାଠାଗାରରେ ଶିକ୍ଷାଦାତ୍ରୀ ମା’ ବାଗଦେବୀ ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଯୁବକ ସଂଘ ଓ ପାଠାଗାର ଗୁଡିକରେ ସନ୍ଧ୍ୟା ପରେ ମା’ ସରସ୍ୱତୀଙ୍କ ପୂଜାନୀତି ଆରମ୍ଭ ହୋଇଥିଲା। କୁର୍ତ୍ତାଙ୍ଗ ସ୍ଥିତ ସ୍ୱାମୀ ଆରୁପାନନ୍ଦ ଜୁନିଅର ଓ ଡିଗ୍ରୀ କଲେଜ, ମା’ ସରସ୍ୱତୀ ମହିଳା ସଂସ୍କୃତ ମହାବିଦ୍ୟାଳୟ, ରେଢୁଆ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ ଓ ତରିକୁନ୍ଦ ନବକୃଷ୍ଣ ଚୌଧୁରୀ ମହାବିଦ୍ୟାଳୟରେ ଅନୁରୂପ ଭାବେ ମା’ଙ୍କ ପୂଜା ପାଳିତ ହୋଇଥିଲା। ତାରପୁର ହାଇସ୍କୁଲରେ ମା’ଙ୍କ ପୂଜା ବହୁ ଧୁମଧାମରେ ପାଳିତ ହୋଇଥିଲା।

**ପାରାଦୀପ:** ବନ୍ଦର ନଗରୀ ପାରାଦୀପରେ ବିଭିନ୍ନ ଅନୁଷ୍ଠାନ ସହିତ ସ୍କୁଲ, କଲେଜ, କ୍ଲବ ଓ ବହୁ ସଂଗଠନ ଗୁଡ଼ିକ ପକ୍ଷରୁ ମା’ ସରସ୍ୱତୀଙ୍କ ମୃଣ୍ମୟ ମୂର୍ତ୍ତି ପୂଜା କରାଯାଇଛି। ବିଜୟଚନ୍ଦ୍ରପୁର ତାରେଣୀଗଡା ଠାରେ ଶ୍ରୀଜଗନ୍ନାଥ ପୂଜା କମିଟି ପକ୍ଷରୁ ମା’ଙ୍କ ପୂଜାର୍ଚ୍ଚନା କରାଯାଇଛି। ସ୍ଥାନୀୟ ଯୁବକ ଓ ବ୍ୟବସାୟୀମାନଙ୍କ ଦ୍ୱାରା ଗତ ୭ ବର୍ଷ ହେଲା ଏଠାରେ ମା’ ସରସ୍ୱତୀଙ୍କ ପୂଜା ଯଥାବିଧି ପାଳନ କରାଯାଉଛି। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ମା’ସରସ୍ୱତୀଙ୍କ ମୃଣ୍ମୟ ମୂର୍ତ୍ତି ସହିତ କାର୍ଟୁନ୍ ଚରିତ୍ର ନଟିଆ, ନେଉଳ, ଗେଣ୍ଡୁ, ଡାଙ୍ଗର ମୂର୍ତ୍ତି ମଧ୍ୟ କରାଯାଇଛି। ପୂଜା ପରେ ଦୁଇଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଆସନ୍ତା ରବିବାର ଭଷାଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ସଭାପତି ସଞ୍ଜୟ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି। ସେହିପରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍କୁଲ ପରିସରରେ ମା ବାଗ୍‌ଦେବୀଙ୍କର ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡାଙ୍କ ସମେତ ସହ ପ୍ରଧାନ ଆଚାର୍ଯ୍ୟ ମମତା କର ଓ ସମସ୍ତ ଗୁରୁଜୀ ଗୁରୁମା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସେହିପରି ଏରସମା ବ୍ଲକ୍ ଢ଼ିଙ୍କିଆ ପଞ୍ଚାୟତ ଅନ୍ତର୍ଗତ ତ୍ରିଲୋଚନପୁର ନିତ୍ୟାନନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗଣେଶ ଓ ସରସ୍ୱତୀଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଧୁମ୍ ଧାମରେ ପାଳନ କରାଯାଇଛି। ପୂରାତନ ଛାତ୍ରଛାତ୍ରୀ, ଗ୍ରାମର ମୂରବୀ, ସ୍କୁଲ ପରିଚାଳନା କମିଟି,ପଞ୍ଚଶିକ୍ଷା ସେତୁ କମିଟି ଏବଂ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ସହଯୋଗରେ ଆଜି ଗଣେଶ ଓ ସରସ୍?ତୀଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ପାଳନ କରାଯାଇଛି।

## ସ୍ୱଦେଶୀ ସଂକଳ୍ପ ଯାତ୍ରା ଓ ଗଣଦୌଡ଼




ଜଗତସିଂହପୁର,୨୩।୧(ସମିସ): ସ୍ୱଦେଶୀ ଜାଗରଣ ମଞ୍ଚ ଜଗତସିଂହପୁର ତରଫରୁ ସ୍ୱଦେଶୀ ସଂକଳ୍ପ ଯାତ୍ରା ଓ ସ୍ୱଦେଶୀ ଗଣ ଦୌଡ ଜିଲ୍ଲାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜକ ପ୍ରଦୀପ ଷଡ଼ଙ୍ଗୀ ଏବଂ ସ୍ୱାବଲମ୍ବୀ ଭାରତ ଅଭିଯାନର ଜିଲ୍ଲା ପ୍ରମୁଖ ଭଗବାନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା ଏହି ସଂକଳ୍ପ ଯାତ୍ରା। ଜିଲ୍ଲାର ବିଭିନ୍ନ ସ୍ଥାନରେ ସଚେତନତାର ବାର୍ତ୍ତାବହ ଏହି ସ୍ୱଦେଶୀ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଜିଲ୍ଲା ସଂଘ ଚାଳକ ସୁରେଶ ରାୟ, ଏବିଭିପିର ଜଗତସିଂହପୁର ଜିଲ୍ଲା ସଂଯୋଜକ ସତ୍ୟ ପ୍ରକାଶ ମହାନ୍ତି, ବିଜେପି ପୂର୍ବତନ ସଭାପତି ସତ୍ୟବ୍ରତ ମହାପାତ୍ର, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ର, ସର୍ବେଶ୍ୱର ବଳିୟାର ସିଂ, ପାରାଦୀପ ଅଞ୍ଚଳର ନାରୀ ନେତ୍ରୀ ଚନ୍ଦ୍ରକାନ୍ତି ପଲେଇ, ଜଗତସିଂହପୁର ପୌର ପରିଷଦର ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ଗଣେଶ ପ୍ରସାଦ ମହାନ୍ତି, ତପନ କୁମାର ତ୍ରିପାଠୀ ଓ ସଂଘ ପ୍ରଚାରକ କାବ୍ୟସଚି ରାୟ ପ୍ରମୁଖ ସହଯୋଗ କରିଥିଲେ। ଜଗତସିଂହପୁର ସ୍ଥିତ କଲେଜ ଛକ ଠାରେ ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସୁଜାତା ଓଝା ଓ ଅଧ୍ୟାପକ ଅଧ୍ୟାପିକା ମାନଙ୍କ ଦ୍ୱାରା ସ୍ୱଦେଶୀ ରଥକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ରଥ ଜଗତସିଂହପୁର ଜିଲ୍ଲା ପରିକ୍ରମ କରି କଟକ ଅଭିମୁଖେ ତା’ର ଯାତ୍ରା ଆରମ୍ଭ କରିଥିଲା।

## ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

ନାଉଗାଁ,୨୩।୧(ସମିସ): ନାଉଗାଁ ତିହୁଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସରସ୍ୱତୀ ପୂଜା ଓ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଉକ୍ତ ସମାରୋହରେ ମୁଖ୍ୟଅତିଥି ରୂପେ ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର, ମୁଖ୍ୟବକ୍ତା ଭାବେ ରବୀନ୍ଦ୍ର କୁମାର ମିଶ୍ର ଯୋଗଦେଇଥିବା ବେଳେ ଅନ୍ୟ ସମ୍ମାନିତ ଅତିଥିଙ୍କ ମଧ୍ୟରେ ରୋହିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଗିରିଧାରୀ ମହାନ୍ତି ଓ ଡ. ଚିତ୍ତରଞ୍ଜନ ମହାନ୍ତି, ପରିଚାଳନା କମିଟି ସଭାପତି ଶିକ୍ଷାବିତ ସରୋଜ କୁମାର ନାୟକ, କୈବର୍ତ୍ତ ମହାସଂଘର ସଭାପତି ଭାଗୀରଥି ବେହେରା ପ୍ରମୁଖ ଯୋଗଦେଇଥିଲେ। ନାଉଗାଁ ଅଞ୍ଚଳର ସୁନାମଧନ୍ୟ ଡା. ସ୍ୱର୍ଗତ ତ୍ରିଲୋଚନ ଜେନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଧର୍ମପତ୍ନୀ କୁହୁକିନୀ ରାଉତରାୟ ତ୍ରିଲୋଚନ ସ୍ମାରକୀ ମେଧାବୀ ଛାତ୍ରୀ ସୁଶ୍ରୀ ତନଶା ସ୍ୱାଇଁଙ୍କୁ ପ୍ରଦାନ କରାଯାଇଥିଲା। ନୃସିଂହ ଗୁରୁଜୀ ମଞ୍ଚ ପରିଚାଳନା କରିଥିଲେ।

## ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିହାରୀଙ୍କ ଜୟନ୍ତୀ

ଜଗତସିଂହପୁର,୨୩।୧(ସମିସ): ଜଗତସିଂହପୁର ମାଟିର ଅନ୍ୟତମ ବରପୁତ୍ର ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିହାରୀଙ୍କ ୧୪୪ତମ ଜୟନ୍ତୀ ତାଙ୍କ ଜନ୍ମମାଟିରେ ପାଳିତ ହୋଇଯାଇଛି। ଏହି ଅବସରରେ ଜୟବଡ଼ ଛକ ନିକଟରେ ଥିବା ପଣ୍ଡିତ ପଢ଼ିହାରୀଙ୍କ ପ୍ରତିମୂର୍ତ୍ତିରେ ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ପୌର ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋୟୀ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା, ପାରିଷଦ ଜଗତାନନ୍ଦ ପଢିହାରୀ, ପୌର କର୍ମଚାରୀ ଦୀପକ ପଟ୍ଟନାୟକ, ସମ୍ବାଦିକ ଶୁଭକାନ୍ତ ପଢିହାରୀ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ତିର୍ତ୍ତୋଲ,୨୩।୧(ସମିସ): ତିର୍ତ୍ତୋଲ ବ୍ଲକ ସଭାଗୃହରେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସତ୍ୟଜିତ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତଏହି ସଚେତନତା କାର୍ଯ୍ୟକ୍ରମରେ ତିର୍ତ୍ତୋଲ ବ୍ଲକ ଅଙ୍ଗନବାଡି କର୍ମୀ, ଆଶା କର୍ମୀ ଓ ସ୍ୱୟଂସହାୟିକା କର୍ମୀମାନେ ଯୋଗଦାନ କରିଥିଲେ। ସମାଜସେବୀ ତଥା ଆଇନଜୀବୀ ଡ. ସୁନାକର ବେହେରା ସଭା ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ଜିଲ୍ଲା ମୋଟର ଭେକିଲ ଇନିସ୍ପେକ୍ଟର ମନୋରମା ମାଝୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ତିର୍ତ୍ତୋଲ ଶିଶୁ ବିକାଶ ଅଧିକାରିଣୀ ଅରସୁମଣୀ ସୋରେନ, ସମ୍ମାନିତ ଅତିଥି ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ବଳଦେବ ସ୍ୱାଇଁ, ତିର୍ତ୍ତୋଲ ଥାନାର ଏଏସ୍‌ଆଇ କେଦାରସନ ଦଳାଇ, ପିପ୍ପଳ ମାଧବ ପଞ୍ଚାୟତର ସରପଞ୍ଚ ଅଶୋକ କୁମାର ନାୟକ, ସାମ୍ବାଦିକ ଶ୍ରୀକାନ୍ତ ଦାଶ ଯୋଗଦେଇଥିଲେ। ସ୍ୱେଚ୍ଛାସେବୀ ବିପିନ ବରାଳ, ଜୟନ୍ତ ମହାନ୍ତି, ସାମ୍ବାଦିକ ଦେବାଶିଷ ଅକ୍ଷୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସଂଯୋଜକ ଆଇନଜୀବି ସୁନାକର ବେହେରା ଧନ୍ୟବାଦ୍ ଦେଇଥିଲେ।

## ସାଗରିକା କଳା ନିକେତନର ବାର୍ଷିକ ଉତ୍ସବ

ପାରାଦୀପ,୨୩।୧(ସମିସ): ପାରାଦୀପର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ସାଗରିକା କଳା ନିକେତନର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ପାରାଦୀପ ବନ୍ଦର ପ୍ରାକ୍ତନ ସଚିବ ପ୍ରଭାତ କୁମାର ନନ୍ଦ ପ୍ରାଚୀନ କଳା କେନ୍ଦ୍ର ଓଡିଶା ପ୍ରଭାରୀ ବ୍ୟୋମକେଶ ଜେନା, ଓଡିଶାରେ ଭାରତୀୟ ନୃତ୍ୟ, ସଙ୍ଗୀତ ଓ ଚିତ୍ରକଳାର ପ୍ରସାର କ୍ଷେତ୍ରରେ ପ୍ରାଚୀନ କଳା କେନ୍ଦ୍ର, ଚଣ୍ଡିଗଡର ଅବଦାନ ଅତୂଳନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ପ୍ରାଚୀନ କଳା କେନ୍ଦ୍ରର ସଚିବ ସଜଳ କୋଷ, ଅତିରିକ୍ତ ନିବନ୍ଧକ ତଥା ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ କଥକ ନୃତ୍ୟାଙ୍ଗନା ଡ. ସମୀରା କୋଷ ଯୋଗ ଦେଇଥିଲେ। ଗୁରୁ ବିଜୟ କୁମାର ମାଛୁଆଙ୍କ ନିର୍ଦ୍ଦେଶନାରେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ ମେଘ ମହ୍ଲାର କଳ ପରିଷଦ ଛାତ୍ରଛାତ୍ରୀ। ଗୁରୁ ପ୍ରଭାତ କୁମାର ଶିଳ୍ପୀ ଓ ଗୁରୁ ଡମ୍ବରୁଧର ଓଝାଙ୍କ ବେହେଲା ଓ ତବଲାର ଯୁଗଳବନ୍ଦୀ ଓ ସାଗରିକା କଳା ନିକେତନ ଛାତ୍ର ପ୍ରଦୀପ କୁମାର ତରାଇ ଏକକ ଓଡିଶୀ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ଗୁରୁ ସ୍ମୃତିକାନ୍ତ ଶର୍ମାଙ୍କ ନିର୍ଦ୍ଦେଶନାରେ ଝୁମର ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ କଳା ନିକେତନର ସମ୍ପାଦକ ପ୍ରବୀର କୁମାର ସାହୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ପ୍ରାଚୀନ କଳା କେନ୍ଦ୍ର, ଆଞ୍ଚଳିକ ଅଧିକାରୀ ଜୟନ୍ତ କିଶୋର ରାୟ, କଳା ନିକେତନର ଶିକ୍ଷକ ଶିକ୍ଷୟତ୍ରୀମାନେ ପରିଚାଳନା କରିଥିଲେ। ଜୟନ୍ତ କିଶୋର ରାୟ, ସଂଗୀତ ନିର୍ଦ୍ଦେଶକ ପ୍ରଫୁଲ କୁମାର ନାୟକ ଉପସ୍ଥିତ ଥିଲେ।

# ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

ଜଗତସିଂହପୁର,୨୩।୧(ସମିସ)

ଜଗତସିଂହପୁର ସହରର ଚାଟ୍ରା ସ୍ଥିତ ଐତିହାସିକ ଅଳକା ଆଶ୍ରମ ପରିସରରେ ନେତାଜୀ ସଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଦୁଇ ବୀର ସଂଗ୍ରାମୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ଶିକ୍ଷାବିତ ଦେବେନ୍ଦ୍ର କୁମାର ରାଉତଙ୍କ ଆବାହକତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଆଶ୍ରମର ସଭାପତି ଗୌରାଙ୍ଗ ଚରଣ ହୋତା, ଅଧ୍ୟାପକ ନୀରଞ୍ଜନ ବିଶ୍ୱାଳ, ଭଗବାନ ଦାଶ, ପ୍ରତାପ କୁମାର ଲେଙ୍କା, ବିଜୟ ରଥ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଏବଂ ନିହାର ରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ ସାହୁ, ନୀରଞ୍ଜନ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ନରେନ୍ଦ୍ର ସ୍ୱାଇଁ, ପବିତ୍ର ସ୍ୱାଇଁ ଏବଂ ପ୍ରଦୀପ ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

**ନାଉଗାଁ:** ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଜୟନ୍ତୀ ବାଂଶ ଗ୍ରାମରେ ପାଳିତ ହୋଇଛି। ନେତାଜୀ ଜୟନ୍ତୀ ପାଳନ କମିଟି ନାଉଗାଁ ନେତୃତ୍ୱରେ ବାଂଶ ଗ୍ରାମରେ ସ୍ଥାପିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। କମିଟିର ଆବାହକ ସୁବାସ ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମର ବରିଷ୍ଠ ନାଗରିକ ହାଡିବନ୍ଧୁ ସେଠୀ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ସମ୍ପାଦକ ବୈଜୟନ୍ତୀ ସ୍ୱାଇଁ, ବାସୁଦେବଜୀଉ ଡ୍ରାମାଟିକ କ୍ଲବର ସମ୍ପାଦକ ଆଲୋକ କୁମାର ଦାସ, ଏଆଇକେକେଏମ୍‌ଏସ୍‌ର ଟୁକୁନା ଦାସ, ଛବିନ୍ଦ୍ର ଭୋଇ, ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର ସ୍ୱର୍ଣ୍ଣଲତା କାଣ୍ଡି, ସ୍ୱାଧୀନ ସାମଲ, ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ୟୁଥ୍ ଅର୍ଗାନାଇଜେସନର ବୀର କିଶୋର ମଲ୍ଲିକ,ମଳୟ କୁମାର ଦାସ ଶିକ୍ଷୟିତ୍ରୀ ଲିପିକା ରାଣୀ ଲେଙ୍କା, ଛାତ୍ରଛାତ୍ରୀ ଇତିଶ୍ରୀ ବିଶ୍ୱାଳ, ଅଭିପସା ମୁଦୁଲି, ପୂଜା କାଣ୍ଡି, ସୂର୍ଯ୍ୟାଂଶ ବିଦ୍ୟା ସାଗର ପ୍ରମୁଖ ମାଲ୍ୟାର୍ପଣ କରିଥିଲେ।



**ପାରାଦୀପ:** ପାରାଦୀପ ଅଞ୍ଚଳର ଅଗ୍ରଣୀ ଅନୁଷ୍ଠାନ ନେତାଜୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ନେତାଜୀ ସଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଆଜି ବଡ଼ପଡ଼ିଆ ନେତାଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଆୟୋଜିତ ସ୍ମୃତିଚାରଣ ସଭାରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ନେତା ବାବୁରାମ ଚୌଧୁରୀ, ଶ୍ରମିକ ନେତା ବିଷ୍ଣୁଚରଣ ମୁଦୁଲି, ନାରୀନେତ୍ରୀ ସବିତା ମହାପାତ୍ର, କଳିଙ୍ଗ ମହିଳା ଶକ୍ତିର ସଭାପତି ମନୋରମା ଖଟୁଆ, ଅର୍ଜୁନ କୁମାର ନାୟକ, ଦେବୀ ପ୍ରସାଦ ମାଝୀ, ସୁଶୀଲ ମହାପାତ୍ର, ପାରିଷଦ ଅଜିତ କୁମାର ଷଡ଼ଙ୍ଗୀ, ଗୋଲଖ ଚନ୍ଦ୍ର ସାହୁ, ଆଲୋକ ମହାପାତ୍ର, ଶଙ୍କର ପ୍ରସାଦ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଟ୍ରଷ୍ଟର ସଭାପତି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ନେତାଜୀଙ୍କ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହେବାକୁ ଅନୁରୋଧ କରିଥିଲେ। ଟ୍ରଷ୍ଟର ସାଧାରଣ ସମ୍ପାଦକ ମନୋଜ କୁମାର ଖଟୁଆ, ଅର୍ଜୁନ କୁମାର ନାୟକ, ସବିତା ଶତପଥୀ ପ୍ରମୁଖ ଏହି ସ୍ମୃତି ସଭାକୁ ପରିଚାଳନା କରିଥିଲା ବେଳେ ମହେନ୍ଦ୍ର କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପାରାଦୀପରେ ନେତାଜୀଙ୍କ ପ୍ରତିମୂର୍ତ୍ତି ବଡ଼ପଡ଼ିଆର ମୁଖ୍ୟ ରାସ୍ତାରେ ଥିବାରୁ ଏହାକୁ ପୁନଃ ସ୍ଥାପନ ପାଇଁ ପୌରାଧ୍ୟକ୍ଷଙ୍କ ଉପସ୍ଥିତରେ ମତ ପ୍ରକାଶ ପାଇଥିଲା।



**● ଗଛରେ ଧକ୍କା ହେଲା କାର**

## ଜଣେ ମୃତ, ୫ ଗୁରୁତର

ପରଜଙ୍ଗ,୨୩।୧(ସମିସ): ଢେଙ୍କାନାଳ ଜିଲ୍ଲା ମହାବିରୋଡ୍ ଥାନା ଜାଙ୍ଗୁ-ବିରବିଲୋଇ ପୂର୍ତ୍ତ ରାସ୍ତାରେ କାର ଭାରସାମ୍ୟ ହରାଇ ଗଛରେ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ବସୁଲେଇ ଗ୍ରାମର ଭ୍ରମରବର ବେହେରା (୫୦)। ସେହି ଗ୍ରାମର ଜଗବନ୍ଧୁ ରାଉତ (୨୬), କମଳଲୋଚନ ବେହେରା (୪୯), ବିନୟ ବେହେରା (୩୬), ଚନ୍ଦନ ମାଝୀ (୨୩) ଓ ପବିତ୍ର ବେହେରା (୩୯)ଙ୍କୁ ଗୁରତର ଅବସ୍ଥାରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଜଗବନ୍ଧୁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଶୁକ୍ରବାର ଏମାନେ ଏକ ବିବାହ ଭୋଜିରେ ଯୋଗଦେବାକୁ କାର୍ ଯୋଗେ ମହାବିରୋଡ ଥାନା ପଙ୍ଗାତିରା ଗ୍ରାମକୁ ଯାଇଥିଲେ। ଅପରାହ୍ନରେ ଘରକୁ ଫେରୁଥିବା ବେଳେ ରାସ୍ତା ପାର୍ଶ୍ୱରେ ଥିବା ଗଛରେ କାର୍ ଧକ୍କା ହୋଇଥିଲା। ମହାବିରୋଡ୍ ଥାନା ପୁଲିସ ସହାୟତାରେ ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଭ୍ରମରବରଙ୍କୁ ମୃତ ଘୋଷଣା କରିଥିଲେ।

## ସ୍ୱତନ୍ତ୍ର ଏନ୍‌ଏସ୍‌ଏସ୍ ଶିବିର ଉଦଯାପିତ



ଢେଙ୍କାନାଳ,୨୩।୧(ସମିସ): ଢେଙ୍କାନାଳ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭ ଦିନିଆ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଶିବିର ଉଦଯାପିତ ହୋଇଛି। ଅଧ୍ୟକ୍ଷା ଡ. ଶକୁନ୍ତଳା ଜେନାଙ୍କ ଅଧ୍ୟକ୍ଷତା ଏବଂ ଉପଦେଷ୍ଟା ଡ. ଭୁବନେଶ୍ୱର ମୁଦୁଲିଙ୍କ ପରାମର୍ଶରେ ଡ. ପଙ୍କଜ ବାରିକଙ୍କ ତତ୍ତ୍ୱାବଧାନରେ ଶିବିର ଚାଲିଥିଲା। ସ୍ୱେଚ୍ଛାସେବୀମାନେ ଦୈନନ୍ଦିନ ପ୍ରାତଃ କାର୍ଯ୍ୟକ୍ରମ ଯୋଗ, ପ୍ରାର୍ଥନା, ବ୍ୟାୟାମ ସହ ବିଦ୍ୟାଳୟ ପରିସର ଓ ପୋଷ୍ୟ ଗ୍ରାମ ବୋରାପଦାରେ ସଫେଇ କରିଥିଲେ। ବାଲ୍ୟ ବିବାହ, ଶିଶୁ ଶ୍ରମିକ ପ୍ରଥାର କୁପ୍ରଭାବ ବିଷୟରେ ଗ୍ରାମବାସୀଙ୍କୁ ଅଭିନୟ ମାଧ୍ୟମରେ ସଚେତନ କରିଥିଲେ। ଶିବିରରେ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, ଗୀତ, ନାଚ, ରଚନା ଲିଖନ, ସ୍ଲୋଗାନ ଲିଖନ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୃତୀ ସ୍ୱେଚ୍ଛାସେବୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଏନଏନଏସ୍ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଡ. ଦେବରାଜ ପରିଡ଼ା ଯୋଗଦେଇ ସ୍ୱେଚ୍ଛାସେବୀଙ୍କ କର୍ତ୍ତବ୍ୟ ଏବଂ ଏନଏନଏସର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

**● ଗୋଷ୍ଠୀ ବିବାଦ**

## ସିଂହଡ଼ା ଗ୍ରାମରେ ବିଏନ୍‌ଏସ୍ ୧୬୩ ଜାରି

ପରଜଙ୍ଗ,୨୩।୧(ସମିସ): ଗୋଷ୍ଠୀ ବିବାଦକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଶୁକ୍ରବାର ପରଜଙ୍ଗ ଥାନା କଲଦା ପଞ୍ଚାୟତ ସିଂହଡ଼ା ଗ୍ରାମରେ ୨୬ ତାରିଖ ପର୍ଯ୍ୟନ୍ତ ବିଏନ୍‌ଏସ୍‌ର ଧାରା ୧୬୩ ଜାରି କରାଯାଇଛି। ଦୀର୍ଘ ୧୦ ବର୍ଷ ହେଲା ସିଂହଡ଼ା ଗ୍ରାମରେ ରାଜନୈତିକ ଉଷ୍ମତା ଲାଗି ରହିଛି। ଗ୍ରାମର ୧୬୦ ପରିବାରକୁ ନେଇ ଗୋଟିଏ ଗୋଷ୍ଠୀ ଓ ୩୦ ପରିବାରକୁ ନେଇ ଆଉ ଗୋଟିଏ ଗୋଷ୍ଠୀ ବର୍ଷତମାମ ଭଲରେ ଚଳପ୍ରଚଳ ହୋଇଥାଆନ୍ତି। ମାତ୍ର ପର୍ବପର୍ବାଣିରେ ଅଶାନ୍ତି ସୃଷ୍ଟିହୁଏ। ବିଭିନ୍ନ ସମୟରେ ପ୍ରଶାସନ ତରଫରୁ ଉଭୟ ଗୋଷ୍ଠୀଙ୍କୁ ନେଇ ସମାଧାନ ପାଇଁ ବହୁବାର ଉଦ୍ୟମ ସତ୍ତ୍ୱେ ମିଳାମିଶା ହୋଇ ପାରିନାହିଁ। ଜାନୁଆରୀ ୨୩ରୁ ୨୬ ପର୍ଯ୍ୟନ୍ତ ଗ୍ରାମରେ ନାମଯଜ୍ଞ ଅନୁଷ୍ଠିତ ହେବାର ଥିଲା। ଏଥର ମଧ୍ୟ ବହୁ ପୂର୍ବରୁ ପ୍ରଶାସନ ସମାଧାନ କରିବାକୁ ଉଦ୍ୟମ କରିଥିଲା। କିନ୍ତୁ ବିଫଳ ହେବାରୁ ଗ୍ରାମରେ ୧୬୩ ଧାରା ଜାରି କରାଯାଇଛି।

ବିଭିନ୍ନ ସମୟରେ ପ୍ରଶାସନ ଦ୍ୱାରା ଉତକ୍ଷିପ୍ତ ହୋଇ ଗ୍ରାମବାସୀ ପ୍ରଶାସନ ସହ ଏକମତ ହୋଇ ପାରୁନାହାନ୍ତି। ଶୁକ୍ରବାର ଉପଖଣ୍ଡ ପ୍ରଶାସନ ତରଫରୁ କାମାକ୍ଷାନଗର ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗ୍ରାମରେ ୧୬୩ ଧାରା ଜାରି ନେଇ ନୋଟିସ ଲଗାଯିବା ସହ ଡେଙ୍ଗୁରା ଓ ଡାକବାଜି ଯନ୍ତ୍ର ଦ୍ୱାରା ଜଣାଇ ଦିଆଯାଇଛି। ଏହି ଅବଧି ମଧ୍ୟରେ ଗ୍ରାମରେ କୌଣସି ସ୍ଥାନରେ ନିଆଁ କିମ୍ବା ବାଣ ଲଗାଇ ପାରିବେ ନାହିଁ। କୌଣସି ରାଜନୈତିକ ବୈଠକ ବା ଶୋଭାଯାତ୍ରା କରିପାରିବେ ନାହିଁ। ବାଡ଼ି, ଠେଙ୍ଗା, ପଥର କିମ୍ବା ଅନ୍ୟ ମାରଣାସ୍ତ୍ର ରଖିପାରିବେ ନାହିଁ। ଏହାକୁ ଅବମାନନା କଲେ ବିଏନଏସ ୧୬୩ ଧାରା ଅନୁଯାୟୀ ଦଣ୍ଡିତ ହେବେ ବୋଲି କୁହାଯାଇଛି। ପରଜଙ୍ଗ ତହସିଲଦାର ସୁଦେବ ପୃଷ୍ଟି, ଏସ୍‌ଡିପିଓ ରଜନୀକାନ୍ତ ସାମଲ, ଥାନା ଅଧିକାରୀ ଧୀରେନ କୁମାର ବେହେରା, ଏଏସ୍‌ଆଇ ଯୁଗଳ ପ୍ରଧାନ, ଏସ୍‌ଆଇ ଦେବଗ୍ରାହୀ ମହାନ୍ତି, ବିକାଶ କୁମାର ବେହେରା, ଅରୁଣି ସାଶିନୀ ଉପସ୍ଥିତ ଥିଲେ।

# ରାଜ୍ୟର ବୃହତ ଔଷଧୀୟ ଅରଣ୍ୟ ଜରାଜୀର୍ଣ୍ଣ

ଢେଙ୍କାନାଳ,୨୩।୧(ସମିସ)





ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ସୋଗରସ୍ଥିତ ମହାତ୍ମା ଗାନ୍ଧୀ ଔଷଧୀୟ ଅରଣ୍ୟରୁ ମୁହଁ ଫେରାଇଲେଣି ପର୍ଯ୍ୟଟକ। ମାସ ମାସ ଧରି କର୍ମଚାରୀଙ୍କୁ ଦରମା ମିଳୁ ନ ଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ଏହା ଜରାଜୀର୍ଣ୍ଣ ଅବସ୍ଥାକୁ ଆସିବାରେ ଲାଗିଛି।

ସୋଗରଠାରେ ରାଜ୍ୟ ସରକାରଙ୍କ ତରଫରୁ ରାଜ୍ୟର ସର୍ବବୃହତ ଔଷଧୀୟ ଅରଣ୍ୟ ମହାତ୍ମା ଗାନ୍ଧୀ ଔଷଧୀୟ ଅରଣ୍ୟ ରହିଛି। ୨୦୧୦ରେ ଏହାର ପରିକଳ୍ପନା କରାଯିବା ସହ ପ୍ରାୟ ୫୯୫ ଏକର ଜମିରେ ଏହି ଔଷଧୀୟ ଅରଣ୍ୟ କରାଯାଇଛି। ଏଥିରେ ୪୪୨.୮୪ ଏକର ଜଙ୍ଗଲ ଜମି ରହିଥିବା ବେଳେ ୧୫୨.୧୬ ଏକର ରାଜସ୍ୱ ଜମି ରହିଛି। ଅରଣ୍ୟ ଭିତରେ ୱାଟର ପାର୍କ, ୱାଚ ଟାୱାର, ଗ୍ଲାସ ଘର, ରହିବା ଘର, ୱାଟର ଫାଉଣ୍ଟେନ, ବିଶ୍ରାମ ଘର, ଅଡିଟୋରିୟମ, ଗୋପାଳନ, କୁକୁଡ଼ା ଚାଷ ସହିତ ବିଭିନ୍ନ ଔଷଧୀୟ, ଫୁଲ ଗଛ ରହିଛି। ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଶିଶୁ ଉଦ୍ୟାନ, ଝୁଲାଖଟ, ଦୋଳି ସହ ବିଭିନ୍ନ କାର୍ଯ୍ୟ ହୋଇଛି। ତତ୍କାଳୀନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ଉଦ୍ୟମରେ ଏହି ଔଷଧୀୟ ଅରଣ୍ୟ କରାଯାଇଥିବା ବେଳେ ରୁଙ୍ଗଟା କମ୍ପାନୀ ତରଫରୁ ଅତ୍ୟାଧୁନିକ ଘର ମଧ୍ୟ କରାଯାଇଛି। ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ସୁବିଧା ମଧ୍ୟ କରାଯାଇଛି। ବର୍ଷତମାମ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଏହି ଔଷଧୀୟ ଅରଣ୍ୟରେ ପ୍ରାୟ ୧୧ କୋଟି ୪୨ ଲକ୍ଷ ଟଙ୍କା ପ୍ରାରମ୍ଭିକ ଭାବରେ ଖର୍ଚ୍ଚ

**କର୍ମଚାରୀଙ୍କୁ ମିଳୁନି ଦରମା, ରକ୍ଷଣାବେକ୍ଷଣ ଅଭାବ**

କରାଯାଇଥିବା ବେଳେ ୩ଶହ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଥିବା ଜଣାପଡ଼ିଛି। ଖର୍ଚ୍ଚକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହାକୁ ନେଇ ସରକାରଙ୍କ ତରଫରୁ ନିର୍ଦ୍ଦେଶ ଆସିବା ପରେ ଜିଲ୍ଲାପାଳଙ୍କ ୨୪.୬.୨୦୨୪ ଆଦେଶ ସଂଖ୍ୟା ୨-୫୩/୨୪ ପତ୍ରସଂଖ୍ୟା ୬୪୬୦ ଅନୁସାରେ ହିନ୍ଦୋଳ ତହସିଲଦାରଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ଏକ ଟିମ ଗଠନ କରି ଔଷଧୀୟ ଅରଣ୍ୟ ସୋସାଇଟି ଭିତରେ ହୋଇଥିବା କାର୍ଯ୍ୟ ସମ୍ପର୍କରେ ତଦନ୍ତ କରିବାକୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଯେମିତି ଔଷଧୀୟ ଅରଣ୍ୟକୁ ଶନିଦଶା ପଡ଼ିଛି। ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କ ମଧ୍ୟରୁ ଅନେକେ ଦୀର୍ଘ ୫ ମାସରୁ ଅଧିକ ସମୟ ଧରି ଦରମା ପାଇ ନ ଥିବା ଜଣାପଡ଼ିଛି। କର୍ମଚାରୀ ଅଭାବରୁ ରକ୍ଷଣାବେକ୍ଷଣ ହୋଇପାରୁନାହିଁ। ଗଛଗୁଡ଼ିକରେ ସଠିକ ସମୟରେ ପାଣି ଦିଆଯାଉ ନ ଥିବାରୁ ସେଗୁଡ଼ିକ ଶୁଖିଗଲାଣି। ଚାରିଆଡ଼ ଖାଁ ଖାଁ ଲାଗୁଛି। ଶିଶୁ ଉଦ୍ୟାନ ବି ଶୁଖିଲା। ଗୋପାଳନ ତଥା କୁକୁଡ଼ା ଘରଗୁଡ଼ିକରେ ନଡ଼ା କୁଟା ରଖାଯାଇଛି। ସେଠାରେ ନିର୍ମିତ ଘରଗୁଡ଼ିକ ତାଲାପଡ଼ି ରହିଛି। ସରକାର କିମ୍ବା ପ୍ରଶାସନ କୌଣସି ଗୁରୁତ୍ୱ ଦେଉ ନ ଥିବାରୁ ଔଷଧୀୟ ଅରଣ୍ୟ ତା'ର ଗାରିମା ହରାଇବାରେ ଲାଗିଛି। ସରକାର ବଦଳିଯିବା ପରେ ପ୍ରଶାସନ ମଧ୍ୟ ଏହାକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ପାର୍କ ଭିତରକୁ ଯିବା ପାଇଁ ଯେଉଁ ଦେୟଆଦାୟ କରାଯାଉଛି, ସେଥିରେ ପାର୍କ ରକ୍ଷଣାବେକ୍ଷଣ କଷ୍ଟକର ହେଉଛି। ରାଜ୍ୟର ସର୍ବବୃହତ ଔଷଧୀୟ ଅରଣ୍ୟ ପ୍ରତି ସରକାର ଦୃଷ୍ଟି ନ ଦେବା ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏ ଦିଗରେ ପଦକ୍ଷେପ ନେଇ ଏହାର ରକ୍ଷଣାବେକ୍ଷଣ କରିବା ସହ ନିୟମିତ କର୍ମଚାରୀ ନିଯୁକ୍ତ କରିବାକୁ ଦାବି ହୋଇଛି।

**● ସପ୍ତାହକ ପରେ ବିଶ୍ୱପ୍ରସିଦ୍ଧ ଯୋରନ୍ଦା ଯାତ୍ରା**

## ଆସିଲେଣି ସାଧୁସନ୍ଥ, ଚଳଚଞ୍ଚଳ ମହିମା ଗାଦି



ଗଁଦିଆ,୨୩।୧(ସମିସ): ଆଉ ସପ୍ତାହକ ପରେ ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମାଘମେଳା ଅନୁଷ୍ଠିତ ହେବ। ଜାନୁଆରୀ ୩୧ରୁ ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଝାଡ଼ଦୀପ ପ୍ରଜ୍ୱଳନ ହେବ। ମାଘ ଶୁକ୍ଳ ଚତୁର୍ଦ୍ଦଶୀ ଏବଂ ପୂର୍ଣ୍ଣମୀରେ ଗାଦିମନ୍ଦିରର ଚାରିଦ୍ୱାରରେ ଝାଡ଼ଦୀପ ପ୍ରଜ୍ୱଳନ ହେବ। ପ୍ରତିପଦା ଦିନ ଗୋଟିଏ ମାତ୍ର ଝାଡ଼ଦୀପ ପ୍ରଜ୍ୱଳନ କରାଯିବା ପରମ୍ପରା ରହିଛି। ଏହି ମେଳା ପାଇଁ ଦୂରଦୂରାନ୍ତରୁ ସାଧୁସନ୍ଥମାନେ ମହିମାଗାଦିକୁ ଆସିବାରେ ଲାଗିଛନ୍ତି। ଆଉ ଚାରିଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ମହିମା ସାଧୁସନ୍ଥମାନେ ଆସି ପହଞ୍ଚିବେ ବୋଲି ସୂଚନା ଦିଆଯାଇଛି। ମେଳା ସୁପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ ଦୁଇଥର ପ୍ରସ୍ତୁତି ବୈଠକ କରାଯାଇ ଶାନ୍ତିଶୃଙ୍ଖଳା ରକ୍ଷା ରାସ୍ତାଘାଟ ଉନ୍ନତୀକରଣ, ଆଲୋକୀକରଣ, ପାର୍କିଂ, ପାନୀୟଜଳ, ସ୍ୱାସ୍ଥ୍ୟ, ପରିମଳ ଆଦି ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆସରିଛି। ଯୋରନ୍ଦା ଗ୍ରାମ ପଞ୍ଚାୟତ ପକ୍ଷରୁ ଅସ୍ଥାୟୀ ଦୋକାନୀଙ୍କ ପାଇଁ ଜାଗା ମଡ଼ାଣ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗାଦିମନ୍ଦିରର ପ୍ରଥମ ବେଢ଼ାର ଚାରି ମୁଖଶାଳା ଏବଂ ଦ୍ୱିତୀୟ ବେଢ଼ାର ଚାରି ମୁଖଶାଳାକୁ ଚୁନଧଉଳା କରାଯିବା ସହ ବିଭିନ୍ନ ରଙ୍ଗରେ ରଙ୍ଗିନ କରାଯାଉଛି। ଶୂନ୍ୟ ମନ୍ଦିର ଏବଂ ଧୁନୀ ମନ୍ଦିରକୁ ମଧ୍ୟ ସଜ୍ଜିତ କରାଯାଇଛି। ମହିମା ଗାଦିରେ ବିଭିନ୍ନ ମଠ ଓ ମହିମା ସମାଜ ପକ୍ଷରୁ ଜୋରସୋରରେ ପ୍ରସ୍ତୁତି ଜାରି ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଷ୍ଟଲ୍‌ରେ ବ୍ୟବସ୍ଥା କରାଯିବା ସହ ସୂଚନା କେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର ଆଦି ଖୋଲାଯିବା ବ୍ୟବସ୍ଥା ହୋଇଛି। ବଲ୍କଲଧାରୀ ମହିମା ସମାଜ ଗାଦି ମନ୍ଦିର ଓ କୌପୀନଧାରୀ ମହିମା ସମାଜ ପକ୍ଷରୁ ଅଖଣ୍ଡଜ୍ୟୋତି ମନ୍ଦିର ଓ ଦଳକସ୍ଥିତ ମାହାଳମୂଳ ପଡ଼ିଆରେ ଝାଡ଼ଦୀପ ପ୍ରଜ୍ୱଳନ କରିବେ। ଗାଦି ମନ୍ଦିରରେ ବଲ୍କଲଧାରୀ ମହିମା ସମାଜ ପକ୍ଷରୁ ପୂର୍ବବର୍ଷମାନଙ୍କ ଭଳି ରୀତିନୀତି ଅନୁଯାୟୀ ଝାଡ଼ଦୀପ ପ୍ରଜ୍ୱଳନ ଏବଂ ଧୁନୀ ସ୍ଥାପନ କରାଯିବ। ଝାଡ଼ଦୀପ ପ୍ରଜ୍ୱଳନ ଅଜ୍ଞାନ ଏବଂ ଅନ୍ଧକାର ବିରୋଧରେ ଅଭିପ୍ରେତ। ଏହାଦ୍ୱାରା ଜଗତ ଏବଂ ଭକ୍ତର ମଙ୍ଗଳ ହୋଇଥାଏ ବୋଲି କୌପୀନଧାରୀ ମହିମା ସମାଜ ଧର୍ମାଧ୍ୟକ୍ଷ ରଘୁନାଥ ବାବା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ମହିମା ଧର୍ମର ପବିତ୍ର ପୀଠ ଯୋରନ୍ଦା ମହିମାଗାଦିରେ ୧୮୬୪ ମସିହାରେ ମହିମା ଗୋସାଇଁ ଯୋରନ୍ଦା ମାଘମେଳା ଆରମ୍ଭ କରିଥିଲେ।

## ଢେଙ୍କାନାଳ ମହୋତ୍ସବର ଚତୁର୍ଥ ସନ୍ଧ୍ୟା



ଢେଙ୍କାନାଳ,୨୩।୧(ସମିସ): ମହିଷାପାଟଠାରେ ଚାଲିଥିବା ଢେଙ୍କାନାଳ ମହୋତ୍ସବର ଚତୁର୍ଥ ସନ୍ଧ୍ୟା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ୧୦ ବର୍ଷ ପରେ ଏହି ଉତ୍ସବ ପୁଣି ଆରମ୍ଭ ହେବା ଜିଲ୍ଲାବାସୀଙ୍କ ପାଇଁ ଖୁସିର କଥା ବୋଲି କହିଥିଲେ। ଆଜି ପିଏମ ସ୍ୱନିଧି କ୍ରେଡିଟ୍ କାର୍ଡର ଶୁଭାରମ୍ଭ କରାଯାଇଛି। ଏହା ଉଠା ଦୋକାନୀଙ୍କୁ ସ୍ୱାବଲମ୍ବୀ କରିପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ।

ଅନ୍ୟତମ ଅତିଥିଭାବେ ସମବାୟ, ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ କହିଲେ, ଢେଙ୍କାନାଳ ଶାନ୍ତ, ସରଳ, ବୀରତ୍ୱର ମାଟି। ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ଏ ଜିଲ୍ଲାକୁ ଅନନ୍ୟ ପରିଚୟ ଦେଇଛି। ବାଜିରାଉତ, ମହିମା ଧର୍ମ ମହାନ ବାର୍ତ୍ତା ଦେଉଛି। ବର୍ତ୍ତମାନ ସୁଦେଶୀ ଆନ୍ଦୋଳନରେ ସାମିଲ ହେବାର ସମୟ ଆସିଛି। ହସ୍ତତନ୍ତ, ହସ୍ତଶିଳ୍ପ ସାମଗ୍ରୀ ବ୍ୟବହାର କଲେ ଆର୍ଥିକ ଅଭିବୃଦ୍ଧି ଘଟିବ। ସମୃଦ୍ଧ ରାଜ୍ୟ ଓ ସମୃଦ୍ଧ ଦେଶ ଗଠନ ହୋଇପାରିବ ବୋଲି ସେ କହିଥିଲେ।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଢେଙ୍କାନାଳ ବିକାଶ ସମ୍ପର୍କରେ ସୂଚନା ଦେଇଥିଲେ। ଗଁଦିଆକୁ ଏନଏସି ମାନ୍ୟତା ମିଳିଥିବାରୁ ନଗର ଉନ୍ନୟନ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଢେଙ୍କାନାଳ ସହରର ମାଷ୍ଟରପ୍ଲାନ, ସ୍ୱେରେଜ, ଡ୍ରେନ ଏବଂ ପାନୀୟ ଜଳ ବ୍ୟବସ୍ଥା ପାଇଁ ଦୃଷ୍ଟି ଦେବାକୁ ନିବେଦନ କରିଥିଲେ। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ଏସ୍‌ପି ଅଭିନବ ସୋନକର, ବନଖଣ୍ଡ ଅଧିକାରୀ ସୁମିତ କର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଲଳିତ ମୋହନ ବେହେରା, ଆରସିସିଏଫ ସଞ୍ଜୟ କୁମାର ସ୍ୱାଇଁ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ଅଭିଷେକ ବେହେରା ଧନ୍ୟବାଦ ଦେଇଥିଲେ।

## ସାତମାଇଲ ଶିଶୁମନ୍ଦିରର ବାର୍ଷିକ ଉତ୍ସବ



ହିନ୍ଦୋଳ/ଖଜୁରିଆକଟା,୨୩।୧(ସମିସ): ହିନ୍ଦୋଳ ବ୍ଲକ ସାତମାଇଲସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁକାନ୍ତ ମାଝିଙ୍କ ପୌରୋହିତ୍ୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ସାଂସଦ ରୁଦ୍ରନାରାୟଣ ପାଣିଙ୍କ ହିନ୍ଦୋଳ ପ୍ରତିନିଧି ସାମ୍ବାଦିକ ସୁଶାନ୍ତ ପତି ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ସାହୁ ମୁଖ୍ୟବକ୍ତା, ଅବସରପ୍ରାପ୍ତ ପ୍ରାଧ୍ୟାପକ ବିରଞ୍ଚିନାରାୟଣ ତ୍ରିପାଠୀ ସମ୍ମାନିତ ବକ୍ତା ଓ ହିନ୍ଦୋଳ ସାମ୍ବାଦିକ ସଂଘ ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ସୁମନ୍ତ ଦେହୁରୀ, ସତ୍ୟବ୍ରତ ମହାପାତ୍ର , ରାସୋଳ ସରପଞ୍ଚ ଦିବାକର ନାଏକ, ନୂଆବଗ ସରପଞ୍ଚ ମାନସ ଦେହୁରୀ, ଦୁଦୁରୁକୋଟ ସରପଞ୍ଚ ମନୋଜ ବେହେରା, ସାମ୍ବାଦିକ ରତିକାନ୍ତ ଗଡ଼ନାୟକ, ବିଦ୍ୟାଳୟ ପ୍ରତିଷ୍ଠାତ୍ରୀ ନୀଳିମା ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନେ ଚରିତ୍ରବାନ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ବିନୋଦିନୀ ଧର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ଅରୁଣ ସାହୁ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଦ୍ୟାଳୟର କୁନି ଛାତ୍ରଛାତ୍ରୀ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଟାଟା ଷ୍ଟିଲ ପକ୍ଷରୁ ସାପୁଆ ଡ୍ୟାମରେ ସ୍ୱଚ୍ଛତା ଅଭିଯାନ



ଢେଙ୍କାନାଳ,୨୩।୧(ସମିସ): ଟାଟାଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ହିନ୍ଦୋଳ ବ୍ଲକର ସାପୁଆ ଡ୍ୟାମରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଡ୍ୟାମ ଅଞ୍ଚଳରୁ ଏକ ଟନରୁ ଅଧିକ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇ ସଫେଇ କରାଯାଇଥିଲା। ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଟାଟାଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ କଣ୍ଟାବଣିଆ ଥାନା ସହଯୋଗରେ ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁର ପ୍ଲାଣ୍ଟ ଗେଟ୍ ନିକଟ ଜାତୀୟ ରାଜପଥ ୫୫ରେ 'ରୋକୋ ଟୋକୋ ଷ୍ଟପ ଆଣ୍ଡ ଟେଲ' ଶୀର୍ଷକ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଆୟୋଜନ କରାଯାଇଥିଲା। ଯାତ୍ରୀଙ୍କୁ ଚକୋଲେଟ ଓ ସଡ଼କ ସୁରକ୍ଷା ନିୟମ ସମ୍ବନ୍ଧୀୟ ପାମ୍ଫଲେଟ ବଣ୍ଟନ କରାଯାଇଥିଲା। ସ୍ୱେଚ୍ଛାସେବୀମାନେ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କୁ ଦାୟିତ୍ୱପୂର୍ଣ୍ଣ ଗାଡ଼ିଚାଳନା ଅଭ୍ୟାସ ଉପରେ ବୁଝାଇବା ସହ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରିଥିଲେ।

# ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ





ଢେଙ୍କାନାଳ,୨୩।୧(ସମିସ): ସ୍ଥାନୀୟ ପିଏମ୍‌ଶ୍ରୀ ସୁଲକ୍ଷଣା ଦେବୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ସହ ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ ହୋଇଛି। ମୁଖ୍ୟଅତିଥି ରୂପେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ପ୍ରଦୀପ୍ତ ମହାପାତ୍ର ଯୋଗଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ମିନତୀ ଦେହୁରୀଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟ ସଭାଗୃହରେ ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ତଥା ଅଭିଭାବକଙ୍କ ଉପସ୍ଥିତିରେ ମା' ସରସ୍ୱତୀଙ୍କ ପୂଜା କରାଯାଇଥିଲା। ପରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟି ସଭାପତି ଦୁଇ ମହାପୁରୁଷଙ୍କ ଜୀବନୀ ଉପରେ ଅଭିଭାଷଣ ରଖିଥିଲେ। ସେମାନଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଶର୍ମିଷ୍ଠା ଧନ୍ୟବାଦ ପ୍ରଦାନ କରିଥିଲେ।

**ଢେଙ୍କାନାଳ:** ଉଫୁନା ରାଷ୍ଟ୍ରୀୟ ଉପସଭାପତି ମନୋରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଉଫୁନା ତରଫରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଉପଲକ୍ଷେ ସ୍ଥାନୀୟ ଦେଉଳସାହିସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଉଫୁନା କାର୍ଯ୍ୟାଳୟରେ ଆୟୋଜିତ ସଭାରେ ଅତିଥିମାନେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ ମହିଳା କଂଗ୍ରେସ ଉପ ସଭାନେତ୍ରୀ ନିରୁପମା ଦାସ, ଜିଲ୍ଲା ବୁଦ୍ଧିଜୀବୀ ସଂଗଠନ ସଭାପତି ଡା. ତୁଷାରକାନ୍ତି ନାୟକ, ଉପସଭାପତି ରୁଦ୍ରପ୍ରକାଶ ଶରଣ, ସରୋଜ ଶତପଥୀ, ପୂର୍ବତନ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସ୍ମିତାରାଣୀ ସାମଲ, ସ୍ୱରୂପାନନ୍ଦ ଦାସ, ରୁମେନା ବେଗମ, ଯୋଗଗୁରୁ ଅଜେନ୍ଦ୍ର ସାମଲ, ଓମପ୍ରକାଶ ସାହୁ, ବିଶ୍ୱଜିତ ମହାରଣା ପ୍ରମୁଖ ଯୋଗଦେଇଥିଲେ। ନେତାଜୀ ଜୟନ୍ତୀକୁ ସରକାର ସମ୍ପୂର୍ଣ୍ଣ ଛୁଟି ଦିବସ ନ କରି ଅଧାଦିନ କାର୍ଯ୍ୟ ଦିବସ କରାଗଲେ ସ୍କୁଲ, କଲେଜରେ ଛାତ୍ରଛାତ୍ରୀ ନେତାଜୀଙ୍କ ଜୀବନୀ ବିଷୟରେ ଅବଗତ ହୋଇପାରିବେ ବୋଲି ମତପ୍ରକାଶ ପାଇଛି। ଶେଷରେ ରୁମେନା ବେଗମ ଧନ୍ୟବାଦ ଅର୍ପଣ କରିଥିଲେ।



**ଢେଙ୍କାନାଳ:** ସ୍ୱେଚ୍ଛାସେବୀ ଅନୁଷ୍ଠାନ ବଜରଙ୍ଗ କ୍ଲବ ତରଫରୁ ନେତାଜୀ ଜୟନ୍ତୀ ପାଳନ କରାଯାଇଛି। କ୍ଲବ୍ ସଦସ୍ୟାମାନେ ମହିଳା ମହାବିଦ୍ୟାଳୟ ସମ୍ମୁଖ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ନେତାଜୀ ସୁଭାଷ ବୋଷ ଅମର ରହେ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। କ୍ଲବ୍ ପରିସରରେ ସମସ୍ତେ ଏକତ୍ରିତ ହୋଇ ନେତାଜୀଙ୍କ ବୀରତ୍ୱ ଓ ପରାକ୍ରମର ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ କ୍ଲବ୍ ଉପସଭାପତି ପ୍ରିୟବ୍ରତ ସାସମଲ, ୬ନଂ ୱାର୍ଡର ପାରିଷଦ ସନ୍ଦୀପ ଷଡ଼ଙ୍ଗୀ, କାର୍ଯ୍ୟକାରୀ କମିଟି ସଭ୍ୟ କୃଷ୍ଣଚନ୍ଦ୍ର ନାୟକ, ରାଜେଶ ବେହେରା, ପିଆଞ୍ଜେନୟ, ଗଣମାଧ୍ୟମ ସଂଯୋଜକ ବେଦଧ୍ୟାନ ପଣ୍ଡା, ବରିଷ୍ଠ ସଭ୍ୟ ଆଲୋକ ଷଡ଼ଙ୍ଗୀ, ଗଣେଶ ବେହେରା, ଶୁଭମ ଗୁରୁମ୍, ରାମପ୍ରସାଦ ମହାପାତ୍ର, ବବୁଲ୍ ଦାସ, ରାଜେନ୍ଦ୍ର ମହାପାତ୍ର, ଦୀପ୍ତିରଞ୍ଜନ ମିଶ୍ର, ଦୀପକ ନାୟକ, ବିସ୍ମୟ ବରାଳ, ଆଶୁତୋଷ କର, ଜ୍ୟୋତିପ୍ରକାଶ ବେହେରା, ବାବୁ ନାୟକ, ଅମିତ ମହାପାତ୍ର, ରୁଦ୍ରନାରାୟଣ ମହାପାତ୍ର, ରାଜେଶ କୁମାର ସାମଲ, କୀର୍ତ୍ତି ପ୍ରଧାନ, ସୁବ୍ରତ କୁମାର ଜେନା, ଶିବମ ମହାନ୍ତି, ଗୁରୁଦେବ ଜେନା, ଓମ୍‌ପ୍ରକାଶ ଦାସ ପ୍ରମୁଖ ଯୋଗଦେଇଥିଲେ।

**ଗଁଦିଆ:** ଗଁଦିଆ ଉଚ୍ଚ ବିଦ୍ୟାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପ୍ରଧାନଶିକ୍ଷକ ଅରୁଣ କୁମାର ଓଝାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ଶିକ୍ଷୟିତ୍ରୀ ଅର୍ଚ୍ଚନା ସାହୁ, ନୀହାରିକା ପାତ୍ର, ସ୍ୱାତୀ ମିଶ୍ର, ନିର୍ମଳ ସାହୁ, କୋଦଣ୍ଡ ସାହୁ, ମନୋଜ କୁମାର ସ୍ୱାଇଁ, ମାମିନା ପୃଷ୍ଟି, ଦୁଷ୍ମନ୍ତ ସେଠୀ, ସନ୍ତୋଷ ପୃଷ୍ଟି, ମଧୁଲିକା ରାଉଳ, ଚିରଞ୍ଜୀବ ଦାସ, ପ୍ରକାଶ କୁମାର ନାୟକ, ବଳରାମ ରାଉତ, ପପୁନା ସାମଲ ପ୍ରମୁଖ ଉଦବୋଧନ ଦେଇଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ହରିହର ସାହୁ ଯୋଗଦେଇ ଦୁଇ ମହାପୁରୁଷଙ୍କ ସ୍ମୃତିଚାରଣ କରିଥିଲେ।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୧.୬୩ • ପାଉଣ୍ଡ ୧୨୩.୩୯
- ୟୁରୋ ୧୦୭.୪୬ • ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୫୬,୯୯୦ (ଭୁବନେଶ୍ୱର)
- ରୁପା : ୩,୪୧,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୫୩୭.୦୦
- ନିଫ୍ଟି ୨୫,୦୪୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ପୁଣି ଭାଙ୍ଗିଲା ସୁନା, ରୁପା ରେକର୍ଡ

# ସୁନା ଦିନକରେ ପାଞ୍ଚ ହଜାର ମହଙ୍ଗା

**ନୂଆଦିଲ୍ଲୀ,୨୩।୧(ଏଜେନ୍ସି):** ସୁନା ଓ ରୁପା ବଜାର ଦରରେ ଲାଗିଛି ନିଆଁ। ବୈଶ୍ୱିକ ଭୂ-ରାଜନୈତିକ ଉତ୍ତେଜନା ମଧ୍ୟରେ ଦୌଡୁଛି ସୁନା ବଜାର। ମୂଲ୍ୟ ବୃଦ୍ଧିରେ ଲାଗୁନି ଲଗାମ୍। ଇତିମଧ୍ୟରେ ସୁନା ମୂଲ୍ୟ ପ୍ରଥମ ଥର ପାଇଁ ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗି ଐତିହାସିକ ରେକର୍ଡ ସ୍ତର ୧୦ ଗ୍ରାମ ପିଛା୍ ୧.୬୦ ଲକ୍ଷ ଟଙ୍କା ଛୁଇଁବାକୁ ବସିଛି। ଏମିତିକି ଆଜି ଦିନକରେ ଘରୋଇ ବଜାରରେ ସୁନା ଦର ୧୦ ଗ୍ରାମ ପିଛା ୫୦୦୦ ଟଙ୍କା ବୃଦ୍ଧି ଘଟିଛି। ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧.୫୭ ଲକ୍ଷ ଟଙ୍କା ଅତିକ୍ରମ କରିଛି। ବିଶ୍ୱ ଅର୍ଥନୈତିକ ଅନିଶ୍ଚିତତା ଏବଂ ବିବାହ ଋତୁରେ ସୁନା ଚାହିଦାରେ ବୃଦ୍ଧି ଯୋଗୁ ସୁନା ମୂଲ୍ୟରେ ଏଭଳି ବୃଦ୍ଧି ହୋଇଛି। ତେବେ ରୁପା ଦର କିଲୋ ପିଛା ସାଢ଼େ ତିନି ଲକ୍ଷ ମୁହାଁ ହୋଇ ଆଉ ଏକ ରେକର୍ଡ କରିବାକୁ ଯାଉଛି।



ଆଜି ଘରୋଇ ବଜାରରେ ସୁନା ମୂଲ୍ୟ ଏହାର ପୂର୍ବ ସମସ୍ତ ରେକର୍ଡ ଭାଙ୍ଗିଛି। ଅଖିଳ ଭାରତୀୟ ସରାଫା ସଂଘର ରିପୋର୍ଟ ମୁତାବକ ଶୁକ୍ରବାର ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ଦିନକରେ ୫,୪୦୦ ଟଙ୍କା ବୃଦ୍ଧି ଘଟି ୧,୫୯,୭୧୦ ଟଙ୍କାରେ ପହଞ୍ଚି ନୂଆ ରେକର୍ଡ କରିଛି। ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ଶୁକ୍ରବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୫୬,୯୯୯ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ପ୍ରଥମ କରି ୧,୪୪,୦୫୦ ଟଙ୍କା ହୋଇଛି। ତେବେ ରୁପା କିଲୋ ପିଛା ୩,୪୧,୦୦୦ ଟଙ୍କା ଛୁଇଁଛି।

ବଜାରରେ ସୁନା ଦର ବଢ଼ିବାର ଅନେକ କାରଣ ରହିଛି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଗ୍ରୀନ୍ ଲ୍ୟାଣ୍ଡ ଅକ୍ତିଆର ମସୁଧା ସହ ଇରାନ ଆକ୍ରମଣ ଯୋଜନା ସହ ମନମୁଖୀ ବାଣିଜ୍ୟ ନୀତି ଯୋଗୁ ସାରା ଦୁନିଆରେ ବ୍ୟବସାୟିକ କାରବାର ଆଶଙ୍କା ମଧ୍ୟରେ ରହିଛି। ଭୂରାଜନୈତିକ ଉତ୍ତେଜନା, ଦୁର୍ବଳ ଆମେରିକୀୟ ଡଲାର ଏବଂ ଆମେରିକୀୟ ଫେଡେରାଲ୍ ରିଜର୍ଭ ଦ୍ୱାରା ସୁଧ ହାର ହ୍ରାସ ଆଶା ଯୋଗୁଁ ସୁନା ଏବଂ ରୂପା ମୂଲ୍ୟ ବୃଦ୍ଧି ପାଇଛି। ଏହାବାଦ୍ ଫେଡେରାଲ୍ ରିଜର୍ଭର ପରବର୍ତ୍ତୀ ବୈଠକ ଜାନୁଆରୀ ୨୭ରେ ଅନୁଷ୍ଠିତ ହେବାକୁ ଯାହଉଛି, ଯାହା ଉପରେ ସାରା ବିଶ୍ୱର ନଜର। ଏଭଳି ବିଶ୍ୱ ଅର୍ଥନୈତିକ ଅନିଶ୍ଚିତତାରେ ବିଶ୍ୱ ମାନ୍ଦାବସ୍ଥା ଆଶଙ୍କା ବଢ଼ିଯାଇଛି। ଏଭଳି ପରିସ୍ଥିତିରେ ଲୋକେ ସୁନାରେ ନିବେଶ ବଢ଼ାଉଛନ୍ତି। ସେହିଭଳି ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବା ଦ୍ୱାରା ସୁନା ମୂଲ୍ୟରେ ବୃଦ୍ଧି ଘଟୁଛି। କାରଣ ଯେତେବେଳେ ଟଙ୍କା ଦୁର୍ବଳ ହୁଏ, ସେତେବେଳେ ଆମଦାନୀରେ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ଚଳିତବର୍ଷ ଟଙ୍କାର ବିନିମୟ ମୂଲ୍ୟରେ ପାଖାପାଖି ୪% ହ୍ରାସ ଘଟିଛି। ଫଳରେ ସୁନା ଦର ଉପରେ ଚାପ ବୃଦ୍ଧି ପାଇଛି। ବିବାହ ଋତୁ ପାଖେଇ ଆସିଲାଣି। ଏଭଳି ସମୟରେ ସୁନା ଗହଣା ଚାହିଦା ବୃଦ୍ଧି ପାଇଛି। ଏହା ମଧ୍ୟ ଏହି ହଳଦିଆ ଧାତୁର ଦର ବୃଦ୍ଧିର ଅନ୍ୟ ଏକ କାରଣ। ନିବେଶ ଲାଗି ସୁରକ୍ଷିତ ମାଧ୍ୟମ ହେବା ସହ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ପ୍ରଚୁର ମାତ୍ରାରେ ସୁନା କ୍ରୟ ଏହି ଧାତୁର ମୂଲ୍ୟ ମହଙ୍ଗା କରୁଥିବା ବଜାର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

### ଭୁବନେଶ୍ୱରରେ ଦର ୩.୫୭ ଲକ୍ଷ
### ରୁପା ଦର ସାଢ଼େ ତିନି ଲକ୍ଷ ମୁହାଁ

# ରୁପାରେ ଚାଲିଛି ଖେଳ !

## ବଜାର ଦରଠାରୁ ୪୦ ହଜାର ଅଧିକରେ ହେଉଛି କାରବାର

**ନୂଆଦିଲ୍ଲୀ,୨୩।୧(ଏଜେନ୍ସି):** ରୁପା ମୂଲ୍ୟରେ ବୃଦ୍ଧି ଧାରା ବନ୍ଦ ହେବାର କୌଣସି ସଙ୍କେତ ଦେଖାଯାଉନାହିଁ। ଗୁରୁବାର ଦର ହ୍ରାସ ପରେ ଶୁକ୍ରବାର ଏହାର ମୂଲ୍ୟ ପୁଣି ବୃଦ୍ଧି ପାଇଛି। ଶୁକ୍ରବାର ମଲ୍ଟି କମୋଡିଟି



ଏକ୍ସଚେଞ୍ଜ (ଏମ୍‌ସିଏକ୍ସ) ରେ ରୁପା ମୂଲ୍ୟ ପ୍ରାୟ ୩.୩୪ ଲକ୍ଷ ଟଙ୍କାରେ କାରବାର କରୁଛି। ହେଲେ ପ୍ରମୁଖ ଭାରତୀୟ ସୁନା ବ୍ୟବସାୟୀମାନେ ଏମ୍‌ସିଏକ୍ସରେ ରୁପା ମୂଲ୍ୟରେ ହଠାତ୍ ବୃଦ୍ଧିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଟାଇମ୍ସ ଅଫ୍ ଇଣ୍ଡିଆ ଅନୁଯାୟୀ, ଅଲ୍ ଇଣ୍ଡିଆ ଜୁଏଲର୍ସ ଆଣ୍ଡ ଗୋଲ୍ଡସ୍ମିଥ୍ସ ଫେଡେରେସନ୍ (ଏଆଇଜେଜିଏଫ୍) ଏ ସମ୍ପର୍କରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଏକ ଚିଠି ଲେଖିଛନ୍ତି। ଚିଠିରେ ଉଲ୍ଲେଖ ଅଛି ଯେ ରୁପା ବଜାର ମୂଲ୍ୟଠାରୁ ପ୍ରାୟ ୪୦,୦୦୦ ଟଙ୍କା ପ୍ରତି କିଲୋଗ୍ରାମ କାରବାର ହେଉଛି।

ଏଆଇଜେଜିଏଫ୍‌ର ଜାତୀୟ ସଭାପତି ପଙ୍କଜ ରୋରା ଏବଂ ଜାତୀୟ ସାଧାରଣ ସମ୍ପାଦକ ନୀତିନ କେଡିଆ କହିଛନ୍ତି ଯେ ମୂଲ୍ୟରେ ଏହି ତୀକ୍ଷ୍ଣ ଏବଂ ହଠାତ୍ ପରିବର୍ତ୍ତନ ରୁପା ଉପରେ ଆମଦାନୀ ଶୁଳ୍କ ବୃଦ୍ଧିର ଗୁଜବ ସହିତ ଜଡିତ। ଏମ୍‌ସିଏକ୍ସର ଜଣେ ମୁଖପାତ୍ର କହିଛନ୍ତି ଯେ ବିଶ୍ୱବ୍ୟାପୀ ଚାଲିଥିବା ଭୂ-ରାଜନୈତିକ ଘଟଣାବଳୀ ଯୋଗୁଁ ରୁପା ବଜାରରେ ଗୁରୁତ୍ୱପୂର୍ଣ୍ଣ ଅସ୍ଥିରତା ଦେଖାଯାଉଛି। ଏହା ବ୍ୟତୀତ, ଦେଶର ସ୍ଥାନୀୟ କାରଣଗୁଡ଼ିକ ମଧ୍ୟ ଘରୋଇ ବଜାର ମୂଲ୍ୟକୁ ପ୍ରଭାବିତ କରିଛି।

### ଏମ୍‌ସିଏକ୍ସରେ ହଠାତ୍ ମୂଲ୍ୟ ବୃଦ୍ଧିକୁ ନେଇ ବ୍ୟବସାୟୀ ଚିନ୍ତିତ
### ଅର୍ଥମନ୍ତ୍ରୀଙ୍କୁ ଲେଖିଲେ ଚିଠି

## ବୈଶ୍ୱିକ ଉତ୍ତେଜନାର ପ୍ରଭାବ

# ସେନ୍‌ସେକ୍ସରେ ୭୭୦ ପଏଣ୍ଟ ହ୍ରାସ

**ମୁମ୍ବଇ,୨୩।୧(ଏଜେନ୍ସି):** ତଳମୁହାଁ ଭାରତୀୟ ସେୟାର ବଜାର। ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସରେ ୭୭୦ ପଏଣ୍ଟ ହ୍ରାସ ପାଇ ୮୧,୫୩୮ ପଏଣ୍ଟରେରେ ବନ୍ଦ ହୋଇଛି। ଏହା ସପ୍ତାହର ଚତୁର୍ଥ ବଡ଼ ହ୍ରାସ ଥିଲା। ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ନିଫ୍‌ଟି) ରେ ମଧ୍ୟ ପ୍ରାୟ ୨୪୧ ପଏଣ୍ଟ ହ୍ରାସ ଘଟି ୨୫,୦୪୮ ପଏଣ୍ଟରେ ବନ୍ଦ ହୋଇଥିଲା। ଆଜିର କାରବାରରେ ସେନସେକ୍ସର ୩୦ଟି ଷ୍ଟକ୍ ମଧ୍ୟରୁ ୨୪ଟି ହ୍ରାସ ପାଇଥିବାବେଳେ ୬ଟି ବୃଦ୍ଧି ପାଇଛି। ନିଫଟିରେ ବ୍ୟାଙ୍କିଂ, ଅଟୋ, ମିଡିଆ ଏବଂ ଧାତୁ ଷ୍ଟକ୍ ସବୁଠାରୁ ଅଧିକ କ୍ଷତି ଦେଖିଛି। ଏହି ହ୍ରାସ ଫଳରେ ନିବେଶକମାନଙ୍କର ଆଜି ଗୋଟିଏ ଦିନରେ ୬ ଲକ୍ଷ କୋଟି ଟଙ୍କା କ୍ଷତି ସହିଥିବାବେଳେ ସପ୍ତାହକ ମଧ୍ୟରେ ନିବେଶକଙ୍କ କ୍ଷତି ପ୍ରାୟ ୨୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଆଜିର କାରବାରରେ ଆଦାନୀ ଗ୍ରୁପ୍ କମ୍ପାନୀଗୁଡ଼ିକର ସେୟାର ମୂଲ୍ୟ ୧୫% ପର୍ଯ୍ୟନ୍ତ ହ୍ରାସ ପାଇଛି। ଆମେରିକୀୟ ବଜାର ନିୟାମକ ଗୌତମ ଆଦାନୀ ଏବଂ ତାଙ୍କ ଭଣଜା ସାଗର ଆଦାନୀଙ୍କୁ ଇମେଲ୍ ମାଧ୍ୟମରେ ବ୍ୟକ୍ତିଗତ ଭାବରେ ସମନ କରିବାକୁ ଫେଡେରାଲ୍ କୋର୍ଟକୁ ଅନୁରୋଧ କରିଥିବାରୁ ଗ୍ରୁପ କମ୍ପାନୀର ସେୟାର ମୂଲ୍ୟରେ ଏହି ହ୍ରାସ ଘଟିଥିବା ବିଶ୍ୱାସ କରାଯାଉଛି।

ଆଦାନୀ ଗ୍ରୁପ୍ କମ୍ପାନୀଗୁଡ଼ିକର ସେୟାରରେ ୧୫% ହ୍ରାସ ଆଦାନୀ ବିରୋଧରେ ଠକେଇ ଅଭିଯୋଗରୁ ହୋଇଛି। ୨୦୨୪ରେ ଗୌତମ ଆଦାନୀ ଏବଂ ଅନ୍ୟ ୮ଜଣଙ୍କ ବିରୁଦ୍ଧରେ ଆମେରିକାରେ କୋଟି କୋଟି ଟଙ୍କାର ଠକେଇ ଅଭିଯୋଗ ହୋଇଥିଲା। ଆଟର୍ଣ୍ଣି ଜେନେରାଲଙ୍କ କାର୍ଯ୍ୟାଳୟର ଅଭିଯୋଗ ଅନୁଯାୟୀ, ଆଦାନୀଙ୍କ କମ୍ପାନୀ ଭାରତରେ ଠକେଇ କରି ନବୀକରଣୀୟ ଶକ୍ତି ପ୍ରକଳ୍ପ ହାସଲ କରିଥିଲା। ଆଦାନୀଙ୍କ ବିରୁଦ୍ଧରେ ସରକାରୀ ଅଧିକାରୀମାନଙ୍କୁ ୨୫୦ ନିୟୁତ ଡଲାର କିମ୍ବା ପ୍ରାୟ ୨୦୨୯ କୋଟି ଟଙ୍କା ଲାଞ୍ଚ ଦେଇଥିବା ଅଭିଯୋଗ ମଧ୍ୟ ହୋଇଥିଲା। ଅଭିଯୁକ୍ତମାନେ ଆମେରିକୀୟ ନିବେଶକ ଏବଂ ବ୍ୟାଙ୍କଗୁଡ଼ିକୁ ମିଛ କହି ଟଙ୍କା ସଂଗ୍ରହ କରିଥିଲେ ବୋଲି ଅଭିଯୋଗ ହୋଇଛି। ଆଦାନୀ ଗ୍ରୁପ୍ ବିରୁଦ୍ଧରେ ଆମେରିକାର ଆଇନଗତ କାର୍ଯ୍ୟାନୁଷ୍ଠାନର ଭୟ ବଜାର ତଳମୁହାଁ ହେବାର ଆଜି ଏକ ପ୍ରମୁଖ କାରଣ ଥିଲା।

### ନିବେଶକ ଲହୁଲୁହାଣ; ସପ୍ତାହକରେ ହରାଇଲେ ୨୧ ଲକ୍ଷ କୋଟି
### ଆଦାନୀ ଗ୍ରୁପ୍ ସେୟାର ୧୫% ଖସିଲା

## ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ବାର୍ଷିକ ସାଧାରଣ ବୈଠକ

**ଭୁବନେଶ୍ୱର,୨୩।୧(ସମିସ):** ଇଣ୍ଡିଆନ ଚାମ୍ବର ଅଫ କମର୍ସ (ଆଇସିସି) ଓଡ଼ିଶା ରାଜ୍ୟ ପରିଷଦର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୯୨୫ରେ ପ୍ରତିଷ୍ଠିତ ଇଣ୍ଡିଆନ ଚାମ୍ବର ଅଫ କମର୍ସ ଏହାର ଶତବାର୍ଷିକୀ ବର୍ଷରେ ପ୍ରବେଶ କରିଛି, ଯାହା ଦେଶ ପ୍ରତି ୧୦୦ ବର୍ଷର ସେବାର ଏକ ଅବିଶ୍ୱସନୀୟ ଯାତ୍ରା। ସବୁଠାରୁ ପୁରୁଣା ଏବଂ ସକ୍ରିୟ ଜାତୀୟ ଚାମ୍ବର ମଧ୍ୟରୁ ଗୋଟିଏ ଭାବରେ, ଇଣ୍ଡିଆନ ଚାମ୍ବର ଅଫ କମର୍ସ ଭାରତର ଶିଳ୍ପ ପରିଦୃଶ୍ୟ ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ଅବସରରେ ରାଜୀବ ଶେଖର ସାହୁ ପୁଣି ଥରେ ଇଣ୍ଡିଆନ ଚାମ୍ବର ଅଫ କମର୍ସ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଧର୍ମାଦିତ୍ୟ ପଟ୍ଟନାୟକଙ୍କୁ ପୁଣିଥରେ ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ବରିଷ୍ଠ ଉପାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ନୀଳାଞ୍ଜନା ମୁଖାର୍ଜୀ ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ଉପାଧ୍ୟକ୍ଷ ରହିବେ। କାର୍ଯ୍ୟକ୍ରମରେ ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ପୂର୍ବତନ ଅଧ୍ୟକ୍ଷ ଜେ.ବି. ପାଣି, ଆଞ୍ଚଳିକ ମୁଖ୍ୟ ଜେ.ପି. ପାଲ ଏବଂ ଚାମ୍ବରର ଅନ୍ୟାନ୍ୟ ସମ୍ମାନିତ ସଦସ୍ୟମାନେ ମଧ୍ୟ ଯୋଗ ଦେଇଥିଲେ।

## ବାଣିଜ୍ୟ ଚୁକ୍ତି ପୂର୍ବରୁ ୟୁରୋପ ଦେଲା ବଡ଼ ଝଟ୍‌କା

# ଭାରତୀୟ ସାମଗ୍ରୀ ଉପରେ ରପ୍ତାନି ଲାଭ ସ୍ଥଗିତ

**ନୂଆଦିଲ୍ଲୀ,୨୩।୧(ଏଜେନ୍ସି):** ଭାରତ ଏବଂ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତି ଚଳିତ ମାସରେ ଘୋଷଣା ହେବାର ଆଶା କରାଯାଉଛି। ତଥାପି, ଏହା ପୂର୍ବରୁ ୟୁରୋପ ଭାରତକୁ ବଡ଼ ଝଟ୍‌କା ଦେଇଛି। ଇୟୁ କିଛି ଭାରତୀୟ ସାମଗ୍ରୀ ଉପରେ ରପ୍ତାନି ଲାଭ ସ୍ଥଗିତ ରଖିଛି। ଏଥିରେ ବୟନଶିଳ୍ପ, ଅଳଙ୍କାର, ରାସାୟନିକ ପଦାର୍ଥ, ପ୍ଲାଷ୍ଟିକ୍, ଧାତୁ ଏବଂ ପରିବହନ ଉପକରଣ ଅନ୍ତର୍ଭୁକ୍ତ। ଏହି ନିଷ୍ପତ୍ତି ଏପରି ସମୟରେ ଆସିଛି ଯେତେବେଳେ ଭାରତ ଏବଂ ଇୟୁ ମଧ୍ୟରେ ଏକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍‌ଟିଏ) ଉପରେ ଆଲୋଚନା ଶେଷ ପର୍ଯ୍ୟାୟରେ ଅଛି। ତଥାପି, ଭାରତ ସରକାର କହିଛନ୍ତି ଯେ ଏହା କିଛି ନୂଆ ନୁହେଁ, ବରଂ ପୁରୁଣା ବ୍ୟବସ୍ଥାର ଏକ ଅଂଶ ଏବଂ କୌଣସି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବ ନାହିଁ।



ବିଶେଷଜ୍ଞମାନେ କହିଛନ୍ତି ଯେ ଏହି ନିଷ୍ପତ୍ତି ଭାରତୀୟ ରପ୍ତାନିକାରୀମାନେ ପୂର୍ବରୁ ଉପଭୋଗ କରୁଥିବା ପ୍ରାୟ ୨୦% ଶୁଳ୍କ ଲାଭକୁ ହଟାଇ ଦେଇଛି। ଏହାବ୍ୟତୀତ, ଇୟୁ ର କାର୍ବନ ସୀମା ସମାଯୋଜନ ମେକାନିଜିମ୍ ମଧ୍ୟ ଜାନୁଆରୀ ପହିଲାରୁ କାର୍ଯ୍ୟକାରୀ ହୋଇଛି। ଇୟୁ ଭାରତ ପାଇଁ ଜେନେରାଲାଇଜ୍ ସ୍କିମ୍ ଅଫ୍ ପ୍ରିଫରେନ୍ସେସ୍ (ଜିଏସ୍‌ପି) ଲାଭକୁ ସ୍ଥଗିତ କରିଛି। ଏହାର ଅର୍ଥ ହେଉଛି ଜାନୁଆରୀ ୧ଠାରୁ ଏହି ଭାରତୀୟ ସାମଗ୍ରୀଗୁଡ଼ିକ ଇୟୁରେ ଅଧିକ ଶୁଳ୍କ ସମ୍ମୁଖୀନ ହେବ।

### ଜିଏସ୍‌ପି କ'ଣ?

ଜିଏସ୍‌ପି ହେଉଛି ଏକ ଯୋଜନା ଯାହା ଅଧୀନରେ ବିକଶିତ ଦେଶମାନେ ସେମାନଙ୍କର ରପ୍ତାନି ବୃଦ୍ଧି କରିବା ପାଇଁ ବିକାଶଶୀଳ ଦେଶଗୁଡ଼ିକର ସାମଗ୍ରୀ ଉପରେ କମ୍ ଶୁଳ୍କ ଲଗାଇଥାନ୍ତି। ବର୍ତ୍ତମାନ, କେବଳ ପ୍ରାୟ ୧୩% ଭାରତୀୟ ରପ୍ତାନି ଏହି ଯୋଜନାରୁ ଉପକୃତ ହେଉଛନ୍ତି। ଏଥିରେ କୃଷି ଏବଂ ଚମଡା ସାମଗ୍ରୀ ଅନ୍ତର୍ଭୁକ୍ତ। ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ କହିଛି ଯେ ୨୦୧୬ ପରଠାରୁ, ଇୟୁ ଅନେକ ଭାରତୀୟ ସାମଗ୍ରୀ ଉପରେ ଜିଏସ୍‌ପି ଲାଭକୁ ଧୀରେ ଧୀରେ ହ୍ରାସ କରିଛି। ଫଳସ୍ୱରୂପ, ୨୦୨୫ ଆର୍ଥିକ ବର୍ଷରେ ଇୟୁକୁ ଭାରତର ମୋଟ ରପ୍ତାନିର ପ୍ରାୟ ୪୭% (୩୫.୬ ବିଲିୟନ ଡଲାର) ଜିଏସ୍‌ପି ଲାଭରୁ ବାଦ ଦିଆଯିବ। କେବଳ ୫୩% ରପ୍ତାନି (୪୦.୨ ବିଲିୟନ ଡଲାର) ଏବେ ବି ଜିଏସ୍‌ପି ଅଧୀନରେ ଅଛି। ଖଣିଜ, ରାସାୟନିକ ପଦାର୍ଥ, ବୟନଶିଳ୍ପ, ଧାତୁ ଏବଂ ପରିବହନ ସାମଗ୍ରୀ ପାଇଁ ୨୦୧୬ ରେ ଜିଏସ୍‌ପି ଅଧୀନରେ ଭାରତର ଶୁଳ୍କ ଲାଭକୁ ସ୍ଥଗିତ କରାଯାଇଥିଲା।

## ଏଆଇପିଏଚ୍ ୟୁନିଭରସିଟି-ଆପୋଲୋ ହେଲ୍‌ଥକେୟାର ଏମ୍‌ଓୟୁ

**ଭୁବନେଶ୍ୱର, ୨୩।୧ (ସମିସ):** ଏଆଇପିଏଚ୍ ୟୁନିଭରସିଟି, ଭୁବନେଶ୍ୱର ଆଲାଏଡ ହେଲ୍‌ଥ ସାଇନ୍ସେସ୍‌ରେ ବ୍ୟାଚଲର୍ସ ପାଠ୍ୟକ୍ରମ ମିଳିତ ଭାବରେ ଆରମ୍ଭ କରିବାକୁ ଆପୋଲୋ ହେଲ୍‌ଥକେୟାର ଏକାଡେମୀ ସହିତ ଏକ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛି। ଭାରତ ଓ ବିଶ୍ୱସ୍ତରରେ କୁଶଳୀ ଆଲାଏଡ ସ୍ୱାସ୍ଥ୍ୟସେବା ବୃତ୍ତିଧାରୀଙ୍କ ବର୍ଦ୍ଧିତ ନିଅଣ୍ଟିଆ ପରିସ୍ଥିତି ପ୍ରତି ଦୃଷ୍ଟିଦେବାକୁ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ। ଏହି ରଣକୌଶଳାତ୍ମକ ସହଯୋଗୀତା ଏଆଇପିଏଚ୍ ୟୁନିଭରସିଟିର ମଜଭୁତ ଶିକ୍ଷାଗତ ମୂଳଦୁଆ ଏବଂ ଆପୋଲୋ ହେଲ୍‌ଥକେୟାର ଏକାଡେମୀର ବ୍ୟାପକ ଚିକିତ୍ସାଗତ ବିଦ୍ୱତାକୁ ନିମଜ୍ଜିତ ହସପିଟାଲ ଭିତ୍ତିକ ତାଲିମ ପ୍ରଦାନ ସହିତ ବ୍ୟାପକ ଶିକ୍ଷାଗତ ବିଷୟକୁ ସମ୍ମିଶ୍ରିତ କରୁଥିବା ଶିଳ୍ପ ଉପଯୋଗୀ ଅଣ୍ଡର ଗ୍ରାଜୁଏଟ ପାଠ୍ୟକ୍ରମ ଯୋଗାଇଦେବା ନିମନ୍ତେ ଏକତ୍ରିତ କରୁଛି। ଏହି ପାଠ୍ୟକ୍ରମ ଆନାସ୍ଥେସିଆ ଏବଂ ଅପରେସନ ଥିଏଟର ପ୍ରଯୁକ୍ତି, ମେଡିକାଲ ଲାବୋରେଟୋରୀ ପ୍ରଯୁକ୍ତି, କ୍ରିଟିକାଲ କେୟାର ପ୍ରଯୁକ୍ତି ଉପରେ ଦୃଷ୍ଟିନିବଦ୍ଧ କରିବ।

## ବେଦାନ୍ତ ଆଲୁମିନିୟମ୍‌ର ୧୮ଟି ବିଆଇଏସ ପ୍ରମାଣପତ୍ର ହାସଲ

**ଭୁବନେଶ୍ୱର, ୨୩।୧ (ସମିସ):** ବେଦାନ୍ତ ଆଲୁମିନିୟମ ଘୋଷଣା କରିଛି ଯେ ଏହା ବିଶ୍ୱର ସର୍ବବୃହତ ଆଲୁମିନିୟମ ପ୍ଲାଣ୍ଟ ଓଡ଼ିଶାର ଝାରସୁଗୁଡା ଏବଂ ଛତିଶଗଡ଼ର କୋରବା, ଯେଉଁଠାରେ ଭାରତର ପ୍ରତୀକାତ୍ମକ ଆଲୁମିନିୟମ ଉତ୍ପାଦକ ଭାରତ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ବାଲ୍କୋ) ଅବସ୍ଥିତ, ସେଠାରେ ଏହାର ସ୍ମେଲ୍ଟର କାର୍ଯ୍ୟରେ କ୍ରମାଗତ ଭାବରେ ମୋଟ ୧୮ଟି ବିଆଇଏସ (ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ୍) ପ୍ରମାଣପତ୍ର ହାସଲ କରିଛି। ଏହି ପ୍ରମାଣପତ୍ରଗୁଡ଼ିକ ସମୟ ସହିତ କ୍ରମାଗତ ଭାବରେ ଅର୍ଜନ କରିଛନ୍ତି ଯାହା ଶିଳ୍ପରେ ଗୁଣବତା, ନିର୍ଭରଯୋଗ୍ୟତା ଏବଂ ନିୟାମକ ଅନୁପାଳନରେ ବେଦାନ୍ତ ଆଲୁମିନିୟମର ସ୍ଥିତିକୁ ପୁନଃନିର୍ଦ୍ଦିଷ୍ଟ କରେ। ଉପଲବ୍ଧ ବିଆଇଏସ ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଏହାର ବିଶାଳ ପରିସରର ଆଲୁମିନିୟମ ଉତ୍ପାଦ ପାଇଁ ପ୍ରମାଣପତ୍ର ହାସଲ କରିବାରେ ଭାରତୀୟ ଆଲୁମିନିୟମ ଶିଳ୍ପରେ ବେଦାନ୍ତ ଆଲୁମିନିୟମ ପ୍ରଥମ ଥିଲା। ସବୁଠାରୁ ସାମ୍ପ୍ରତିକ ପ୍ରମାଣପତ୍ର ଏହାର ୟୁନିଟ୍ ବାଲକୋ ଦ୍ୱାରା ହାସଲ କରାଯାଇଛି ଏବଂ ଏହା ଆଇଏସ ୯୯୯୭:୨୦୨୩ ଅନୁଯାୟୀ ଆଲୁମିନିୟମ୍ ଆଲୟ ୱାୟାର ରଡ୍‌ଗୁଡ଼ିକୁ କଭର୍ କରେ। ଏହା ଭାରତର ପାୱାର ଗ୍ରୀଡ୍, ଅଟୋମୋଟିଭ୍ କ୍ଷେତ୍ର ଏବଂ ଉନ୍ନତ ଇଞ୍ଜିନିୟରିଂ ଆପ୍ଲିକେସନ୍ ପାଇଁ ଉଚ୍ଚ-କାର୍ଯ୍ୟକ୍ଷମ ସାମଗ୍ରୀ ଯୋଗାଣ କରିବାର ବେଦାନ୍ତ ଆଲୁମିନିୟମ୍ କ୍ଷମତାକୁ ସୁଦୃଢ଼ କରେ।

## ଫ୍ଲାଗ ଫାଉଣ୍ଡେସନ ଅଫ୍ ଇଣ୍ଡିଆ ପକ୍ଷରୁ ୨୦୦ତମ ସ୍ମାରକ ଜାତୀୟ ପତାକା ସ୍ତମ୍ଭ ପ୍ରତିଷ୍ଠା

**ନୂଆଦିଲ୍ଲୀ,୨୩।୧:** ଫ୍ଲାଗ ଫାଉଣ୍ଡେସନ ଅଫ୍ ଇଣ୍ଡିଆ ପକ୍ଷରୁ ମଣିପୁର ରାଜଧାନୀ ଇମ୍ଫାଲସ୍ଥିତ ଐତିହାସିକ କାଙ୍ଗଲା ଦୁର୍ଗରେ ୨୦୦ତମ ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ସ୍ଥାପନ ହୋଇଛି। ଏହି ବିଶାଳ ଜାତୀୟ ପତାକା ସ୍ତମ୍ଭ ପ୍ରତିଷ୍ଠା ଦୁଇଟି ଐତିହାସିକ ନ୍ୟାୟିକ ନିଷ୍ପତ୍ତିର ବାର୍ଷିକୀକୁ ସ୍ମରଣ କରାଉଛି। ଦିଲ୍ଲୀ ହାଇକୋର୍ଟଙ୍କ ସେହି ଐତିହାସିକ ନିର୍ଣ୍ଣୟର ୩୦ ବର୍ଷ, ଯାହା ବଳରେ ସାଧାରଣ ନାଗରିକଙ୍କୁ ସସମ୍ମାନେ ଜାତୀୟ ପତାକା ଉଡ଼ାଇବାର ଅଧିକାର ପ୍ରଦାନ କରିଥିଲା। ଏ ସମ୍ପର୍କରେ ଫ୍ଲାଗ ଫାଉଣ୍ଡେସନ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ନବୀନ ଜିନ୍ଦଲ କହିଛନ୍ତି, ତ୍ରିରଙ୍ଗା ଭାରତର ଏକତା ଓ ସଫଳତାର ପ୍ରତୀକ। ଜାତୀୟ ପତାକା ସହ ଆମର ଗଭୀର ଭାବନାତ୍ମକ ସମ୍ବନ୍ଧ ରହିଛି।

# ଜିନ୍ଦଲ ଷ୍ଟେନଲେସ୍ ପକ୍ଷରୁ ସଫେଇ ଅଭିଯାନ

**ଭୁବନେଶ୍ୱର, ୨୩।୧(ସମିସ):** "ସ୍ୱଚ୍ଛ ହିସାର, ସବୁଜ ହିସାର" ପାଇଁ ଭାରତର ପ୍ରମୁଖ ଷ୍ଟେନଲେସ୍ ଷ୍ଟିଲ ଉତ୍ପାଦକାରୀ କମ୍ପାନୀ ଜିନ୍ଦଲ ଷ୍ଟେନଲେସ୍ ଓ ହିସାର ନଗର ନିଗମର ମିଳିତ ଉଦ୍ୟମରେ ସହରର ପ୍ରମୁଖ ସ୍ଥାନଗୁଡ଼ିକରେ ବ୍ୟାପକ ସଫେଇ ଅଭିଯାନ ଆୟୋଜିତ ହୋଇଛି। ହରିଆଣାର ବିଧାୟିକା ସାବିତ୍ରୀ ଜିନ୍ଦଲ ତଥା ଓପି ଜିନ୍ଦଲ ଗ୍ରୁପର ଚେୟାରପର୍ସନ ଏମିରିଟସ୍‌ଙ୍କ ନେତୃତ୍ୱରେ ଏହି ଅଭିଯାନ ଆରମ୍ଭ ହୋଇଛି। ଏଥିରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କ ସମେତ ୬ଟି ସହଯୋଗୀ ଏନଜିଓ ସାମିଲ ହୋଇଥିଲେ। ହିସାରର ବିଭିନ୍ନ ପ୍ରମୁଖ ସ୍ଥାନରେ ଜାନୁଆରୀ ୧୭ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱଚ୍ଛ ଭାରତର ମିଶନ ତଥା ଏହି ଲକ୍ଷ୍ୟକୁ ସାଧିତ କରିବା ହେଉଛି ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ।



ସ୍ୱଚ୍ଛତା, ବର୍ଜ୍ୟବସ୍ତୁର ସୁ ପରିଚାଳନା ଏବଂ ପ୍ରତ୍ୟେକ ନାଗରିକର ପରିବେଶ ପ୍ରତି ଥିବା ଦାୟିତ୍ୱ ଦିଗରେ ସଚେତନ କରିବା ହେଉଛି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଏହି ସଫେଇ ଅଭିଯାନ ସେକ୍ଟର -୧୪, ମିଲ୍ ଗେଟ୍ ଏବଂ ମଡେଲ ଟାଉନ ଭଳି ସବୁଜ କରିଡର ଅନ୍ତର୍ଭୁକ୍ତ ବିଭିନ୍ନ ପ୍ରମୁଖ ସ୍ଥାନରେ କରାଯାଇଥିଲା।

# ବୈଦେଶିକ ମୁଦ୍ରାଭଣ୍ଡାର ୭୦୦ ବିଲିୟନ ଡଲାର ପାର

**ନୂଆଦିଲ୍ଲୀ, ୨୩।୧ (ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଶୁକ୍ରବାର ବୈଦେଶିକ ମୁଦ୍ରାଭଣ୍ଡାର ନେଇ ସାପ୍ତାହିକ ସୂଚନା ଜାରି କରିଛନ୍ତି। ଏଥିରେ ୧୬ ଜାନୁୟାରୀରେ ସମାପ୍ତ ସପ୍ତାହରେ ବୈଦେଶିକ ମୁଦ୍ରାଭଣ୍ଡାର ୧୪.୧୬ ବିଲିୟନ ଡଲାର ବଢ଼ି ୭୦୧.୩୬ ବିଲିୟନ ଡଲାର ପାର ହୋଇଯାଇଥିବା ସୂଚିତ କରାଯାଇଛି। ଏହା ପୂର୍ବ ସପ୍ତାହରେ ମୋଟ ମୁଦ୍ରାଭଣ୍ଡାର ୩୯.୨ କୋଟି ଡଲାର ବଢ଼ି ୬୮୭.୧୯ ବିଲିୟନ ଡଲାର ଥିଲା। ଭାରତୀୟ ବୈଦେଶିକ ମୁଦ୍ରାଭଣ୍ଡାର ସେପ୍ଟେମ୍ବର ୨୦୨୪ରେ ୭୦୪.୮୯ ବିଲିୟନ ଡଲାରର ସର୍ବକାଳୀନ ଉଚ୍ଚତମ ସ୍ତରକୁ ଛୁଇଁଥିଲା।



କେନ୍ଦ୍ରୀୟ ବ୍ୟାଙ୍କ ତଥ୍ୟ ଅନୁସାରେ ୧୬ ଜାନୁୟାରୀ ସପ୍ତାହନ୍ତ କାଳରେ ବିଦେଶୀ ମୁଦ୍ରା ଆସେଟ୍ ୯.୬୫ ବିଲିୟନ ଡଲାର ବଢ଼ି ୫୬୦.୧ ବିଲିୟନ ଡଲାର ହୋଇଯାଇଛି। ଡଲାର ରୂପେ ବ୍ୟକ୍ତ କରାଯାଉଥିବା ବିଦେଶୀ ମୁଦ୍ରା ଆସେଟ୍ ରେ ବୈଦେଶିକ ମୁଦ୍ରାଭଣ୍ଡାରରେ ଥିବା ୟୁରୋ, ପାଉଣ୍ଡ ଓ ୟେନ ଭଳି ଅଣ ଆମେରିକୀୟ ମୁଦ୍ରା ମାନଙ୍କର ମୂଲ୍ୟ ବୃଦ୍ଧି ଓ ମୂଲ୍ୟ ହ୍ରାସ ମଧ୍ୟ ସାମିଲ। ଆରବିଆଇ କହିଛନ୍ତି ଯେ ସମୀକ୍ଷାଧୀନ ସପ୍ତାହରେ ସ୍ୱର୍ଣ୍ଣ ଭଣ୍ଡାରର ମୂଲ୍ୟ ୪.୬୨ ବିଲିୟନ ଡଲାର ବଢ଼ି ୧୧୭.୪୫ ବିଲିୟନ ଡଲାର ହୋଇଯାଇଛି।

ଶୀର୍ଷ ବ୍ୟାଙ୍କ କହିଛନ୍ତି ଯେ ବୈଦେଶିକ ମୁଦ୍ରା ଭଣ୍ଡାରରେ ବୃଦ୍ଧି ଯୋଗୁ ବିଶେଷ ଆହରଣ ଅଧିକାର (ଏସଡିଆର) ୩.୫ କୋଟି ଡଲାର ହ୍ରାସ ହୋଇ ୧୮.୭୦ ବିଲିୟନ ଡଲାର ହୋଇଯାଇଛି। ଶୀର୍ଷ ବ୍ୟାଙ୍କର ତଥ୍ୟ ଅନୁସାରେ ସମୀକ୍ଷାଧୀନ ସପ୍ତାହରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ) ରେ ଭାରତର ଆରକ୍ଷିତ ସ୍ଥିତି ୭.୩ କୋଟି ଡଲାର ହ୍ରାସ ହୋଇ ୪.୬୮ ବିଲିୟନ ଡଲାର ହୋଇଯାଇଛି। ବଜାର ଏବେ ଖୁବ୍ ତଳ ଉପର ହେଉଛି। ଏଣୁ ମୁଦ୍ରାଭଣ୍ଡାର ଉପରେ ଚାପ ପଡୁଛି। ଖସ କରି ସେତେବେଳେ ଯେତେବେଳେ ଟଙ୍କା ର ମୂଲ୍ୟ ହ୍ରାସ ହେଉଛି। ମୂଲ୍ୟରେ ସ୍ଥିରତା ଆଣିବା ପାଇଁ ମୁଦ୍ରାଭଣ୍ଡାରକୁ ଉପଯୋଗ କରାଯାଉଛି।

### ୧୪ ବିଲିୟନ ଡଲାର ବୃଦ୍ଧି

## ଆଜିର ରାଶିଫଳ

**ମେଷ:** ଦିନଟିରେ ଚିନ୍ତାଗ୍ରସ୍ତ ରହିବେ । ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ନିବେଶରୁ ଦୂରେଇ ରହିବେ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ ।

**ବୃଷ:** ଅଧିକ ଖର୍ଚ୍ଚାନ୍ତ ହେବେ। ବ୍ୟବସାୟରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ଉଧାର ଧନ ଫେରିପାଇବେ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ମିଥୁନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ । ଧନ ଆଗମନ ଯୋଗ ଅଛି। ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ। ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ । ମନ ପ୍ରସନ୍ନ ରହିବ ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ ଏବଂ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ଧାର୍ମିକ କାର୍ଯ୍ୟ ପାଇଁ ଆଗ୍ରହୀ ହେବେ ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ । ଧାର କରଜରୁ ଦୂରେଇ ରହିବେ । ନୃତ୍ୟଶିଳ୍ପୀଙ୍କ ପାଇଁ ଦିନଟି ଭଲ ।

**କନ୍ୟା:** ଯାତ୍ରାରୁ ଲାଭ ମିଳିବ। ଦିନଟିରେ କର୍ମଚଞ୍ଚଳ ରହିବେ। ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ। ବ୍ୟବସାୟରେ ସଫଳତା ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ସାମାଜିକ କାର୍ଯ୍ୟରେ ସାମିଲ ହେବେ । ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ । ଘରକୁ ଅତିଥିଙ୍କ ଆଗମନ ହେବ ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ। ସରକାରୀ କାମ ସମସ୍ୟା ସମାଧାନ ହେବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ପାରିବାରିକ ବିବାଦରୁ ଦୂରେଇ ରହିବେ ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ। ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ। ଇଚ୍ଛା ପୂରଣ ହେବ। ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ । ଗୁରୁଜନଙ୍କ ଆଦେଶ ପାଳନ କରିବେ ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ବଦଭ୍ୟାସ ପରିତ୍ୟାଗ କରିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବିବାହ ପ୍ରସ୍ତାବ ସ୍ଥିର ହେବ । ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ। ଅଫିସ୍ କାମ ସୂଚାରୁରୂପେ ତୁଲାଇବେ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ବଡ଼ ଭାଇ ଓ ଭଉଣୀଙ୍କ ସହଯୋଗ ମିଳିବ ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିବେ । ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ ।

## ଆଜିର ଇତିହାସ

- ୧୮୫୭-କଲିକତା ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ।
- ୧୯୫୦- ଜନ-ଗଣ-ମନକୁ ଭାରତୀୟ ଜାତୀୟ ସଙ୍ଗୀତର ମାନ୍ୟତା । ।
- ୧୯୫୨- ମୁମ୍ବାଇରେ ପ୍ରଥମ ଆନ୍ତର୍ଜାତିକ ଫିଲ୍ମ ମହୋତ୍ସବ ଆୟୋଜିତ ।
- ୧୯୬୫- ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ୱିନ୍‌ଷ୍ଟନ ଚର୍ଚ୍ଚିଲଙ୍କ ପରଲୋକ ।
- ୧୯୬୬- ଏୟାର୍ ଇଣ୍ଡିଆ ବିମାନ 'ବୋଇଂ ୭୦୭' ଦୁର୍ଘଟଣାଗ୍ରସ୍ତ ହେବାରୁ ୧୧୭ ଲୋକଙ୍କ ମୃତ୍ୟୁ ।

## ଆଜି ବାହୁଡ଼ିଥିଲେ

# ବକ୍ସି ଜଗବନ୍ଧୁ



ପାଇକ ବିଦ୍ରୋହର ମୁଖ୍ୟ ପୁରୋଧା ବକ୍ସି ଜଗବନ୍ଧୁଙ୍କ ଆଜି ଶ୍ରାଦ୍ଧ ଦିବସ । ଇଂରେଜମାନେ ୧୮୦୩ ମସିହାରେ ଓଡ଼ିଶା ଅଧିକାର କରିବାର ମାତ୍ର ୧୪ ବର୍ଷ ମଧ୍ୟରେ ୧୮୧୭ ମସିହାରେ ଇଂରେଜ ସରକାରଙ୍କ ବିରୁଦ୍ଧରେ ଓଡ଼ିଶାରେ ପ୍ରଥମ ବିଦ୍ରୋହ ତେଜି ଉଠିଥିଲା , ଯାହାର ନାମ ଥିଲା 'ପାଇକ ବିଦ୍ରୋହ' । ଏହାର ନେତୃତ୍ୱ ନେଇଥିଲେ ସଂଗ୍ରାମୀ ବୀର ବକ୍ସି ଜଗବନ୍ଧୁ । ପାଇକ ବିଦ୍ରୋହକୁ ଅନେକ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ମତ ପ୍ରକାଶ କରିଥାଆନ୍ତି । ବକ୍ସି ଜଗବନ୍ଧୁଙ୍କ ସମ୍ପୂର୍ଣ୍ଣ ନାମ ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାଏ । ସେ ବକ୍ସି ଜଗବନ୍ଧୁଙ୍କ ନାମରେ ବେଶ୍ ଲୋକପ୍ରିୟ। ୧୭୭୩ ମସିହାରେ ପୁରୀ ଜିଲ୍ଲା ବ୍ରହ୍ମଗିରି ଅନ୍ତର୍ଗତ ରୋଡ଼ଙ୍ଗ ଗ୍ରାମରେ ବକ୍ସି ଜଗବନ୍ଧୁ ଜନ୍ମଗ୍ରହଣ କରିଥିଲେ । ବକ୍ସି ଥିଲେ ରାଜକୁଳ ସମ୍ଭୂତ। ପିଲାଦିନୁ ସେ ଅଶ୍ୱଚାଳନାର ବିଭିନ୍ନ ରଣକୌଶଳ ଶିଖିଥିଲେ। ଯୁବକାବସ୍ଥାରେ ପଦାର୍ପଣ କଲାପରେ ସେ 'ବକ୍ସି' ପଦବୀ ପାଇଁ ଯୋଗ୍ୟ ବିବେଚିତ ହୋଇପାରିଥିଲେ। ଖୋର୍ଦ୍ଧା ରାଜ୍ୟରେ ଗଜପତି ମୁକୁନ୍ଦଦେବଙ୍କ ପରେ ଲୋକମାନେ ବକ୍ସି ଜଗବନ୍ଧୁଙ୍କୁ ଅଧିକ ସମ୍ମାନ ଦେଉଥିଲେ। ତାଙ୍କରି କଥାରେ, ମାର୍ଗରେ ପରିଚାଳିତ ହେଉଥିଲେ। ସେହି ସମୟରେ ପାଇକମାନେ ନିଷ୍କର ଜମି ଭୋଗ କରୁଥିଲେ। ମରହଟ୍ଟାମାନଙ୍କୁ ଓଡ଼ିଶାରୁ ହଟାଇବା ପାଇଁ ଇଂରେଜମାନେ ଗଜପତି ମହାରାଜାମାନଙ୍କୁ ସାହାଯ୍ୟ କରିଥିଲେ। ଏହାପରେ ରାଜ୍ୟର ଶାସନଭାରରେ ସେମାନେ ହସ୍ତକ୍ଷେପ କଲେ। ଇଂରେଜମାନେ ୧୮୦୪ ଖ୍ରୀଷ୍ଟାବ୍ଦରେ ଖୋର୍ଦ୍ଧାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କୁ ଗାଦିଚ୍ୟୁତ କରି ତାଙ୍କର ରାଜ୍ୟକୁ ଇଂରେଜ ଶାସନାଧୀନ ଅଞ୍ଚଳ ସହିତ ମିଶାଇ ଦେଲେ । ପାଇକଙ୍କ ନିଷ୍କର ଜମି ଉପରେ ଉଚ୍ଚ ହାରରେ କର ଧାର୍ଯ୍ୟ ହେଲା। ଫଳରେ ପାଇକମାନେ ତାଙ୍କ ବଂଶାନୁକ୍ରମିକ ନିଷ୍କର ବୃତ୍ତିରୁ ବଞ୍ଚିତ ହେଲେ । ଅନେକ ଘରଦ୍ୱାର ଛାଡ଼ି ନିକଟବର୍ତ୍ତୀ କରଦ ରାଜ୍ୟମାନଙ୍କରେ ଆଶ୍ରୟ ନେଲେ। ଯେଉଁମାନେ ରହିଲେ ସେମାନଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡିଲା। ୧୮୧୭ ମସିହାରେ ଇଂରେଜମାନେ ଘୁମୁସର ରାଜା ଧନଞ୍ଜୟ ଭଞ୍ଜଙ୍କୁ ଏକ ହତ୍ୟା ମାମଲାରେ ଗିରଫ କଲେ। ଏହି ଘଟଣାର ପ୍ରତିବାଦରେ ଖୋର୍ଦ୍ଧାର ପାଇକମାନେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଇଂରେଜମାନଙ୍କ ଅନ୍ୟାୟ ନୀତି ଓ ନିର୍ଯାତନା ବିରୋଧରେ ବିଦ୍ରୋହ କଲେ। ଏହାପରେ ପାଇକ ବିଦ୍ରୋହର ସୂତ୍ରପାତ ହୋଇଥିଲା। ଏହି ବିଦ୍ରୋହର କର୍ଣ୍ଣଧାର ଥିଲେ ବକ୍ସି ଜଗବନ୍ଧୁ। ଯାହାର ମୁଖ୍ୟ କାରଣ ହେଉଛି, ନୂଆ ରାଜସ୍ୱ ନୀତି ଏବଂ ଲବଣ ଦର ବୃଦ୍ଧି। ଘୁମୁସରର କନ୍ଧ ଓ ପାଇକମାନେ ମିଳିତ ଭାବେ ବାଣପୁରରେ ଥିବା ଇଂରେଜମାନଙ୍କ ବିଭିନ୍ନ କାର୍ଯ୍ୟାଳୟ ଉପରେ ଆକ୍ରମଣ କରିଥିଲେ। ବାଣପୁରରୁ ପିପିଲି ମଧ୍ୟରେ ଥିବା ଇଂରେଜଙ୍କର ବିଭିନ୍ନ କାର୍ଯ୍ୟାଳୟ ଓ ସୈନ୍ୟ ଛାଉଣୀ ଉପରେ ଆକ୍ରମଣ ହୋଇଥିଲା । ପରେ ପୁରୀ ଆଡ଼କୁ ଅଗ୍ରସର ହୋଇଥିଲେ। ମାତ୍ର ସେଠାରେ ଇଂରେଜ ସୈନ୍ୟମାନଙ୍କୁ ପ୍ରତିରୋଧ କରିବା ସମ୍ଭବ ହୋଇ ପାରିନଥିଲା। ମାତ୍ର ବକ୍ସି ଜଗବନ୍ଧୁଙ୍କୁ ଇଂରେଜମାନେ ଗିରଫ କରି ନ ଥିଲେ । ପରେ ବଡ଼ଲାଟ୍ ୧୮୨୨ ମସିହାରେ ଜଗବନ୍ଧୁଙ୍କୁ କେତେ ସର୍ତ୍ତରେ କ୍ଷମା କରିବେ ବୋଲି ଘୋଷଣା କରିଥିଲେ । ମାତ୍ର ବକ୍ସି ଜଗବନ୍ଧୁ ଏହାକୁ ଗ୍ରହଣ କରି ନଥିଲେ। ଏହାପରେ ୧୮୨୫ ମସିହା ମେ' ମାସ ୨୭ ତାରିଖରେ ବକ୍ସି ଜଗବନ୍ଧୁ କଟକରେ ଆତ୍ମସମର୍ପଣ କରିଥିଲେ । ୧୮୨୯ ଆଜିର ଦିନରେ ପାଇକ ବିଦ୍ରୋହର ମହାନାୟକ ବକ୍ସି ଜଗବନ୍ଧୁ ଇହଲୀଳା ସମ୍ବରଣ କରିଥିଲେ ।

# ନିଖିଲଙ୍କ ଫିଲ୍ମରେ କାର୍ତ୍ତିକ୍



ବଲିଉଡ୍ ଅଭିନେତା କାର୍ତ୍ତିକ୍ ଆର୍ଯ୍ୟନ୍‌ଶେଷ ଥର ପାଇଁ 'ତୁ ମେରି ମେ ତେରା ମେ ତେରା ତୁ ମେରି' ଫିଲ୍ମରେ ଦେଖାଯାଇଥିଲେ । ଏହି ଫିଲ୍ମ ଗତ ଡିସେମ୍ବର ୨୫ରେ ରିଲିଜ୍ ହୋଇଥିଲା । ବକ୍ସ ଅଫିସ୍‌ରେ ଏହି ଫିଲ୍ମଟି କିନ୍ତୁ ଭଲ ବିଜିନେସ୍ କରିପାରିନି । କରନ୍ ଜୋହର୍‌ଙ୍କ ଧର୍ମା ପ୍ରଡକ୍ସନ୍ ଏହାର ପ୍ରଯୋଜନା ଦାୟିତ୍ୱରେ ଥିଲା । ତେବେ ଏହି ଫିଲ୍ମ ଫ୍ଲପ୍ ହେବା ପରେ ବି ଏହା କାର୍ତ୍ତିକ୍‌ଙ୍କ କ୍ୟାରିୟର ଉପରେ ସେତେଟା ପ୍ରଭାବ ପକାଇ ପାରି ନାହିଁ। ଇତିମଧ୍ୟରେ ନିର୍ଦ୍ଦେଶକ ନିଖିଲ ନାଗେଶ ଭଟ୍ଟ ତାଙ୍କ ଫିଲ୍ମ ପାଇଁ କାର୍ତ୍ତିକ୍‌ଙ୍କୁ ଅଫର୍ ଦେଇଥିବା ଜଣାପଡ଼ିଛି । ପୌରାଣିକ କାହାଣୀ ଉପରେ ଆଧାରିତ ଏହା ଏକ ଆକ୍ସନ୍ ଆଡଭେଞ୍ଚର ଫିଲ୍ମ ହେବ । କାର୍ତ୍ତିକ୍ ମଧ୍ୟ ଏହି ଫିଲ୍ମକୁ ନେଇ ବେଶ୍ ଉତ୍ସାହିତ ଥିବା ଜଣାପଡ଼ିଛି । କାର୍ତ୍ତିକଙ୍କ କାମ କଥା କହିବାକୁ ଗଲେ, ଚଳିତବର୍ଷ ତାଙ୍କ ଅଭିନୀତ ଦୁଇଟି ଫିଲ୍ମ ପରଦାକୁ ଆସିବ । ଏବେ ସେ 'ନାଗଜିଲା'ର ସୁଟିଂରେ ବ୍ୟସ୍ତ ଅଛନ୍ତି । ଏହାବାଦ୍ ସେ ଅନୁରାଗ ବସୁଙ୍କ ଏକ ଫିଲ୍ମରେ ମଧ୍ୟ କାମ କରୁଛନ୍ତି । ଏଥିରେ ତାଙ୍କ ବିପକ୍ଷରେ ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତ୍ରୀ ଶ୍ରୀଲୀଲା ଦେଖାଯିବେ । ଏହା ଚଳିତବର୍ଷ ମଧ୍ୟ ଆଡ଼କୁ ରିଲିଜ୍ ହୋଇପାରେ ।

# ଜାତୀୟ କନ୍ୟା ସନ୍ତାନ ଦିବସ




ବର୍ତ୍ତମାନ ସମୟରେ ପୁଅମାନଙ୍କ ତୁଳନାରେ ଝିଅମାନେ କିଛି କମ୍ ନୁହଁନ୍ତି । ତଥାପି ସମାଜରେ ଝିଅଟିଏ ଅଣଦେଖା ଓ ଅଲୋଡ଼ା ହୋଇ ରହିଛି । ଦେଶରେ କନ୍ୟା ସନ୍ତାନଙ୍କ ପ୍ରତି ହେଉଥିବା ଅତ୍ୟାଚାର, ଜନ୍ମ ପୂର୍ବରୁ ହତ୍ୟା, ସମାଜରେ ଝିଅମାନେ ସାମ୍ନା କରୁଥିବା ଅସମାନତା ଦୂର କରିବା, ସେମାନଙ୍କ ଅଧିକାର ବିଷୟ ସାଧାରଣରେ ଉଠାଇ ସଚେତନ କରିବା, ଶିକ୍ଷାର ଗୁରୁତ୍ୱ, ସ୍ୱାସ୍ଥ୍ୟ ଓ ପୋଷଣ ଆଦି ବିଷୟରେ ସଚେତନ ଓ ଆଲୋଚନା ପାଇଁ ପ୍ରତିବର୍ଷ ଜାନୁଆରୀ ୨୪ ତାରିଖକୁ ଜାତୀୟ କନ୍ୟା ଦିବସ ଭାବେ ପାଳନ କରାଯାଏ । ପ୍ରତ୍ୟେକ କ୍ଷେତ୍ରରେ କନ୍ୟା ସନ୍ତାନଙ୍କୁ ସମର୍ଥନ କରିବା ଓ ସେମାନଙ୍କ ପାଇଁ ଅଧିକରୁ ଅଧିକ ସୁବିଧା ସୁଯୋଗ ସୃଷ୍ଟି କରିବା ହିଁ ହେଉଛି ଏହି ଦିବସ ପାଳନର ମୂଳ ଉଦ୍ଦେଶ୍ୟ । କନ୍ୟା ସନ୍ତାନମାନଙ୍କ ସାମାଜିକ ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ଓ ସେମାନେ ଏକ ସମ୍ମାନଜନକ ଜୀବନ ଜିଇଁବା ଦିଗରେ ଗୃହ, ଗୋଷ୍ଠୀ ଏବଂ ଅନୁଷ୍ଠାନମାନଙ୍କରେ ଅନୁକୂଳ ବାତାବରଣ ନିର୍ମାଣ କରିବା ନିମନ୍ତେ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟସ୍ତରରେ ଏବଂ ବିଭିନ୍ନ ଜିଲ୍ଲାଗୁଡ଼ିକରେ ଏହି ଦିବସ ପାଳନ କରାଯାଏ । ଜାତୀୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ୨୦୦୮ ମସିହାରେ ପ୍ରଥମ ଥର ପାଇଁ ଜାତୀୟ କନ୍ୟା ଦିବସ ପାଳନ ପାଇଁ ପଦକ୍ଷେପ ନିଆଯାଇଥିଲା । ଶୋଷିତ, ନିର୍ଯାତିତ ଶିଶୁକନ୍ୟାମାନଙ୍କୁ ଉଦ୍ଧାର କରି ସମାଜରେ ସଚେତନତା ସୃଷ୍ଟି କରାଇ ଶିକ୍ଷା, ସ୍ୱାସ୍ଥ୍ୟ, ସୁବିଧା ସୁଯୋଗ ଯୋଗାଇଦେବା ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ । କନ୍ୟା ସନ୍ତାନଙ୍କ ସୁରକ୍ଷା, ଲିଙ୍ଗଗତ ସମାନତା, ଉତ୍ତମ ସ୍ୱାସ୍ଥ୍ୟ, ସୁରକ୍ଷିତ ବାତାବରଣ ନିମନ୍ତେ ଏହିଦିନ ସରକାରୀ ତଥା ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ତରଫରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଏ ।

## ପ୍ରହେଳିକା

- ନୂଆ ସମ୍ବିଧାନ ଲାଗୁ ହୋଇଲା
ବ୍ରିଟିଶ ନିୟମ ଦୂରେଇ ଗଲା
ସାର୍ବଭୌମ ଗଣତନ୍ତ୍ର ରାଷ୍ଟ୍ରଟେ ହୋଇ
ଇତିହାସ ରଚିଲା ଭାରତ ଭୂଇଁ
ଥିଲା କେଉଁ ମାସ ତାରିଖ କେତେ
କହିଦିଅ ପିଲେ ଜାଣିଛ ଯେତେ ?
ଉ-ଜାନୁଆରୀ ୨୬
- ସାରା ଭାରତ ହୁଅଇ ସଜା
ଉଡ଼ୁଥାଏ ଆମ ତ୍ରିରଙ୍ଗା ଧ୍ୱଜା
ଶାନ୍ତି ପ୍ରୀତି ମୈତ୍ରୀ ଭାବକୁ ନେଇ
ପାଳୁଥାନ୍ତି ସବୁ ଭଉଣୀ ଭାଇ
ସମ୍ବିଧାନ ପ୍ରଣୟନ ଦିବସ ଇଏ
ନାମଟି ତାହାର କହିବ କିଏ ?
ଉ-ସାଧାରଣତନ୍ତ୍ର ଦିବସ
- ଭାରତମାତାର ସୁଯୋଗ୍ୟ ସନ୍ତାନ
ଥିଲେ ସିଏ କର୍ମବୀର
ବାପୁଜୀ, ସୁବାଷ, ସର୍ଦ୍ଦାରଙ୍କ ସାଥେ
ଦେଇଥିଲେ ରଣ ହୁଙ୍କାର
ପ୍ରଣୟନ ହେଲେ ନୂଆ ସମ୍ବିଧାନ
ସ୍ୱାଧୀନ ଭାରତ ପାଇଁ
ଜାଣିଅଛ ଯଦି ନାମଟି ତାଙ୍କର
ଆନନ୍ଦରେ ଦିଅ କହି ?
ଉ-ବି.ଆର୍. ଆମ୍ବେଦକର

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର
ମୋ-୮୩୧୦୩୨୮୩୪୫

# ରଖିବା ଦେଶର ଗଉରବ





କୁଞ୍ଜ ବିହାରୀ ସାହୁ

ଆଜି ମନେପଡ଼େ ଆମ୍ବେଦକରଙ୍କୁ
ଯିଏ ଲେଖିଥିଲେ ସମ୍ବିଧାନ,
ସେହିଦିନ ପରା ଛବିଶ ତାରିଖ
ଜାନୁଆରୀ ମାସ ଖୁସି ଦିନ ।
ସ୍ୱାଧୀନ ଭାରତ ଗଣତନ୍ତ୍ର ବୋଲି
ସଭିଙ୍କୁ ବାରତା ଦେଲେ ସିଏ,
କୋଟି ଭାରତର ମଉଡ଼ମଣି ସେ
କାଳ କାଳ ଅଛି କଥାଟିଏ ।
ରାଜ ଶାସନ ତ ଯାଇଛି ଉଭେଇ
ଆମେରେ ମଣିଷ ଗୋଟେ ଜାତି,
ନାହିଁ ଭେଦଭାବ କାହାରି ମନରେ
ବିପଦେ ଦେଖାଉ ନିଜ ଛାତି ।
ଆକାଶେ ଉଡ଼ୁଛି ଜାତୀୟ ପତାକା
ଶାନ୍ତି, ସୁଖ, ବୀର-ଗାଥା ଗାଇ,
ଆସରେ ପିଲାଏ ଏକାଠି ହୋଇବା
ଭାରତମାତାଙ୍କୁ ମନେ ଧ୍ୟାୟୀ ।
ଏକତା ବଳରେ ଜିଣିବା ବଇରି
ରଖିବା ଦେଶର ଗଉରବ,
ଏଇ ଗଣତନ୍ତ୍ର ଦିବସରେ ଆମେ
ବାଣ୍ଟିବା ମଇତ୍ରୀ-ସଉରଭ ।

ପାତ୍ରପଡ଼ା, ଭୁବନେଶ୍ୱର
ମୋ- ୭୦୦୮୧୪୨୦୪୦

## ଗଣତନ୍ତ୍ର ଆମ ଗର୍ବ




ନିରଞ୍ଜନ ସାହୁ

ଜାନୁୟାରୀ ମାସ ଛବିଶ ତାରିଖ
ଆସନ୍ତୁ ପାଳନ କରିବା
ଜାତୀୟ ପତାକା ଉତ୍ତୋଳନ କରି
ହୃଦୟରେ ଗର୍ବ ଭରିବା ।
ସାଧାରଣତନ୍ତ୍ର ଦିବସ ଭାବରେ
ଏହାର ସୁଖ୍ୟାତି ରହିଛି
ଭାରତ ମାତାର ଜୟ ହେଉ ବୋଲି
ଏ ତୁଣ୍ଡ ଆନନ୍ଦେ କହିଛି ।
କିଏ କହେ ଗଣତନ୍ତ୍ର ଦିବସ ଏ
ଅଟଇ ଜାତୀୟ ପରବ
ଆନ କହେ ଜନରାଜ୍ୟ ଦିବସ ଏ
ପାଳନେ ଆସଇ ଗରବ ।
ଉଣେଇଶ ଶହ ପଚାଶ ମସିହା
ଜାନୁୟାରୀ ମାସ ଛବିଶ
ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା
ଦେଶର ଆଇନ ଭବିଷ୍ୟ ।
ସେହି କଥା ମନେ ରଖିବା ପାଇଁକି
ପ୍ରତିବର୍ଷ ଆମେ ପାଳିବା
ସମ୍ବିଧାନ ମାନି ଚଳିବା ସରବେ
ସେଦିନ କଥାକୁ ଭାଳିବା ।
ଆମ ସମ୍ବିଧାନ ଆମ ପାଇଁ ବଡ଼
କିଏ ସମକକ୍ଷ ହୋଇବ
ଏହି ସମ୍ବିଧାନ ମାନିକି ଚଳିବା
ସୁରକ୍ଷା ଆଣିକି ଥୋଇବ ।
ଅଧିକାର ନେବା କର୍ତ୍ତବ୍ୟ କରିବା
ସୁନାଗରିକଙ୍କୁ ଗଢ଼ିବା
ଭାରତୀୟ ବୋଲି ପରିଚୟ ଦେଇ
ଆଗକୁ ଆଗକୁ ବଢ଼ିବା ।

ନିହଲ ପ୍ରସାଦ , ଢେଙ୍କାନାଳ
ମୋ-୯୯୩୮୭୪୧୫୮୩

## ସୁମନ

# ରାଜା ଓ ଚତୁର ମନ୍ତ୍ରୀ






ସୁବ୍ରତ କୁମାର ଦାସ

ପୁରାତନ କାଳରେ ସୃଜନପୁର ନାମରେ ଏକ ରାଜ୍ୟ ଥିଲା । ସେହି ରାଜ୍ୟରେ ବାହାଦୁର ସିଂ ନାମକ ଜଣେ ଦୟାଳୁ ଓ ନ୍ୟାୟପ୍ରିୟ ରାଜା ଶାସନ କରୁଥିଲେ। ତାଙ୍କର ଜଣେ ବୁଦ୍ଧିମାନ ଓ ଚତୁର ମନ୍ତ୍ରୀ ଥିଲେ । ତାଙ୍କ ନାମ ଚତୁର ଦେବ ଥିଲା । ସେ ସବୁବେଳେ ରାଜ୍ୟର ମଙ୍ଗଳ ପାଇଁ ଚିନ୍ତା କରୁଥିଲେ। ଦିନେ ରାଜା ଦରବାରରେ ବସିଥିବା ବେଳେ କହିଲେ, "ମନ୍ତ୍ରୀ ମହୋଦୟ, ମୁଁ ଜାଣିବାକୁ ଚାହୁଁଛି; ପ୍ରକୃତରେ ଶକ୍ତି ବଡ଼ ନା ବୁଦ୍ଧି ବଡ଼? ମନ୍ତ୍ରୀ ନମ୍ରତାର ସହ କହିଲେ, "ମହାରାଜ, ବୁଦ୍ଧି ବିନା ଶକ୍ତି ଅନ୍ଧ। ବୁଦ୍ଧି ଥିଲେ ଶକ୍ତି ଆପେଆପେ ମିଳେ ।" ରାଜା ପଚାରିଲେ କେମିତି ! ସେ ପରୀକ୍ଷା କରିବାକୁ ଚାହିଁଲେ । ମନ୍ତ୍ରୀଙ୍କୁ ଆଦେଶ ଦେଲେ, "ଆଚ୍ଛା ; ତେବେ ଜଣେ ଦୃଷ୍ଟ ଚୋରକୁ ବଳ ବ୍ୟବହାର ନ କରି ଧରି ଆଣ ।" ମନ୍ତ୍ରୀ ଚିନ୍ତା କଲେ କ'ଣ କରାଯିବ । ସଙ୍ଗେସଙ୍ଗେ ସେହି ରାଜ୍ୟର ଜଣେ ପେଶାଦାର ଚୋର ପାଖକୁ ସେ ବାହାରିଲେ। ଅତି ଚତୁରତାର ସହ ଚୋରଟି ପାଖକୁ ଯାଇ କହିଲେ, "ବହୁଦିନ ଧରି ତୁ ରାଜ୍ୟରେ ଚୋରି କରୁଥିଲୁ, ରାଜା ସବୁ ତୋ ବିଷୟରେ ଜାଣିଛନ୍ତି । ତେଣୁ ସବୁ ଭୁଲ ତୋର ! କାରଣ ସୃଜନପୁର ଭଳି ରାଜ୍ୟରେ ପୁଣି ରାଜା ବାହାଦୁର ସିଂ ଙ୍କ ଆଖିରେ ଧୂଳି ଦେଇ କେହି ଖସି ଯାଇ ନାହାନ୍ତି । ରାଜା କିନ୍ତୁ ତୁମ ଚତୁରତାରେ ଖୁସି ହୋଇଛନ୍ତି । ଯଦି ତୁମେ ନିଜ ଭୁଲ ମାନିବ, ସେ ତୁମକୁ ନିଶ୍ଚୟ କ୍ଷମା କରିଦେବେ ।" ଚୋରଟି ମନ୍ତ୍ରୀଙ୍କ କଥା ବିଶ୍ୱାସ କରି ଦରବାରକୁ ଆସି ନିଜ ଦୋଷ ସ୍ୱୀକାର କଲା ଓ ରାଜାଙ୍କ ଗୁଣଗାନ କଲା। ରାଜା ବୁଝିଗଲେ ତାକୁ କ୍ଷମା ଦେବା ସହ ଉପଦେଶ ଦେଇ ଛାଡ଼ିଦେଲେ । ରାଜା ଖୁସି ହୋଇ କହିଲେ, "ଆଜି ମୁଁ ବୁଝିଗଲି, ବୁଦ୍ଧି ବଳଠାରୁ ଅଧିକ ଶକ୍ତିଶାଳୀ ।" ସେହିଦିନଠାରୁ ରାଜା ସବୁ କାମରେ ବୁଦ୍ଧି, ଧୈର୍ଯ୍ୟ ଓ ନ୍ୟାୟକୁ ଆଗରେ ରଖିଲେ । ରାଜ୍ୟ ମଧ୍ୟ ସୁଖ ସମୃଦ୍ଧିରେ ପୂରି ଉଠିଲା । ସମସ୍ତେ ରାଜାଙ୍କୁ ପ୍ରଶଂସା କଲେ ।

ରାଜେନ୍ଦ୍ରପୁର, ଭଦ୍ରକ
ମୋ-୯୪୩୭୭୩୧୯୦୩

## ପତ୍ରିକା ପରିଚୟ



**ମୋ ଆଶା**
ସଂପାଦକ: ସୁମନ୍ତ ମହାରଣା
ଲିଟିଲ୍ ଷ୍ଟାର୍ ଗ୍ରୁପ୍
ପାଟପୁର, ନିମାପଡ଼ା, ପୁରୀ-୭୫୨୧୦୬
ମୂଲ୍ୟ: ୨୦ ଟଙ୍କା

ତ୍ରୟମାସିକ ଶିଶୁ କିଶୋର ପତ୍ରିକା 'ମୋ ଆଶା'ର ଶୀତ ସଂଖ୍ୟା -୨୦୨୬ ପ୍ରକାଶ ପାଇଛି । ସୁମନ୍ତ ମହାରଣାଙ୍କ ସଂପାଦିତ ଏହି ପତ୍ରିକାର ପ୍ରତିଟି ବିଭାଗର ଲେଖାଗୁଡ଼ିକ ମନଛୁଆଁ ହୋଇଛି । ଆନନ୍ଦ କୁମାର ମେହେରଙ୍କ 'ମୋଚି ଓ ସୁବର୍ଣ୍ଣ କଙ୍କଣ', କାଳିକିଙ୍କରଙ୍କ 'ମେଳଣ', ପର୍ଶୁରାମ ବେହେରାଙ୍କ 'ବାହାପିଆ ମୂଷା ଓ କାଳି ବିଲେଇ', ଶ୍ରୁତକୀର୍ତ୍ତି ତ୍ରିପାଠୀଙ୍କ 'ପରୀକ୍ଷାର ଭୟ', ସୁଶାନ୍ତ କୁମାର ସେନାପତିଙ୍କ 'ଯଦୁମଣିଙ୍କ ଚଉପଦୀ ରହସ୍ୟ', ତସନିମ୍ ସୁଲତାନାଙ୍କ 'ଡିଜିଟାଲ ଉପବାସ' ଆଦି ଗପଗୁଡ଼ିକ ହୃଦୟସ୍ପର୍ଶୀ ଓ ଶିକ୍ଷଣୀୟ ହୋଇଛି । ସେଭଳି 'ଚୋରି ଓ ପ୍ରାୟଶ୍ଚିତ', 'ସ୍ୱାମୀର ସାହାସିକତା', 'ଶ୍ରେଷ୍ଠ ଗୁରୁ' ଆଦି ଅନୁବାଦ ଗପ ମଧ୍ୟ ଶିକ୍ଷଣୀୟ ଓ ପ୍ରେରଣାପ୍ରଦ ହୋଇଛି । 'କବିତା ବିଭାଗ'ରେ ଡ. ସୁଷମା ମିଶ୍ରଙ୍କ 'ନୂଆ ବରଷ', ସୁରଞ୍ଜନ ପାତ୍ରଙ୍କ 'ଘାସଫୁଲ', କମଳିନୀ ମଲ୍ଲିକଙ୍କ 'ନବ ଚେତନା', ଲକ୍ଷ୍ମୀପ୍ରିୟା ଦାଶଙ୍କ 'ବୀର ସୁରେନ୍ଦ୍ର ସାଏ', ପ୍ରହଲ୍ଲାଦ ଛାଟୋଇଙ୍କ 'ଶୀତ ଋତୁ', ଧ୍ରୁବ ଚରଣ ଘିବେଲାଙ୍କ 'ଖାଇବା କହିବା ଅଳପ ଭଲ', ରଞ୍ଜନା ମଞ୍ଜରୀ କରଙ୍କ 'ସୈନିକ' ଆଦି କବିତା ଭାବ ଛଳଛଳ ଓ ମର୍ମସ୍ପର୍ଶୀ ହୋଇଛି । ସେଭଳି 'ମୋ ଆଶା'ରେ ପ୍ରକାଶିତ କବିତାଗୁଡ଼ିକର ଭାଷା ଅତ୍ୟନ୍ତ ସରଳ ଓ ବୋଧଗମ୍ୟ । ସଂପାଦକୀୟଠାରୁ ଆରମ୍ଭ କରି ଆମ ପ୍ରତିଭା, କୁନି ମଡେଲ, ଆମ ହାତ ଅଙ୍କା ଛବି ଆଦି ଆକର୍ଷଣୀୟ ହୋଇଛି । 'ମୋ ଆଶା'ର ଜାନୁଆରୀ-ମାର୍ଚ୍ଚ ୨୦୨୬ ସଂଖ୍ୟାର ଲେଖାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।




ପ୍ରିୟଲ ଶାହ
ପ୍ରଥମ ଶ୍ରେଣୀ
ଗୀତା ଦେବୀ ଡିଏଭି ପବ୍ଲିକ୍ ସ୍କୁଲ
ଦେଓଘର, ଝାରଖଣ୍ଡ




ସାତ୍ୱିକା ମହାପାତ୍ର
ୟୁକେଜି
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର




ସାଇଶ୍ରୀ ବେହେରା
ତୃତୀୟ ଶ୍ରେଣୀ
ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର
ନିମାପଡ଼ା




ଅଂଶୁମାନ ସାହୁ
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ଅଙ୍କରାନ୍ତିପୁର, ଢେଙ୍କାନାଳ

## ଈଶାନ, ସୂର୍ଯ୍ୟକୁମାରଙ୍କ ବିସ୍ଫୋରକ ଅର୍ଦ୍ଧଶତକ

# ଦ୍ୱିତୀୟ ଟି-୨୦ରେ ଭାରତର ଦମ୍‌ଦାର ବିଜୟ

**ରାୟପୁର,୨୩।୧(ଏଜେନ୍ସି):** ଈଶାନ କିଷାନ ଓ ସୂର୍ଯ୍ୟକୁମାର ଯାଦବଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ତୃତୀୟ ୱିକେଟରେ ଶତକୀୟ ଭାଗିଦାରୀ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ଭାରତ ୭ ୱିକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଭାରତ ୨-୦ରେ ଆଗୁଆ ରହିଛି। ନାଗପୁରରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିଲାବେଳେ ସିରିଜ୍‌ର ତୃତୀୟ ମ୍ୟାଚ୍ ଗୁଆହାଟୀର ବର୍ଷାପଡ଼ା ଷ୍ଟାଡିୟମ୍‌ରେ ଆସନ୍ତା ୨୫ ତାରିଖ ରବିବାର ଖେଳାଯିବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୦୮ ରନ୍ କରିଥିଲା। ଜବାବରେ ଈଶାନ ୩୨ ବଲ୍‌ରେ ୭୬ ରନ୍ ଓ ସୂର୍ଯ୍ୟକୁମାର ଯାଦବ ୩୭ ବଲ୍‌ରେ ଅପରାଜିତ ୮୨ ରନ୍ କରିବା ଫଳରେ ଭାରତ ୧୫.୨ ଓଭରରେ ମାତ୍ର ୩ ୱିକେଟ ହରାଇ ଦମ୍‌ଦାର ବିଜୟ ହାସଲ କରିଛି। ପାୱାର ପ୍ଲେ'ରେ ବିଶ୍ୱର ମାତ୍ର ଦ୍ୱିତୀୟ ବ୍ୟାଟର ଭାବେ ୨୧ଟି ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିଥିବା ଈଶାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହାଛଡ଼ା ଦମ୍‌ଦାର ବିଜୟ ସହ ଭାରତ ଘରୋଇ ମାଟିରେ ୧୦୦ତମ ମ୍ୟାଚ୍ ଖେଳି ୬୮ତମ ମ୍ୟାଚ୍‌ରେ ଦମ୍‌ଦାର ବିଜୟ ହାସଲ କରିଛି।







ଏହି ମ୍ୟାଚ୍‌ରେ ୨୦୯ ରନ୍‌ର ଟାର୍ଗେଟକୁ ପିଛା କରି ଭାରତ ମାତ୍ର ୭ଟି ବଲ୍‌ରେ ଦୁଇ ଓପନର ସଞ୍ଜୁ ସାମସନ (୬) ଓ ଅଭିଷେକ ଶର୍ମା (୦)ଙ୍କୁ ହରାଇଥିଲା। ୧.୧ ଓଭରରେ ମାତ୍ର ୬ ରନ୍‌ରେ ଏହି ଖେଳାଳି ଆଉଟ ହେବା ପରେ ନଂ-୩ ଇସାନ କିଶାନ ଓ ସୂର୍ଯ୍ୟକୁମାର ଯାଦବଙ୍କୁ ସେମାନଙ୍କ ଖେଳ ଦେଖାଇବାର ସୁଯୋଗ ମିଳିଥିଲା। ବିଶେଷ କରି ଜବରଦସ୍ତ ଫର୍ମରେ ଥିବା ଈଶାନ ମାତ୍ର ୨୧ ବଲ୍‌ରେ ୫୦ ରନ୍ ପୂରଣ କରି ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତର ଦ୍ରୁତତମ ଅର୍ଦ୍ଧଶତକକାରୀ ବିବେଚିତ ହୋଇଥିଲେ। ସେ ମଧ୍ୟ ବିଶ୍ୱର ତୃତୀୟ ତଥା ଟେଷ୍ଟ ଖେଳୁଥିବା ଦେଶ ମଧ୍ୟରେ ଦ୍ୱିତୀୟ ଖେଳାଳି ଭାବେ ପାୱାର ପ୍ଲେ' (ପ୍ରଥମ ୬ ଓଭର ମଧ୍ୟରେ) ଅର୍ଦ୍ଧଶତକ ପୂରଣ କରିବାର ରେକର୍ଡ କରିଥିଲେ। ୧୦ମ ଓଭରର ପ୍ରଥମ ବଲ୍‌ରେ ଆଉଟ ହେଲା ବେଳକୁ ସେ ମାତ୍ର ୩୨ ବଲ୍‌ରୁ ୧୧ ଚୌକା ଓ ୪ଛକା ସହ ୭୬ ରନ୍ କରି ଭାରତକୁ ବିଜୟ ରାସ୍ତା ଦେଖାଇଥିଲେ। ସେ ଆଉଟ ହେବା ପୂର୍ବରୁ ସୂର୍ଯ୍ୟକୁମାରଙ୍କ ସହ ତୃତୀୟ ୱିକେଟରେ ୪୮ ବଲ୍‌ରୁ ୧୨୨ ରନ୍ ଉଠାଇଥିଲେ। ଈଶାନଙ୍କ ପରେ ସୂର୍ଯ୍ୟକୁମାରଙ୍କ ସହ ଯୋଗ ଦେଇ ଶିବମ ଦୁବେ ମଧ୍ୟ ବିସ୍ଫୋରକ ବ୍ୟାଟିଂ କରିଥିଲେ। ଉଭୟ ଖେଳାଳି ମନଇଚ୍ଛା ଚୌକା ଛକା ମାରିଥିଲେ। ଏହା ମଧ୍ୟରେ ସୂର୍ଯ୍ୟକୁମାର ୨୩ଟି ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିଲେ। ୨୦୨୪ ଅକ୍ଟୋବର ପରେ ସୂର୍ଯ୍ୟକୁମାର ୨୪ତମ ଇନିଂସରେ ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିଲେ।

ଏହା ପରେ ସେ ଆଉଟ ହେବାର ୩ଟି ସୁଯୋଗ ଦେଇଥିଲେ ମଧ୍ୟ ନ୍ୟୁଜିଲାଣ୍ଡ ଖେଳାଳି କ୍ୟାଚ୍ ଧରି ପାରି ନ ଥିଲେ। ଅବିଭକ୍ତ ଚତୁର୍ଥ ୱିକେଟରେ ସୂର୍ଯ୍ୟକୁମାର ଓ ଶିବମ ୩୭ ବଲ୍‌ରୁ ୮୧ ରନ୍ ଉଠାଇ ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଏହା ସହ ଟି-୨୦ରେ ଭାରତ ମଧ୍ୟ ସର୍ବାଧିକ ରନ୍ ଚେଜ୍ କରିଥିଲା। ପ୍ରତିପକ୍ଷ ଦଳର ଜାକାରୀ ଫୋକ୍ସ ୨ ଓଭରରେ ୪୯ (ବିଶ୍ୱରେ ସର୍ବାଧିକ) ଓ ୩ ଓଭରରେ ୬୭ ରନ୍ ଦେଇ ବ୍ୟୟବହୁଳ ସାବ୍ୟସ୍ତ ହୋଇଛନ୍ତି। ପୂର୍ବରୁ ରାଚିନ ରବୀନ୍ଦ୍ର ୨୬ ବଲ୍‌ରେ ୪୪ ଓ ଅଧିନାୟକ ମିଚେଲ ସାଣ୍ଟନର ୨୭ ବଲ୍‌ରେ ଅପରାଜିତ ୪୭ ରନ୍ କରିବା ଫଳରେ ଦଳ ୨୦୦ ରନ୍ ଅତିକ୍ରମ କରିଥିଲା। ଭାରତ ପକ୍ଷରୁ କୁଲଦୀପ ଯାଦବ ୨ଟି, ହାର୍ଦ୍ଦିକ ପାଣ୍ଡ୍ୟା, ହର୍ଷିତ ରାଣା, ବରୁଣ ଚକ୍ରବର୍ତ୍ତୀ ଓ ଶିବମ ଦୁବେ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ।

## ଟି-୨୦ ବିଶ୍ୱକପ୍: ପାକିସ୍ତାନ ଦଳରେ ଆଜମ୍, ଆଫ୍ରିଦି ସାମିଲ

**କରାଚି,୨୩।୧(ଏଜେନ୍ସି):** ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ କ୍ରିକେଟ ଲାଗି ପାକିସ୍ତାନ ଦଳ ଘୋଷଣା କରାଯାଇଛି। ନିକଟରେ ଶ୍ରୀଲଙ୍କା ସହ ଟି-୨୦ ସିରିଜ୍ ଖେଳି ନ ଥିବା ଦଳର ଦୁଇ ପ୍ରମୁଖ ଖେଳାଳି ବାବର ଆଜମ ଓ ସାହିନ୍ ଆଫ୍ରିଦିଙ୍କୁ ଦଳରେ ସାମିଲ କରାଯାଇଛି। ବିବିଏଲ୍‌ରୁ ଆଗୁଆ ଫେରି ଆଜମ ପାକିସ୍ତାନ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଛନ୍ତି। ଫିଟ୍ ହେବା ପରେ ଆଫ୍ରିଦି ମଧ୍ୟ ଏହି ଶିବିରରେ ରହିଛନ୍ତି। ଏହି ଦଳ ମଧ୍ୟ ଫେବୃଆରୀ ୧ ମଧ୍ୟରେ ଅଷ୍ଟ୍ରେଲିଆ ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳିବ। ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ପାକିସ୍ତାନ ତାହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାର କଲମ୍ବୋରେ ଖେଳିବ। ଫେବୃଆରୀ ୭ରେ ନେଦରଲାଣ୍ଡ ସହ ମୁକାବିଲାରୁ ପାକିସ୍ତାନ ତାହାର ଅଭିଯାନ ଆରମ୍ଭ କରିବ। ୧୫ରେ ଭାରତ ସହ ମୁକାବିଲା କରିବ।

**ଘୋଷିତ ଦଳ:** ସଲମାନ ଅଲି ଆଘା (ଅଧିନାୟକ), ଆବ୍ରାର ଅହମ୍ମଦ୍, ବାବର ଆଜମ, ଫହୀମ ଅଶ୍ରଫ, ଫକର ଜମାନ, ଖ୍ୱାଜା ମହମ୍ମଦ୍ ନାଫାୟ, ମହମ୍ମଦ୍ ନୱାଜ, ମହମ୍ମଦ୍ ସଲମାନ ମିର୍ଜା, ମହମ୍ମଦ୍ ୱାସିମ ଜୁନିଅର, ନସୀମ ଶାହ, ସାହିବଜାଦା ଫରହାନ୍, ସାଏମ ଆୟୁବ, ସାହିନ ଆଫ୍ରିଦୀ, ସଦାବ ଖାନ୍, ଉସ୍‌ମାନ ଖାନ୍ ଓ ଉସ୍‌ମାନ ତାରିକ୍।

## ଅଷ୍ଟ୍ରେଲିଆନ୍ ଓପନ୍: ପ୍ରି-କ୍ୱାର୍ଟରରେ ସାବାଲେଙ୍କା, ଆଲ୍‌କାରାଜ

**ମେଲ୍‌ବୋର୍ଣ୍ଣ, ୨୩।୧ (ଏଜେନ୍ସି):** ଏଠାରେ ଚାଲିଥିବା ଅଷ୍ଟ୍ରେଲିଆନ୍ ଓପନର ଶୁକ୍ରବାର ଖେଳାଯାଇଥିବା ୩ୟ ରାଉଣ୍ଡ ମ୍ୟାଚ୍‌ର ପୁରୁଷ ସିଙ୍ଗଲ୍ସରେ ଟପ୍ ସିଡ୍ କାର୍ଲୋସ୍ ଆଲକାରାଜ୍ ୪ର୍ଥ ରାଉଣ୍ଡ ବା ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସ୍ପେନ୍‌ର ଆଲକାରାଜ୍ ସହଜରେ ୬-୨, ୬-୪, ୬-୧ ସେଟେରେ ୩୨ନଂ ସିଡ୍ ଫ୍ରାନ୍ସର କୌରେଣ୍ଟିନ୍ ମୌଟେଟ୍‌ଙ୍କୁ ପରାସ୍ତ କରିଛନ୍ତି। ଏଠାରେ ସେ କ୍ୱାର୍ଟରଫାଇନାଲ ଅତିକ୍ରମ କରିନାହାନ୍ତି। ୩ୟ ସିଡ୍ ଜର୍ମାନୀର ଆଲେକ୍‌ଜାଣ୍ଡର ଜ୍ୱେରେଭ୍ ମଧ୍ୟ ପ୍ରି-କ୍ୱାର୍ଟରରେ ପହଞ୍ଚିଛନ୍ତି। ଗତବର୍ଷ ଏଠାରେ ଫାଇନାଲ ଖେଳିଥିବା ଜ୍ୱେରେଭ୍ ୭-୫, ୪-୬, ୬-୧, ୬-୩ ସେଟ୍‌ରେ ୨୬ନଂ ସିଡ୍ ବ୍ରିଟେନର କାମେରନ୍ ନୋରିଙ୍କୁ ପରାସ୍ତ କରିଛନ୍ତି। ୬ଷ୍ଠ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର, ୧୦ମ ସିଡ୍ ଆଲେକଜାଣ୍ଡର ବୁବଲିକ୍,୧୧ନଂ ସିଡ୍ ରୁଷିଆର ଡାନିଲ ମେଦଭେଦେଭ୍ ୫ଟି ସେଟେରେ ହଙ୍ଗେରୀର ଫାବିଆନ୍ ମାରିଜାନ୍‌ଙ୍କୁ ହରାଇଛନ୍ତି।





ମହିଳା ସିଙ୍ଗଲ୍ସରେ ବିଶ୍ୱର ନଂ-୧ ଖେଳାଳି ଆରିନା ସାବାଲେଙ୍କା ୭-୬, ୭-୬ ସେଟ୍‌ରେ ଅଷ୍ଟ୍ରିଆର ଆନାସ୍ତାସିଆ ପୋଟାପୋଭାଙ୍କୁ ପରାସ୍ତ କରିଛନ୍ତି। ୨ ଥର ଅଷ୍ଟ୍ରେଲିଆନ୍ ଓପନ୍ ସହ ମୋଟ ୪ଟି ଗ୍ରାଣ୍ଡସ୍ଲାମ୍ ଜିତିଥିବା ବେଲାରୁଷର ସାବାଲେଙ୍କା ପ୍ରି-କ୍ୱାର୍ଟରରେ ୧୭ଶ ସିଡ୍ କାନାଡାର ଭିକ୍ଟୋରିଆ ଏମ୍ବୋକୋଙ୍କ ମୁକାବିଲା କରିବେ। ୩ୟ ସିଡ୍ ଆମେରିକାର କୋକୋ ଗୌଫ୍ ମଧ୍ୟ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ୭ମ ସିଡ୍ ଇଟାଲୀର ଜସ୍ମିନ୍ ପାଓଲିନି ହାରିଛନ୍ତି। ପାଓଲିନିଙ୍କୁ ୬-୨, ୭-୬ ସେଟେରେ ଆମେରିକାର ଇଭା ଜୋଭିଚ୍ ହରାଇଛନ୍ତି। ପ୍ରି-କ୍ୱାର୍ଟରଫାଇନାଲରେ ପହଞ୍ଚିଥିବା ଅନ୍ୟ ଦୁଇ ଖେଳାଳି ହେଲେ ୧୭ନଂ ସିଡ୍ କାନାଡାର ଭିକ୍ଟୋରିଆ

ଏମ୍ବୋକୋ ଓ ୧୯ନଂ ସିଡ୍ ଚେକ୍ ଗଣରାଜ୍ୟର କାରୋଲିନା ମୁଚୋଭା। ୮ମ ସିଡ୍ ରୁଷିଆର ମିରା ଆଣ୍ଡ୍ରିଭା ୬-୩, ୬-୪ ସେଟ୍ରେ ରୋମାନିଆର ଏଲିନା ରୁସ୍‌ଙ୍କୁ ପରାସ୍ତ କରିଛନ୍ତି। ୧୨ଶ ସିଡ୍ ୟୁକ୍ରେନର ଏଲିନା ଶ୍ୱିତୋଲିନା ୭-୬, ୬-୩ ସେଟରେ ରୁଷିଆର ଡାଏନା ସ୍ନାଇଡରଙ୍କୁ ପରାସ୍ତ କରିଛନ୍ତି।

### ● ହକି ଇଣ୍ଡିଆ ଲିଗ୍‌ରେ ହେଣ୍ଡ୍ରିକ୍ସଙ୍କ ଡବଲ ଗୋଲ

## ଫାଇନାଲରେ କଳିଙ୍ଗ ଲାନ୍ସର୍ସ

**ଭୁବନେଶ୍ୱର,୨୩।୧(ସମିସ):** ବେଦାନ୍ତ କଳିଙ୍ଗ ଲାନ୍ସର୍ସ ୨-୧ ଗୋଲରେ ରାଞ୍ଚି ରୟାଲ୍ସକୁ କ୍ୱାଲିଫାୟର-୧ରେ ପରାସ୍ତ କରି ପ୍ରଥମ ଦଳ ଭାବେ ହକି ଇଣ୍ଡିଆ ଲିଗ୍ ଫାଇନାଲରେ ପ୍ରବେଶ କରିଛି। ତାରକା ଖେଳାଳି ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସଙ୍କ ଡବଲ ଗୋଲ ବଳରେ ଦଳ ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଖେଳାଯାଇଥିବା ଏଲିମିନେଟର ମ୍ୟାଚ୍‌ରେ ଓଡ଼ିଆ ଫରୱାର୍ଡ ଖେଳାଳି ଶିଳାନନ୍ଦ ଲାକ୍ରାଙ୍କ ଡବଲ ଗୋଲ ବଳରେ ହାଇଦରାବାଦ୍ ତୁଫାନ୍ସ ୨-୦ରେ ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନ୍‌ସିଲ (ଜିସି)କୁ ହରାଇ କ୍ୱାଲିଫାୟର-୨ରେ ପ୍ରବେଶ କରିଛି। କ୍ୱାଲିଫାୟର-୨ ଆସନ୍ତା ୨୫ରେ ଖେଳାଯିବ। ଏଥିରେ



କ୍ୱାଲିଫାୟର-୧ରେ ପରାଜିତ ରାଞ୍ଚି ରୟାଲ୍ସ ଓ ଏଲିମିନେଟରରେ ବିଜୟୀ ହାଇଦରାବାଦ୍ ତୁଫାନ୍ସ ମଧ୍ୟରେ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ସହ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଜାନୁଆରୀ ୨୬ରେ ଫାଇନାଲ ଖେଳିବ। ଆଜିର କ୍ୱାଲିଫାୟର ମୁକାବିଲାରେ ବିଜୟୀ କଳିଙ୍ଗ ଲାନ୍ସର୍ସ ପକ୍ଷରୁ ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସ ୨ଟି ଯାକ ଗୋଲ ପେନାଲ୍ଟି କର୍ଣ୍ଣରରୁ ସ୍କୋର କରିଥିଲେ। ଆଜି ପ୍ରଥମେ ଏଲିମିନେଟର ମୁକାବିଲା ଆୟୋଜିତ ହୋଇଥିଲା। ଏଥିରେ ହାଇଦରାବାଦ୍ ତୁଫାନ୍ସ ଆରମ୍ଭରୁ ଦମ୍‌ଦାର ଖେଳିଥିଲା। ସ୍ଥାନୀୟ ଖେଳାଳି ଶିଳାନନ୍ଦ ଲାକ୍ରା ଏଠାରେ ଚମତ୍କାର ଖେଳି ଦୁଇଟି ଗୋଲ ଦେଇଥିଲେ। ଖେଳର ୧୬ତମ ଓ ୩୯ତମ ମିନିଟ୍‌ରେ ସେ ଦୁଇଟି ଗୋଲ ଦେଇ ତୁଫାନ୍ସର ବିଜୟ ରାସ୍ତା ପରିଷ୍କାର କରିଦେଇଥିଲେ। ଆରମ୍ଭରୁ ତୁଫାନ୍ସ ଦଳ ଏକାଧିକ ସୁଯୋଗ ପାଇଥିଲା। ତାହାକୁ କିନ୍ତୁ ଖେଳାଳିମାନେ ଗୋଲ୍‌ରେ ପରିଣତ କରି ପାରି ନ ଥିଲେ। ଶେଷରେ ସୁଯୋଗର ଫାଇଦା ଉଠାଇ ଶିଳାନନ୍ଦ ଗୋଲ ଦେବାରେ ସମର୍ଥ ହୋଇଥିଲେ।

## ବାଂଲା ଉପରେ ହୋଇପାରେ କାର୍ଯ୍ୟାନୁଷ୍ଠାନ

**ଦୁବାଇ,୨୩।୧(ଏଜେନ୍ସି):** ଭାରତରେ ଟି-୨୦ ବିଶ୍ୱକପ୍ ଖେଳିବାକୁ ମନାକରିଥିବା ବାଂଲାଦେଶ କ୍ରିକେଟ ବୋର୍ଡ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ବୋଲି ଆଇସିସି ପକ୍ଷରୁ ସୂଚନା ମିଳିଛି। ଆଇସିସିର ଅନୁରୋଧ, ଆଲୋଚନା ଓ ଚେତାବନୀ ସତ୍ତ୍ୱେ ବାଂଲାଦେଶ ଟି-୨୦ ବିଶ୍ୱକପ୍ ଖେଳିବାକୁ ଭାରତ ଯିବନାହିଁ ବୋଲି ସ୍ପଷ୍ଟଭାବେ ମନା କରିଥିଲା। ଏହା ଉପରେ ଏଯାଏ କୌଣସି ନିଷ୍ପତ୍ତି ନିଆଯାଇନାହିଁ। କିନ୍ତୁ ଏହା ମଧ୍ୟରେ ସ୍କଟଲାଣ୍ଡକୁ ବିଶ୍ୱକପ୍ ଖେଳିବାକୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଇସିସି ଚେୟାରମ୍ୟାନ୍ ଜୟ ଶାହ ଆଜି ଦୁବାଇରେ ପହଞ୍ଚିଛନ୍ତି। ଆଇସିସିର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବା ପରେ ଯାହା କିଛି ନିଷ୍ପତ୍ତି ନିଆଯିବ। ସୂଚନାଯୋଗ୍ୟ ମୁସ୍ତାଫିଜୁର ରହେମାନଙ୍କୁ ବିସିସିଆଇ ନିର୍ଦ୍ଦେଶରେ କେକେଆର ଆଇପିଏଲ୍‌ରୁ ବିଦା କରିବା ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା। ଯାହା ଫଳରେ ନିଜ ଖେଳାଳିଙ୍କ ଜୀବନପ୍ରତି ବିପଦ ଥିବା ଦର୍ଶାଇ ବାଂଲାଦେଶ ବିଶ୍ୱକପ୍ ଖେଳିବାକୁ ଭାରତ ଆସିବାକୁ ମନା କରିଦେଇଥିଲା। ଏବେ ଆଇସିସି ନିଷ୍ପତ୍ତି ଉପରେ ସମସ୍ତେ ଅପେକ୍ଷା କରିଛନ୍ତି।

### ● ସିକେ ନାଇଡୁ ଟ୍ରଫିରେ ଆଶୁତୋଷଙ୍କୁ ୫ ୱିକେଟ

## ହରିଆଣା ୨୭୬; ଓଡ଼ିଶା ୫୨/୦

**ସମ୍ବଲପୁର,୨୩।୧(ସମିସ):** ଆଶୁତୋଷ ମାର୍ଣ୍ଡିଙ୍କ ବୋଲିଂ ସଫଳତା ବଳରେ ସ୍ଥରନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ୍‌ରେ ଆଜି ଆରମ୍ଭ ହୋଇଥିବା ସିକେ ନାଇଡୁ ଟ୍ରଫିରେ ଭ୍ରମଣକାରୀ ହରିଆଣା ୨୭୬ ରନ୍‌ରେ ଅଲଆଉଟ ହୋଇଛି। ଦଳ ପକ୍ଷରୁ ଓପନର ରୋହନ ଦେଶୱାଲ ସର୍ବାଧିକ ୧୦୮, ବିବେକ କୁମାର ୫୫, ସାମନ୍ତ ଝାକର ୨୫ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ମିଡିୟମ୍ ପେସ୍ ବୋଲର ଆଶୁତୋଷ ମାର୍ଣ୍ଡି ସର୍ବାଧିକ ୫ଟି, ଆଶୁତୋଷ ଛୁରିଆ ଓ ସାଇଦୀପ ମହାପାତ୍ର ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ପ୍ରଥମ ଦିନ ଖେଳ ଶେଷ ବେଳକୁ ଓଡ଼ିଶା କୌଣସି ୱିକେଟ ନ ହରାଇ ୫୨ ରନ୍ କରିନେଇଛି। ଓପନର ଦିନେଶ ମାଝି ୨୬ ଓ ଅଧିନାୟକ ଓମ୍‌ଟି ମୁଣ୍ଡେ ୨୨ ରନ୍‌ରେ ବ୍ୟାଟିଂ କରୁଥିଲେ।

## ପାଣି ପିଇବାକୁ ଯାଇ ଅଭିମନ୍ୟୁ ଆଉଟ

**କୋଲକାତା,୨୩।୧(ଏଜେନ୍ସି):** ବେଙ୍ଗଲ ରଣଜୀ ଦଳର ସୁପରଷ୍ଟାର ଅଭିମନ୍ୟୁ ଈଶ୍ୱରନ୍ ସର୍ଭିସେସ୍ ବିପକ୍ଷ ମ୍ୟାଚ୍‌ରେ ଏକ ଅଭାବନୀୟ ପରିସ୍ଥିତିରେ ଆଉଟ ହୋଇଛନ୍ତି। ଗତକାଲି ଏହି ମୁକାବିଲାର ଥିଲା ପ୍ରଥମ ଦିନ। ୪୧ତମ ଓଭରର ଶେଷ ବଲ୍‌କୁ ଷ୍ଟ୍ରାଇକ୍‌ରେ ଥିବା ବ୍ୟାଟର ସୁଦୀପ ଚାଟାର୍ଜୀ ପୁସ୍ କରିଥିଲେ। ବଲଟି ସିଧାସଳଖ ବୋଲିଂ କରିଥିବା ଆଦିତ୍ୟ କୁମାରଙ୍କ ହାତକୁ ଯାଇଥିଲା। ଏହି ସମୟରେ ଡ୍ରିଙ୍କସ ନେବାକୁ ଅଭିମନ୍ୟୁ ପାଭିଲିଅନ ଅଭିମୁଖେ ଚାଲିଯାଇଥିଲେ। ବଲ୍‌ଟି କିନ୍ତୁ ଆଦିତ୍ୟଙ୍କ ହାତରେ ବାଜି ଷ୍ଟମ୍ପ୍‌ରେ ବାଜିଥିଲା। ସର୍ଭିସେସ୍‌ର ଖେଳାଳିମାନେ ଅଭିମନ୍ୟୁଙ୍କ ଆଉଟ ଲାଗି ଆବେଦନ କରିଥିଲେ। ଏହି ଆବେଦନ ତୃତୀୟ ଅମ୍ପାୟାରଙ୍କ ଦ୍ୱାରା ଗୃହୀତ ହୋଇଥିଲା ଓ ଦମ୍‌ଦାର ୮୧ ରନ୍ କରି ୨୮ତମ ପ୍ରଥମଶ୍ରେଣୀ ଶତକ ଅଭିମୁଖେ ସେଟ୍ ହୋଇଥିବା ଅଭିମନ୍ୟୁ ଆଉଟ ହୋଇଯାଇଥିଲେ। ସେ ରନ୍ ନେବାକୁ ଚେଷ୍ଟା କରି ନ ଥିଲେ କିମ୍ବା ସେଭଳି କିଛି କରି ନ ଥିଲେ। କିନ୍ତୁ ନିୟମ ଅନୁଯାୟୀ ଆଦିତ୍ୟଙ୍କ ହାତରେ ବଲ୍ ଥିବାରୁ ତାହା ଡେଡ୍ ହୋଇ ନ ଥିଲା।



ଏଭଳି ତ୍ରୁଟିକୁ ସ୍ୱୀକାର କରିଛନ୍ତି ବେଙ୍ଗଲର ଅଭିମନ୍ୟୁ। ତାଙ୍କ ମତରେ ଏହା ମୋର ଅନିଚ୍ଛାକୃତ ତ୍ରୁଟି। କିନ୍ତୁ ମୁଁ ସେପରି କିଛି କରି ନ ଥିବାରୁ ସର୍ଭିସେସ୍‌ର ଖେଳାଳିମାନେ ମୋତେ ଫେରାଇନେବେ ବୋଲି ଆଶା କରୁଥିଲି। କିନ୍ତୁ ତାହା ହୋଇ ନ ଥିଲା। ଯାହା ଫଳରେ ମୋତେ ଆଉଟ ହେବାକୁ ପଡ଼ିଥିଲା। ଏହା ମୋତେ ମହାଶିକ୍ଷା ଦେଇଛି ଓ ଭବିଷ୍ୟତରେ ଏଭଳି ତ୍ରୁଟି ଯେପରି ନ ହୁଏ ସେଥିପ୍ରତି ଯତ୍ନବାନ ହେବି ବୋଲି ଅଭିମନ୍ୟୁ କହିଛନ୍ତି।

## ରଣଜୀ ଟ୍ରଫି: ଓଡ଼ିଶା ୧୪୮ ରନ୍‌ରେ ଅଲ୍‌ଆଉଟ

**କଟକ,୨୩।୧(ସମିସ):** କିଟ ଗ୍ରାଉଣ୍ଡରେ ଖେଳାଯାଉଥିବା ତାମିଲନାଡୁ ବିପକ୍ଷ ରଣଜୀ ମ୍ୟାଚ୍‌ରେ ଘରୋଇ ଓଡ଼ିଶା ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ କରିଛି। ଭ୍ରମଣକାରୀ ତାମିଲନାଡୁର ପ୍ରଥମ ପାଳି ୨୮୬ରନରେ ସୀମିତ ରହିବା ପରେ ଓଡ଼ିଶା ୧୪୮ରନରେ ଅଲଆଉଟ ହୋଇଛି। ଚଳିତ ସିଜନରେ ଦଳର ଏହା ସର୍ବନିମ୍ନ ସ୍କୋର। ଶୁକ୍ରବାର ମ୍ୟାଚ୍‌ର ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ତାମିଲନାଡୁ ଦ୍ୱିତୀୟ ପାଳିରେ ଗୋଟିଏ ୱିକେଟ ହରାଇ ୨୬ରନ ସଂଗ୍ରହ କରିଛି। ୧୬୪ରନରେ ଆଗୁଆ ରହିଥିବା ତାମିଲନାଡୁ ଦୃଢ଼ ସ୍ଥିତିରେ ପହଞ୍ଚିବା ସହ ଏଠାରେ ବିଜୟ ପଏଣ୍ଟ ହାତେଇବାକୁ ଆଶା ବାନ୍ଧିଛି।



ଇନିଂସ ଅଗ୍ରଣୀ ସହ ଦୃଢ଼ ସ୍ଥିତିରେ ତାମିଲନାଡୁ

ଅସମାପ୍ତ ପ୍ରଥମ ପାଳି ୨୮୧/୭ରୁ ଆଜି ତାମିଲନାଡୁ ଖେଳ ଆରମ୍ଭ କରିଥିଲା। ଦଳୀୟ ସ୍କୋରରେ ଆଉ ୫ରନ ଯୋଡ଼ି ହେବା ସହ ଅବଶିଷ୍ଟ ୩ ୱିକେଟ ପତନ ଘଟିଥିଲା। ୫୪ରନରେ ଅପରାଜିତ ଥିବା ନିଧିଶ ରାଜଗୋପାଳ ଏବଂ ୧୨ରନରେ ଅପରାଜିତ ଥିବା ଅଧିନାୟକ ସାଇ କିଶୋର ବ୍ୟକ୍ତିଗତ ସ୍କୋରକୁ ବଢ଼ାଇବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ତ୍ରିଲୋକ ନାଗଙ୍କୁ ୧ରନରେ କ୍ଲିନ ବୋଲ୍ଡ କରି ଦେବବ୍ରତ ପ୍ରଧାନ ତାମିଲନାଡୁ ଇନିଂସର ପରିସମାପ୍ତି ଘଟାଇଥିଲେ। ଦେବବ୍ରତ ଏବଂ ରାଜେଶ ମହାନ୍ତିଙ୍କୁ ୩ଟି ଲେଖାଏ ୱିକେଟ ମିଳିଥିବା ବେଳେ ଗୋବିନ୍ଦ ପୋଦ୍ଦାର ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ପ୍ରଥମ ପାଳି ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ୨୧ରନରେ ୫ଟି ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା। ସ୍ୱସ୍ତିକ ସାମଲ ୧ରନ, ଶାନ୍ତନୁ ମିଶ୍ର ୬ରନ, ଅଧିନାୟକ ଶୁଭ୍ରାଂଶୁ ସେନାପତି ୧୨ରନ, ଗୋବିନ୍ଦ ପୋଦ୍ଦାର ୦ ଏବଂ ବିପ୍ଳବ ସାମନ୍ତରାୟ ୧ରନରେ ଆଉଟ ହୋଇଥିଲେ। ନାଗାଲାଣ୍ଡ ବିପକ୍ଷରେ ଶତକୀୟ ପାଳି ଖେଳିଥିବା ୨୫ବର୍ଷୀୟ ଡାହାଣହାତୀ ବ୍ୟାଟର ଅନୀଲ ପରିଡ଼ା ଏଠାରେ ପୁର୍ନବାର ନିଜ ଦକ୍ଷତାର ଛାପ ଛାଡ଼ିଥିଲେ। ୧୨୮ବଲ ସମ୍ମୁଖୀନ ହୋଇ ୬ଟି ଚୌକା ଏବଂ ଗୋଟିଏ ଛକା ସହାୟତାରେ ୫୬ରନ ସଂଗ୍ରହ କରି ଓଡ଼ିଶାକୁ ପ୍ରାରମ୍ଭିକ ବିପର୍ଯ୍ୟୟରୁ ମୁକୁଳାଇଥିଲେ। ୱିକେଟ କିପର ରାଜେଶ ଧୂପର ୮ରନରେ ଆଉଟ ହୋଇଥିବା ବେଳେ ସମ୍ବିତ ବରାଳ ୩୬ରନ, ଦେବବ୍ରତ ୧୫ରନ ଏବଂ ରାଜେଶ ମହାନ୍ତି ୬ରନ କରିଥିଲେ। ତାମିଲନାଡୁର ଡାହାଣହାତୀ ପେସ୍ ବୋଲର ସୋନୁ ଯାଦବ ସର୍ବାଧିକ ୫ଟି ୱିକେଟ ଅକ୍ତିଆର କରିଛନ୍ତି।

## ମ୍ୟାଚ୍ ମଝିରେ ଆହତ ଖେଳାଳି ବଦଳ

**ଲକ୍ଷ୍ନୌ,୨୩।୧(ଏଜେନ୍ସି):** ଅନ୍ତର୍ଜାତୀୟ କ୍ରିକେଟରେ ଗମ୍ଭୀର ଆଘାତ ସମସ୍ୟାକୁ ନେଇ ଯେପରି କନ୍‌କସନ ମାଧ୍ୟମରେ ଖେଳାଳି ବଦଳ କରାଯାଉଛି, ସେହିପରି ଘରୋଇ ରଣଜୀ ଟ୍ରଫି କ୍ରିକେଟରେ ଏହି ନିୟମକୁ ଲାଗୁ କରାଯାଇଛି। ଗୁରୁତର ଆହତ ଖେଳାଳିଙ୍କୁ ତାଙ୍କ ସମକକ୍ଷ ଖେଳାଳିଙ୍କ ସହ ପରିବର୍ତ୍ତନ କରାଯିବାର ନିୟମ ରହିଛି। ଚଳିତ ସିଜନରେ ଉତ୍ତରପ୍ରଦେଶ ଓ ଝାଡଖଣ୍ଡ ମଧ୍ୟରେ ଚାଲିଥିବା ମ୍ୟାଚ୍‌ରେ ଏପରି ଦେଖିବାକୁ ମିଳିଛି। ଘଟଣାରୁ ଜଣାଯାଇଛି, ପ୍ରଥମଦିନ ଲଞ୍ଚବେଳକୁ ଉତ୍ତରପ୍ରଦେଶର ପ୍ରଶାନ୍ତ ବୀର ଆହତ ହୋଇଥିଲେ। ଖେଳ ଶେଷରେ ପ୍ରଶାନ୍ତଙ୍କ ମେଡିକାଲ ରିପୋର୍ଟରୁ ସେ ଆଉ ଏହି ମ୍ୟାଚ୍‌ରେ ଖେଳିପାରିବେ ନାହିଁ ବା ୩ ସପ୍ତାହ ପୂର୍ବରୁ ଫିଟ୍ ହେବେ ନାହିଁ ବୋଲି ଜଣାପଡ଼ିଥିଲା। ଏହି ରିପୋର୍ଟ ପାଇବା ପରେ ମ୍ୟାଚ୍ ରେଫରି ଖେଳାଳି ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଥିଲେ। ଦ୍ୱିତୀୟ ଦିନ ସକାଳେ ଉତ୍ତରପ୍ରଦେଶ ଦଳ ସହ ଶିବମ ଶର୍ମା ଖେଳିବାକୁ ଆସିଥିଲେ। ପ୍ରଥମଥର ଘରୋଇ କ୍ରିକେଟରେ ଏହି ନିୟମ ବିସିସିଆଇ ଲାଗୁ କରିଛି ଯାହା ଫଳରେ ଆହତ ହୋଇଥିବା ଖେଳାଳିଙ୍କ ଟିମ୍ ଅସୁବିଧାକୁ ଏଡ଼ାଇଯାଇଛି। ଏଭଳି ଘଟଣା କୋଲକାତାରେ ବେଙ୍ଗଲ ଓ ଗୁଜରାଟ ମଧ୍ୟରେ ଖେଳାଯାଇଥିବା ରଣଜୀ ମ୍ୟାଚ୍‌ରେ ପ୍ରଥମେ ଦେଖିବାକୁ ମିଳିଥିଲା। ଏହି ମ୍ୟାଚ୍‌ରେ ବେଙ୍ଗଲ ଓପନର ସୁଦୀପ ଚାଟାର୍ଜୀଙ୍କ ବଦଳରେ କାଜି ଜୁନୈଦ୍ ସୈଫି ଖେଳିବାକୁ ଆସିଥିଲେ। ଏହା ଫଳରେ ଆଘାତ ସମସ୍ୟାରୁ ଖେଳାଳି ବଦଳିବାରେ କାଜି ଭାରତର ପ୍ରଥମ ବ୍ୟାଟର ହୋଇଛନ୍ତି।

## ୨ ଦିନରେ ପଞ୍ଜାବକୁ ହରାଇଲା ସୌରାଷ୍ଟ୍ର

**ରାଜକୋଟ,୨୩।୧(ଏଜେନ୍ସି):** ରଣଜୀ ଟ୍ରଫିର ଷଷ୍ଠ ରାଉଣ୍ଡରେ ଆଜି ପ୍ରଥମ ଫଳାଫଳ ମିଳିଛି। ରାଜକୋଟର ଟର୍ଣ୍ଣିଂ ୱିକେଟରେ ପଞ୍ଜାବ ଓ ସୌରାଷ୍ଟ୍ର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଦୁଇ ଦିନରେ ଶେଷ ହୋଇଛି। ଏଥିରେ ବାଁହାତୀ ସ୍ପିନର ପାର୍ଥ ଭୂତ ୧୦ଟି ୱିକେଟ ନେବା ଫଳରେ ସୌରାଷ୍ଟ୍ର ୧୯୪ ରନ୍‌ରେ ପଞ୍ଜାବକୁ ପରାସ୍ତ କରି ପୂରା ପଏଣ୍ଟ ପାଇଛି। ଏହି ମ୍ୟାଚରେ ସୌରାଷ୍ଟ୍ର ପ୍ରଥମ ଇନିଂସରେ ୧୭୨ ଓ ଦ୍ୱିତୀୟ ଇନିଂସରେ ୨୮୬ ରନ୍ କରିଥିଲା। ଜବାବରେ ପଞ୍ଜାବ ଯଥାକ୍ରମେ ୧୩୯ ଓ ୧୨୫ ରନ୍ କରିବାକୁ ସମର୍ଥ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS